# ଧରିତ୍ରୀ
DHARITRI

ବାଲେଶ୍ୱର, ଶନିବାର, ଫେବୃୟାରୀ ୧୬ /୨୦୧୯ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Balasore, Saturday, February 16/ 2019 (Career & Appointment) ★★★★

୪୫ଶ ଭାଗ ୮୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-





# ଲୁଣ ନ ନେଲେ ଚାଉଳ ମନା

(ଦିନେଶ ଦାସ)
ଓଡ଼ାପଡ଼ା, ୧୫।୨

- ଟଙ୍କିକିଆ ଚାଉଳକୁ ୨୦ଟଙ୍କା ଲୁଣ ବୋଝ
- ଡିଲରଙ୍କୁ ଟାର୍ଗେଟ ପୂରଣ ଚିନ୍ତା
- ଇଚ୍ଛାଧୀନ ସତ୍ତ୍ୱେ କିଣିବାକୁ ବାଧ କରାଯାଉଛି
- ଅନ୍ୟ ରାଜ୍ୟରେ ଶସ୍ତା, ମାଗଣାରେ ଦିଆଯାଉଛି

ସାଧାରଣ ବଣ୍ଟନ ବ୍ୟବସ୍ଥା (ପିଡିଏସ୍)ରେ ଏବେ ସାମିଲ ହୋଇଛି ଆଇରନ୍ ଏବଂ ଆୟୋଡିନଯୁକ୍ତ ଲୁଣ। ଓଡ଼ିଶା ସ୍ମଲ ଇଣ୍ଡଷ୍ଟ୍ରିଜ୍ କର୍ପୋରେଶନ (ଓଏସ୍ଆଇସି) ଦ୍ୱାରା ପ୍ରସ୍ତୁତ ଏହି ଅତ୍ୟାବଶ୍ୟକ ସାମଗ୍ରୀ କିଲୋ ପିଛା ୨୦ଟଙ୍କା ଦରରେ ଡିଲର ପଏଣ୍ଟରେ ବିକ୍ରି କରାଯାଉଛି। ହେଲେ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ଟଙ୍କିକିଆ ଚାଉଳ ଉପରେ ଏବେ ଏହା ବୋଝ ହୋଇଛି। ୨୦ଟଙ୍କା ଦେଇ କେଜିଏ ଲୁଣ ନ ନେଲେ ଟଙ୍କିକିଆ ଚାଉଳ ଦିଆଯାଇପାରିବନି ବୋଲି ରୋକ୍‌ଠୋକ୍ ଶୁଣାଉଛନ୍ତି ଡିଲର। ଏଭଳି ସ୍ଥିତିରେ ବଜାରରେ ଅପେକ୍ଷାକୃତ ଶସ୍ତାରେ ମିଳୁଥିବା ସମାନ ଗୁଣବତ୍ତାଯୁକ୍ତ ଲୁଣ ପରିବର୍ତ୍ତେ ଅଧିକ ଟଙ୍କା ଦେଇ ଡିଲର ପଏଣ୍ଟରୁ କିଣିବାକୁ ବାଧ ହେଉଛନ୍ତି ଗରିବ ଲୋକେ। ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଇନ୍ଦିପୁର ପଞ୍ଚାୟତର ହିତାଧିକାରୀମାନେ ଏପରି ଅଭିଯୋଗ ଆଣିଛନ୍ତି। କେବଳ ଓଡ଼ାପଡ଼ା ନୁହେଁ, ଜିଲା ତଥା ରାଜ୍ୟର ଅନ୍ୟ କେତେକ ସ୍ଥାନରେ ମଧ ଏପରି ଘଟଣା ପଦାକୁ ଆସିଛି, ଯାହା ତଦନ୍ତ ସାପେକ୍ଷ।

ଓଡ଼ାପଡ଼ା ବ୍ଲକର ୨୮ ପଞ୍ଚାୟତରେ ଥିବା ୮୪ ଡିଲର ପଏଣ୍ଟକୁ ପ୍ରଥମ ପର୍ଯ୍ୟାୟରେ ୧୦୦ କୁଇଣ୍ଟାଲ ଆୟୋଡିନଯୁକ୍ତ ଲୁଣ ଯୋଗାଇ ଦିଆଯାଇଛି। ସ୍ୱାସ୍ଥ୍ୟର ଉନ୍ନତି ପାଇଁ ଏହା ବ୍ୟବହାର କରାଯିବା ଉଚିତ ବୋଲି ଉକ୍ତ ଲୁଣ ପ୍ୟାକେଟରେ ଉଲ୍ଲେଖ ରହିଛି। ହେଲେ ଆୟୋଡିନଯୁକ୍ତ ଲୁଣ କିଣିବା ହିତାଧିକାରୀଙ୍କ ସମ୍ପୂର୍ଣ୍ଣ ଇଚ୍ଛାଧୀନ ବ୍ୟାପାର। ହିତାଧିକାରୀଙ୍କୁ ସଚେତନ କରାଇ ଲୁଣ ବିକିବାକୁ କୁହାଯାଇଛି। ତେବେ ଲୁଣ ଅଧିକ ଦିନ ରହିଲେ ଖରାପ ହୋଇଯିବା ଭୟ ଏବେ ଡିଲରଙ୍କ ମୁଣ୍ଡବ୍ୟଥା ବଢ଼ାଇଛି। ଏହି କାରଣରୁ ସେମାନେ ନିଜ ଉପରୁ ବୋଝ କମାଇବା ଏବଂ ଟାର୍ଗେଟ ପୂରଣ କରିବାକୁ ଯାଇ ଲୁଣ କିଣିବାକୁ ହିତାଧିକାରୀଙ୍କୁ ଚାପ ପକାଉଛନ୍ତି। ଅନ୍ୟପଟେ ବଜାରରେ ସାଧାରଣ ଲୁଣ କେଜି ପିଛା ୧୦ଟଙ୍କା ଏବଂ ଭଲ ବ୍ରାଣ୍ଡର ଆୟୋଡିନଯୁକ୍ତ ଲୁଣ ୧୭ଟଙ୍କାରେ ମିଳୁଥିବାବେଳେ ୨୦ଟଙ୍କିଆ ସରକାରୀ ଲୁଣ ଏବେ ଲୋକଙ୍କ ସମସ୍ୟା ବଢ଼ାଇଛି। ୨୦ଟଙ୍କାରେ ୨୦କେଜି ଚାଉଳ ନେଉଥିବା ହିତାଧିକାରୀ କେଜିଏ ଲୁଣ ନେବାକୁ ଅତିରିକ୍ତ ୨୦ଟଙ୍କା ବ୍ୟୟ କରୁଛନ୍ତି।

ଉଲ୍ଲେଖଯୋଗ୍ୟ, ଜାତୀୟସ୍ତରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଆନୁକୂଲ୍ୟରେ ସାଧାରଣ ଲୋକଙ୍କୁ ଆୟୋଡିନଯୁକ୍ତ ଲୁଣ ଯୋଗାଇଦେବା ସକାଶେ ନ୍ୟାଶନାଲ ଆୟୋଡିନ ଡେଫିସିଏନ୍ସି ଡିଜଅର୍ଡର୍ସ କଣ୍ଟ୍ରୋଲ ପ୍ରୋଗ୍ରାମ (ଏନ୍ଆଇଡିଡିସିପି) ଆରମ୍ଭ କରାଯାଇଛି। ଆନ୍ଧ୍ରପ୍ରଦେଶରେ ୫ଟଙ୍କା, କର୍ନାଟକରେ ୬ଟଙ୍କା, ଗୁଜରାଟରେ ୧ ଟଙ୍କା, ମଧ୍ୟପ୍ରଦେଶରେ ୧ ଟଙ୍କା, ହିମାଚଳପ୍ରଦେଶରେ ୪ଟଙ୍କା, ତାମିଲନାଡୁରେ ୩ଟଙ୍କା ୫୦, ବିହାରରେ ୮ ଟଙ୍କା, କେରଳରେ ୮ଟଙ୍କା ୫୦, ରାଜସ୍ଥାନରେ ୬ଟଙ୍କା, ଉତ୍ତରପ୍ରଦେଶରେ ୧୦ ଟଙ୍କା, ଆସାମରେ ୭ଟଙ୍କା ୫୦ ଏବଂ ଛତିଶଗଡ଼ରେ ମାଗଣାରେ ଏହା ଯୋଗାଇଦେବା ବ୍ୟବସ୍ଥା କରାଯାଇଛି। ହେଲେ ଏହି ତୁଳନାରେ ଓଡ଼ିଶାରେ ଏହାର ଦାମ୍ ଅଧିକ। ରାଜ୍ୟବାସୀଙ୍କୁ ଶସ୍ତାରେ ଲୁଣ ଯୋଗାଇ ଦିଆଗଲେ ଲୋକେ ଉପକୃତ ହୋଇପାରିବେ ଏବଂ କାର୍ଯ୍ୟକ୍ରମର ଲକ୍ଷ୍ୟ ସାଧିତ ହୋଇପାରିବ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି।

### ବହୁତ ବାଧୁଛି



"ଲୁଣ ନ ନେଲେ ଚାଉଳ ଦେବାକୁ ମନା କରୁଛନ୍ତି। ପରିବାରର ୩ଜଣ ସଦସ୍ୟ। ତଦନୁଯାୟୀ ମାସକୁ ୧୫ କେଜି ଚାଉଳ ୧୫ଟଙ୍କାରେ ମିଳେ। କିନ୍ତୁ ୨୦ଟଙ୍କାରେ କେଜିଏ ଲୁଣ ବାଧରେ ନେଉଛୁ। ବଜାରରେ ୧୦ଟଙ୍କାରେ ଲୁଣ ମିଳୁଛି। ଏତେ ଦାମ୍‌ରେ ଲୁଣ କିଣିବା ବହୁତ ବାଧୁଛି।

–ସଦାନନ୍ଦ ନାଥ, ହିତାଧିକାରୀ, ଲୁଣି

### ଲୁଣ ନ ନେଲେ ଚାଉଳ ଦେବେନି



"ଚାଉଳ ସାଙ୍ଗରେ ଲୁଣ ନେବାକୁ କହୁଛନ୍ତି। ନଚେତ ଚାଉଳ ଦେବାକୁ ମନା କରୁଛନ୍ତି। ଏହାଠାରୁ ବଜାରରେ ଶସ୍ତାରେ ଲୁଣ ମିଳୁଛି। ଏତେ ଦାମ୍‌ରେ ଲୁଣ କିଣି ଖାଇ ପାରିବୁନି। ବଜାର ଦରଠୁ ଶସ୍ତାରେ ଦେଲେ କିଣିବା ସହଜ ହୁଅନ୍ତା।

–ସୁଶୀଳା ବେହେରା, ହିତାଧିକାରୀ, ଲୁଣି

### ଏତେ ଦାମ୍‌ରେ କାହିଁକି କିଣିବୁ



"ଲୁଣ ନ ନେଲେ ଚାଉଳ ଦେବେନି କହିଲେ। ୨୦ଟଙ୍କା ଦେଇ କିଲେ ଲୁଣ ନେବାକୁ ବାଧ ହେଉଛୁ। ୧୦ ଟଙ୍କା ଦେଲେ ବଜାରରେ ଲୁଣ ମିଳୁଛି। ଏତେ ଦାମ୍ ଦେଇ କାହିଁକି କିଣିବୁ।

–ସୁଷମା ଦେହୁରୀ, ହିତାଧିକାରୀ, ଗୁଣ୍ଡୁରାପଶି

### ବାଧ କରୁଛନ୍ତି



"୨୦ଟଙ୍କାରେ କିଲେ ଲୁଣ ନେବାକୁ କହୁଛନ୍ତି। ୧୫ଟଙ୍କା ଦେଇ ୧୫ କିଲୋ ଚାଉଳ ଆଣୁଛୁ। ଏବେ ଲୁଣ ପାଇଁ ୨୦ ଟଙ୍କାର ଅତିରିକ୍ତ ବୋଝ ମୁଣ୍ଡାଇବାକୁ ପଡୁଛି। ଡିଲର ଚାଉଳ ସହ ଲୁଣ ନେବାକୁ ବାଧ କରୁଛନ୍ତି।

–ମାଳତୀ ବେହେରା, ଇନ୍ଦିପୁର

### ବାଧ୍ୟତାମୂଳକ ନୁହେଁ

"ସରକାର ଲୁଣ ଯୋଗାଇଦେବା ପାଇଁ ଏହି ଯୋଜନା ଆରମ୍ଭ କରିଛନ୍ତି। ଜିଲାର ସବୁ ବ୍ଲକ୍‌କୁ ଆଲଟମେଣ୍ଟ ମିଳିସାରିଛି। କେତେକ ବ୍ଲକ୍‌ରେ ଆରମ୍ଭ ହେଲାଣି ଏବଂ ଆଉ କେତେକ ବ୍ଲକ୍‌ରେ ଖୁବ୍ ଶୀଘ୍ର ଆରମ୍ଭ ହେବ। ତେବେ ଲୁଣ ନେବା ବାଧ୍ୟତାମୂଳକ ନୁହେଁ। କୌଣସି ଡିଲର ଏଥିଲାଗି ବାଧ କରିପାରିବେ ନାହିଁ। ଲୋକଙ୍କୁ ବୁଝାଇ ଦିଆଯାଇପାରିବ।

–ହାଡ଼ିବନ୍ଧୁ ସେଠୀ, ଜିଲା ଯୋଗାଣ ଅଧିକାରୀ

## ସଂକ୍ଷେପରେ

### ଆଜି ମୁଖ୍ୟମନ୍ତ୍ରୀଙ୍କ କଳାହାଣ୍ଡି ଗସ୍ତ

**ଭବାନୀପାଟଣା/ ଜୁନାଗଡ଼,୧୫।୨(ଡି.ଏନ.ଏ.):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଦିନିକିଆ କଳାହାଣ୍ଡି ଗସ୍ତରେ ଯିବାର କାର୍ଯ୍ୟକ୍ରମ ରହିଛି। ଭବାନୀପାଟଣାରେ ଆୟୋଜିତ ମହିଳା ସମାବେଶରେ ସେ ଯୋଗଦେବେ। ଏଥିପାଇଁ ସ୍ଥାନୀୟ ରାଧାକୃଷ୍ଣ ନଗରଠାରେ ସମାବେଶ ଲାଗି ବ୍ୟାପକ ପ୍ରସ୍ତୁତି କରାଯାଇଛି। ମୁଖ୍ୟମନ୍ତ୍ରୀ ପ୍ରଥମେ ଜୁନାଗଡ଼ଠାରେ ଦଳୀୟ ମିଶ୍ରଣ ପର୍ବରେ ଯୋଗଦେଇ ପରେ ଭବାନୀପାଟଣାଠାରେ ମହିଳା ସମାବେଶରେ ଯୋଗଦେବେ ବୋଲି ସୂଚନା ମିଳିଛି।

### ଆରମ୍ଭ ହେଲା ସିବିଏସ୍ଇ ଦ୍ୱାଦଶ ପରୀକ୍ଷା

**ଭୁବନେଶ୍ୱର,୧୫।୨(ବ୍ୟୁରୋ):** ସେଣ୍ଟ୍ରାଲ ବୋର୍ଡ ଅଫ୍ ସେକେଣ୍ଡାରି ଏଜୁକେଶନ(ସିବିଏସ୍ଇ) ଦ୍ୱାରା ପରିଚାଳିତ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଶୁକ୍ରବାରଠାରୁ ଆରମ୍ଭ ହୋଇଯାଇଛି। ସାରା ଦେଶରେ ୧୨ଲକ୍ଷ ୮୭ହଜାର ଛାତ୍ରୀଛାତ୍ର ଚଳିତବର୍ଷ ସିବିଏସ୍ଇ ଦ୍ୱାଦଶ ପରୀକ୍ଷା ଦେଉଥିବା ବେଳେ ଓଡ଼ିଶାରୁ ପ୍ରାୟ ୧୬ହଜାର ପରୀକ୍ଷାର୍ଥୀ ରହିଛନ୍ତି। ପ୍ରଥମ ଦିନରେ ଧନ୍ଦାମୂଳକ ଶିକ୍ଷା ବିଭାଗର ୬ଟି ବିଷୟରେ ପରୀକ୍ଷା ହୋଇଥିଲା। ଛାତ୍ରୀଛାତ୍ର ସକାଳ ସାଢ଼େ ୯ଟା ସୁଦ୍ଧା ପରୀକ୍ଷା କେନ୍ଦ୍ରରେ ପହଞ୍ଚି ୯ଟା ୪୫ରେ ପରୀକ୍ଷା ହଲ୍ ଭିତରକୁ ପ୍ରବେଶ କରିଥିଲେ। ପୂର୍ବାହ୍ନ ୧୦ଟାରେ ପରୀକ୍ଷାର୍ଥୀଙ୍କୁ ଉତ୍ତର ଖାତା ଓ ଏହାର ୧୫ମିନିଟ୍ ପରେ ପ୍ରଶ୍ନପତ୍ର ଦିଆଯାଇଥିଲା। ସେହିଭଳି ପ୍ରଶ୍ନପତ୍ର ପଢ଼ିବା ପାଇଁ ୧୫ମିନିଟ୍ ସମୟ ଦିଆଯାଇଥିଲା। ସାଢ଼େ ୧୦ଟାରୁ ପରୀକ୍ଷା ଆରମ୍ଭ ହୋଇ ଅପରାହ୍ନ ୧ଟା ୩୦ରେ ସରିଥିଲା। ମାର୍ଚ୍ଚ ୨ରୁ ଦ୍ୱାଦଶ ଶ୍ରେଣୀର ପ୍ରମୁଖ ବିଷୟଗୁଡ଼ିକର ପରୀକ୍ଷା ଆରମ୍ଭ ହେବ, ଯାହା କି ଏପ୍ରିଲ ୪ତାରିଖ ପର୍ଯ୍ୟନ୍ତ ଚାଲିବ। ଆସନ୍ତା ୨୧ତାରିଖରୁ ସିବିଏସ୍ଇ ଦଶମ ଶ୍ରେଣୀ ପରୀକ୍ଷା ଆରମ୍ଭ ହେଉଛି।

# ଓଡ଼ିଶାର ୨ ଶହୀଦ୍‌ଙ୍କ ପରିବାର ସହ କଥା ହେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୫।୨(ବ୍ୟୁରୋ)

- ୧୦ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପା ରାଶି ଘୋଷଣା
- ଆଜି ସବୁ ଶିକ୍ଷାନୁଷ୍ଠାନରେ ନୀରବ ପ୍ରାର୍ଥନା ପାଇଁ ଅନୁରୋଧ

ଜମ୍ମୁ-କଶ୍ମୀରର ପୁଲୱାମାଠାରେ ଗୁରୁବାର ଆତଙ୍କବାଦୀ ଆକ୍ରମଣରେ ୪୪ଜଣ ସିଆର୍‌ପିଏଫ୍ ଯବାନ୍ ଶହୀଦ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି ଓଡ଼ିଶାର ୨ ଯବାନ ପ୍ରସନ୍ନ ସାହୁ ଓ ମନୋଜ ବେହେରା। ଦେଶମାତୃକା ପ୍ରତି ଯବାନମାନଙ୍କ ତ୍ୟାଗ ଓ ବଳିଦାନକୁ ସମ୍ମାନ ଜଣାଇ ଶନିବାର ପୂର୍ବାହ୍ନ ୧୧ଟାରେ ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯିବ। ଏନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଅନୁରୋଧ କରିଛନ୍ତି। ଏହାସହ ଶହୀଦ ଯବାନ ପ୍ରସନ୍ନ ସାହୁଙ୍କ ମା' ଏବଂ ମନୋଜ ବେହେରାଙ୍କ ସ୍ତ୍ରୀଙ୍କ ସହିତ ମୁଖ୍ୟମନ୍ତ୍ରୀ ଟେଲିଫୋନ୍ ଯୋଗେ କଥା ହୋଇ ସମବେଦନା ଜଣାଇଛନ୍ତି। ଘଟଣାରେ ସେ ବହୁତ ଦୁଃଖୀ, ସବୁବେଳେ ସେମାନଙ୍କ ପରିବାର ସହ ରହିବେ ବୋଲି ମୁଖ୍ୟମନ୍ତ୍ରୀ କହିବା ସହ ୧୦ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି। ସେହିପରି ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ଏବଂ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନାଙ୍କୁ ଶହୀଦଙ୍କ ପରିବାରବର୍ଗଙ୍କ ପାଖକୁ ଯାଇ ବ୍ୟକ୍ତିଗତଭାବେ ସମବେଦନା ଜଣାଇବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଶହୀଦ ଯବାନଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ସେ ଗଭୀର ଦୁଃଖ ପ୍ରକାଶ କରିବା ସହ ଦେଶ ପାଇଁ ଶହୀଦ ହୋଇଥିବା ଯବାନଙ୍କ ବଳିଦାନ କେବେହେଲେ ବ୍ୟର୍ଥ ଯିବନାହିଁ ବୋଲି କହିଛନ୍ତି। ଧର୍ମେନ୍ଦ୍ର ଆହୁରି କହିଛନ୍ତି ଯେ, ଘଟଣାରେ ସାରା ଦେଶବାସୀ କେବଳ ମର୍ମାହତ ନୁହନ୍ତି, ସେମାନଙ୍କ ମନରେ ଆକ୍ରୋଷ ମଧ୍ୟ ରହିଛି। କେତେଥର ଶିକ୍ଷା ପାଇଲେ ପାକିସ୍ତାନ ନିଜ ସ୍ୱଭାବ ବଦଳାଇବ ବୋଲି ସେ କହିଛନ୍ତି। ଏଭଳି ଘଡିସନ୍ଧି ମୁହୂର୍ତ୍ତରେ ସମସ୍ତେ ଏକାଠି ରହିବାର ଆବଶ୍ୟକତା ଅଛି ବୋଲି ଧର୍ମେନ୍ଦ୍ର କହିଛନ୍ତି।

ଏହି ଘଟଣାକୁ ନେଇ ସାରା ଦେଶରେ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଥିବାବେଳେ ବିଭିନ୍ନ ସଙ୍ଗଠନ ପକ୍ଷରୁ ଶୋକସଭା ଆୟୋଜିତ ହୋଇଛି। ଖବରଦାତାମାନେ ରାମମନ୍ଦିର ନିକଟରେ ସମୂହ ଦୀପଦାନ କରିଥିବାବେଳେ କଂଗ୍ରେସ ପକ୍ଷରୁ ସେଠାରେ ଶହୀଦଙ୍କ ବଳିଦାନକୁ ସମ୍ମାନ ଜଣାଇ ଶୋକସଭା କରାଯାଇଛି।

# ହୃଦ୍‌ଘାତରେ ପର୍ଯ୍ୟଟକଙ୍କ ମୃତ୍ୟୁ

ଗୋପ, ୧୫।୨(ଡି.ଏନ୍.ଏ.)

ସୂର୍ଯ୍ୟ ମନ୍ଦିର ପରିସରରେ ବୁଲୁଥିବାବେଳେ ପଶ୍ଚିମବଙ୍ଗ ହାୱଡ଼ା ଅଞ୍ଚଳରୁ ଆସିଥିବା ଜନୈକ ପର୍ଯ୍ୟଟକଙ୍କର ଶୁକ୍ରବାର ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ପଶ୍ଚିମବଙ୍ଗ ହାୱାଡ଼ା ଅଞ୍ଚଳର ଶ୍ରୀକୁମାର ଦଳାଇ (୪୩) କୋଣାର୍କ ସର୍ଯ୍ୟମନ୍ଦିର ପରିଦର୍ଶନ କରିବାକୁ ଆସିଥିବାବେଳେ ହଠାତ୍ ଅସୁସ୍ଥ ଅନୁଭବ କରିଥିଲେ। ତାଙ୍କୁ ପରିବାର ଲୋକ ପ୍ରଥମେ କୋଣାର୍କ ଓ ପରେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଗୋପ ଡାକ୍ତର ଖାନାରେ ଡାକ୍ତର ପର୍ଯ୍ୟଟକଙ୍କୁ ମୃତ ଘୋଷଣା କରିଥିଲେ। ପରେ ଗୋପ ଥାନାକୁ ଜଣାଇବା ପରେ ପୋଲିସ ପର୍ଯ୍ୟଟକଙ୍କ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଚାରିଛକ ଡାକ୍ତରଖାନାକୁ ପଠାଇଥିଲା। ଏ ସଂପର୍କରେ ଗୋପ ଥାନାରେ ଏକ ଅପମୃତ୍ୟୁ ମାମଲା ୪/୧୯ ରୁଜୁ କରାଯାଇଥିବା ଥାନାଧିକାରୀ ରଞ୍ଜନ କୁମାର ପ୍ରଧାନ ସୂଚନା ଦେଇଥିବାବେଳେ ବ୍ୟବଚ୍ଛେଦ ପରେ ତାଙ୍କ ପରିବାରକୁ ମୃତଦେହ ହସ୍ତାନ୍ତର କରାଯାଇଛି।




## ନାରୀ ନିର୍ଯାତନା, ନାବାଳିକା ବଳାତ୍କାର ବୃଦ୍ଧି ପ୍ରତିବାଦ

# ନବୀନ ନିବାସରେ ଧସେଇ ପଶିବାକୁ ମହିଳା କଂଗ୍ରେସର ଉଦ୍ୟମ

ଭୁବନେଶ୍ୱର, ୧୫।୨ (ବ୍ୟୁରୋ)



ନବୀନ ନିବାସ ସମ୍ମୁଖରେ ପୋଲିସ ବିକ୍ଷୋଭକାରୀଙ୍କୁ ଅଟକାଉଛି।

- କଳା ବେଲୁନ ନେଇ ଯାଇଥିଲେ
- ପୋଲିସ ଉପରକୁ ଟମାଟୋ ମାଡ଼
- ୫୦ ଗିରଫ, ଜଣେ କର୍ମୀ ଆହତ

ରାଜ୍ୟରେ ନାରୀ ନିର୍ଯାତନା ଓ ନାବାଳିକା ବଳାତ୍କାର ମାମଲା ଦିନକୁ ଦିନ ବୃଦ୍ଧି ପାଉଛି। ରାଜ୍ୟ ସରକାର ଏହାକୁ ରୋକିବାରେ ବିଫଳ ହୋଇଥିବା ଅଭିଯୋଗ କରିଛି ମହିଳା କଂଗ୍ରେସ। ଏହାର ପ୍ରତିବାଦରେ ରାଜରାସ୍ତାକୁ ଓହ୍ଲାଇଛି ରାଜ୍ୟ ମହିଳା କଂଗ୍ରେସ।

ଏନେଇ ଶୁକ୍ରବାର ମହିଳା କଂଗ୍ରେସର କର୍ମୀମାନେ ପୋଲିସକୁ ଚକ୍‌ମା ଦେଇ ଅଟୋରେ ଯାଇ ନବୀନ ନିବାସ ନିକଟରେ ଓହ୍ଲାଇଥିଲେ। ପ୍ରାୟ ୫୦ରୁ ଊର୍ଦ୍ଧ୍ୱ କର୍ମୀ କଳା ବେଲୁନ ଧରି ନବୀନ ନିବାସରେ ଧସେଇ ପଶିବାକୁ ଉଦ୍ୟମ କରିଥିଲେ। ସେଠାରେ ଉପସ୍ଥିତ ପୋଲିସ ଅଧିକାରୀମାନେ ସେମାନଙ୍କୁ ଅଟକାଇଥିଲେ। ଫଳରେ ଉଭୟଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ମହିଳା କର୍ମୀମାନେ ପୋଲିସ ଉପରକୁ ଟମାଟୋ ମାଡ଼ କରିଥିଲେ। ପୋଲିସ ବିକ୍ଷୋଭକାରୀ ୫୦ ମହିଳା କର୍ମୀଙ୍କୁ ଗିରଫ କରିଥିବା ବେଳେ ଜଣେ ଆହତ ହୋଇଛନ୍ତି। ଆହତ ଜଣକ ହେଲେ କଟକ ମହିଳା କଂଗ୍ରେସ ସଭାପତି ଶୋଭାମୟୀ ସିଂ। ତାଙ୍କୁ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ସୁମିତ୍ରା ଜେନା କହିଛନ୍ତି, ରାଜ୍ୟରେ ମହିଳାଙ୍କ ଉପରେ ନିର୍ଯାତନା ଓ ବିଭିନ୍ନ ସେବାଶ୍ରମରେ ନାବାଳିକା ଗର୍ଭବତୀ ହେବା ଘଟଣା ବଢୁଥିବାରୁ ଏହାକୁ ରୋକିବା ପାଇଁ ମହିଳା କଂଗ୍ରେସ ପକ୍ଷରୁ ଗତ ୪ ତାରିଖରେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖାଯାଇଥିଲା। ୧୪ ତାରିଖ ମଧ୍ୟରେ ମୁଖ୍ୟମନ୍ତ୍ରୀ ଏହାକୁ ରୋକିବା ଦିଗରେ ପଦକ୍ଷେପ ନେବା ସହ ମହିଳା କଂଗ୍ରେସ ସହ ଆଲୋଚନା ପାଇଁ ଚିଠିରେ ଉଲ୍ଲେଖ କରାଯାଇଥିଲା। ସମୟସୀମା ଅତିକ୍ରମ କରିଯାଇଥିଲେ ମଧ୍ୟ ମୁଖ୍ୟମନ୍ତ୍ରୀ କୌଣସି ପଦକ୍ଷେପ ନେଇ ନ ଥିଲେ। ଫଳରେ ଆମେ ନବୀନ ନିବାସରେ ପଶି ମହିଳାଙ୍କୁ କିଭଳି ସୁରକ୍ଷା ଦିଆଯିବ ତାହା ବୁଝାଇବା ପାଇଁ ଯାଇଥିଲୁ।

## ପ୍ରତିଶ୍ରୁତି ପରେ ମିଳିଲାନି ନ୍ୟାୟ

# ନବୀନ ନିବାସ ଆଗରେ ଆତ୍ମାହୁତି ଉଦ୍ୟମ

ଭୁବନେଶ୍ୱର,୧୫।୨ (ବ୍ୟୁରୋ)

ଶାଶୁଘର ଲୋକଙ୍କ ନିର୍ଯାତନାର ଶିକାର ହୋଇ ପୋଲିସର ଦ୍ୱାରସ୍ଥ ହୋଇଥିଲେ ବାଲେଶ୍ୱର ଜିଲା ସିଂଲା ଥାନା ଅଞ୍ଚଳର ଶୁଭସ୍ମିତା ଦେ। ଅଭିଯୋଗ ଜଣାଇବାକୁ ସେ ଗତ ୭ ତାରିଖରେ ନବୀନ ନିବାସ ଆସିଥିଲେ। ତାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସହ ଭେଟ କରାଇ ଦିଆଯାଇ ନ ଥିଲା। ମାତ୍ର ପ୍ରତିଶ୍ରୁତି ମିଳିଥିଲା ଯେ, ଆମେ ଏସ୍‌ପିଙ୍କୁ କହିଦେବୁ ତୁମେ ଯାଇ ଦେଖାକର। ହେଲେ ସେଠାକୁ ଯିବା ପରେ ମଧ୍ୟ ତାଙ୍କୁ ନ୍ୟାୟ ମିଳିଲା ନାହିଁ। ଶେଷରେ ଶୁଭସ୍ମିତା ଶୁକ୍ରବାର ପୁଣି ନବୀନ ନିବାସ ଆସିଥିଲେ। ସକାଳ ପ୍ରାୟ ୧୧ଟା ସମୟରେ ସେ ନବୀନ ନିବାସ ଆଗରେ ଆତ୍ମାହୁତି ଦେବାକୁ ଉଦ୍ୟମ କରୁଥିବା ବେଳେ ପୋଲିସ ତାଙ୍କୁ ଉଠାଇ ନେଇଥିଲା। ଦୀର୍ଘ ସମୟ ଧରି ତାଙ୍କୁ ମହିଳା ଥାନାରେ ଅଟକ ରଖିବା ପରେ ଛାଡିଥିଲା।

୨୦୧୨ରେ ଜଳେଶ୍ୱର ଥାନା ଅନ୍ତର୍ଗତ ରାୟପୁର ଅଞ୍ଚଳର ହରିପଦ ଦେଙ୍କୁ ବୈଦିକ ରୀତିରେ ଶୁଭସ୍ମିତା ବିବାହ କରିଥିଲେ। ବିବାହ ପୂର୍ବରୁ ଦାବି ମୁତାବକ ସମସ୍ତ ଯୌତୁକ ଦିଆଯାଇଥିଲା। ପରେ ଶାଶୁଘର ଲୋକେ ଅଧିକ ଯୌତୁକ ଦାବି କରି ଶୁଭସ୍ମିତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇଥିଲେ। ଏହାପରେ ହରିପଦ ତାଙ୍କୁ ପୁଣେ ନେଇଯାଇଥିଲେ। ସେଠାରେ ମଧ୍ୟ ତାଙ୍କୁ ମାରପିଟ କରିଥିଲେ। ଏପରିକି ଶୁଭସ୍ମିତା ଗର୍ଭବତୀ ଥିବାବେଳେ ତାଙ୍କୁ ହରିପଦ ବାପଘରେ ଛାଡି ଦେଇ ଯାଇଥିଲେ। ଏନେଇ ଶୁଭସ୍ମିତା ୨୦୧୫ରେ ସିଂଲା ଥାନାରେ ଅଭିଯୋଗ କରିଥିଲେ। ଏନେଇ କେସ୍ ନଂ-୧୦୯/୧୫ ରୁଜୁ କରାଯାଇଥିଲେ ମଧ୍ୟ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନି ବୋଲି ଶୁଭସ୍ମିତା ଅଭିଯୋଗ କରିଛନ୍ତି। ଏ ନେଇ ସିଂଲା ଥାନା ଅଧିକାରୀ ବିମଳ କୁମାର ନାୟକ କହିଛନ୍ତି, ଆମେ ତାଙ୍କ ସ୍ୱାମୀଙ୍କୁ ଧରିବାକୁ ଚଢାଉ କରିଥିଲେ ମଧ୍ୟ ତାଙ୍କ ପତ୍ତା ମିଳୁନି।

ଧରିତ୍ରୀ
DHARITRI
ବାଲେଶ୍ୱର, ଶନିବାର, ଫେବୃୟାରୀ ୧୬ /୨୦୧୯ | Balasore, Saturday, February 16/ 2019 | ପୃଷ୍ଠା-୧



## ହିନ୍ଦୀ ଫିଲ୍ମ ଇଣ୍ଡଷ୍ଟ୍ରିରେ ଅମିତାଭ୍‌ଙ୍କ ୫୦ବର୍ଷ ପୂର୍ତ୍ତି

ସୁପରଷ୍ଟାର ଅମିତାଭ୍ ବଚ୍ଚନ ଶୁକ୍ରବାର ହିନ୍ଦୀ ଫିଲ୍ମ ଇଣ୍ଡଷ୍ଟ୍ରିରେ ପ୍ରବେଶ କରିବାର ୫୦ବର୍ଷ ପୂରଣ କରିଛନ୍ତି। **୦୭**

**୧୬** 

## ହନୁମାଙ୍କ ରେକର୍ଡ

ମିଡିଲ ଅର୍ଡର ବ୍ୟାଟ୍ସମ୍ୟାନ ହନୁମା ବିହାରୀ ପ୍ରଥମ ବ୍ୟାଟ୍ସମ୍ୟାନ ଭାବେ ଇରାନୀ କପ୍‌ରେ ହ୍ୟାଟ୍ରିକ ଶତକ ହାସଲ କରିଛନ୍ତି।



### ଆଜିର ସମ୍ପାଦକୀୟ

**ମିଶ୍ରିତ ଦ୍ୱନ୍ଦ୍ୱ**

### ଆଜିର ମନ୍ତବ୍ୟ

"ପାକିସ୍ତାନ ସହ ଶାନ୍ତି ଆଲୋଚନା ସମୟ ସରିଯାଇଛି। ଠିକଣା ଜବାବ ଦ୍ୱାରା ଇସ୍‌ଲାମାବାଦକୁ ଶିକ୍ଷା ଦେବାକୁ ହେବ।

-ଅମରିନ୍ଦର ସିଂ, ପଞ୍ଜାବ ମୁଖ୍ୟମନ୍ତ୍ରୀ

### କିଛି ତଥ୍ୟ

ଚଳିତ ବର୍ଷ ରବି ଋତୁରେ ବର୍ତ୍ତମାନ ସୁଦ୍ଧା ୨୯୮.୪୭ ଲକ୍ଷ ହେକ୍ଟର ଜମିରେ ଗହମ ଚାଷ ହୋଇଛି। ଏହା ଗତ ବର୍ଷ ୨୯୯.୮୪ ଲକ୍ଷ ହେକ୍ଟର ଥିଲା।

-କୃଷି ମନ୍ତ୍ରଣାଳୟ

SUDHAKAR
PIPES AND FITTINGS
PIONEER IN PIPING SOLUTIONS
WANTED DEALERS
CONTACT US
94370 38192
94370 17191
sales@sudhakarpipes.com

NATIONAL EGG CO-ORDINATION COMMITTEE
15.02.2019
Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 71 | 120 | 130 |
| CTC | 72 | 122 | 132 |
| DKL | 72 | 122 | 132 |
| BDK | 73 | 123 | 133 |
| BLS | 75 | 126 | 136 |
| ANG | 72 | 122 | 132 |

*Conditions Apply
Eggs Retail Price- 53/-Dozen
Issued in the Interest of Consumers

### ■ ଆତଙ୍କବାଦୀ ଆକ୍ରମଣ ପରେ ଭାରତର ଚେତାବନୀ

# ପରିଣାମ ଭୋଗିବ ପାକିସ୍ତାନ

**ନୂଆଦିଲ୍ଲୀ, ୧୫।୨**

ଜମ୍ମୁ ଓ କଶ୍ମୀରର ପୁଲଓ୍ୱାମା ଜିଲାରେ ଆତଙ୍କବାଦୀଙ୍କ ବର୍ବରୋଚିତ ଆକ୍ରମଣ ପାଇଁ ପଡ଼ୋଶୀ ଦେଶକୁ କ୍ଷମା ଦିଆଯିବ ନାହିଁ ବୋଲି ଭାରତ ପକ୍ଷରୁ କଡ଼ା ଚେତାବନୀ ଦିଆଯାଇଛି। ଆତ୍ମଘାତୀ ବିସ୍ଫୋରଣ ଘଟାଇ ପାକିସ୍ତାନର ଆତଙ୍କବାଦୀମାନେ ଯେଉଁ ସାଂଘାତିକ ଭୁଲ କରିଛନ୍ତି ତାହାର ଭୟଙ୍କର ପରିଣାମ ଭୋଗିବାକୁ ପଡ଼ିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ପୁଲଓ୍ୱାମା ସଂହାରଲୀଳା ପାକିସ୍ତାନ ପ୍ରାୟୋଜିତ। ତେଣୁ ଯେସାକୁ ତେସା ନୀତିରେ ଇସ୍‌ଲାମାବାଦ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଲାଗି ଶୁକ୍ରବାର ନିରାପତ୍ତା ସମ୍ପର୍କିତ କ୍ୟାବିନେଟ୍ କମିଟି (ସିସିଏସ୍) ବୈଠକରେ ନିଷ୍ପତ୍ତି ନିଆଯାଇଛି। ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ହୋଇଥିବା ଜରୁରୀ ବୈଠକରେ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ, ପ୍ରତିରକ୍ଷା ମନ୍ତ୍ରୀ ନିର୍ମଳା ସୀତାରାମଣ, ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂ ଏବଂ ବହିର୍ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜ ଏବଂ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ୍ ଡୋଭାଲ ପ୍ରମୁଖ ସୁରକ୍ଷା ବଳଙ୍କ ଉପରେ ହୋଇଥିବା ଆକ୍ରମଣ ଘଟଣାର ସମୀକ୍ଷା କରିଥିଲେ। ପାକିସ୍ତାନକୁ ଆର୍ଥିକ, ସାମରିକ ☞ପୃଷ୍ଠା-୫



କଶ୍ମୀରର ବଡ଼ଗାମ୍‌ଠାରେ ଶହୀଦଙ୍କ ମରଶରୀରକୁ ସେନାଧିକାରୀଙ୍କ ସହ ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂ କାନ୍ଧ ଦେଉଛନ୍ତି।

- ■ ସବୁଠୁ ଅନୁଗୃହୀତ ରାଷ୍ଟ୍ର ମାନ୍ୟତା ବାତିଲ
- ■ ପାକିସ୍ତାନକୁ ଏକଘରିଆ କରିବା ଲାଗି କୂଟନୀତିକ ପ୍ରସ୍ତୁତି
- ■ ଆତଙ୍କବାଦ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ସେନାକୁ ପୂର୍ଣ୍ଣ ସ୍ୱାଧୀନତା
- ■ ଜାତିସଂଘରେ ପାକିସ୍ତାନକୁ ଘେରିବ ଭାରତ

## କାନ୍ଦୁଛି ଶହୀଦ ପ୍ରସନ୍ନଙ୍କ ଜନ୍ମମାଟି

**ନାଉଗାଁ,୧୫।୨(ସ୍ୱ.ପ୍ର.)**

ଜମ୍ମୁ-କଶ୍ମୀରର ପୁଲଓ୍ୱାମାରେ ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ଯବାନଙ୍କ ମଧ୍ୟରେ ଅଛନ୍ତି ଜଗତ୍‌ସିଂହପୁର ଜିଲା ନାଉଗାଁର ପ୍ରସନ୍ନଜିତ ସାହୁ (୪୬)। ନାଉଗାଁ ବ୍ଲକ ଶିଖର ପଞ୍ଚାୟତର ଦେବୀନଦୀ ଦକ୍ଷିଣ ପାର୍ଶ୍ୱରେ ଥିବା ପାରିଶିଖର ଗ୍ରାମରେ ତାଙ୍କ ଘର। ଜମ୍ମୁ-କଶ୍ମୀରରେ ସିଆରପିଏଫ୍ ୬୧ ବାଟାଲିୟନରେ ହାବିଲଦାର ଭାବେ ସେ କାର୍ଯ୍ୟ କରୁଥିଲେ। ପିତା ସ୍ୱର୍ଗତ କାଶୀନାଥ ସାହୁ ଓ ମା' ଲଳିତା ଦେବୀଙ୍କ ୫ ଝିଅପୁଅଙ୍କ ମଧ୍ୟରେ ପ୍ରସନ୍ନ ଥିଲେ ସାନ। ସ୍ତ୍ରୀ ମୀନା, ☞ପୃଷ୍ଠା-୫



## ମନୋଜଙ୍କୁ ଝୁରୁଛି ନିଆଳି

### ■ ୧୪ରେ ମା', ସ୍ତ୍ରୀଙ୍କ ସହ ଶେଷଥର କଥା ହୋଇଥିଲେ

**ନିଆଳି,୧୫।୨(ଡି.ଏନ୍.ଏ.)**

ଜମ୍ମୁ-କଶ୍ମୀରର ପୁଲଓ୍ୱାମାଠାରେ ଗୁରୁବାର ଘଟିଥିବା ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଛନ୍ତି ନିଆଳି ବ୍ଲକ ଅନ୍ତର୍ଗତ ରତନପୁର ପଞ୍ଚାୟତ ଗଜାବର ଗ୍ରାମର ମନୋଜ ବେହେରା(୩୨)। ଏହି ଖବର ମିଳିବା ପରେ ମନୋଜଙ୍କ ଗ୍ରାମ ସହିତ ସମଗ୍ର ନିଆଳି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଏକମାତ୍ର ପୁଅକୁ ହରାଇ ତାଙ୍କ ପରିବାର ଲୋକେ ସମ୍ପୂର୍ଣ୍ଣ ଭାଙ୍ଗିପଡିଛନ୍ତି। ମୋ' ପୁଅ ଦେଶମାତୃକାର ସେବା କରି ଶହୀଦ ହୋଇଛି। ☞ପୃଷ୍ଠା-୫



### ■ ଟିକସଦାତାଙ୍କୁ ସିବିଡିଟିର ତାଗିଦ

## ମାର୍ଚ୍ଚ ୩୧ ପୂର୍ବରୁ ଆଧାର-ପାନ୍ ସଂଯୋଗ କର






**ନୂଆଦିଲ୍ଲୀ,୧୫।୨**

ଆୟକର ରିଟର୍ନ ଦାଖଲ କରୁଥିବା ଟିକସଦାତାଙ୍କୁ ପାନ୍ ସହ ଆଧାର ସଂଯୋଗ କରିବା ବାଧ୍ୟତାମୂଳକ ହୋଇଛି। ମାର୍ଚ୍ଚ ୩୧ ସୁଦ୍ଧା ଏହା ସାରିବାକୁ ସେଣ୍ଟ୍ରାଲ ବୋର୍ଡ ଅଫ୍ ଡାଇରେକ୍ଟ ଟ୍ୟାକ୍ସେସ (ସିବିଡିଟି) ପକ୍ଷରୁ ତାଗିଦ କରାଯାଇଛି। ଆୟକର ଆଇନ,୧୯୬୧ର ଧାରା ୧୩୯ଏଏ ଏବଂ ସିବିଡିଟି ପକ୍ଷରୁ ୨୦୧୮ ଜୁନ୍ ୩୦ରେ ଜାରି କରାଯାଇଥିବା ନିର୍ଦ୍ଦେଶ ଅନୁଯାୟୀ ପାନ ସହ ଆଧାର ସଂଯୋଗ ଅତ୍ୟନ୍ତ ଜରୁରୀ। ସୁପ୍ରିମକୋର୍ଟ ଫେବୃୟାରୀ ୬ରେ ପ୍ରଦତ୍ତ ରାୟରେ ମଧ୍ୟ ଏହା ଦର୍ଶାଇଛନ୍ତି। ସେହିଭଳି ବିଚାରପତି ଏ.କେ.ସିକ୍ରି, ବିଚାରପତି ଏସ୍.ଅବଦୁଲ ନଜିରଙ୍କୁ ନେଇ ଗଠିତ ଖଣ୍ଡପୀଠ ଆୟକର ରିଟର୍ନ ଦାଖଲ ପାଇଁ ପାନ୍ ଜରୁରୀ ବୋଲି ଦର୍ଶାଇ ଆୟକର ଆଇନର ଧାରା ୧୩୯ଏଏକୁ କାଏମ ରଖିଥିଲେ।



# ସୋସିଆଲ ମିଡିଆରେ ପ୍ରଚାର କଲେ ଖର୍ଚ୍ଚ ମିଶିବ

**ଭୁବନେଶ୍ୱର,୧୫।୨(ବ୍ୟୁରୋ)**

**ସତର୍କ କଲେ ନିର୍ବାଚନ କମିଶନ**
- ନିର୍ବାଚନ ଉପରେ ନଜର ରଖିବ ଆପ୍
- ରାଜ୍ୟରେ ୩୭ ହଜାର ବୁଥ
- ପ୍ରଥମ ଥର ପାଇଁ ଭିଭିପାଟ୍ ବ୍ୟବହାର ହେବ

ସୋସିଆଲ ମିଡିଆରେ ଯଦି କୌଣସି ପ୍ରାର୍ଥୀ ନିର୍ବାଚନ ପ୍ରଚାର କରିବେ ତେବେ ତାହାକୁ ସେହି ପ୍ରାର୍ଥୀଙ୍କର ନିର୍ବାଚନ ଖର୍ଚ୍ଚରେ ଯୋଡ଼ା ଯିବ। ଭାରତର ନିର୍ବାଚନ କମିଶନର ଅଶୋକ ଲାଭାସାଙ୍କ ନେତୃତ୍ୱରେ ଓଡିଶା ଗସ୍ତରେ ଆସିଥିବା ୬ଜଣିଆ ଟିମ୍ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଲାଭାସା କହିଛନ୍ତି ଯେ, ବିଭିନ୍ନ ଆପ୍ ନିର୍ବାଚନ ଉପରେ କଡା ନଜର ରଖିବ। ଦେଶରେ ଅବାଧ ଓ ନିରପେକ୍ଷ ନିର୍ବାଚନ ପରିଚାଳନା କରିବା ପାଇଁ ଭାରତର ନିର୍ବାଚନ କମିଶନ ସୂଚନା ପ୍ରଯୁକ୍ତି ବିଦ୍ୟାର ସାହାର ନେଇଛନ୍ତି। ବିଭିନ୍ନ ଆପ୍ ମାଧ୍ୟମରେ ନିର୍ବାଚନ ମଣ୍ଡଳୀ, ପ୍ରାର୍ଥୀମାନଙ୍କର ପ୍ରଚାର ଖର୍ଚ୍ଚ ଏବଂ ମତଦାନ ଆଦିକୁ ସିଧାସଳଖ ନିୟନ୍ତ୍ରଣ କରିବେ। ସମାଧାନ, ସୁବିଧା, ସିଭିଜିଲ ଆପ୍, ମୋବାଇଲ ଆପ୍, ଭୋଟର ହେଲ୍‌ପ ଲାଇନ ଆପ୍, ପିଡବ୍ଲୁଡି ଆପ୍, ଅବଜରଭର ଆପ୍‌ଗୁଡିକୁ ବ୍ୟବହାର କରାଯିବ। ରାଜନୈତିକ ଦଳ କିମ୍ବା ଜନସାଧାଣ ସରକାରୀ କର୍ମଚାରୀଙ୍କ ଉପରେ ନିର୍ଭର ନ କରି ନିଜର ଅଭିଯୋଗ ସମାଧାନ ଆପ୍ ମାଧ୍ୟମରେ କରିପାରିବେ। ସେହିପରି ସୁବିଧା ଆପ୍ ସିଙ୍ଗିଲଓିଣ୍ଡୋ ଭଳି କାର୍ଯ୍ୟ କରିବ। ଏହି ଆପ୍‌ରେ ନାମାଙ୍କନ ଦାଖଲ, ଅନୁମତି, ଭୋଟ ଗଣତି ଏବଂ ଫଳାଫଳ ପ୍ରଦର୍ଶିତ କରାଯିବ। ନିର୍ବାଚନ ଘୋଷଣା ହେବା ମାତ୍ରେ ସିଭିଜିଲ ଆପ୍ ଓଡିଶାରେ କାର୍ଯ୍ୟକ୍ଷମ ହେବ। ଯେ କୌଣସି ବ୍ୟକ୍ତି ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ହେଉଥିବା ଜାଣିବା ମାତ୍ରେ ଏହି ଆପ୍ ଜରିଆରେ ଅଭିଯୋଗ କରିପାରିବେ। ନିର୍ବାଚନ କମିଶନ ଅଭିଯୋଗ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ଲାଭାସା କହିଛନ୍ତି। ଏହି ଆପ୍ ଗତ ବିଧାନସଭା ନିର୍ବାଚନଗୁଡିକରେ ସଫଳତାର ସହ କାର୍ଯ୍ୟ କରିଛି। ଏହାଛଡା ନିର୍ବାଚନ ବେଳେ ଆଇନ ଶୃଙ୍ଖଳା ରକ୍ଷା କରିବା ଓ ବିଶୃଙ୍ଖଳାକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲାପାଳ ଓ ପୋଲିସ ଅଧିକାରୀମାନଙ୍କୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ଯଦି କୌଣସି ଅଧିକାରୀ ଦାୟିତ୍ୱ ସମ୍ପନ୍ନ ବେଳେ ନିଜର କର୍ତ୍ତବ୍ୟ ଠିକ୍ ଭାବେ ପାଳନ ନ କରିବେ କିମ୍ବା କୌଣସି ରାଜନୈତିକ ଦଳକୁ ସମର୍ଥନ ଜଣାଇବେ, ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କମିଶନର ସତର୍କ କରାଇ ଦେଇଛନ୍ତି। ଗତ ନିର୍ବାଚନରେ ହୋଇଥିବା ହିଂସାକାଣ୍ଡର ପଡିରହିଥିବା ମାମଲାଗୁଡିକୁ ତୁରନ୍ତ ଫଇସଲା କରିବା ସହ ଜାମିନବିହୀନ ଗିରଫ ପରୱାନା(ଏନ୍‌ବିଡବ୍ଲ୍ୟୁ)କୁ କଡାକଡି ଲାଗୁ କରିବାକୁ କମିଶନ ପରାମର୍ଶ ଦେଇଛନ୍ତି। ସମ୍ବେଦନଶୀଳ ସ୍ଥାନରେ ଆବଶ୍ୟକ ପରିମାଣର ସିଆରପିଏଫ ନିଯୁକ୍ତି ଦେବା ଓ ଅପରାଧୀମାନଙ୍କୁ ଚହ୍ନଟ କରି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ଚେକ୍‌ପୋଷ୍ଟକୁ ୨୪ ଘଣ୍ଟିଆ ଭିଡିଓଗ୍ରାଫ କରିବାକୁ କମିଶନ ପରାମର୍ଶ ଦେଇଛନ୍ତି। ନୂତନ ମତଦାତା ଓ ଦିବ୍ୟାଙ୍ଗମାନଙ୍କ ନାମ ପଞ୍ଜୀକରଣ ପାଇଁ ଫେବୃୟାରୀ ୧୭ରୁ ୨୩ ମଧ୍ୟରେ ସ୍ୱତନ୍ତ୍ର ଡ୍ରାଇଭ୍ କରାଯିବ । ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀରେ ଭୋଟର ସହାୟତା କେନ୍ଦ୍ର ସ୍ଥାପନ କରାଯିବ। ପ୍ରତ୍ୟେକ ରାଜନୈତିକ ଦଳ ବ୍ଲକସ୍ତରରେ ଜଣେ ଲେଖାଏ ଏଜେଣ୍ଟ ଦେବାକୁ କମିଶନ ପରାମର୍ଶ ଦେଇଛନ୍ତି। ସମ୍ପ୍ରଦାୟ ଆଧାରରେ ଭୋଟଗ୍ରହଣ କେନ୍ଦ୍ର ନ କରିବାକୁ କମିଶନ କଡା ଚେତାବନୀ ଦେଇଛନ୍ତି। ରାଜ୍ୟରେ ୩୦ ହଜାର ୭୯୮ଟି ସ୍ଥାନରେ ୩୭ ହଜାର ୬୦୬ ପୋଲିଂ ଷ୍ଟେଶନ ରହିଛି। ସେହି ସବୁ ସ୍ଥାନରେ ୬୩.୧୧ ପ୍ରତିଶତ ବିଦ୍ୟୁତ୍ ବ୍ୟବସ୍ଥା ଥିବା ବେଳେ ୯୨.୬୦ ପ୍ରତିଶତ ର୍ୟାମ୍ପ, ୯୮.୫୧ ପ୍ରତିଶତ ପିଇବା ପାଣି, ୯୨.୭୮ ପ୍ରତିଶତ ପାଇଖାନା ଏବଂ ୧୦୦ ପ୍ରତିଶତ ୱେଟିଂ ରୁମ ନିର୍ମାଣ କରାଯାଇଛି ବୋଲି କମିଶନ ସୂଚନା ଦେଇଛନ୍ତି। ଆସନ୍ତା ମାର୍ଚ୍ଚ ୩୧ ସୁଦ୍ଧା ସମସ୍ତ ଭୋଟ କେନ୍ଦ୍ରକୁ ବିଦ୍ୟୁତ୍ ସଂଯୋଗ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଅର୍ଥ ଓ ବାହୁବଳକୁ ରୋକିବା ପାଇଁ କଡା ପଦକ୍ଷେପ ନେବାକୁ ନିର୍ବଚାନ ଅଧିକାରୀମାନଙ୍କୁ କମିଶନ ପରାମର୍ଶ ଦେଇଛନ୍ତି। ପେଡ୍ ନ୍ୟୁଜ ଉପରେ ସତର୍କ ଦୃଷ୍ଟି ରଖିବାକୁ ମିଡିଆ ସାର୍ଟିଫିକେଶନ କମିଟି ମେମ୍ବରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପୂର୍ବରୁ ଲଗାଯାଇଥିବା ହୋର୍ଡିଂଗୁଡିକୁ ତୁରନ୍ତ ହଟାଇବାକୁ ପରାମର୍ଶ ଦିଆଯାଇଛି। ପ୍ରଥମ ଥର ଲାଗି ସମସ୍ତ ବୁଥରେ ଭିଭିପାଟ୍ ମେଶିନ ବ୍ୟବହାର କରାଯିବ। ଏହାଦ୍ୱାରା ମତଦାତା କାହାକୁ ଭୋଟ ଦେଲେ ଜାଣିପାରିବେ। ପ୍ରତ୍ୟେକ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଅତି କମ୍‌ରେ ଗୋଟିଏ ମହିଳା ବୁଥ୍ କରିବାକୁ କମିଶନ ପରାମର୍ଶ ଦେଇଛନ୍ତି। ସେହି ବୁଥ କେବଳ ମହିଳାମାନଙ୍କ ଦ୍ୱାରା ପରିଚାଳିତ ହେବ। ଯେତେ ଅଧିକ ମହିଳା ବୁଥ କରାଯାଇ ପାରିବ ସେ ନେଇ ପଦକ୍ଷେପ ନେବାକୁ ନିର୍ବାଚନ ଅଧିକାରୀମାନଙ୍କୁ ପରାମର୍ଶ ଦିଆଯାଇଛି। କମିଶନଙ୍କ ଟିମ୍ ଦୁଇଦିନ ଧରି ବିଭିନ୍ନ ରାଜନୈତିକ ଦଳ, ରାଜ୍ୟ ପ୍ରଶାସନ ସହ ନିର୍ବଚାନ ପ୍ରସ୍ତୁତି ନେଇ ଆଲୋଚନା କରିଥିଲେ। ରାଜନୈତିକ ଦଳଗୁଡିକ ଦେଇଥିବା ପ୍ରସ୍ତାବକୁ ଗୁରୁତ୍ୱର ସହ ନେଇଥିବା କମିଶନର ସୂଚନା ଦେଇଥିଲେ।

# ୨୦ରୁ ପ୍ରଥମ 'ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ'

**ଭୁବନେଶ୍ୱର,୧୫।୨(ବ୍ୟୁରୋ):** ବିଶ୍ୱରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ପ୍ରଚାର ପ୍ରସାର ଲକ୍ଷ୍ୟରେ ପ୍ରଥମଥର ପାଇଁ ଭୁବନେଶ୍ୱରରେ ଆୟୋଜନ ହେବାକୁ ଯାଉଛି 'ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ'। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଆସନ୍ତା ୨୦ରୁ ୨୮ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମହୋତ୍ସବକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିବେ।

ଓଡ଼ିଶା ପୁସ୍ତକ ପ୍ରକାଶକ ଓ ବିକ୍ରେତା ସଂଘର ସହଯୋଗିତାରେ ସ୍ଥାନୀୟ ଇଉ୍‌କୋ ପ୍ରଦର୍ଶନୀ ପଡ଼ିଆଠାରେ ଆୟୋଜିତ ଏହି ପୁସ୍ତକ ମହୋତ୍ସବରେ ମୁମ୍ବାଇ, କୋଲକାତା, ହାଇଦ୍ରାବାଦ୍ ଏବଂ ଦିଲ୍ଲୀର ଖ୍ୟାତନାମା ପ୍ରକାଶକମାନେ ଯୋଗଦେବେ। ଏହାସହ ପଡ଼ୋଶୀ ନେପାଳ, ମାଳଦ୍ୱୀପ ଓ ଭୁଟାନରୁ ମଧ୍ୟ ପ୍ରକାଶକମାନଙ୍କୁ ନିମନ୍ତ୍ରଣ କରାଯାଇଛି। ଏଥିରେ ୩୦୦ରୁ ଊର୍ଦ୍ଧ୍ୱ ଷ୍ଟଲ୍ ରହିବ, ଯେଉଁଠାରେ ସଂସ୍କୃତି ବିଭାଗ, ଅଭିଲେଖାଗାର, ବିଭିନ୍ନ ଏକାଡେମୀ ଓ ରାଜ୍ୟ ସଂଗ୍ରହାଳୟ ପକ୍ଷରୁ ପ୍ରକାଶିତ ପୁସ୍ତକ ବିକ୍ରି ନିମନ୍ତେ ଉପଲବ୍ଧ ହେବ। ପ୍ରତିଦିନ କ୍ରେତାମାନଙ୍କୁ ବହିକିଣା ଉପରେ ଅଧିକ ହାରରେ ରିହାତି ପ୍ରଦାନ କରାଯିବ। ରାଜ୍ୟରେ ପଠନ ଅଭ୍ୟାସ ବୃଦ୍ଧି ସାଙ୍ଗକୁ ଅଧିକ ସଂଖ୍ୟକ ପାଠକଙ୍କୁ ପ୍ରୋତ୍ସାହନ ପ୍ରଦାନ ଉଦ୍ଦେଶ୍ୟରେ ଏପରି ରିହାତି ଦେବାକୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିଷ୍ପତ୍ତି ନେଇଛି।

ମହୋତ୍ସବର ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯିବ। ଏହି ପୁସ୍ତକମେଳା ଅପରାହ୍ନ ୨ଟାରୁ ରାତି ୯ଟା ପର୍ଯ୍ୟନ୍ତ ଖୋଲା ରହିବ।






# ମିଶ୍ରିତ ଦ୍ୱନ୍ଦ୍ୱ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଜାତୀୟ ନମୁନା ସର୍ଭେ କାର୍ଯ୍ୟାଳୟ (ଏନ୍ଏସ୍ଏସ୍ଓ)ର ଲେବର ସର୍ଭେ ରିପୋର୍ଟ ଏକ ଡ୍ରାଫ୍ଟ ମାତ୍ର, ଏହା ସର୍ବଶେଷ ରିପୋର୍ଟ ନୁହେଁ ବୋଲି ମୋଦି ସରକାର ଦାବି କରିବାର କେଇଦିନ ପରେ ଶ୍ରମ ଓ ନିଯୁକ୍ତି ମନ୍ତ୍ରୀ ସନ୍ତୋଷ କୁମାର ଗଙ୍ଗୱାର ଲୋକ ସଭାରେ କହିଲେ ଯେ, ଜାତୀୟ ପରିସଂଖ୍ୟାନ ଆୟୋଗ (ଏନ୍ଏସ୍ସି) ଉକ୍ତ ରିପୋର୍ଟକୁ ଅନୁମୋଦନ କରିସାରିଛନ୍ତି। ସରକାରଙ୍କ ପାଇଁ ଏହା ଅଧିକ ଅଡୁଆ ସୃଷ୍ଟି କରିଛି। ୪୫ ବର୍ଷ ଭିତରେ ବେକାରି ସମସ୍ୟା ଚରମକୁ ଛୁଇଁଛି ବୋଲି ଉଲ୍ଲିଖିତ ଉକ୍ତ ରିପୋର୍ଟକୁ ଚାପିଦେବା ପାଇଁ ସରକାରଙ୍କ ନିଷ୍ପତ୍ତି ଉପରେ ଅସନ୍ତୋଷ ପ୍ରକାଶ କରି ଇସ୍ତଫା ଦେଇଥିବା ଏନ୍ଏସ୍ସିର ଦୁଇଜଣ ସଦସ୍ୟଙ୍କ ମତକୁ ସମ୍ଭବତଃ ଶ୍ରମମନ୍ତ୍ରୀ ସମର୍ଥନ କରିବାକୁ ଯାଇ ଏପରି କହିଛନ୍ତି। ଏନ୍ଏସ୍ସିର ଅନୁମୋଦନ ପରେ ହିଁ ରିପୋର୍ଟକୁ ଏନ୍ଏସ୍ଏସ୍ଓ ସର୍ବସାଧାରଣରେ ପ୍ରକାଶ କରିଥାଏ। ତେବେ ସରକାରଙ୍କ ଆଭିମୁଖ୍ୟ ବିରୋଧରେ ଯାଇ ଶ୍ରମମନ୍ତ୍ରୀ ଏପରି ମନ୍ତବ୍ୟ କାହିଁକି ଦେଲେ? କେତେକେ ଅନୁମାନ କରୁଛନ୍ତି ଯେ, ଗଙ୍ଗୱାର ସମ୍ଭବତଃ ମନ୍ତ୍ରଣାଳୟର କେତେକ ବାବୁଙ୍କ ଦ୍ୱାରା ଭ୍ରମିତ ହୋଇ ଏପରି କହିଦେଇଛନ୍ତି। ତା' ନ ହେଲେ କ୍ୟାବିନେଟ୍‌ରେ ଅସନ୍ତୋଷ ଦେଖାଦେଇଥିବ, ଯାହା ଏବେ ପଦାକୁ ବାହାରିବାକୁ ଆରମ୍ଭ କରିଛି।

### ବେତନରେ ସମାନତା

କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବାହିନୀ (ସିଆର୍‌ପିଏଫ୍)ର ଅଧିକାରୀମାନେ ସମାନ ପାହ୍ୟାର ଭାରତୀୟ ପୋଲିସ ସେବା (ଆଇପିଏସ୍) ଓ ଅନ୍ୟ ଗ୍ରୁପ୍ ଏ ସଂଗଠିତ ସେବା ଅଧିକାରୀଙ୍କ ସହ ସମାନ ବେତନ ପାଇବାକୁ ନେଇ ଯେଉଁ ଲଢ଼େଇ ଲଢ଼ିଆସୁଥିଲେ ସେଥିରେ ବିଜୟମଣ୍ଡିତ ହୋଇଛନ୍ତି। ସିଆର୍‌ପିଏଫ୍, ସିଆଇଏସ୍‌ଏଫ୍, ବିଏସ୍‌ଏଫ୍, ଏନ୍ଏସ୍‌ଜି ପ୍ରଭୃତିର ଯେଉଁ ଅଫିସରମାନେ ଖାଲିସ୍ଥାନ ଅଭାବରୁ ଉଚ୍ଚତର ପଦବୀକୁ ପଦୋନ୍ନତି ପାଇପାରୁ ନାହାନ୍ତି, ବିନା ପଦୋନ୍ନତିରେ ଅନ୍ତତଃ ତଦନୁରୂପ ସେମାନଙ୍କର ଦରମା ବୃଦ୍ଧି କରିବାକୁ ସୁପ୍ରିମ୍‌କୋର୍ଟ ରାୟ ଦେଇଛନ୍ତି। ପ୍ରାପ୍ତ ସୂଚନା ଅନୁସାରେ ୨୦୦୬ରେ ଷଷ୍ଠ ବେତନ ଆୟୋଗ ସୁପାରିସ କରିଥିଲେ ଯେ, ଅଣ–ଆଇଏଏସ୍ ବାବୁମାନଙ୍କଠାରୁ ଦୁଇବର୍ଷ କନିଷ୍ଠ ଆଇଏଏସ୍ ବାବୁମାନେ ପଦୋନ୍ନତି ପାଉଥିବା ବେଳେ ପ୍ରତିଥର ସେମାନଙ୍କର ମଧ୍ୟ ବେତନ ବୃଦ୍ଧି କରାଯିବା ଆବଶ୍ୟକ। ତା'ହେଲେ ସେମାନଙ୍କର ଆର୍ଥିକ ସ୍ଥାଣୁତା ଦୂର ହୋଇପାରିବ। ଏହି ସୁପାରିସକୁ କେନ୍ଦ୍ରୀୟ ପ୍ରାଶାସନିକ ସେବାର ସମସ୍ତ ବିଭାଗ ପାଇଁ ଗ୍ରହଣ କରି ନିଆଯାଇ ଥିବାବେଳେ ସିଆର୍‌ପିଏଫ୍‌କୁ ସଂଗଠିତ ସେବା ନୁହେଁ ବୋଲି ଦର୍ଶାଇ କେନ୍ଦ୍ର ସରକାର ସେମାନଙ୍କୁ ଏଥିରୁ ବଞ୍ଚିତ କରିଥିଲେ। କିନ୍ତୁ ସୁପ୍ରିମ୍‌କୋର୍ଟ ଏହି ଅସମାନତାକୁ ଏବେ ଦୂର କରିଛନ୍ତି। ତେବେ ସିଆର୍‌ପିଏଫ୍‌ର ଆଇପିଏସ୍ ବାବୁମାନଙ୍କ ସହିତ ଆଉ ଏକ ବିବାଦ ଲାଗିରହିଛି, କାରଣ ଅର୍ଦ୍ଧସାମରିକ ବାହିନୀର ଅଧିକାଂଶ ବରିଷ୍ଠ ପଦବୀ ଆଇପିଏସ୍ ବାବୁମାନେ ଦଖଲ କରିଆସୁଛନ୍ତି। ଏପର୍ଯ୍ୟନ୍ତ ପ୍ରତ୍ୟେକ ସିଆର୍‌ପିଏଫ୍ ବାହିନୀରେ ଜଣେ ଜଣେ ଆଇପିଏସ୍ ଅଫିସର ହିଁ ମୁଖ୍ୟ ପଦରେ ରହିଛନ୍ତି। ଏପରି କି ଅତିରିକ୍ତ ଡିଜି, ଆଇଜି, ଡେପୁଟି ଆଇଜି ପଦବୀଗୁଡ଼ିକ ମଧ୍ୟ ଅଧିକାଂଶ ଆଇପିଏସ୍ ଅଫିସରଙ୍କ ପାଇଁ ସଂରକ୍ଷିତ ରଖାଯାଉଛି। ଏ ନେଇ ଏକ ମାମଲା ସୁପ୍ରିମ୍‌କୋର୍ଟରେ ବିଚାରାଧୀନ ରହିଛି।

### ୟୁପି ବାବୁଙ୍କ ଦାବି

ଉତ୍ତରପ୍ରଦେଶ ଆଇଏଏସ୍ ସଂଘର ବାର୍ଷିକ ସମ୍ମେଳନରେ ଆଇଏଏସ୍ ଅଫିସରମାନଙ୍କ କେନ୍ଦ୍ରୀୟ ନିଯୁକ୍ତି ପାଇଁ ତାଲିକା ପ୍ରସ୍ତୁତିରେ ସ୍ୱଚ୍ଛତା ରକ୍ଷା କରାଯିବାକୁ ଆହ୍ୱାନ ଦିଆଯାଇଥିଲା। ତା'ଛଡ଼ା ପୌର ଉନ୍ନୟନ କ୍ଷେତ୍ରରେ କାର୍ଯ୍ୟ କରିବା ପାଇଁ ବିଭିନ୍ନ ପୌରସଂସ୍ଥାରେ ସେମାନଙ୍କ ନିଯୁକ୍ତି ଲାଗି ଦାବି କରାଯାଇଥିଲା। ପୂର୍ବରୁ ବାର୍ଷିକ ଗୁପ୍ତ ରିପୋର୍ଟ ଭିତ୍ତିରେ ବାବୁମାନଙ୍କ ଯୋଗ୍ୟତା ଆକଳନ କରାଯାଉଥିଲା ଏବଂ ଏଥିରେ କୌଣସି ବାବୁଙ୍କ ସମ୍ବନ୍ଧରେ ତାଙ୍କ ଉପରିସ୍ଥ ଅଧିକାରୀଙ୍କ ମତାମତ ହିଁ ସବୁଠାରୁ ବେଶି ଗୁରୁତ୍ୱପୂର୍ଣ୍ଣ ଥିଲା। ତାଲିକା ପ୍ରସ୍ତୁତକାରୀ କମିଟି ବାବୁମାନଙ୍କର ବାର୍ଷିକ ପ୍ରଗତି ରିପୋର୍ଟ ବା ଗୁପ୍ତ ରିପୋର୍ଟ ଆଧାରରେ ସେମାନଙ୍କୁ ଉଚ୍ଚ ପଦପଦବୀ ପାଇଁ ଚୟନ କରୁଥିଲା। ଏହି ରିପୋର୍ଟ ଜଣେ ଲୋକ ଦ୍ୱାରା ପ୍ରସ୍ତୁତ ହେଉଥିଲା ଏବଂ ସେ ହେଉଛନ୍ତି ସମ୍ପୃକ୍ତ ବାବୁଙ୍କର ଉପରିସ୍ଥ ଅଧିକାରୀ। କିନ୍ତୁ ମୋଦି ସରକାର ୨୦୧୭ରେ ଅତିରିକ୍ତ ସଚିବ ବା ସଚିବ ହେବାର ଦ୍ୱାରଦେଶରେ ପହଞ୍ଚିଥିବା ବାବୁମାନଙ୍କ ଲାଗି ଏକ ୩୬୦–ଡିଗ୍ରୀ ଫିଡ୍‌ବ୍ୟାକ୍ ପଦ୍ଧତିର ପ୍ରଚଳନ କଲେ। ତେଣୁ ବର୍ତ୍ତମାନ କେବଳ ଉପରିସ୍ଥ ବାବୁମାନେ ଅଧସ୍ତନଙ୍କ ଚରିତ୍ର ରିପୋର୍ଟ ଦେବେ ନାହିଁ, ଅଧସ୍ତନମାନେ ମଧ୍ୟ ଉପରିସ୍ଥ ବାବୁମାନଙ୍କ ସମ୍ବନ୍ଧରେ ରିପୋର୍ଟ ଦେଇପାରିବେ। ବାବୁମାନଙ୍କ ମଧ୍ୟରେ ବ୍ୟବହାରଗତ ପରିବର୍ତ୍ତନ ଆଣିବା ଏବଂ ପ୍ରତ୍ୟେକଙ୍କ ସମ୍ବନ୍ଧରେ ଠିକ୍ ଆକଳନ କରିବା ପାଇଁ ଏହି ନୂଆ ନୀତି ଗ୍ରହଣ କରାଯାଇଛି। ଏହି ୩୬୦ ଡିଗ୍ରୀ ସମୀକ୍ଷା ନୀତି ବାବୁ ମହଲରେ ଆଲୋଡନ ସୃଷ୍ଟି କରିଛି, କାରଣ ଅତିରିକ୍ତ ସଚିବ ପାହ୍ୟାକୁ ପଦୋନ୍ନତି ପାଇଁ ଆଉ ଉପରିସ୍ଥ ବାବୁମାନଙ୍କ ଗୁପ୍ତ ରିପୋର୍ଟକୁ ଏକମାତ୍ର ମାନଦଣ୍ଡ ରୂପେ ଗ୍ରହଣ କରାଯାଉ ନାହିଁ। ସଂଘ ଆହୁରି ଦାବି କରିଛି ଯେ, କନିଷ୍ଠ ଆଇଏଏସ୍ ଅଫିସରମାନଙ୍କୁ ମଧ୍ୟ ପୌର କମିଶନର ହିସାବରେ ନିଯୁକ୍ତି ଦେବା ଲାଗି ବିଚାର କରାଯାଉ, ଯାହା ଦିଲ୍ଲୀ ସମେତ ଅନ୍ୟ କେତେକ ରାଜ୍ୟରେ ପ୍ରଚଳନ ଅଛି।

Email: dilipcherian@gmail.com

# ପ୍ରବାସୀ ଓ ଆପ୍ରବାସୀ



ଶରତ ଚନ୍ଦ୍ର ମିଶ୍ର

ପ୍ରତ୍ୟେକ ଦେଶରେ ଅଳ୍ପବହୁତ ବିଦେଶାଗତ ବ୍ୟକ୍ତି ଥାଆନ୍ତି ଓ କେତେକ ସ୍ଥାନରେ ସେମାନେ ନାଗରିକତ୍ୱ ଲାଭକରି ପୁରୁଷାନୁକ୍ରମେ ସେଠାରେ ବାସ କରନ୍ତି। ଯେଉଁମାନେ ବିଦେଶରେ ଯାଇ ରହନ୍ତି ଆମେ ସେମାନଙ୍କୁ ପ୍ରବାସୀ କହୁ, ଆଉ ସେ ଦେଶର ଲୋକମାନେ ସେମାନଙ୍କୁ ଆପ୍ରବାସୀ କହନ୍ତି। ଧନୀ ଓ ଉନ୍ନତ ରାଷ୍ଟ୍ର, ବିକାଶଶୀଳ ଓ ଜନବହୁଳ ରାଷ୍ଟ୍ରଗୁଡ଼ିକର ଆପ୍ରବାସୀମାନଙ୍କୁ ଆକୃଷ୍ଟ କରନ୍ତି। ଯୁଦ୍ଧବିଗ୍ରହରେ ବିସ୍ଥାପିତ ବ୍ୟକ୍ତିମାନେ ମଧ୍ୟ ଶରଣାର୍ଥୀ ଭାବରେ ଅନ୍ୟ ଦେଶକୁ ଗମନ କରି କାଳକ୍ରମେ ସେଠାକାର ନାଗରିକ ହୁଅନ୍ତି। ଉନ୍ନତ ଦେଶଗୁଡ଼ିକରେ ଯୁବଶକ୍ତିର ଅଭାବ ହେତୁ ଓ ଶସ୍ତା ଶ୍ରମିକ ପାଇବା ଆଶାରେ ସେମାନେ କିଛି ମାତ୍ରାରେ ଆପ୍ରବାସୀ ଗ୍ରହଣ କରନ୍ତି।

ଆପ୍ରବାସୀମାନେ ସାଧାରଣତଃ କଠୋର ପରିଶ୍ରମୀ ଓ କାଳକ୍ରମେ ନିଜକୁ ପ୍ରତିଷ୍ଠିତ କରି, ଶ୍ରେଣୀ ଆରୋହଣ କରି ସ୍ଥାନୀୟ ବାସିନ୍ଦାଙ୍କ ଈର୍ଷାର ଶରବ୍ୟ ହୁଅନ୍ତି। କେତେକ କ୍ଷେତ୍ରରେ ପୂର୍ବପିଢ଼ିର ପ୍ରତିଷ୍ଠିତ ଆପ୍ରବାସୀମାନେ ଅଧିକ ଆପ୍ରବାସୀ ଆଗମନକୁ ବିରୋଧ କରନ୍ତି। ୟୁରୋପରୁ ପଳାୟନ କରି ଓ ବିତାଡ଼ିତ ହୋଇ ଆପ୍ରବାସୀମାନେ ଆମେରିକା, କାନାଡ଼ା, ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ଦେଶସମୂହକୁ ବିକଶିତ ଓ ଉନ୍ନତ କରିଥିଲେ। ପରବର୍ତ୍ତୀ ସମୟରେ ଏଇ ଦେଶଗୁଡ଼ିକ ଆପ୍ରବାସୀମାନଙ୍କ ପ୍ରବେଶ ବିରୋଧରେ କଠୋର ଆଇନ ପ୍ରଣୟନ କରିଥିଲେ ଏବଂ ଏସିଆ, ଆଫ୍ରିକା ମହାଦେଶର ଆପ୍ରବାସୀମାନଙ୍କୁ ସେମାନଙ୍କ ଦେଶରେ ପ୍ରବେଶ କରାଇ ଦେଉ ନ ଥିଲେ। ଦ୍ୱିତୀୟ ମହାଯୁଦ୍ଧ ପରେ ଆଇନ ସବୁ କୋହଳ ହେଲା ପରେ ମଧ୍ୟ କେତେକ କ୍ଷେତ୍ରରେ କଟକଣା ରହିଛି। ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ ତାଙ୍କ ଦେଶକୁ ଆଉ ଅଧିକ ଆପ୍ରବାସୀ ଆଗମନକୁ ପସନ୍ଦ କରନ୍ତି ନାହିଁ ଏବଂ ହିସ୍ପାନିକ (ଦକ୍ଷିଣ ଆମେରିକାନ୍)ମାନଙ୍କ ବେଆଇନ ପ୍ରବେଶକୁ ରୋକିବା ନିମନ୍ତେ ମେକ୍ସିକୋ ସୀମାନ୍ତରେ ପ୍ରାଚୀର ନିର୍ମାଣ କରିବାକୁ ପ୍ରସ୍ତାବ ଦେଇଛନ୍ତି। ଡେମୋକ୍ରାଟିକ୍ ଦଳ ଏହାକୁ ବିରୋଧ କରିବା ଦ୍ୱାରା ସରକାରରେ ପ୍ରାୟ ଅଚଳାବସ୍ଥା ସୃଷ୍ଟି ହୋଇଛି। ୟୁରୋପୀୟ ସଂଘରୁ ବ୍ରିଟେନ ଅଲଗା ହୋଇଯିବା ପଛରେ ବ୍ରିଟେନରେ ଆପ୍ରବାସୀମାନଙ୍କ ସହଜ ପ୍ରବେଶ ବିରୋଧୀ ମନୋଭାବ ଏକ ମୁଖ୍ୟ କାରକ ଥିଲା। ମଧ୍ୟପ୍ରାଚ୍ୟରୁ ପଶ୍ଚିମ ୟୁରୋପକୁ ବର୍ତ୍ତମାନ ବହୁସଂଖ୍ୟାରେ ଆପ୍ରବାସୀ ଶରଣାର୍ଥୀ ଭାବରେ ପ୍ରବେଶ କରୁଛନ୍ତି ଓ ତାହା ଜର୍ମାନୀ, ଫ୍ରାନ୍ସ ଓ ଇଟାଲୀର ରାଜନୈତିକ ପରିସ୍ଥିତିକୁ ପ୍ରଭାବିତ କରୁଛି। ଆମ ଦେଶର ଉତ୍ତର–ପୂର୍ବ ଅଞ୍ଚଳରେ ସଦ୍ୟ ଗୃହୀତ ହୋଇଥିବା ନାଗରିକତ୍ୱ ଆଇନର ବିରୋଧ ଶରଣାର୍ଥୀ ବିରୋଧୀ ମନୋଭାବର ପ୍ରତିଫଳନ। ଏ ସମସ୍ତ ପ୍ରତିକୂଳ କାରକ ସତ୍ତ୍ୱେ ପୃଥିବୀରେ ଶରଣାର୍ଥୀ, ଆପ୍ରବାସୀ ଓ ରାଷ୍ଟ୍ରବିହୀନ ବ୍ୟକ୍ତିଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଜାତିସଂଘ ପକ୍ଷରୁ ଶରଣାର୍ଥୀଙ୍କ ସମସ୍ୟା ସମାଧାନ ନିମନ୍ତେ ଏକ ଶରଣାର୍ଥୀ ହାଇକମିଶନର ନିଯୁକ୍ତ ହୋଇଛନ୍ତି। କେତେକ ରାଷ୍ଟ୍ରରେ ଆପ୍ରବାସୀଙ୍କ ଚାହିଦା ବୃଦ୍ଧି ପାଉଛି ଓ ଆଉ କେତେକ ଦେଶରେ ସେମାନେ ନିଜକୁ ପ୍ରତିଷ୍ଠିତ କରି ଦେଶରେ ସମ୍ମାନଜନକ ଓ ଉଚ୍ଚ ଆସନର ଅଧିକାରୀ ହୋଇପାରୁଛନ୍ତି। ଚାଇନା ଓ ଭାରତ ପୃଥିବୀର ଦୁଇଟି ଜନବହୁଳ ଦେଶ। ଜନବହୁଳତା ହେତୁ, ଏ ଦୁଇଟି ଦେଶରେ ପ୍ରାୟ ଦୁଇଶହ ବର୍ଷ ହେଲା ବେକାରି ସମସ୍ୟା ସୃଷ୍ଟି ହୋଇଛି ଓ ଏମାନେ କମ୍ ପାରିଶ୍ରମିକରେ ଦେଶ ବାହାରେ କାର୍ଯ୍ୟ କରିବା ନିମନ୍ତେ ସହଜଲଭ୍ୟ। ଔପନିବେଶିକ ଶକ୍ତିମାନେ ଚାଇନା ଓ ଭାରତରୁ ଶସ୍ତା ଶ୍ରମିକ ବିଭିନ୍ନ ଦେଶକୁ ନେଇଥିଲେ। ଭାରତରେ ସେମାନଙ୍କୁ ଗିରିମିଟିଆ କୁହାଯାଉଥିଲା। ପୃଥିବୀରେ ପ୍ରାୟ ସମସ୍ତ ପ୍ରାନ୍ତରେ ପ୍ରବାସୀ ଚୀନା ଓ ଭାରତୀୟ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ। ବର୍ତ୍ତମାନ ଚାଇନାର ଆର୍ଥିକ ପ୍ରଗତି ଓ ଯୁବଶକ୍ତିର ଅଭାବ ହେତୁ ସ୍ୱଦେଶ ତ୍ୟାଗର ସଂଖ୍ୟା ହ୍ରାସ ପାଇବା ଆରମ୍ଭ କଲାଣି। ପକ୍ଷାନ୍ତରେ ଭାରତର ଜନସଂଖ୍ୟାରେ ଯୁବତୀଯୁବକଙ୍କ ସଂଖ୍ୟା ଅଧିକ ହେତୁ ନିଯୁକ୍ତି ପ୍ରୟାସୀ ସଂଖ୍ୟା ଅଧିକ। କୌଣସି ବି ରାଜନୈତିକ ଦଳ ଶାସନକୁ ଆସି ଭାରତର ବେକାରି ସମସ୍ୟାର ସମାଧାନ କରିପାରିବ ନାହିଁ। ସମାଜର ମଣ୍ଡଳୀକରଣ, ମହିଳାମାନଙ୍କ ନିମନ୍ତେ ସଂରକ୍ଷଣ ହେତୁ ସାଧାରଣବର୍ଗ ପୁରୁଷଙ୍କ ନିଯୁକ୍ତି ସୁଯୋଗରେ ସଙ୍କୋଚନ ଘଟିଛି। ସରକାର ଓ ଶିଳ୍ପସଂସ୍ଥାଗୁଡ଼ିକରେ ମଧ୍ୟ ଅଧିକ ଯାନ୍ତ୍ରିକ ପ୍ରୟୋଗ ହେତୁ ନିଯୁକ୍ତି ହ୍ରାସ ପାଉଛି। ଫଳତଃ ଭାରତରୁ ସ୍ୱଦେଶତ୍ୟାଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ସାଧାରଣତଃ ନିଜ ଦେଶରେ ଅସଫଳ ବ୍ୟକ୍ତିମାନେ ସ୍ୱଦେଶତ୍ୟାଗୀ ହୁଅନ୍ତି। କିନ୍ତୁ ଭାରତବର୍ଷରେ ଅଧିକ ସୁଯୋଗ ଓ ଅର୍ଥ ଆଶାରେ ପ୍ରତିଭାବାନ୍ ବ୍ୟକ୍ତି ସ୍ୱଦେଶତ୍ୟାଗୀ ହେଉଛନ୍ତି। କୁହାଯାଏ ଯେ, ଜଣେ ଛାତ୍ର ଆଇଆଇଟିରେ ଯୋଗଦାନ ପରେ, ତା'ର ଶରୀର ଭାରତରେ ରହେ ଓ ଆତ୍ମା ଆମେରିକା ଚାଲିଯାଏ। ଆଇଆଇଟି ପ୍ରତିଷ୍ଠାରେ ଭାରତ ଅପେକ୍ଷା ଆମେରିକା ଅଧିକ ଲାଭବାନ ହୋଇଛି। ବର୍ତ୍ତମାନ ସାରା ଜଗତରେ ପ୍ରାୟ ୩ କୋଟି ୨୦ ଲକ୍ଷ ଭାରତୀୟ ବଂଶୋଦ୍ଭବ ଅଛନ୍ତି। ସେମାନଙ୍କ ମଧ୍ୟରେ ଶ୍ରମିକ ଭାବରେ ମରିସସ୍, ଫିଜି, ଗାଏନା, ଦକ୍ଷିଣ ଆଫ୍ରିକାକୁ ଯାଇଥିବା, ବ୍ୟବସାୟୀ ଭାବରେ ପୂର୍ବ ଆଫ୍ରିକାକୁ ଯାଇଥିବା, ଦ୍ୱିତୀୟ ମହାଯୁଦ୍ଧ ପରେ ଆମେରିକା, ଇଂଲଣ୍ଡ, କାନାଡ଼ା ଆଦିକୁ ଯାଇଥିବା ଶିକ୍ଷିତ ବ୍ୟକ୍ତି ଓ ମଧ୍ୟପ୍ରାଚ୍ୟକୁ ଯାଇଥିବା କୁଶଳୀ ଓ ଅର୍ଦ୍ଧକୁଶଳୀ ଶ୍ରମିକ ଅନ୍ତର୍ଭୁକ୍ତ। ସବୁଠାରୁ ଆମେରିକାରେ ବେଶି ଭାରତୀୟ ଅଛନ୍ତି। ସେମାନଙ୍କ ସଂଖ୍ୟା ପ୍ରାୟ ୪୬ ଲକ୍ଷ। ସେମାନଙ୍କୁ ସ୍ଥାନୀୟ ଲୋହିତ ଭାରତୀୟଙ୍କଠାରୁ ଅଲଗା ହିସାବ କରିବା ନିମନ୍ତେ ଆମେରିକାରେ ସରକାରୀ ଭାବରେ ଏସିଆନ ଇଣ୍ଡିଆନ ନାମିତ କରାହୋଇଛି। ଆମେରିକାସ୍ଥ ଭାରତୀୟମାନେ ସ୍ୱଚ୍ଛଳ, ଶିକ୍ଷିତ ଓ ସରକାରୀସ୍ତରରେ ଦେଶ ପ୍ରତି ତାଙ୍କର ଅବଦାନ ସ୍ୱୀକୃତ। ବର୍ତ୍ତମାନ ଆମେରିକାର ଶାସନ କଳରେ ଅନେକ ଭାରତୀୟ ଉଚ୍ଚପଦାଧିକାରୀ। ଆମେରିକାସ୍ଥ ଭାରତୀୟ ମେଡିକାଲ ଆସୋସିଏଶନର ସଭ୍ୟ ସଂଖ୍ୟା ୩୫,୦୦୦ରୁ ଅଧିକ। କାନାଡ଼ାରେ ପ୍ରାୟ ୧୬ ଲକ୍ଷ ଭାରତୀୟ ବଂଶୋଦ୍ଭବ ଅଛନ୍ତି। ସେମାନଙ୍କ ମଧ୍ୟରେ ୩୫% ଶିଖ୍, ୨୮% ହିନ୍ଦୁ ଓ ୧୭% ମୁସଲମାନ। କାନାଡ଼ାର ଶିଖ୍‌ମାନଙ୍କ ମଧ୍ୟରୁ କେତେକ ଖଲିସ୍ଥାନ ଆନ୍ଦୋଳନର ସକ୍ରିୟ ସମର୍ଥକ। କେତେଜଣ ଶିଖ୍ ମନ୍ତ୍ରିପଦ ପ୍ରାପ୍ତ ହୋଇଛନ୍ତି ଓ ଦେଶର ଗୁରୁତ୍ୱପୂର୍ଣ୍ଣ ଦେଶରକ୍ଷା ବିଭାଗର ମନ୍ତ୍ରୀ ଜଣେ ଶିଖ୍।

ଇଂଲଣ୍ଡରେ ପ୍ରାୟ ଅଠରଲକ୍ଷ ଭାରତୀୟ ଅଛନ୍ତି। ସେମାନେ ଚିକିତ୍ସା, ହୋଟେଲ ଓ ଆଇନ କ୍ଷେତ୍ରରେ ବିଶେଷ ପ୍ରତିଷ୍ଠା ଲାଭ କରିଛନ୍ତି ଓ କେତେକ ସରକାରୀ ପଦବୀ ପ୍ରାପ୍ତ ହୋଇଛନ୍ତି। ଇଂଲଣ୍ଡ ବିଶ୍ୱବିଦ୍ୟାଳୟଗୁଡ଼ିକର ଅତ୍ୟଧିକ ଫି ହେତୁ ବର୍ତ୍ତମାନ ଭାରତୀୟ ଛାତ୍ରମାନେ କାନାଡ଼ା, ଆମେରିକା ଓ ଅଷ୍ଟ୍ରେଲିଆକୁ ଅଧିକ ସଂଖ୍ୟାରେ ଯାଉଛନ୍ତି। ଭାରତୀୟମାନେ ନ୍ୟୁଜିଲାଣ୍ଡ ଓ ସିଙ୍ଗାପୁରରେ ରାଜନୈତିକ କ୍ଷେତ୍ରରେ ସଫଳ। ଜଣେ ଭାରତୀୟ ବଂଶୋଦ୍ଭବ ନ୍ୟୁଜିଲାଣ୍ଡର ଗଭର୍ନର ଜେନେରାଲ ହୋଇପାରିଥିଲେ ଓ ଏକାଧିକ ଭାରତୀୟ ସିଙ୍ଗାପୁରରେ ରାଷ୍ଟ୍ରପତି ପଦବୀ ଅଳଙ୍କୃତ କରିଛନ୍ତି। ମରିସସ୍, ଫିଜି ଓ ଗାଏନାରେ ଭାରତୀୟମାନେ ରାଜନୈତିକ କ୍ଷେତ୍ରରେ ସଫଳ ଓ ମରିସସ୍ ହିଁ ଏକମାତ୍ର ରାଷ୍ଟ୍ର, ଯେଉଁଠାରେ ଭାରତୀୟ ବଂଶୋଦ୍ଭବମାନେ ସଂଖ୍ୟାଧିକ, ମଧ୍ୟପ୍ରାଚ୍ୟରେ ଭାରତୀୟମାନେ ବହୁସଂଖ୍ୟାରେ ଅଛନ୍ତି କିନ୍ତୁ ସେମାନଙ୍କୁ ନାଗରିକତ୍ୱ ପ୍ରଦାନ କରାଯାଉନାହିଁ। ପ୍ରବାସୀ ଭାରତୀୟମାନେ ସ୍ୱଦେଶକୁ ଅର୍ଥ ପ୍ରେରଣ କରିବାରେ ପୃଥିବୀରେ ପ୍ରଥମ, ଭାରତ ପଛକୁ ଚାଇନା ଓ ଫିଲିପାଇନ୍ସ। ଆମର ପାର୍ଶ୍ୱବର୍ତ୍ତୀ ଦେଶ ବାଂଲାଦେଶ ମଧ୍ୟ ବିଦେଶରୁ ପ୍ରଚୁର ଅର୍ଥ ପାଏ। ନେପାଳୀମାନେ ଭାରତରୁ ନିଜ ଦେଶକୁ ପ୍ରଚୁର ଅର୍ଥ ପ୍ରେରଣ କରନ୍ତି।

ବିଦେଶରେ ବାସ କରୁଥିବା ଭାରତୀୟମାନଙ୍କୁ ଭାରତରେ ପୁଞ୍ଜିଲଗାଣରେ ଆକୃଷ୍ଟ କରିବା ନିମନ୍ତେ ସରକାର କେତେକ କୋହଳ ବ୍ୟବସ୍ଥା ପ୍ରଣୟନ କରିଛନ୍ତି। ସେମାନଙ୍କୁ ଦୀର୍ଘକାଳୀନ ଭିଜା ଓ ଦ୍ୱୈତ ନାଗରିକତ୍ୱ ପ୍ରଦାନ କରାଯାଉଛି। People of Indian Origin Cord ପ୍ରଦାନ କରାହେଉଛି ଓ ବିଦେଶ ମନ୍ତ୍ରଣାଳୟ ପକ୍ଷରୁ ପ୍ରତିବର୍ଷ ଜାନୁୟାରୀ ୯ ତାରିଖରେ ପ୍ରବାସୀ ଭାରତୀୟ ଦିବସ ପାଳନ କରାହେଉଛି। ସେହିଦିନ (ଜାନୁୟାରୀ ୯) ଦକ୍ଷିଣ ଆଫ୍ରିକାରୁ ମହାତ୍ମା ଗାନ୍ଧୀ ଭାରତକୁ ଫେରି ଆସିଥିଲେ।

ଅଧୁନା ପ୍ରବାସୀ ଭାରତୀୟମାନଙ୍କର ପାଶ୍ଚାତ୍ୟ ଜଗତରେ ଭାବମୂର୍ତ୍ତି ଉଜ୍ଜ୍ୱଳ। ଭାରତ ଏକ ଡାକ୍ତର, ଇଞ୍ଜିନିୟର ଓ ପ୍ରଫେସରଙ୍କ ଦେଶ ଭାବରେ ବିଦେଶରେ ସମ୍ମାନିତ ହେଉଛି। ପ୍ରବାସୀମାନେ ସେମାନଙ୍କ ମୂଳ ଭୂଖଣ୍ଡ ସହିତ ସମ୍ପର୍କ ରକ୍ଷା କରିପାରିଲେ ଉଭୟଙ୍କ ପାଇଁ ହିତକର ହେବ।

ମୋ–୯୯୩୭୪୨୨୫୨୧

# ମହାଦାନୀ



ଶିବରାମ ଶତପଥୀ

ପୁରାଣ ପୃଷ୍ଠା ଓଲଟାଇଲେ ଆମେ କେତେଜଣ ମହାଦାନୀଙ୍କ ବିଷୟରେ ଅବଗତ ହେଉ। ସୂର୍ଯ୍ୟବଂଶର ପ୍ରାତଃସ୍ମରଣୀୟ ସମ୍ରାଟ୍ ହରିଶ୍ଚନ୍ଦ୍ର ନିଜର ରାଜ୍ୟ ସହ ସର୍ବସ୍ୱ ଦାନ କରିବା ପରେ ଦକ୍ଷିଣା ଦେବା ପାଇଁ ନିଜର ପତ୍ନୀ ଓ ପୁତ୍ରକୁ ବିକ୍ରିକରି ପରିଶେଷରେ ନିଜକୁ ଚଣ୍ଡାଳ ହାତରେ ବିକିଦେଇ ଶ୍ମଶାନ ରକ୍ଷକ ସାଜିଥିଲେ। ବିଷ୍ଣୁଭକ୍ତ ବଳିରାଜା ଗୁରୁ ଶୁକ୍ରାଚାର୍ଯ୍ୟଙ୍କ ଉପଦେଶ ନ ମାନି ବାମନଙ୍କୁ ତ୍ରିପାଦ ଭୂମିଦାନ କରି ପାତାଳଗାମୀ ହୋଇଥିଲେ। ମହାରାଜା ଶିବି ଶରଣାଗତ କପୋତକୁ ରକ୍ଷାକରିବା ପାଇଁ ସ୍ୱଦେହରୁ ମାଂସ କାଟି ଛଞ୍ଚାଣର କ୍ଷୁଧା ଉପଶମ କରିଥିଲେ। ପରମଯୋଗୀ ଦଧୀଚି ରାକ୍ଷସଙ୍କ ବିନାଶ ସକାଶେ ବଜ୍ର ନିର୍ମାଣ ପାଇଁ ସ୍ୱଶରୀରର ଅସ୍ଥି ଦାନ କରିଥିଲେ। ପୁଣ୍ୟଶ୍ଳୋକ ସମ୍ରାଟ୍ ରଘୁ ଯଜ୍ଞରେ ସର୍ବସ୍ୱ ଦାନ କରି ନିଃସ୍ୱ ହୋଇଯିବା ପରେ ବି ଗୁରୁଦକ୍ଷିଣା ଦେବା ପାଇଁ ଭିକ୍ଷା କରିବାକୁ ଆସିଥିବା କୌତ୍ସଙ୍କୁ ନିରାଶ କରି ନ ଥିଲେ। ଦାନବୀର କର୍ଣ୍ଣ ଛଦ୍ମବେଶୀ ଇନ୍ଦ୍ରଙ୍କୁ ସ୍ୱଶରୀର କାଟି କବଚ ଓ କୁଣ୍ଡଳ ଦାନ କରି ନିଜ ମୃତ୍ୟୁପଥ ସୁଗମ କରିଦେଇଥିଲେ। ସମ୍ରାଟ୍ ହର୍ଷବର୍ଦ୍ଧନ ପ୍ରୟାଗର କୁମ୍ଭମେଳା ସମୟରେ ନିଜର ସବୁକିଛି, ଏପରି କି ପରିଧାନ କରିଥିବା ବସ୍ତ୍ର ମଧ୍ୟ ଦାନକରି ନିଜ ଭଉଣୀଙ୍କୁ ମାଗି ଖଣ୍ଡେ ଲୁଗା ପିନ୍ଧିଥିଲେ। ଏମିତି ଅନେକ ଉଦାହରଣ ରହିଛି।

ମହାଦାନୀ ହେଉଛନ୍ତି ସର୍ବବ୍ୟାପୀ ବିଷ୍ଣୁ, ଯିଏ ସ୍ଥାବର ଜଙ୍ଗମ, କୀଟପତଙ୍ଗ ସମସ୍ତଙ୍କ ପାଇଁ ଅନ୍ନସଂସ୍ଥାନ କରିଛନ୍ତି। ପୁଣି ସେ ଅନ୍ନକୁ ଜଠରାଗ୍ନି ରୂପେ ଜୀର୍ଣ୍ଣ କରି ପ୍ରାଣୀ ଶରୀରରେ ଶକ୍ତି ସଞ୍ଚାର କରନ୍ତି। ମୃତ୍ତିକା, ଜଳ, ଜ୍ୟୋତି, ବାୟୁ ଓ ଆକାଶ ସୃଷ୍ଟିକରି ସେ ପ୍ରାଣିଜଗତର ସୃଷ୍ଟି ଓ ସ୍ଥିତି ସମ୍ଭବ କରିଛନ୍ତି। ଟିକେ ଭାବି ଦେଖନ୍ତୁ, ଆମେ ଯେପରି ପ୍ରଦୂଷଣ ଯୋଗୁ ଜଳ, ବାୟୁ ଓ ଆକାଶ ଦୂଷିତ କରିଚାଲିଛୁ, ଯଦି ପବନ ନ ବହନ୍ତା, ବୃଷ୍ଟି ନ ହୁଅନ୍ତା ଓ ଉଦ୍ଭିଦ ଜଗତ ବାୟୁମଣ୍ଡଳରୁ ଅଙ୍ଗାରକାମ୍ଳ ଗ୍ରହଣ କରି ଅମ୍ଳଜାନ ନ ଦିଅନ୍ତେ ତେବେ କ'ଣ ପୃଥିବୀରେ ପ୍ରାଣୀମାନେ ତିଷ୍ଠି ପାରନ୍ତେ? ପବନ ପ୍ରବାହ ହେତୁ ବାୟୁମଣ୍ଡଳର ଧୂଳିକଣା ଓ ବିଷାକ୍ତ ବାଷ୍ପ ଅପସୃତ ହୁଏ। ସେପରି ବୃଷ୍ଟି ଯୋଗୁ ଆକାଶରେ ପରିବ୍ୟାପ୍ତ ଧୂଳି ଓ ବିଷାକ୍ତ ବାୟୁ ଛାଣି ହୋଇଯାଏ। ଏସବୁ ଈଶ୍ୱରଙ୍କ ସୃଷ୍ଟି।

ମାଟି ନ ଥିଲେ ବୃକ୍ଷ ଓ ଶସ୍ୟସମ୍ଭାର ସୃଷ୍ଟି ହୁଅନ୍ତା ନାହିଁ। ସେହିପରି ଜଳ ବିନା ପ୍ରାଣିଜଗତର କଳ୍ପନା ବା କରିବା କିପରି? ଦିନରେ ସୂର୍ଯ୍ୟାତପ ଓ ରାତିରେ ଚନ୍ଦ୍ରଙ୍କ ସ୍ନିଗ୍ଧ କିରଣ ବିନା ପ୍ରାଣୀଙ୍କ ଲାଳନପାଳନ ଓ ଅଭିବୃଦ୍ଧି ଅସମ୍ଭବ। ଗ୍ରହନକ୍ଷତ୍ର, ପ୍ରାଣୀ ଅପ୍ରାଣୀ ସମସ୍ତଙ୍କ ଅବସ୍ଥାନ ପାଇଁ ଆକାଶ ଆବଶ୍ୟକ। ଏ ପଞ୍ଚମହାଭୂତ ଯେ ଅକୁଣ୍ଠ ଚିତ୍ତରେ ଦାନ କରିଛନ୍ତି ତାଙ୍କୁ ମହାଦାନୀ ନ କହି ଆଉ କାହାକୁ କହିବା? ଏଥିପାଇଁ ଶ୍ରୀରାମଚରିତମାନସ ବାଳକାଣ୍ଡର ସ୍ୱାୟଂଭୁବ ମନୁ ପ୍ରସଙ୍ଗରେ ଗୋସ୍ୱାମୀ ତୁଳସୀଦାସ ପରଂବ୍ରହ୍ମଙ୍କ ମୁଖରେ କୁହାଇଛନ୍ତି–

ବୋଲେ କୃପାନିଧାନ ପୁନି ଅତି ପ୍ରସନ୍ନ ମୋହି ଜାନି,
ମାଗହୁ ବର ଜୋଇ ଭାବ ମନ ମହାଦାନୀ ଅନୁମାନି।

ଭଗବାନଙ୍କ ଦ୍ୱାରା ଅଦେୟ କିଛି ନାହିଁ। ଏକାଗ୍ର ଚିତ୍ତରେ ଥରେ ମାଗି ଦେଖ ତ। ତେବେ ଯାହା ପ୍ରଭୁ ଆମକୁ ଆବଶ୍ୟକତାଠାରୁ ଅଧିକ ଦାନ କରିଛନ୍ତି ତା'ର ଅସଦ୍‌ବ୍ୟବହାର କରିବା କେତେଦୂର ଯୁକ୍ତିଯୁକ୍ତ? ଅନାୟାସଲବ୍ଧ ବୋଲି ଆମେ ଏ ପଞ୍ଚମହାଭୂତର ଅପଚୟ କରିବା କି? ସେଦିନ ଗୋଟେ ଖେଳନା ପୁରୁଣା ହୋଇଗଲା ଭାବି ମୁଁ ଡ୍ରଇଂରୁମ୍‌ରୁ ବାହାର କରିବା ଦେଖି ମୋ ଝିଅ କହିଲା, ''ବାପା! ସେଇଟା ଆମେ ପୁଣେରୁ ବଦଳି ହୋଇ ଆସିଲାବେଳେ ମୋ ସାଙ୍ଗ ମୋତେ ଉପହାର ଦେଇଥିଲା।'' ଉପହାର ବା ଦାନରେ ପାଇଥିବା ବସ୍ତୁକୁ ଆଦର ଓ ସମ୍ମାନ ସହିତ ବ୍ୟବହାର କରାଯାଏ। ଧର୍ମଗ୍ରନ୍ଥ କହେ, ଦାନରେ ମିଳିଥିବା ଦ୍ରବ୍ୟରେ ଆଉ କିଛି ମିଶାଇ ଅନ୍ୟକୁ ଦାନ କର, ଯେ ଅଭାବୀ ସେ ତା'ର ଉଚିତ ସଦ୍‌ବ୍ୟବହାର କରିବ। ଏ ଦୃଷ୍ଟିରୁ ବିଚାର କଲେ ପରମାତ୍ମା ଆମକୁ ଦେଇଥିବା ମୃତ୍ତିକା, ଜଳବାୟୁ, ଜ୍ୟୋତି ଓ ଆକାଶର ସଂରକ୍ଷଣ କରି, ଏହାକୁ ଉତ୍କୃଷ୍ଟତର କରି ଆଗାମୀ ପିଢି ପାଇଁ ଛାଡିଯିବା ଆମର ପରମ କର୍ତ୍ତବ୍ୟ।

ଏହା ପରିବର୍ତ୍ତେ ଆମେ କରୁଛୁ କ'ଣ? ହାନିକାରକ ରାସାୟନିକ ବର୍ଜ୍ୟବସ୍ତୁ ଓ ପଲିଥିନ ଦ୍ୱାରା ମୃତ୍ତିକାକୁ କଳୁଷିତ କରିଚାଲିଛେ। ପବିତ୍ର ନଦୀଜଳ ଏପରିକି ତୀର୍ଥରାଜ ସମୁଦ୍ରରେ ମଧ୍ୟ ଆମେ କଳକାରଖାନାରୁ ନିର୍ଗତ ଦୂଷିତ ଜଳ ମିଶିବାକୁ ଦେଇ ଅପରିଷ୍କାର କରୁଛୁ। ହାନିକାରକ ବାଷ୍ପ ଦ୍ୱାରା ଆକାଶର ଓଜୋନ ସ୍ତରରେ ଛିଦ୍ରର ପରିସର ବଢ଼ାଇ ଚାଲିଛୁ। ଏତଦ୍ୱାରା ମହାକାଶ ଦେଇ ହାନିକାରକ ଅତିବାଇଗଣୀ ରଶ୍ମିର ଅବାଧ ପ୍ରବେଶ ଯୋଗୁ ଲୋକେ ଦୁରାରୋଗ୍ୟ ରୋଗର ଶିକାର ହେଉଛନ୍ତି। ଫ୍ୟାକ୍ଟ୍ରିର ଧୂଆଁ ପରିଷ୍କରଣ ବିନା ବାୟୁମଣ୍ଡଳକୁ ଛାଡିବା ଯୋଗୁ ଦିଲ୍ଲୀ, କୋଲକାତା, ମୁମ୍ବାଇ, ଚେନ୍ନାଇ ପରି ବଡ଼ ବଡ଼ ସହରରେ କେବଳ ଲୋକଙ୍କୁ ନାକରେ ମାସ୍କ ବାନ୍ଧି ବାହାରକୁ ବାହାରିବାକୁ ପଡୁନାହିଁ ବରଂ ଘର ଭିତରେ ମଧ୍ୟ ଏୟାର ପ୍ୟୁରିଫାୟର ବ୍ୟବହାର କରିବାକୁ ପଡୁଛି। ନଚେତ୍ ଶ୍ୱାସରୋଗରେ ଆକ୍ରାନ୍ତ ହେବା ଅବଶ୍ୟମ୍ଭାବୀ। ଭୂମି ଭିତରେ ଭଗବାନ ଯେଉଁ ଦୁର୍ମୂଲ୍ୟ କୋଇଲା, ଖଣିଜତୈଳ ସହିତ ହୀରା, ନୀଳା, ମାଣିକ୍ୟ ତଥା ଅପର୍ଯ୍ୟାପ୍ତ ସୁନା, ରୁପା, ତମ୍ବା, ସୀସା, ଆଲୁମିନିୟମ ଆଦି ସାଇତି ରଖିଛନ୍ତି, ତା' ସକାଶେ ମନଇଚ୍ଛା ଭୂଖନନ କରି ଭୂପୃଷ୍ଠର ଭାରସାମ୍ୟରେ ଅନ୍ତରାୟ ସୃଷ୍ଟି କରିବା କେତେଦୂର ଯୁକ୍ତିଯୁକ୍ତ? ଏବେ ସମୟ ଆସିଛି ଆମେ ସେ ମହାଦାନୀ (ଈଶ୍ୱର)ଙ୍କ ଅକୁଣ୍ଠଦାନର ଅସଦ୍‌ବ୍ୟବହାର କରିବାରୁ କ୍ଷାନ୍ତ ହେବା। ତେବେ ଯାଇ ପୃଥିବୀପୃଷ୍ଠରେ ପ୍ରାଣିଜଗତ ତିଷ୍ଠିପାରିବ।

ଇ–୧୮, ପଦ୍ମପାଣି ବିହାର, ଶୈଳଶ୍ରୀ ବିହାର,
ଭୁବନେଶ୍ୱର, ମୋ–୯୪୩୭୦୧୭୨୦୨

## ଏଇ ଭାରତରେ

ଭାରତବର୍ଷ ଏକ ମନ୍ଦିରମାଳିନୀ ଦେଶ। ଅନେକ ମନ୍ଦିରରେ ଅଲୌକିକ ଘଟଣା ଘଟୁଥିବା ଦେଖିବାକୁ ମିଳେ। ଏଭଳି ଘଟଣାମାନ କାହିଁ କେତେ ବର୍ଷରୁ ଚଳିଆସୁଛି, ଯାହାର ଉତ୍ତର ଦେବାକୁ ଆଧୁନିକ ବିଜ୍ଞାନ ମଧ୍ୟ ସକ୍ଷମ ହୋଇପାରି ନାହିଁ। ଆମ ଦେଶରେ ଏପରି ମନ୍ଦିର ରହିଛି, ଯେଉଁଠାରେ ଏକ ଅଖଣ୍ଡ ଦୀପ ଦୀର୍ଘ ୫୫୦ ବର୍ଷ ଧରି ଜଳିଆସୁଛି। ମଧ୍ୟପ୍ରଦେଶର ମନାସା ସହରଠାରୁ ପ୍ରାୟ ୧ କିଲୋମିଟର ଦୂରରେ ଅହ୍ଲେଡ଼ଠାରେ ରହିଛି 'ଆଇ ଜୀ ମାତା'ଙ୍କ ମନ୍ଦିର। ସେଠାରେ ୫୦୦ ବର୍ଷରୁ ଊର୍ଦ୍ଧ୍ୱ ହେଲା ଜଳିଆସୁଥିବା ଦୀପ କେବେ ବି ଲିଭିନାହିଁ ବୋଲି ଏହି ଅଞ୍ଚଳର ପୁରୁଖା ଲୋକେ କହିଛନ୍ତି। ଦୀପରୁ କଳା ପରିବର୍ତ୍ତେ କେଶର ଠୋପା ନିର୍ଗତ ହୁଏ। ଏହାକୁ ଭକ୍ତମାନେ ଶ୍ରଦ୍ଧାରେ ମା'ଙ୍କ ପ୍ରସାଦ ଭାବେ ଗ୍ରହଣ କରିଥାଆନ୍ତି। କେଶରକୁ ଆଖିରେ ଲଗାଇଲେ ବିଭିନ୍ନ ଆଖିରୋଗ ଭଲ ହୋଇଥାଏ ବୋଲି ଲୋକଙ୍କ ବିଶ୍ୱାସ ରହିଛି। ପ୍ରତିଦିନ ଦେଶର ବିଭିନ୍ନ ଅଞ୍ଚଳରୁ ଶ୍ରଦ୍ଧାଳୁମାନେ ଆସି ଏହି ମନ୍ଦିରରେ ଗହଳି ଲଗାଇ ଥାଆନ୍ତି।

## ଚିରନ୍ତନୀ

ଅମର କଥା ନୁହଇ କିଛି
ମରଣ ଅବିକଳ
ସାନ୍ତ୍ୱନାର ଗୋଟାଏ ଖାଲି ଭାବ
ରଚଇ କବି ଶିଳ୍ପୀ ଲେଖେ
ଲାଗଇ ବୋଲି ଭଲ
କି ତହିଁ ଆଉ ରହିଚି ତାର ଲାଭ ?
ମୃତ୍ୟୁ ପରେ କି ସୁଖ ଅଛି
କି ଅବା ବିଭୀଷିକା
କଳ୍ପନାର ରାଇଜେ ବୁଲ କାହିଁ ?
ନିଭିଲେ ଥରେ ନ ଜଳେ ଆଉ
ଜୀବନ–ଦୀପଶିଖା
ଜୀବନ ପରେ ନାହିଁରେ କିଛି ନାହିଁ!

(ଅମର ଆଶା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | | | | | B | | | | 3 | |
| E | 5 | D | | | | | | | 3 | 6 | | 0 | | 2 |
| | B | | C | | | 8 | 4 | | | | | | | |
| | C | | | B | A | | | 1 | 8 | D | | | | 7 |
| | | | 6 | | 2 | | | | | | | | 1 | |
| | E | | 0 | | | | | | 6 | | | D | | |
| | | 8 | A | 7 | | 3 | 6 | | 9 | | | | | |
| 4 | | | | | B | 9 | | 8 | | | D | | C | E |
| | | | | | C | | | | | | | 2 | 4 | 3 |
| 3 | | | | | 5 | 0 | D | | 1 | | | | | 9 |
| 8 | | 5 | 9 | D | | A | | E | 0 | | | | | |
| B | | | | 0 | | | 9 | 3 | 7 | | | | | |
| | | | | E | 8 | C | | 7 | | B | | | 9 | |
| C | | 0 | | | | D | | | 5 | | | 4 | | |
| | A | E | 3 | | | B | | | 4 | | 2 | 6 | 8 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | 4 | B | 8 | C | A | 7 | 6 | D | E | 9 | 3 | 5 | 1 | 0 |
| 6 | 8 | C | 0 | 1 | 5 | B | 3 | A | 7 | D | 4 | 2 | 9 | E |
| 0 | 1 | D | 3 | 6 | 9 | 5 | E | C | 2 | B | A | 8 | 4 | 7 |
| 7 | E | A | 2 | 4 | D | 1 | 9 | 0 | 5 | 8 | 6 | B | C | 3 |
| 9 | 5 | 3 | B | 7 | E | 2 | 4 | 8 | 0 | 1 | C | A | D | 6 |
| A | 7 | 4 | D | E | B | 0 | 2 | 5 | 9 | 6 | 8 | C | 3 | 1 |
| C | B | 0 | 7 | 9 | 8 | E | D | 6 | 3 | 2 | 1 | 4 | A | 5 |
| 8 | D | 5 | 6 | 2 | 1 | A | 7 | 3 | 4 | C | 0 | E | B | 9 |
| E | 2 | 6 | 4 | A | 3 | C | 1 | 9 | B | 5 | D | 7 | 0 | 8 |
| 1 | 3 | 9 | C | 5 | 0 | 8 | B | 4 | A | E | 7 | 6 | 2 | D |
| 5 | 9 | 7 | E | D | 2 | 4 | 8 | 1 | C | 3 | B | 0 | 6 | A |
| B | C | 1 | 5 | 8 | 4 | 6 | 0 | E | D | A | 9 | 3 | 7 | 2 |
| D | 0 | 2 | 9 | B | 6 | 3 | A | 7 | 8 | 4 | 5 | 1 | E | C |
| 3 | 6 | E | A | 0 | C | 9 | 5 | B | 1 | 7 | 2 | D | 8 | 4 |
| 4 | A | 8 | 1 | 3 | 7 | D | C | 2 | 6 | 0 | E | 9 | 5 | B |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସଂଶୋଧିତ ଘରଭଡ଼ା ମିଳିବ କେବେ

ମହାଶୟ,

ରାଜ୍ୟ ସରକାର ୨୦୧୬ରୁ ସପ୍ତମ ବେତନ ଲାଗୁ କରିଛନ୍ତି। ଅଦ୍ୟାବଧି ୩ବର୍ଷ ପୂରଣ ହୋଇସାରିଲାଣି। ଅଥଚ ସଂଶୋଧିତ ଘରଭଡ଼ା ଦେବା ପାଇଁ ସରକାର କୌଣସି ପଦକ୍ଷେପ ନେଉନାହାନ୍ତି। ଅପରପକ୍ଷରେ ପ୍ରତିଦିନ କିଛି ନା କିଛି ଯୋଜନା ଘୋଷଣା କରାଯାଉଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଓ ଆୟୁଷ୍ମାନ ଭାରତ ଯୋଜନା ମଧ୍ୟରେ ଲୋକମାନେ ପେଷିହୋଇ ଅନେକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଗଣତାନ୍ତ୍ରିକ ବିଧିବ୍ୟବସ୍ଥା ମଧ୍ୟରେ ଚାକିରିଆଙ୍କୁ ଅଣଦେଖା କରାଯାଉଛି। ଘରଭଡ଼ା ବାବଦ ଅର୍ଥ କେଉଁ ଯୋଜନାରେ ଖର୍ଚ୍ଚ ହେଉଛି, ପାଟି ଖୋଲିବାକୁ ସରକାରୀ ଚାକିରିଆଙ୍କର ମୁହଁ ନାହିଁ। ବ୍ଲକ ଗ୍ରାଣ୍ଟ ବ୍ୟବସ୍ଥାରେ ଥିବା ଚାକିରିଆଙ୍କର ଅବସ୍ଥା ନ କହିଲେ ଭଲ। ବ୍ଲକଗ୍ରାଣ୍ଟ ବ୍ୟବସ୍ଥା ଉଚ୍ଛେଦ କରି ସମାନ କାମକୁ ସମାନ ଦରମା ଦେବା ସରକାରଙ୍କ ନୈତିକ କର୍ତ୍ତବ୍ୟ।

ସୁକାନ୍ତ କୁମାର ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସାକ୍ଷୀଗୋପାଳ, ପୁରୀ

### ବରଂ ନିବାସ ଭଲ ଜରା ନିବାସେ

ପ୍ରତ୍ୟେକ ମା'ବାପା ଜୀବନର ସାୟାହ୍ନରେ ପୁଅବୋହୂ, ନାତିନାତୁଣୀଙ୍କ ଗହଣରେ ରହିବାକୁ ଇଚ୍ଛା ପୋଷଣ କରିଥାନ୍ତି। କିନ୍ତୁ ଆଜିର ଅକୃତଜ୍ଞ ପୁଅବୋହୂମାନେ ଅଧିକ ରୋଜଗାର ଆଶାରେ ମା'ବାପାଙ୍କୁ ଏକୁଟିଆ ଛାଡିଦେଇ ବିଦେଶରେ ରହିବାକୁ ଉଚିତ ମଣୁଛନ୍ତି। ତାଙ୍କର ଦେଖାଶୁଣା କରିବା ପାଇଁ ଚାକରଟିଏ ରଖିଦେଇ ନିଜ କର୍ତ୍ତବ୍ୟ ସାରିଦେଲେ ବୋଲି ବିଚାରୁଛନ୍ତି। ଏହି ଚାକର କ'ଣ ବୁଢ଼ା ମା'ବାପାଙ୍କର ଆଶା ପୂରଣ କରିପାରିବ? ଆଉ କିଛି ଅର୍ଦ୍ଧଶିକ୍ଷିତ କିମ୍ବା ଅଶିକ୍ଷିତ ପୁଅବୋହୂ ମଧ୍ୟ ବୁଢ଼ା କାଳରେ ମା'ବାପାଙ୍କର ସେବାଶୁଶ୍ରୂଷା କରିବା ଦୂରର କଥା, ଦୁଇଓଳା ଦୁଇମୁଠା ଖାଇବାକୁ ଓ ରୋଗ ହେଲେ ଟିକିଏ ଔଷଧ ଦେଉନାହାନ୍ତି। ଫଳରେ ଜୀବନସାରା ଏତେ ତ୍ୟାଗ କରିଥିବା ବୁଢାମା'ବାପା ନିଃସଙ୍ଗ ଜୀବନ ବିତାଇବାକୁ ବାଧ୍ୟ ହେଉଛନ୍ତି କିମ୍ବା ପୁଅବୋହୂଙ୍କ ଅତ୍ୟାଚାରରେ ଅତିଷ୍ଠ ହୋଇ ଜରାଶ୍ରମ ଆଡକୁ ମୁହାଁଉଛନ୍ତି। ଜରା ନିବାସର ଅନ୍ତେବାସୀଙ୍କ ସହ ମିଳିମିଶି ପରସ୍ପର ମଧ୍ୟରେ ସୁଖଦୁଃଖ ବାଣ୍ଟି ଜୀବନର ଅବଶିଷ୍ଟ ସମୟତକ ବିତାଇବାକୁ ଉଚିତ ମଣୁଛନ୍ତି।

ଭଗବାନ ଦାସ, ହରି ନିବାସ, ନାରାୟଣପୁର, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




# କଂଗ୍ରେସର ସମ୍ଭାବ୍ୟ ପ୍ରାର୍ଥୀ ତାଲିକା ପ୍ରସ୍ତୁତ

**ଭୁବନେଶ୍ୱର, ୧୫।୨(ବ୍ୟୁରୋ)**

- ପ୍ରଥମ ପର୍ଯ୍ୟାୟରେ ୧୧ଲୋକ ସଭା, ୭୭ ବିଧାନସଭା ଆସନ ପାଇଁ ବଛାଗଲା
- ମାର୍ଚ୍ଚ ପ୍ରଥମ ସପ୍ତାହରେ ଚୂଡ଼ାନ୍ତ ତାଲିକା ଘୋଷଣା

ରାଜ୍ୟରେ ଆସନ୍ତା ସାଧାରଣ ନିର୍ବାଚନ ପାଇଁ କଂଗ୍ରେସର ସମ୍ଭାବ୍ୟ ପ୍ରାର୍ଥୀ ତାଲିକା ପ୍ରସ୍ତୁତ ହୋଇଛି। ପ୍ରଥମ ପର୍ଯ୍ୟାୟରେ ୧୧ ଲୋକ ସଭା ଓ ଏହା ଅନ୍ତର୍ଗତ ୭୭ ବିଧାନସଭା ଆସନ ପାଇଁ ଏହି ତାଲିକା ପ୍ରସ୍ତୁତ ହୋଇଛି। କଟକ, ଭୁବନେଶ୍ୱର, ଜଗତ୍‌ସିଂହପୁର, ପୁରୀ, କେନ୍ଦ୍ରାପଡା ଏବଂ ଢେଙ୍କାନାଳ ଲୋକ ସଭା ନିର୍ବାଚନମଣ୍ଡଳୀ ପାଇଁ କାହାକୁ ପ୍ରାର୍ଥୀ କରାଗଲେ ଦଳ ଭଲ ପ୍ରଦର୍ଶନ କରିପାରିବ ସେନେଇ କେନ୍ଦ୍ରୀୟ ସ୍କ୍ରିନିଂ କମିଟି ଅଧ୍ୟକ୍ଷ ଭି.ଡି. ସାଥିସାନ ୩ଦିନ ଧରି ରାଜ୍ୟ କାର୍ଯ୍ୟାଳୟଠାରେ ବିଭିନ୍ନ ବର୍ଗର ନେତା ଓ କର୍ମୀଙ୍କ ମତାମତ ଲୋଡ଼ିଥିଲେ। ତାହାକୁ ଆଧାର କରାଯାଇ ପ୍ରତି ନିର୍ବାଚନମଣ୍ଡଳୀ ପାଇଁ ୨ରୁ ୪ ଜଣ ଲେଖାଏ ବଛାଯାଇଛି। ସେହିପରି ଏହି ଲୋକ ସଭା ଆସନ ଅନ୍ତର୍ଗତ ବିଧାନସଭା କ୍ଷେତ୍ରଗୁଡିକ ପାଇଁ ମଧ୍ୟ ସମ୍ଭାବ୍ୟ ପ୍ରାର୍ଥୀ ତାଲିକା ପ୍ରସ୍ତୁତ କରାଯାଇଛି। ସେହିପରି ଆସିକା, ବ୍ରହ୍ମପୁର, ନବରଙ୍ଗପୁର, କଳାହାଣ୍ଡି, କୋରାପୁଟ ଲୋକ ସଭା ଆସନ ଏବଂ ଏହା ଅଧୀନ ବିଧାନସଭା କ୍ଷେତ୍ର ପାଇଁ ପ୍ରାର୍ଥୀ ଚୟନ ନିମନ୍ତେ ସ୍କ୍ରିନିଂ କମିଟିର ଅନ୍ୟଜଣେ ସଦସ୍ୟ ନୌସାଦ ସୋଲାଙ୍କି ବ୍ରହ୍ମପୁରଠାରେ ଦଳୀୟ ନେତା ଓ କର୍ମୀଙ୍କ ମତ ସଂଗ୍ରହ କରିଥିଲେ। ତଦନୁଯାୟୀ ସମ୍ଭାବ୍ୟ ପ୍ରାର୍ଥୀଙ୍କ ତାଲିକା ପ୍ରସ୍ତୁତ କରାଯାଇଛି। ଦ୍ୱିତୀୟ ପର୍ଯ୍ୟାୟରେ ଆଉ ୧୦ ଲୋକ ସଭା ଆସନ ଓ ୭୦ ବିଧାନସଭା ଆସନ ନିମନ୍ତେ ପ୍ରାର୍ଥୀ ଚୟନ ପାଇଁ ପୁନର୍ବାର ଦଳର କେନ୍ଦ୍ରୀୟ ସ୍କ୍ରିନିଂ କମିଟି ସଦସ୍ୟ ଆସନ୍ତା ୧୭ ତାରିଖରେ ଓଡ଼ିଶା ଆସିବେ।

ଏହାପରେ ୨୫ ତାରିଖ ମଧ୍ୟରେ ଦଳର ପିଇସି (ପ୍ରଦେଶ ଇଲେକ୍ସନ କମିଟି) ବୈଠକ ବସିବ। ସେଥିରେ ସ୍କ୍ରିନିଂ କମିଟିର ସମ୍ଭାବ୍ୟ ପ୍ରାର୍ଥୀ ତାଲିକା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ଏକ ତାଲିକା ସିଇସି(ସେଣ୍ଟ୍ରାଲ ଇଲେକ୍ସନ କମିଟି) ନିକଟକୁ ପଠାଯିବ। ଫେବୃୟାରୀ ଶେଷସୁଦ୍ଧା କଂଗ୍ରେସ ନିଜ ପ୍ରାର୍ଥୀ ତାଲିକା ଘୋଷଣା କରିବ ବୋଲି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ କହିଥିଲେ। ହେଲେ ଏଥିରେ ସାମାନ୍ୟ ବିଳମ୍ବ ହୋଇ ମାର୍ଚ୍ଚ ପ୍ରଥମ ସପ୍ତାହରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା କଂଗ୍ରେସ ଘୋଷଣା କରିବ ବୋଲି ସୂଚନା ମିଳିଛି। ତେବେ ପିଇସି ବୈଠକରେ ଚୂଡ଼ାନ୍ତ ପ୍ରାର୍ଥୀଙ୍କ ନାମ ଜଣାପଡିବା ସମ୍ଭାବନା ରହିଛି। ତେଣୁ ପିଇସି ବୈଠକ ଉପରେ ସମସ୍ତଙ୍କ ନଜର ରହିଛି। ବହୁ ନୂଆ ମୁହଁ ଏବେ ଟିକେଟ ପାଇଁ ପିଇସି ସଦସ୍ୟମାନଙ୍କ ପାଖରେ ଲବି ଆରମ୍ଭ କରିଦେଇଥିବା ଜଣାପଡିଛି।

ଅନ୍ୟପଟେ କେନ୍ଦ୍ରାପଡ଼ା ଓ ଢେଙ୍କାନାଳ ଆସନ ପାଇଁ ସାଥିସାନଙ୍କ ତାଲିକାରେ କେଉଁମାନଙ୍କ ନାମ ସ୍ଥାନପାଇଛି ତାହା ଏକ ସୂତ୍ରରୁ ଜଣାପଡିଛି। ଢେଙ୍କାନାଳ ଲୋକ ସଭା ଆସନ ପାଇଁ କେ.ପି. ସିଂଦେଓ, ଶାରଦା ପ୍ରସାଦ ପ୍ରଧାନ ଓ ହେମନ୍ତ ସାମଲଙ୍କ ନାମ ରହିଥିବା ଜଣାପଡିଛି। ଅନ୍ୟପଟେ ଢେଙ୍କାନାଳ ଲୋକ ସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବିଧାନସଭା କ୍ଷେତ୍ର ତଥା ଢେଙ୍କାନାଳ ପାଇଁ ନବୀନ ଚନ୍ଦ୍ର ନାରାୟଣ ଦାସ, ସରୋଜ ପଟ୍ଟନାୟକ ଓ ଶ୍ରୀଧର ସାହୁଙ୍କ ନାମ ଯାଇଛି। ତେବେ ପୂର୍ବତନ ବିଧାୟକ ନବୀନ ନନ୍ଦ ଯଦି ନିର୍ବାଚନ ପୂର୍ବରୁ କଂଗ୍ରେସରେ ଯୋଗଦେବେ ତେବେ ତାଙ୍କୁ କଂଗ୍ରେସ ଟିକେଟ ମିଳିବା ନିଶ୍ଚିତ ବୋଲି ଜଣାପଡ଼ିଛି। ହିନ୍ଦୋଳ ଆସନ ପାଇଁ ବାମଦେବ ନାୟକ, ମମତାଞ୍ଜଳି ବେହେରା ଓ ଦିବାକର ନାୟକଙ୍କ ନାମ ରହିଛି। କାମାକ୍ଷାନଗର ଆସନ ପାଇଁ ଭବାନୀ ମହାପାତ୍ର, ଆଦିତ୍ୟ ମହାପାତ୍ର ଓ ବିନୟ ସାହୁଙ୍କ ନାମ ରହିଛି। ପରଜଙ୍ଗ ପାଇଁ ବିଶ୍ୱତୋଷ ସାହୁଙ୍କ ନାମ ପ୍ରଥମେ ରହିଥିବାବେଳେ ବିମଳ ବେହେରା ଓ ସନ୍ତୋଷ ରାଉତଙ୍କ ନାଁ ରହିଛି। ଅନୁଗୋଳ ପାଇଁ ଅମ୍ବିକା ପ୍ରସାଦ ଭଞ୍ଜ, ବିପ୍ଳବ ଜେନା, ଜିତେନ୍ଦ୍ର ସାହୁ ଓ ଜୟନ୍ତ ସାହୁଙ୍କ ନାମ ରହିଛି। ତାଳଚେର ଆସନ ପାଇଁ ସୁରେଶ ବେହେରା, ପ୍ରଫୁଲ୍ଲ ଦାସ, ବିଷ୍ଣୁ ରଥ ଓ କେଶବ ଭୂତିଆଙ୍କ ନାମ ରହିଛି। ପାଲଲହଡା ପାଇଁ ସୁବୋଧ ପାଣି ଓ ସୁବ୍ରତ ଗଡନାୟକଙ୍କ ନାମ ରହିଛି। ଅପରପକ୍ଷରେ କେନ୍ଦ୍ରାପଡା ଲୋକ ସଭା ଆସନ ପାଇଁ ଭାଗବତ ମହାନ୍ତି, ଧରଣୀଧର ନାୟକ, ଚିନ୍ମୟ ବେଉରା ଏବଂ ଲୋକନାଥ ମହାରଥୀଙ୍କ ନାମ ଥିବା ଜଣାପଡ଼ିଛି। ଏହି ଲୋକ ସଭା ଆସନ ଅନ୍ତର୍ଗତ ବିଧାନସଭା କ୍ଷେତ୍ର ତଥା କେନ୍ଦ୍ରାପଡା ଆସନ ପାଇଁ ଗଣେଶ୍ୱର ବେହେରା, ହଳଧର ସେଠୀ, ମାନସ ମଲିକଙ୍କ ନାମ ରହିଛି। ପାଟକୁରା ଆସନ ପାଇଁ ଜୟନ୍ତ ମହାନ୍ତି, ଚିନ୍ମୟ ବେଉରା, ଗାୟତ୍ରୀ ମହାନ୍ତି ଓ ଅଜୟ ସାମଲଙ୍କ ନାମ ରହିଛି। ମହାକାଳପଡା ଆସନ ପାଇଁ ଲୋକନାଥ ମହାରଥୀ ଓ ରାକେଶ ମହାନ୍ତିଙ୍କ ନାମ ରହିଛି। ସାଲେପୁର ଆସନ ପାଇଁ ପ୍ରକାଶ ବେହେରାଙ୍କ ନାମ ଥିବାବେଳେ ଆଳି ଆସନ ପାଇଁ ଦେବେନ୍ଦ୍ର ଶର୍ମା ଓ ଦେବସ୍ମିତା ଶର୍ମାଙ୍କ ନାମ ରହିଛି। ମାହାଙ୍ଗା ପାଇଁ ଦେବାଶିଷ ଭୁୟାଁ ଓ ଦେବେନ୍ଦ୍ର ସାହୁଙ୍କ ନାମ ତାଲିକାରେ ଥିବାବେଳେ ରାଜନଗର ଆସନ ପାଇଁ ଅଂଶୁମାନ ମହାନ୍ତିଙ୍କ ନାମ ଥିବା ଜଣାପଡିଛି।

## କେନ୍ଦ୍ରାପଡ଼ାରେ କାଳିଆ ସମାବେଶରେ ଯୋଗଦେଲେ ନବୀନ

# ୩.୫ ଲକ୍ଷ ଭୂମିହୀନଙ୍କୁ ସହାୟତା

**କେନ୍ଦ୍ରାପଡ଼ା ଅଫିସ୍, ୧୫।୨**




ବାରୁଅସ୍ଥିତ ସିଦ୍ଧମଠ ପରିସରରେ ଆୟୋଜିତ କାଳିଆ ସମାବେଶରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

- ୧୭୩ କୋଟିର ବିଭିନ୍ନ ପ୍ରକଳ୍ପ ଶିଳାନ୍ୟାସ, ଉଦ୍‌ଘାଟିତ
- ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ାର ୧୭ ଚାଷୀଙ୍କୁ ପ୍ରମାଣପତ୍ର ପ୍ରଦାନ
- ସଭାସ୍ଥଳରେ ୬୦ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ

କାଳିଆ ଯୋଜନାରେ ଅନ୍ତର୍ଭୁକ୍ତ ରାଜ୍ୟର ୩.୫ ଲକ୍ଷ ଭୂମିହୀନ କୃଷି ଶ୍ରମିକଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଥମ ପର୍ଯ୍ୟାୟ ଆର୍ଥିକ ସହାୟତା ଶୁକ୍ରବାର ପ୍ରଦାନ କରାଯାଇଛି। ଏଥିସହିତ ରାଜ୍ୟର ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଭୂମିହୀନ ହିତାଧିକାରୀ ଏଥିରେ ସାମିଲ ହେବେ ବୋଲି କେନ୍ଦ୍ରାପଡ଼ା ବ୍ଲକ ବାରୁଅସ୍ଥିତ ସିଦ୍ଧ ମଠ ପରିସରରେ ଆୟୋଜିତ କାଳିଆ ସମାବେଶରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା ଘୋଷଣା କରିଛନ୍ତି।

ଅପରାହ୍ଣ ୪.୧୫ରେ ମୁଖ୍ୟମନ୍ତ୍ରୀ କେନ୍ଦ୍ରାପଡ଼ା ବ୍ଲକ ବାରୁଅ ପଞ୍ଚାୟତର ସିଦ୍ଧ ମଠ ପଡିଆଠାରେ କାଳିଆ ସମାବେଶରେ ଯୋଗଦେଇଥିଲେ। ଏହି ଅବସରରେ ଜିଲାର ବିଭିନ୍ନ ବ୍ଲକ ପାଇଁ ମୁଖ୍ୟମନ୍ତ୍ରୀ ୧୧୮.୬୦ କୋଟି ଟଙ୍କାର ୧୦ ପ୍ରକଳ୍ପ ଶିଳାନ୍ୟାସ ଓ ୫୪.୫୬ କୋଟି ଟଙ୍କାର ୨ ପ୍ରକଳ୍ପ ଉଦ୍‌ଘାଟନ କରିଥିଲେ। ସେ କହିଥିଲେ ଯେ, ୧୯୯୯ ମସିହା ମହାବାତ୍ୟା ଓଡ଼ିଶାର ଆର୍ଥିକ ମେରୁଦଣ୍ଡ ଭାଙ୍ଗି ଦେଇଥିଲା। ସବୁଠି ହତାଶ ଭରିଥିବା ବେଳେ ରାଜ୍ୟରେ ବିଜେଡି ସରକାର ଗଠନ ପାଇଁ ଜନମତ ମିଳିଲା। ମହାବାତ୍ୟାର ବିପର୍ଯ୍ୟୟକୁ ସୁଧାରିବାକୁ ଧୈର୍ଯ୍ୟର ସହ କାର୍ଯ୍ୟ କରିବା ପରେ କିଛି ସଫଳତା ମିଳିଥିଲା। ୨୦୦୭ ରେ କୃଷି କ୍ଷେତ୍ରରେ ଅଗ୍ରଣୀ ହୋଇ କେନ୍ଦ୍ର ସରକାରଙ୍କ ନିକଟରୁ ଶସ୍ୟ ପାଇଁ ହାତ ନ ପାତି ରାଜ୍ୟକୁ ସମୃଦ୍ଧ କରିବା ଯୋଜନା ହେଲା। ଯାହାଫଳରେ ଫସଲ ଉତ୍ପାଦନରେ ଓଡ଼ିଶା ଏକ ସ୍ୱତନ୍ତ୍ର ରାଜ୍ୟ ହୋଇପାରିଛି। ଏଥିସହିତ ଚାଷୀଙ୍କ ସହଯୋଗ ପାଇଁ ଓଡ଼ିଶା ପାଞ୍ଚ ଥର କୃଷି କର୍ମଣ ପୁରସ୍କାର ପାଇଛି। ୨୦୧୪ ମସିହା ପ୍ରତିଶ୍ରୁତି ଅନୁଯାୟୀ ଆସନ୍ତା ଏପ୍ରିଲ ସୁଦ୍ଧା ୧୦ ଲକ୍ଷ ହେକ୍ଟର କୃଷି କ୍ଷେତ୍ରକୁ ଜଳସେଚନ ବ୍ୟବସ୍ଥା ହୋଇଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ତେବେ ଚାଷ ପାଇଁ ଅର୍ଥ ଏକ ସମସ୍ୟା ହୋଇଥିବାରୁ ରାଜ୍ୟ ସରକାର ଚଳିତ ବର୍ଷ କାଳିଆ ଯୋଜନା ଆରମ୍ଭ କରିଛନ୍ତି। ଏହି ଯୋଜନାରେ ରାଜ୍ୟର ୯୨ ପ୍ରତିଶତ କୃଷକ ଉପକୃତ ହୋଇପାରିବେ। ଏହି ଅବସରରେ ସେ ପ୍ରକାଶ କରିଥିଲେ ଯେ, ରାଜ୍ୟ ସରକାରଙ୍କ ଏହି ଯୋଜନା ଭଳି ଅନୁରୂପ ଯୋଜନା (କିଷାନ ନିଧି ଯୋଜନା) କେନ୍ଦ୍ର ସରକାର ବଜେଟରେ ଉପସ୍ଥାପନ କରିଛନ୍ତି। ତେବେ ଏଥିରେ ଭୂମିହୀନ ଚାଷୀଙ୍କ ପାଇଁ କୌଣସି ବ୍ୟବସ୍ଥା ନାହିଁ। ଏଥିପାଇଁ କେନ୍ଦ୍ର ସରକାରଙ୍କୁ ଚିଠି ଲେଖିବା ସହ ଭୂମିହୀନ ଚାଷୀଙ୍କୁ ସାମିଲ କରିବା ପାଇଁ ମୁଖ୍ୟମନ୍ତ୍ରୀ ଦାବି ଜଣାଇଥିବା ପ୍ରକାଶ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଡିଜିଟାଲ ସୁଇଚ ଟିପି ଚାଷୀଙ୍କ ଏକାଉଣ୍ଟକୁ ପ୍ରଥମ ପର୍ଯ୍ୟାୟ ଟଙ୍କା ପଠା ଯାଇଥିବା ଘୋଷଣା କରିଥିଲେ। ସଭା ପ୍ରାରମ୍ଭରେ ଜମ୍ମୁ-କଶ୍ମୀରର ପୁଲୱାମାଠାରେ ଶହୀଦ ହୋଇଥିବା ସୈନିକଙ୍କ ପାଇଁ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସମାବେଶରେ ମୁଖ୍ୟମନ୍ତ୍ରୀଙ୍କ ସମେତ ୧୭ଜଣ ଚାଷୀ ମଞ୍ଚ ଉପରେ ବସିଥିଲେ। କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଜିଲାର ୧୭ ଜଣ ଚାଷୀଙ୍କୁ କାଳିଆ ଯୋଜନାରେ ସାମିଲ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ୬୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିବା ଜଣାପଡ଼ିଛି। କାର୍ଯ୍ୟକ୍ରମରେ ଯୋଗଦେଇଥିବା ବହୁ ରାଜନେତା ଓ ପ୍ରଶାସନିକ ଅଧିକାରୀ ମଞ୍ଚ ତଳେ ବସିଥିବା ଦେଖାଯାଇଥିଲା।

## ମଦନପୁର କାଜୁ ଜଙ୍ଗଲରେ ମାଙ୍କଡ଼ା ପଥର ଖନନ

# ଏନ୍‌ଜିଟିଙ୍କ ଦ୍ୱାରସ୍ଥ ହେଲେ ସ୍ଥାନୀୟ ଅଧିବାସୀ

**କଟକ ଅଫିସ, ୧୫।୨**

କେନ୍ଦୁଝର ଜିଲା ଘସିପୁରା ତହସିଲ ଅନ୍ତର୍ଗତ ମଦନପୁର ମୌଜାରେ ବେଆଇନ ମାଙ୍କଡ଼ା ପଥର ଖନନ ଚାଲିଛି। ଏଭଳି ବେଆଇନ କାରବାର ବିରୋଧରେ ସ୍ଥାନୀୟ ଅଧିବାସୀ ପ୍ରଶାସନକୁ ନିବେଦନ କରି ବିଫଳ ହେବା ପରେ ଓକିଲ ଶଙ୍କର ପ୍ରସାଦ ପାଣିଙ୍କ ଜରିଆରେ ଜାତୀୟ ସବୁଜ ପ୍ରାଧିକରଣ (ଏନ୍‌ଜିଟି)ର ଦ୍ୱାରସ୍ଥ ହୋଇଛନ୍ତି।

ଆବେଦନକାରୀ ତଥା ପୂର୍ବତନ ସରପଞ୍ଚ ସୁଧାଂଶୁ ଶେଖର କୁଅଁର ନିଜ ଆବେଦନରେ ଦର୍ଶାଇଛନ୍ତି ଯେ, ମଦନପୁର ମୌଜାରେ ଅବସ୍ଥିତ ପ୍ରାୟ ୧୦୦ ଏକର ଜମିରେ ଥିବା କାଜୁ ଜଙ୍ଗଲକୁ ୩୦ ବର୍ଷ ତଳେ ଗ୍ରାମୀଣ ଦାରିଦ୍ର୍ୟ ଦୂରୀକରଣ ଯୋଜନା (ଇଆର୍‌ଆର୍‌ପି)ରେ ସ୍ଥାନୀୟ ଲୋକଙ୍କୁ ଫଳଭୋଗ ପଟ୍ଟା ଆକାରରେ ପ୍ରଦାନ କରାଯାଇଥିଲା। କିନ୍ତୁ ୨୦୦୦ ପରଠାରୁ ଉକ୍ତ ଜମିକୁ ପଥର ମାଫିଆମାନେ ଜୋରଜବରଦସ୍ତ ନିଜ ଅକ୍ତିଆରକୁ ନେଇ ସେଠାରେ ମାଙ୍କଡ଼ା ପଥର ଖୋଳିବା ଆରମ୍ଭ କଲେ। ଏ ବାବଦରେ ସ୍ଥାନୀୟ ଗ୍ରାମବାସୀ ତହସିଲଦାର ଓ କେନ୍ଦୁଝର ଜିଲାପାଳଙ୍କୁ ବାରମ୍ବାର ଦାବିପତ୍ର ଦେବା ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିଲା। ବେଆଇନ ମାଙ୍କଡ଼ା ପଥର ଖନନ ଯୋଗୁ ସ୍ଥାନୀୟ ଅଞ୍ଚଳରେ ଶବ୍ଦ ଓ ବାୟୁ ପ୍ରଦୂଷଣ ହେଉଛି। ଛାତ୍ରୀଛାତ୍ରଙ୍କ ପାଠପଢା ଓ ଯାତାୟାତରେ ବାଧା ଉପୁଜୁଛି। ସ୍ଥାନୀୟ ପଟିଲୋ ସଂରକ୍ଷିତ ଜଙ୍ଗଲରୁ ବନ୍ୟଜନ୍ତୁ ଆସି ମାଙ୍କଡ଼ା ଖଣିରେ ପଡ଼ି ପ୍ରାଣ ହରାଉଥିବା ଉଦାହରଣ ରହିଛି। ସେହିପରି ପାହାଡ଼ରୁ ଆସୁଥିବା ପାଣି ଚାଷ କାର୍ଯ୍ୟରେ ବ୍ୟବହାର କରାଯାଇଥାଏ। ତାହା ବର୍ତ୍ତମାନ ଉକ୍ତ ଖଣିରେ ଜମା ହୋଇ ରହିବା ଫଳରେ ଜମିକୁ ପାଣି ଯାଇପାରୁ ନାହିଁ। ଦୈନିକ ଆନୁମାନିକ ୩୦୦ ଟ୍ରାକ୍ଟର ପଥର ଉତ୍ତୋଳନ ହୋଇ ଚାଲାଣ ହେଉଛି। ଏ ନେଇ ସରକାର ବହୁ ରାଜସ୍ୱ ହରାଉଛନ୍ତି। ମାଫିଆମାନେ କାଜୁ ଜଙ୍ଗଲକୁ ସଫା କରି ଏବଂ ବିଭିନ୍ନ ଗଛକୁ କାଟିଦେଉଛନ୍ତି। ଏଭଳି ଦିବାରାତ୍ର ବେଆଇନ ଖନନରେ ସ୍ଥାନୀୟ ପ୍ରଶାସନ ଓ ତହସିଲ ଅଫିସ୍‌ର ପ୍ରଚ୍ଛନ୍ନ ହାତ ରହିଛି ବୋଲି ଆବେଦନକାରୀ ପିଟିଶନରେ ଉଲ୍ଲେଖ କରିଛନ୍ତି। କେନ୍ଦୁଝର ଜିଲାପାଳ, ଘସିପୁରା ତହସିଲଦାର, ଜିଲା ବନଖଣ୍ଡ ଅଧିକାରୀ, ରାଜସ୍ୱ ବିଭାଗ ଓ ଜଙ୍ଗଲ ପରିବେଶ ବିଭାଗ ସଚିବଙ୍କୁ ମାମଲାରେ ପକ୍ଷଭୁକ୍ତ କରାଯାଇଛି।

## ୪୦ଫୁଟ ତଳକୁ ଖସିପଡିଲା ବାଇକ, ୨ ମୃତ

**ମୋହନା,୧୫।୨(ଡି.ଏନ୍.ଏ.):** ଗଜପତି ଜିଲା ମୋହନା ଥାନା ଅଞ୍ଚଳରେ ଗୁରୁବାର ବିଳମ୍ବିତ ରାତିରେ ଏକ ଦୁର୍ଘଟଣା ଘଟିଛି। ନିଜୁମା ଘାଟିରେ ଭାରସାମ୍ୟ ହରାଇ ଏକ ବାଇକ ଗଛରେ ପିଟିହୋଇ ୪୦ଫୁଟ ତଳକୁ ଖସି ପଡିଥିଲା। ଏଥିରେ ୨ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଗଞ୍ଜାମ ଜିଲା ବଡଗଡ ଥାନା ବଳରାମପୁର ପଞ୍ଚାୟତର ଏ. ବିଜନ ମଣ୍ଡଳ (୨୩) ଓ ମୋହନା ଥାନା ଗୋବିନ୍ଦପୁର ପଞ୍ଚାୟତ ହିଟାଗାନ୍ଧୀ ଗ୍ରାମର ରବି ରଇତ (୨୨)। ବିଜନ ଓ ରବି ବାଇକ (ନଂ.ଓଆର୦୭-୭୨୭୬) ଯୋଗେ ମୋହନା ନିକଟସ୍ଥ ନିଜୁମା ଘାଟି ଦେଇ ଫେରୁଥିଲେ। ଘାଟିରେ ବୁଲାଣି ରାସ୍ତାରେ ଭାରସାମ୍ୟ ହରାଇ ବାଇକଟି ଏକ ଗଛରେ ପିଟି ହୋଇ ଘାଟି ତଳକୁ ଖସି ପଡିଥିଲା। ଘଟଣା ସ୍ଥଳରେ ଉଭୟଙ୍କର ମୃତ୍ୟୁ ହୋଇଥିଲା। ରାତିରେ ପୋଲିସ ମୃତଦେହ ଜବତ କରି ମୋହନା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ସେମାନଙ୍କ ନିକଟରେ ଥିବା ମୋବାଇଲରୁ ପରିବାର ଲୋକଙ୍କୁ ଫୋନ କରିବା ପରେ ପରିଚୟ ମିଳିଥିଲା।

## ମନ୍ତ୍ରୀସ୍ତରୀୟ କମିଟିକୁ ସବୁଜପତ୍ରିକାଧାରୀଙ୍କ ସ୍ମାରକ ପତ୍ର

**ଭୁବନେଶ୍ୱର,୧୫।୨(ବ୍ୟୁରୋ):** ନିଖିଳ ଓଡ଼ିଶା ସବୁଜ ପତ୍ରିକାଧାରୀ ସଙ୍ଗଠନ ପକ୍ଷରୁ ଶୁକ୍ରବାର ରାଜ୍ୟ ସରକାରଙ୍କ ମନ୍ତ୍ରୀସ୍ତରୀୟ କମିଟିଙ୍କୁ ଭେଟି ନିଜର ୧୧ ଦଫା ଦାବି ସମ୍ବଳିତ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି। ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା, ସ୍ୱାସ୍ଥ୍ୟ ମନ୍ତ୍ରୀ ପ୍ରତାପ ଜେନା ଏବଂ ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରୀ ପ୍ରଫୁଲ୍ଲ ସାମଲଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ରାଜ୍ୟର ସବୁଜ ପତ୍ରିକାଧାରୀମାନଙ୍କୁ ୮ ଡିସିମିଲ ଘରଡିହ, ସ୍ଥାୟୀ ବାସଗୃହ, ମାସିକ ହଜାରେ ଟଙ୍କା ପେନ୍‌ସନ୍, ଭତ୍ତା ଓ ବୀମା, ସନ୍ତାନସନ୍ତତିଙ୍କ ପାଇଁ ଶିକ୍ଷା ଓ ନିଯୁକ୍ତିରେ ୧୦ ପ୍ରତିଶତ ସଂରକ୍ଷଣ ଏବଂ ସରକାରୀ କର୍ମଚାରୀଙ୍କୁ ଇନକ୍ରିମେଣ୍ଟ ଭଳି ଦାବି ସଙ୍ଗଠନ ପକ୍ଷରୁ ଉପସ୍ଥାପନ କରାଯାଇଛି। ଗତ ୧୨'ରେ ଉପରୋକ୍ତ ଦାବି ନେଇ ସଙ୍ଗଠନ ପକ୍ଷରୁ ରାଜଧାନୀର ଲୋୟର ପିଏମ୍‌ଜିରେ ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା। ଏହା ପରେ ମନ୍ତ୍ରୀସ୍ତରୀୟ କମିଟି ଜରିଆରେ ସମାଧାନର ରାସ୍ତା ବାହାର କରିବା ପାଇଁ ନିଷ୍ପତ୍ତି ନିଆଯାଇଥିବା ସଙ୍ଗଠନ ସଭାପତି ସୁର ଜେନା କହିଛନ୍ତି।




## ପ୍ରଥମ ପୃଷ୍ଠାରୁ...

### ପରିଣାମ ଭୋଗିବ...

ଏବଂ କୂଟନୈତିକ ସ୍ତରରେ ଘେରିବା ନେଇ ବୈଠକରେ ଆଲୋଚନା ହୋଇଥିଲା। ବୈଠକର ନିଷ୍ପତ୍ତି ଅନୁଯାୟୀ ପାକିସ୍ତାନକୁ ଦିଆଯାଇଥିବା ସବୁଠୁ ଅନୁଗୃହୀତ ରାଷ୍ଟ୍ର (ଏମ୍‌ଏଫ୍‌ଏନ୍) ମାନ୍ୟତାକୁ ରଦ୍ଦ କରିଦିଆଯାଇଛି। ଏଥିସହିତ ପାକିସ୍ତାନକୁ କୂଟନୈତିକ ସ୍ତରରେ ସମ୍ପୂର୍ଣ୍ଣ ଏକଘରିକିଆ କରିବା ଲାଗି ପଦକ୍ଷେପ ଆରମ୍ଭ ହୋଇଥିବା ବୈଠକ ଶେଷରେ ଅର୍ଥମନ୍ତ୍ରୀ ଅରୁଣ ଜେଟଲୀ ଗଣମାଧ୍ୟମକୁ କହିଛନ୍ତି। ଆତଙ୍କବାଦୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ପାକିସ୍ତାନକୁ ପୂର୍ଣ୍ଣ ସ୍ୱାଧୀନତା ଦିଆଯାଇଛି। କେତେବେଳେ ଏବଂ କେଉଁଠି ଆତଙ୍କବାଦ ନିରୋଧୀ ଅଭିଯାନ ହେବ ତାହା ସୈନ୍ୟବାହିନୀ ଉପରେ ଛାଡିଦିଆଯାଇଛି। ସେହିପରି ଜାତିସଂଘରେ ପାକିସ୍ତାନକୁ ଘେରିବା ଲାଗି ବୈଠକରେ ନିଷ୍ପତ୍ତି ହୋଇଛି।

ପାକିସ୍ତାନକୁ ଏକଘରିକିଆ କରିବା ପଦକ୍ଷେପ ସ୍ୱରୂପ ଜାତିସଂଘ ନିରାପତ୍ତା ପରିଷଦର ସ୍ଥାୟୀ ସଦସ୍ୟ ରାଷ୍ଟ୍ର ଆମେରିକା, ଚାଇନା, ରୁଷିଆ, ବ୍ରିଟେନ ଏବଂ ଫ୍ରାନ୍ସର ରାଷ୍ଟ୍ରଦୂତମାନଙ୍କୁ ବହିର୍ବ୍ୟାପାର ସଚିବ ବିଜୟ ଗୋଖଲେ ଶୁକ୍ରବାର ଭେଟି ଆଲୋଚନା କରିଛନ୍ତି। ପୁଲୱାମା ଆକ୍ରମଣରେ ପାକିସ୍ତାନ ସମ୍ପୃକ୍ତ ଥିବା ସମ୍ପର୍କରେ ସେ ରାଷ୍ଟ୍ରଦୂତମାନଙ୍କୁ ଜଣାଇ ଦେଇଛନ୍ତି।

ଆକ୍ରମଣ ଘଟାଇ ପାକିସ୍ତାନ ଭାରତକୁ ଦୁର୍ବଳ କରିପାରିବ ନାହିଁ। ଯେଉଁମାନେ ଏହି ଆକ୍ରମଣ ପାଇଁ ଦାୟୀ ସେମାନଙ୍କୁ ବହୁମୂଲ୍ୟ ଦେବାକୁ ପଡିବ ବୋଲି ପ୍ରଧାନମନ୍ତ୍ରୀ ମୋଦି ଚେତାବନୀ ଦେଇଛନ୍ତି। ପୁଲୱାମା ଆକ୍ରମଣ ସାରା ଦେଶର ଜନସାଧାରଣଙ୍କୁ କ୍ଷୁବ୍ଧ କରିଛି। ଦେଶର ଅର୍ଦ୍ଧସାମରିକ ବାହିନୀ ଉପରେ ଗୁରୁବାର ଆକ୍ରମଣ ସବୁଠୁ ଭୟାବହ ଥିଲା। ୪୦ ଯବାନଙ୍କ ମୃତ୍ୟୁକୁ କଦାପି ଭୁଲିବୁନି କି କ୍ଷମା ଦେବୁନି ବୋଲି ସିଆରପିଏଫ୍ କହିବା ସହ ଏହାର ପ୍ରତିଶୋଧ ନେବାକୁ ପ୍ରତିଜ୍ଞା କରିଛି। ବୀର ଶହୀଦମାନଙ୍କୁ ଅର୍ଦ୍ଧସାମରିକ ବାହିନୀ ସାଲ୍ୟୁଟ ଜଣାଇବା ସହ ସେମାନଙ୍କ ପରିବାର ପଛରେ ଛିଡା ହୋଇଥିବା କହିଛି। ଆତ୍ମଘାତୀ ଆକ୍ରମଣକୁ ଦଳମତ ନିର୍ବିଶେଷରେ ସମସ୍ତେ ନିନ୍ଦା କରିଛନ୍ତି। ସବୁ ବିରୋଧୀ ଦଳ ସୁରକ୍ଷା ବାହିନୀ ଓ ସରକାରଙ୍କ ସହ ରହିଛନ୍ତି ବୋଲି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ କହିଛନ୍ତି। ଅନ୍ୟପକ୍ଷରେ ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂ କଶ୍ମୀର ଯାଇ ସେଠାର ସ୍ଥିତି ଅନୁଧ୍ୟାନ କରିବା ସହ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ସେଠାରେ ସେ ଶହୀଦ ଯବାନଙ୍କ କଫିନକୁ ନିଜ କାନ୍ଧରେ ବୋହିଛନ୍ତି। ପାକିସ୍ତାନ ଉଚ୍ଚାୟୁକ୍ତଙ୍କୁ ଭାରତ ପକ୍ଷରୁ ସମନ ଜାରି କରାଯିବା ସହ ପୁଲୱାମା ଆକ୍ରମଣର ଦୃଢ଼ ପ୍ରତିବାଦ ଜଣାଇ ଦିଆଯାଇଛି। ଆତଙ୍କବାଦୀ ସଙ୍ଗଠନ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଇସ୍‌ଲାମାବାଦକୁ କୁହାଯାଇଛି। ଏହା ବ୍ୟତୀତ ପାକିସ୍ତାନରେ ଥିବା ଭାରତୀୟ ଉଚ୍ଚାୟୁକ୍ତ ଅଜୟ ବିସାରିଆଙ୍କୁ ଡକାଯାଇ ବର୍ତ୍ତମାନ ସ୍ଥିତିରେ କ'ଣ ପଦକ୍ଷେପ ନିଆଯାଇପାରିବ ସେନେଇ ପରାମର୍ଶ ନିଆଯାଇଛି।

ଶହୀଦ ଯବାନଙ୍କ କଫିନ ନୂଆଦିଲ୍ଲୀରେ ପହଞ୍ଚିବା ପରେ ବିଶିଷ୍ଟ ବ୍ୟକ୍ତିମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ବିଭିନ୍ନ ରାଜ୍ୟ ପକ୍ଷରୁ ଶହୀଦ ପରିବାର ଲାଗି ଭିନ୍ନ ଭିନ୍ନ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରାଯାଇଛି। ଓଡ଼ିଶାର ୨ ଶହୀଦଙ୍କ ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୦ ଲକ୍ଷ ଟଙ୍କା ଲେଖାଏ ସହାୟତା ଘୋଷଣା କରିଥିବାବେଳେ ଉତ୍ତରପ୍ରଦେଶରୁ ଶହୀଦ ହୋଇଥିବା ୧୨ ଯବାନଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ୨୫ ଲକ୍ଷ ଟଙ୍କା ସହାୟତା ଘୋଷଣା କରିଛନ୍ତି।

### ମନୋଜଙ୍କୁ ଝୁରୁଛି...

ଏଥିପାଇଁ ମୁଁ ଗର୍ବ ଅନୁଭବ କରୁଛି। ହେଲେ ଯେଉଁମାନେ ଏଭଳି କାର୍ଯ୍ୟ କରିଛନ୍ତି ସେମାନଙ୍କୁ ଉଚିତ ଜବାବ ଦିଆଯାଉ ବୋଲି କୋହଭରା କଣ୍ଠରେ ତାଙ୍କ ବାପା ଜିତେନ୍ଦ୍ର ବେହେରା କହିଛନ୍ତି। ଏଭଳି ଘଟଣା ଶୁଣିବା ପରେ ଗ୍ରାମର ଅଧିକାଂଶ ଲୋକଙ୍କ ଘରେ ଚୂଲି ଜଳି ନ ଥିବା ଜଣାପଡିଛି। ସେହିପରି ପାକିସ୍ତାନକୁ କଡା ଜବାବ ଦିଆଯାଉ ବୋଲି ଗ୍ରାମବାସୀ ଲୁହ ଛଳଛଳ ହୋଇ କହିଛନ୍ତି।

ଜିତେନ୍ଦ୍ରଙ୍କର ଏକମାତ୍ର ପୁଅ ଥିଲେ ମନୋଜ। ୨୦୦୬ରେ ମନୋଜ ପାଠପଢା ସାରି ସିଆରପିଏଫ୍‌ରେ ଯୋଗଦେଇଥିଲେ। ୨୦୧୭ ଜାନୁୟାରୀ ମାସରେ ସେ କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ସୋମନାଥପୁର ଗ୍ରାମର ଇଲିଲତାଙ୍କୁ ବିବାହ କରିଥିଲେ। ଇତିମଧ୍ୟରେ ତାଙ୍କର ଏକ ଝିଅ ଅଛି। ଗତ ଡିସେମ୍ବର ୨୪ ତାରିଖରେ ସେ ଛୁଟିରେ ଘରକୁ ଆସିଥିଲେ। ଜାନୁୟାରୀ ୧୬ ତାରିଖରେ ଏକମାତ୍ର ଝିଅର ଜନ୍ମଦିନ ପାଳନ କରି ଫେବୃୟାରୀ ୬ ତାରିଖରେ କର୍ମକ୍ଷେତ୍ରକୁ ଚାଲି ଯାଇଥିଲେ। ଗତ ୧୪ ତାରିଖ ସକାଳେ ସ୍ତ୍ରୀଙ୍କ ସହିତ ଓ ପୂର୍ବାହ୍ନ ୧ଟାରେ ମା'ଙ୍କ ସହିତ ଶେଷଥର ପାଇଁ ସେ କଥା ହୋଇଥିଲେ। ଘରେ କେହି ବ୍ୟସ୍ତ ହୁଅନି, ମୁଁ ୧/୨ ମାସ ଭିତରେ ଛୁଟି ନେଇ ଘରକୁ ଯାଇ ଅଧା ରହିଥିବା ଘର କାମ ସମ୍ପୂର୍ଣ୍ଣ କରିବି ବୋଲି ସେ ତାଙ୍କ ମାଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ତାଙ୍କର ଏହି ପ୍ରତିଶ୍ରୁତି ଅଧାରେ ରହିଗଲା। ମନୋଜ ଶହୀଦ ହେବା ଖବର ଶୁଣି ମା, ବାପା ଓ ସ୍ତ୍ରୀଙ୍କ ସହିତ ପରିବାରର ସମସ୍ତ ସଦସ୍ୟ ଦୁଃଖରେ ଭାଙ୍ଗି ପଡିବା ସହ କାନ୍ଦି କାନ୍ଦି ଅଚେତ ହୋଇଯାଉଥିବା ଦେଖିବାକୁ ମିଳିଥିଲା। ମାତ୍ର ଏହାରି ଭିତରେ ବାପାକୁ ଚିହ୍ନିବା ପୂର୍ବରୁ ଝିଅ ମନସ୍ୱିନୀ କିଛି ବୁଝି ନ ପାରି ସମସ୍ତଙ୍କ ଆଖିରୁ ଲୁହ ଝରୁଥିବା ଦେଖି ସେ ମଧ୍ୟ କାନ୍ଦି ଉଠିଥିଲା।

କଟକ ଜିଲାପାଳ ଅରବିନ୍ଦ ଅଗ୍ରୱାଲ, ଭାଜପା ନେତା ବାଇଧର ମଲ୍ଲିକ, ପ୍ରଭାତୀ ପରିଡା, ବେଣୁଧର ବେହେରା, ସୁଶାନ୍ତ ମଲ୍ଲିକ, ରାଜେନ୍ଦ୍ର ପଣ୍ଡା, ସ୍ଥାନୀୟ ବିଧାୟକ ଡା. ପ୍ରମୋଦ କୁମାର ମଲ୍ଲିକଙ୍କ ସହ ବହୁ ନେତା ଓ ଆର୍‌ଏସ୍‌ଏସ୍‌ର କର୍ମକର୍ତ୍ତାମାନେ ଶୁକ୍ରବାର ମନୋଜଙ୍କ ଘରକୁ ଯାଇ ପରିବାର ଲୋକଙ୍କୁ ସାନ୍ତ୍ୱନା ଦେଇଥିଲେ।

ଅନ୍ୟପକ୍ଷରେ ଏହି ଘଟଣା ପାଇଁ ସ୍ଥାନୀୟ ମାଘସପ୍ତମୀ ପଡିଆରେ ଚାଲିଥିବା ନିଆଳି ମହୋତ୍ସବକୁ ଅନୁଷ୍ଠାନର ସଭାପତି ତଥା ବିଧାୟକ ମଲ୍ଲିକ ବନ୍ଦ କରିବା ସହ ଉକ୍ତ ପଡିଆରେ ଶହୀଦ ମନୋଜଙ୍କ ଉଦ୍ଦେଶ୍ୟରେ ଶୋକସେବା କରି ତାଙ୍କ ଆତ୍ମାର ସଦ୍‌ଗତି କାମନା କରିଥିଲେ। ଏହାପରେ ବହୁସଂଖ୍ୟାରେ ଜନସାଧାରଣ କ୍ୟାଣ୍ଡେଲ୍ ଶୋଭାଯାତ୍ରାରେ ମାଘସପ୍ତମୀ ପଡିଆଠାରୁ ବାହାରି ନିଆଳି ବଜାର ପରିକ୍ରମା କରିଥିଲେ।

### କାନ୍ଦୁଛି ଶହୀଦ ...

ଝିଅ ରୁନି ଓ ପୁଅ ଗଗନଙ୍କୁ ନେଇ ତାଙ୍କ ପରିବାର। ପ୍ରସନ୍ନ ଅତ୍ୟନ୍ତ ମେଳାପି ସ୍ୱଭାବର ଥିଲେ ଓ ଛୁଟିରେ ଆସିଲେ ଗାଁରେ ବିଭିନ୍ନ ସାମାଜିକ କାର୍ଯ୍ୟ ଓ ମେଳା ମହୋତ୍ସବରେ ସକ୍ରିୟ ଭାବେ ସାମିଲ ହେଉଥିଲେ। ଗତ ସୋମବାର ଫୋନ ମାଧ୍ୟମରେ ଝିଅ ରୁନି ସହ କଥା ହୋଇ ଦାଦାଙ୍କ ପାଖକୁ ୨ ହଜାର ଟଙ୍କା ପଠାଇଛି, ମେସ୍ ଖର୍ଚ୍ଚ ବାବଦକୁ ନେଇଯିବାକୁ କହିଥିଲେ। ଏହି କଥା ମନେପକାଇ ତାଙ୍କ ଝିଅ ଏବେ ଝୁରି ହେଉଛନ୍ତି। ତେବେ ଦେଶ ପାଇଁ ବାପା ଜୀବନ ଦେଇଥିବାରୁ ସେ ଓ ତାଙ୍କ ପରିବାର ଗର୍ବ ଅନୁଭବ କରୁଛନ୍ତି ବୋଲି କହିଛନ୍ତି। ସୋମବାର ରାତି ୯ଟା ୪୫ରେ ପ୍ରସନ୍ନ ସ୍ତ୍ରୀ ମୀନାଙ୍କ ସହ କଥା ହୋଇ ପିଲାମାନଙ୍କ ଯତ୍ନ ନେବାକୁ କହିଥିଲେ। ଏହା ସ୍ତ୍ରୀଙ୍କ ସହିତ ତାଙ୍କର ଶେଷ କଥା ଥିଲା। ପରେ କଥା ହେବେ ବୋଲି କହି ଫୋନ୍ ରଖିଦେଇଥିଲେ। ହଠାତ ଗୁରୁବାର ସନ୍ଧ୍ୟାରେ ସିଆରପିଏଫ କାର୍ଯ୍ୟାଳୟରୁ ପ୍ରସନ୍ନ ଶହୀଦ ହୋଇଥିବା ଖବର ଆସିଥିଲା। ଏଥିରେ ତାଙ୍କ ପରିବାର ଲୋକେ ସ୍ତବ୍ଧ ହୋଇଯାଇଥିଲେ। ସାଙ୍ଗସାଥୀ ଓ ଗ୍ରାମବାସୀ ସମସ୍ତଙ୍କ ମନରେ ଶୋକର ଛାୟା ଖେଳିଯାଇଛି। ବହୁ ବିଶିଷ୍ଟ ବ୍ୟକ୍ତି, ରାଜନେତା ଓ ପ୍ରାଶାସନିକ ଅଧିକାରୀମାନେ ଏଥିରେ ଶୋକବ୍ୟକ୍ତ କରିବା ସହ ପରିବାର ଲୋକଙ୍କୁ ସମବେଦନା ଜଣାଇଛନ୍ତି।

## ସଂକ୍ଷେପରେ

### ଯୁବଶକ୍ତି ରାଷ୍ଟ୍ରର ସମ୍ବଳ

ବାହାନଗା, ୧୫।୨(ଡି.ଏନ.ଏ.): ବାହାନଗା ବ୍ଲକ ଗୋପାଳପୁରଠାରେ ଥିବା ଏକ କମ୍ପ୍ୟୁଟର ଶିକ୍ଷାକେନ୍ଦ୍ରରେ ବାର୍ଷିକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ଶଙ୍କର୍ଷଣ ଶିଅଳଙ୍କ ପୌରୋହିତ୍ୟରେ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଆଇନଜୀବୀ ଶୁଭଶ୍ରୀ ଦାସ ଯୋଗଦେଇ ପ୍ରତ୍ୟେକ ଯୁବତୀ ଓ ଯୁବକ ଶୃଙ୍ଖଳିତ ଜୀବନଯାପନ କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନନୀୟ ଅତିଥି ଭାବେ ଶିକ୍ଷାବିତ୍ ବିଶ୍ୱନାଥ ମିଶ୍ର ଯୋଗଦେଇ ଆଜିର ଯୁବଶକ୍ତି ରାଷ୍ଟ୍ରର ସମ୍ବଳ ବୋଲି ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ଗୋପାଳପୁର ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ଡ. ନରେନ୍ଦ୍ର ପ୍ରସାଦ ବୁଗୁଡେଇ ଯୋଗଦେଇଥିଲେ। ଅନୁଷ୍ଠାନର ଡାଇରେକ୍ଟର ଦେବେନ୍ଦ୍ର ବାରିକ୍ ବାର୍ଷିକ ବିବରଣୀ ପାଠ କରିଥିଲେ। ବିନୋଦ କୁମାର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅନୁଷ୍ଠାନ ତରଫରୁ କମ୍ପ୍ୟୁଟର ଶିକ୍ଷା ସହିତ ସମାଜସେବା ଓ ସ୍ୱଚ୍ଛତା ଅଭିଯାନରେ ସଫେଇ କରାଯିବା ସହିତ ଗରିବ ପିଲାମାନଙ୍କୁ ମାଗଣାରେ ଶିକ୍ଷା ପ୍ରଦାନ କରାଯାଇଥାଏ। ଏହି ଅବସରରେ ବିଶିଷ୍ଟ ବ୍ୟକ୍ତି ପଣ୍ଡୁ ମଲିକ, ଶିଶିର କୁମାର ଅଗସ୍ତି, ସର୍ବେଶ୍ୱର ଦାସ, ବସନ୍ତ କୁମାର ମହାନ୍ତି, ଲୋକନାଥ ମଲ୍ଲିକ, ଉମେଶ ଦାଶ, ହରେକୃଷ୍ଣ ପାଣିଗ୍ରାହୀ, ବିଶ୍ୱନାଥ ମିଶ୍ର, ସରୋଜ କୁମାର ଦାଶ, ଦୀପକ କୁମାର ଦାଶ, ପ୍ରଶାନ୍ତ କୁମାର ବିଶ୍ୱାଳ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗଣେଶ ଚନ୍ଦ୍ର ଦାଶ ଧନ୍ୟବାଦ ଦେଇଥିଲେ।

‘କଳାକାର’ର ଗାଁ ଥିଏଟର କାର୍ଯ୍ୟକ୍ରମ

### ନାଟ୍ୟକାର ପ୍ରତାପଙ୍କୁ ସମ୍ବର୍ଦ୍ଧନା



ରେମୁଣା, ୧୫।୨(ଡି.ଏନ.ଏ.): ବାଲେଶ୍ୱରର ନାଟକ ଓ ସଂସ୍କୃତିର ଅନୁଷ୍ଠାନ ‘କଳାକାର’ ଏବଂ ଭାରତସରକାରଙ୍କ ସଂସ୍କୃତି ବିଭାଗ ସହାୟତାରେ ରେମୁଣା ମୟୂର ଗ୍ରାମଠାରେ ଶ୍ରୀଧରସ୍ୱାମୀଙ୍କ ଜନ୍ମତିଥି ଅବସରରେ କଳାକାରର ଗାଁ ଥିଏଟର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜୟଦେବ କମିଲା ଓ ସମ୍ମାନନୀୟ ଅତିଥି ଭାବରେ ପୂର୍ବତନ ନୀଳଗିରି ବିଧାୟକ ପ୍ରଦୀପ୍ତ ପଣ୍ଡା, ରେମୁଣା ପୂର୍ବତନ ବିଧାୟକ ସୁଦର୍ଶନ ଜେନା ଓ କଳାକାରର ବରିଷ୍ଠ ସଦସ୍ୟ ଡ. କୁମାର ଗୋପାଳ ଯୋଗଦେଇଥିଲେ। ଏଥିରେ ନାଟ୍ୟ ବ୍ୟକ୍ତିତ୍ୱ ଭାବରେ ପ୍ରତାପ ଚନ୍ଦ୍ର ପଣ୍ଡାଙ୍କୁ ‘କଳାକାର’ ନାଟ୍ୟସଂସ୍ଥା ସମ୍ବର୍ଦ୍ଧିତ କରିଥିଲା। ପ୍ରାରମ୍ଭରେ ଓଡ଼ିଶୀ ନୃତ୍ୟଗୁରୁ କେଶବ ବେହେରା ଜଗନ୍ନାଥଙ୍କ ଭଜନରେ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଏକ ନାଟକ ‘ବେକାର ଝମେଲା’ ପରିବେଷଣ କରିଥିଲେ। ନାଟକ ରଚନା କରିଥିଲେ ଡ. ମେଜର ପ୍ରଦୀପ ଭୌମିକ। ତରୁଣ କୁମାର ବିଶ୍ୱାଳଙ୍କ ନିର୍ଦ୍ଦେଶନାରେ ମନୋରଞ୍ଜନ ପଣ୍ଡା, ଦେବବ୍ରତ ପଣ୍ଡା ପ୍ରମୁଖ କଳାକାରଙ୍କ ଦ୍ୱାରା ପରିବେଷିତ ନାଟକ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା।

## ଗୋପାଳପୁର ଆଞ୍ଚଳିକ ଲୋକ ମହୋତ୍ସବର ତୃତୀୟ ସନ୍ଧ୍ୟା

# ‘ଭାଇଚାରା ବଢ଼ାଏ ମହୋତ୍ସବ’

ବାହାନଗା, ୧୫।୨(ଡି.ଏନ.ଏ.)



ଗୋପାଳପୁର ଆଞ୍ଚଳିକ ଲୋକ ମହୋତ୍ସବରେ ଉପସ୍ଥିତ ଅତିଥି।

ବାହାନଗା ବ୍ଲକ ଗୋପାଳପୁରଠାରେ ବୁଧବାରଠାରୁ ଉଦ୍‌ଘାଟିତ ହୋଇଥିବା ଆଞ୍ଚଳିକ ଲୋକ ମହୋତ୍ସବ ଶୁକ୍ରବାର ତୃତୀୟ ଦିବସରେ ପହଞ୍ଚିଛି। ଏହାକୁ ମୁଖ୍ୟଅତିଥି ଭାବେ ସୋର ବିଧାୟକ ପର୍ଶୁରାମ ଧଡା ଉଦ୍‌ଘାଟନ କରିଥିଲେ। ଦ୍ୱିତୀୟ ଦିବସରେ ମୁଖ୍ୟଅତିଥି ଭାବେ ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ଗିରିଶ ଚନ୍ଦ୍ର ଦାଶ ଯୋଗଦେଇ ଆଞ୍ଚଳିକ ଲୋକ ମହୋତ୍ସବ ଗ୍ରାମାଞ୍ଚଳରେ ଏକ ଭାଇଚାରାର ଉତ୍ସବ ବୋଲି ପ୍ରକାଶ କରିଥିଲେ। ଏଥିରେ ପଣ୍ଡାଶୁଣି ପଞ୍ଚାୟତର ନେତା ସୁକାନ୍ତ ବିନ୍ଧାଣ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡଶାଳ ବରିପଦା ସରପଞ୍ଚ ନିବେଦିତା ନାୟକ, ବରିପଦା ପଞ୍ଚାୟତର ସମିତିସଭ୍ୟାଙ୍କ ସମେତ ରମାକାନ୍ତ ଦାଶ, ବିଷ୍ଣୁପୁର ସରପଞ୍ଚ ଗଣେଶ୍ୱର ତ୍ରିପାଠୀ, ଆରୁହାବାଡ ପଞ୍ଚାୟତର ସରପଞ୍ଚ ଶିଶିରି କୁମାର ଅଗସ୍ତି, ଅନୁଷ୍ଠାନର ସମ୍ପାଦକ ଅନ୍ତର୍ଯ୍ୟାମୀ ପଣ୍ଡା ଓ ସଭାପତି ଅଶ୍ୱିନୀ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ସୁମନ୍ତ କୁମାର ନାୟକ ପରିଚାଳନା କରିଥିଲେ। ଏହି ଅବସରରେ ବିଭିନ୍ନ ଅନୁଷ୍ଠାନର କଳାକାରମାନେ ନୃତ୍ୟ ପ୍ରଦର୍ଶନ କରିଥିଲେ। ପରେ ଟେଲି କଳାକାର ଲିକୁନ୍ ଓ ବର୍ଷା ଯୋଗ ଦେଇ ସଂଳାପ କହିଥିଲେ। ଦ୍ୱିତୀୟ ଦିନରେ ଚଳଚ୍ଚିତ୍ର ଅଭିନେତ୍ରୀ ସୀତଲ ଯୋଗଦେଇ ନିଜର ସଂଳାପ ଓ ନାଚ ମାଧ୍ୟମରେ ଉପସ୍ଥିତ ଦର୍ଶକମାନଙ୍କୁ ମୁଗ୍ଧ କରିଥିଲେ।

ସେହିପରି ଶୁକ୍ରବାର ମୁଖ୍ୟଅତିଥି ଭାବେ ଭଦ୍ରକ ଏମ୍‌ପି ଅର୍ଜୁନ ଚରଣ ସେଠୀ ଉପସ୍ଥିତ ରହି ମହୋତ୍ସବରେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏକାଠି ହୋଇ କାମ କରିବାକୁ ଆହ୍ୱାନ ଦେଇଥିଲେ। ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ଅନିରୁଦ୍ଧ ଦାସ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କଲ୍ୟାଣି ସରପଞ୍ଚ ମମତା ଦାଶ, ନୂଆପୁର ସରପଞ୍ଚ ମନୋରମା ମଲିକ, ଅଭଣା ପଞ୍ଚାୟତର ସରପଞ୍ଚ ଦୟାନିଧି ମହାଲିକ, ଗୋଲକ ପୁହାଣ, ଶଙ୍କର୍ଷଣ ଶିଅଳ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଥିଲେ। ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ବାନ୍ଧି ରଖିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗୁଣ ସଂସାରକୁ,**
**ରୂପ ମଶାଣିକୁ।**

ଯାହା ପାଖରେ ଗୁଣ ଥାଏ ସଂସାରରେ ସେ ସେତେ ଯଶ, ସୁନାମ ଅର୍ଜିଥାଏ। ପରନ୍ତୁ ରୂପ ସୁନ୍ଦର ହୋଇଥିଲେ ମଧ୍ୟ ଯଦି ଭିତରର ଗୁଣ ଓ ସ୍ୱଭାବ ଭଲ ହୋଇ ନ ଥାଏ ତେବେ ସେ ଆଦର ସମ୍ମାନ ପାଇ ପାରି ନ ଥାଏ। ଗୁଣ ନ ଥିଲେ ରୂପ ବ୍ୟର୍ଥ। ରୂପଠାରୁ ଗୁଣର ମହତ୍ତ୍ୱ ଅଧିକ ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଗଛ ପଲଙ୍କରେ ଶୋଇଲି,**
**ଦିନଯାକ ଅଭିମାନରେ ଗଲା**
**ରାତିକି ଉପାସ ରହିଲି।**

ନିଜ ଲୋକଙ୍କ ଉପରେ ରାଗ, ରୁଷା, ମାନ, ଅଭିମାନ ଶୋଭାପାଇ ନ ଥାଏ। ଏହାର ମାତ୍ରା ଯେତେ କମ୍ ହୁଏ ସମ୍ପର୍କର ମଧୁରତା ସେତେ ବଢ଼ିଥାଏ। ଜୀବନ ସେତେ ସୁଖକର ଲାଗିଥାଏ। ଏପରିସ୍ଥଳେ ଅଯଥା ଅଭିମାନ କରି ନିଜେ ହଇରାଣ ହେବା, ଦୁଃଖକଷ୍ଟ ଭୋଗକରିବା ସାର ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ‘ପୋଲିସ୍କାର୍ପ ପିକିଂ ଗାର୍ଲ’ ଉନ୍ମୋଚିତ



ଅତିଥିଙ୍କ ଦ୍ୱାରା ‘ପୋଲିସ୍କାର୍ପ ପିକିଂ ଗାର୍ଲ’ ଉନ୍ମୋଚିତ।

ବାଲେଶ୍ୱର ଅଫିସ, ୧୫।୨

ବାଲେଶ୍ୱରସ୍ଥିତ ଏକ ଘରୋଇ ହୋଟେଲ ସମ୍ମିଳନୀ କକ୍ଷରେ ଗୁରୁବାର କବି ପ୍ରଶାନ୍ତ ଦାସଙ୍କ ସାଧାରଣ ମଣିଷଙ୍କ ଦୁଃଖ ଯନ୍ତ୍ରଣାକୁ ନେଇ ଲିଖିତ ‘ଜରି ଗୋଟାଇବା ଝିଅ’ର ଇଂଲିଶରେ ଅନୁବାଦ ହୋଇଥିବା ପୁସ୍ତକ ‘ପୋଲିସ୍କାର୍ପ ପିକିଂ ଗାର୍ଲ’ ଉନ୍ମୋଚିତ ହୋଇଛି। ଏହାକୁ ଇଂଲିଶରେ ଅନୁବାଦ କରିଛନ୍ତି ଅଧ୍ୟାପକ ଦିଲୀପ ରଥ।

ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ମଧୁମିତା ଦାସ ପୁସ୍ତକକୁ ଉନ୍ମୋଚନ କରି ସମାଜରେ ଘଟୁଥିବା ଘଟଣାର ବାସ୍ତବତାକୁ ଏହି ପୁସ୍ତକରେ ପ୍ରତିଫଳନ କରାଯାଇଛି ଓ ଏହା ନିଶ୍ଚୟ ସମସ୍ତଙ୍କ ହୃଦୟକୁ ଛୁଇଁବ। ମୁଖ୍ୟବକ୍ତା ଭାବେ ପ୍ରଫେସର ରବି ନାରାୟଣ ଦାଶ ସର୍ବଦା ସାଧାରଣ ମଣିଷର ଜୀବନଯାତ୍ରାକୁ ନେଇ ରଚିତ ହୋଇଥିବା ପୁସ୍ତକ କାଳଜୟୀ ହୋଇଥାଏ। ‘ପୋଲିସ୍କାର୍ପ ପିକିଂ ଗାର୍ଲ’ର ପ୍ରତିଟି କବିତାରେ ସରଳ ଭାବେ ସମାଜର ଚିତ୍ରକୁ ପାଠକଙ୍କୁ ଉପହାର ଦିଆଯାଇଛି। ଡ. ମାନସ ରଞ୍ଜନ ସାମଲ ପୁସ୍ତକକୁ ସମୀକ୍ଷା କରି ସରଳ ଶବ୍ଦ ଓ ମନ ଛୁଇଁବା ଭଳି ବିଷୟବସ୍ତୁ କବିତାଗୁଡ଼ିକୁ ଜୀବନ୍ତ କରିଛି। କବିଙ୍କର ସମ୍ବେଦନଶୀଳ ହୃଦୟ ହିଁ ଏହି କବିତାଗୁଡ଼ିକୁ ଶକ୍ତିଶାଳୀ କରି ପାଠକମାନଙ୍କ ଆଗରେ ଉପସ୍ଥାପିତ କରାଯାଇଛି। ପୁସ୍ତକର ପ୍ରକାଶକ ପ୍ରୀତିକ୍ରିଷ୍ଟା ଦାସ ମଞ୍ଚ ଆହ୍ୱାନ କରିଥିଲେ। ଅନୁବାଦକ ଅଧ୍ୟାପକ ଦିଲୀପ ରଥ କହିଥିଲେ ଯେ, ଏହା ମୋ ଜୀବନର ପ୍ରଥମ ଅନୁବାଦ ପୁସ୍ତକ ଓ ଆଗାମୀ ଦିନର ଅନେକ ଲେଖକଙ୍କ ପୁସ୍ତକ ଅନୁବାଦ କରିବି। ଖବରଦାତା ଶଶିରଞ୍ଜନ ମଲ୍ଲିକ ଅତିଥି ଭାବେ ଯୋଗଦେଇଥିଲେ। ପୁସ୍ତକର ଲେଖକ କବି ପ୍ରଶାନ୍ତ ଦାସ ଉତ୍ସବ ପରିଚାଳନା କରି ଏହି ବହି ହିଁ ମୋ ଜୀବନର ଶ୍ରେଷ୍ଠ ପରିଚୟ ବୋଲି କହିଥିଲେ। ଶେଷରେ ରାଜେଶ ଗିରି ଧନ୍ୟବାଦ ଅର୍ପଣ କରିଥିଲେ।

## ବାର୍ଷିକ ଉତ୍ସବରେ ‘ସମୟର ସୁଅ’ ମଞ୍ଚସ୍ଥ

ରେମୁଣା, ୧୫।୨(ଡି.ଏନ.ଏ.)

ରେମୁଣା ବ୍ଲକ ଦୁର୍ଗାଦେବୀ ପଞ୍ଚାୟତ ରାଉତୁରାପୁର ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ପାଳିତ ହୋଇଯାଇଛି। ସାମାଜିକ କର୍ମୀ ସତ୍ୟବ୍ରତ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପୁରସ୍କାର ବିତରଣ ସଭାରେ ଅତିଥି ଏବଂ ବକ୍ତା ଭାବେ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଗୌରାଙ୍ଗ ଚନ୍ଦ୍ର ପଡ଼ିଆରୀ, ସମିତିସଭ୍ୟ ବୈକୁଣ୍ଠ ସାହୁ, ଖବରଦାତା ରବୀନ୍ଦ୍ର ମହାକୁଡ, ସୁରେଶ ଦାସ ପ୍ରମୁଖ ଯୋଗଦେଇ ପିଲାଙ୍କୁ ଭଲ ମଣିଷ କରି ଗଢ଼ିତୋଳିବା ପାଇଁ ଉଭୟ ଅଭିଭାବକ ଏବଂ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଶିକ୍ଷକ ରାଧାରଞ୍ଜନ ଦାସ ମଞ୍ଚ ଆବାହନ କରିଥିବାବେଳେ ପ୍ରଧାନ ଶିକ୍ଷକ ସୁଦର୍ଶନ ମାଝି ବିବରଣୀ ପାଠ କରିଥିଲେ। ବିଦ୍ୟାଳୟ ସଭାପତି ଜିତେନ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶିକ୍ଷକ ଜିଷ୍ଣୁ ପ୍ରସାଦ ମହାରଣା ଏବଂ ରଘୁନାଥ ସାମଲ ପରିଚାଳନା କରିଥିଲେ। ଶିକ୍ଷକ ଶ୍ରୀରାଧାରଞ୍ଜନଙ୍କ ରଚିତ ନାଟକ ‘ସମୟର ସୁଅ’ ଛାତ୍ରୀଛାତ୍ର ମଞ୍ଚସ୍ଥ କରିଥିଲେ। ଏଲିନା ସ’, ମିନତି ଜେନା, ଆଶିଷ କୁମାର ଚୌଧୁରୀ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ପରିଚାଳନାରେ ସହଯୋଗ କରିଥିଲେ।

## କଳା, ସଂସ୍କୃତି ଉଜ୍ଜୀବିତ ଲାଗି ପ୍ରୟାସ



ରୂପ୍‌ସା ମହୋତ୍ସବ ଅବସରେ ଉପସ୍ଥିତ ଅତିଥିବୃନ୍ଦ।

ରୂପ୍‌ସା, ୧୫।୨(ଡି.ଏନ.ଏ.)

ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ପୋଡ଼ାଡ଼ିହା ଷ୍ଟାର କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ରୂପ୍‌ସା ମହୋତ୍ସବର ୪ର୍ଥ ସନ୍ଧ୍ୟା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସଦର ବିଧାୟକ ଜୀବନପ୍ରଦୀପ ଦାଶ ଯୋଗଦେଇ ମହୋତ୍ସବ କଳା, ସଂସ୍କୃତିକୁ ଉଜ୍ଜୀବିତ ରଖେ ବୋଲି କହିଥିଲେ। ପୂର୍ବତନ ପ୍ରଧାନ ଶିକ୍ଷକ ଯୋଗେଶ ଚନ୍ଦ୍ର ବେହେରା ପୌରୋହିତ୍ୟ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ପୂର୍ବତନ ଜିଲା ପରିଷଦ ସଦସ୍ୟ ବରଦା ପ୍ରସନ୍ନ ପଟ୍ଟନାୟକ ଓ ସରପଞ୍ଚ ସଞ୍ଜୟ କୁମାର ସେଠୀ ମଞ୍ଚାସୀନ ଥିଲେ। ଗୁରୁବାର ଆୟୋଜିତ ତୃତୀୟ ସନ୍ଧ୍ୟାରେ ପ୍ରାକ୍ତନ ଶିକ୍ଷକ ନିରଞ୍ଜନ ପଣ୍ଡାଶର୍ମା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଭାଜପା ଜିଲା ସଭାପତି ମଦନମୋହନ ଦତ୍ତ, ମୁଖ୍ୟବକ୍ତା ମିଡିଆ ସଂଯୋଜକ ସତ୍ୟଜିତ ମିଶ୍ର, ସମ୍ମାନନୀୟ ଅତିଥି ଭାବେ ଭାଜପା ନେତ୍ରୀ ଶୋଭନା ମହାନ୍ତି ଓ ବରିଷ୍ଠ ନେତା ଶୁଭଙ୍କର ମହାପାତ୍ର ଯୋଗଦେଇ ମହୋତ୍ସବ ଆତ୍ମପରିଚୟ ସୃଷ୍ଟି କରିଥାଏ ବୋଲି କହିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ପ୍ରବଳ ଭିଡ଼ ହୋଇଥିଲା।

## ଭାଜପାର ପରିବର୍ତ୍ତନ ସମାବେଶ, ମିଶ୍ରଣ ପର୍ବ

ଖଇରା, ୧୫।୨(ଡି.ଏନ.ଏ.)

ଖଇରା ବ୍ଲକ ଅଧୀନ କୁରୁଣ୍ଟାଠାରେ ଭାଜପାର ପରିବର୍ତ୍ତନ ସମାବେଶ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଭାଜପା କର୍ମୀଙ୍କର ଏକ ପଦଯାତ୍ରା କଲିହା ଗ୍ରାମରୁ ବାହାରି କୁରୁଣ୍ଟା ଗ୍ରାମରେ ପହଞ୍ଚିଥିଲା। ପୂର୍ବତନ ସରପଞ୍ଚ ଅକ୍ଷୟ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ପୂର୍ବତନ ମନ୍ତ୍ରୀ ପଦ୍ମଲୋଚନ ପଣ୍ଡା, ଭାଜପା ନେତା ଅଜୟ କୁମାର ପଣ୍ଡା, ରାଧାବଲ୍ଲଭ ପଟ୍ଟନାୟକ, କୃଷ୍ଣଚନ୍ଦ୍ର ନାୟକ, ସମିତିସଭ୍ୟ ଭାଗବତ ମାଝି, ବିଦ୍ୟାଧର ଗିରି, ଜୟନ୍ତ ତ୍ରିପାଠୀ ଓ କମଳାକାନ୍ତ ଜେନା ପ୍ରମୁଖ ଯୋଗଦେଇ ବିଜେଡି ସରକାର ଦୁର୍ନୀତିରେ ଲିପ୍ତ ରହିଥିବାରୁ ଜନସାଧାରଣ ଏହାର ଉଚିତ ଜବାବ ଦେବେ ବୋଲି କହିଥିଲେ। ଏହି ଅବସରରେ ଅନ୍ୟ ଦଳର କର୍ମୀ ସୁଦର୍ଶନ ଜେନା, ଭାସ୍କର ଗିରି, ରମାକାନ୍ତ କର ପ୍ରମୁଖ ଭାଜପାରେ ଯୋଗଦାନ କରିଥିଲେ। ଅସୁସ୍ଥ ଥିବା ନେତା ଅକ୍ଷୟ ମହାପାତ୍ରଙ୍କର ଆରୋଗ୍ୟ କାମନା କରାଯାଇଥିଲା। ଜ୍ୟୋତି ରଞ୍ଜନ ପାଢୀ, ଅମିତାଭ ପୃଷ୍ଟି, ଦୀପକ କୁମାର ପଣ୍ଡା, କମଳ ଲୋଚନ ପ୍ରଧାନ, ପ୍ରଦୀପ କୁମାର ଦାଶ ପ୍ରମୁଖ ପରିଚାଳନା କରିଥିଲେ।



ସଭାରେ ଉପସ୍ଥିତ ଭାଜପା କର୍ମୀ

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

## ଏଫଏମ୍ ଜୁନିୟର କଲେଜରେ ଆଲୋଚନାଚକ୍ର

ବାଲେଶ୍ୱର ଅଫିସ, ୧୫।୨

ବାଲେଶ୍ୱର ଫକୀରମୋହନ କନିଷ୍ଠ ମହାବିଦ୍ୟାଳୟର ଏନ୍‌ଜି-୨ ଗୃହରେ ଏନ୍‌ଏସ୍‌ଏସ୍ ତରଫରୁ ଗୁରୁବାର ‘ସାମ୍ପ୍ରତିକ ସମୟରେ ଭାରତୀୟ ଅର୍ଥନୀତିରେ ଉତ୍ପାଦକତାର ଅଭିବୃଦ୍ଧି ଓ ଧାରଣୀୟ ବିକାଶ’ ଶୀର୍ଷକ ଆଲୋଚନା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ଡ. ମିନତି ସେଠୀ ଉଦ୍‌ଘାଟନ କରି ଭାରତୀୟ ଅର୍ଥନୀତିର ଅଭିବୃଦ୍ଧି ନିମନ୍ତେ ସାମାଜିକ ଓ ପରିବେଶଗତ ସନ୍ତୁଳନ ବିକାଶ ଅପରିହାର୍ଯ୍ୟ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟଅତିଥି ଭାବେ କୁନ୍ତଳା କୁମାରୀ ସାବତ ମହିଳା ମହାବିଦ୍ୟାଳୟ ଅର୍ଥନୀତି ବିଭାଗର ଆସୋସିଏଟ୍ ପ୍ରଫେସର ଡ. ପୂର୍ଣ୍ଣଚନ୍ଦ୍ର ପାତ୍ର ଯୋଗଦେଇ ସାମ୍ପ୍ରତିକ ସମୟରେ ଭାରତୀୟ ଅର୍ଥନୀତିର ଉଲ୍ଲେଖନୀୟ ବିକାଶ ନିମନ୍ତେ ଉତ୍ପାଦନର ଅଭିବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟବକ୍ତା ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟର ଏମ୍‌ବିଏ ବିଭାଗର ଆସୋସିଏଟ୍ ପ୍ରଫେସର ଡ. ଦେବଦତ୍ତ ଦାଶ ଯୋଗଦେଇ ସାମାଜିକ, ଅର୍ଥନୈତିକ, ପରିବେଶଭିତ୍ତିକ ଉନ୍ନତି ଦ୍ୱାରା ଭାରତୀୟ ଅର୍ଥନୀତିର ସନ୍ତୁଳିତ ବିକାଶ ହୋଇପାରିବ ବୋଲି ମନ୍ତବ୍ୟ ଦେଇଥିଲେ। ଏନ୍‌ଏସ୍‌ଏସ୍ ଅଫିସର ବିଜୟ କୁମାର ସାହୁ ଆଲୋଚନାଚକ୍ରକୁ ସଂଯୋଜନା କରିଥିଲେ। ପ୍ରଶାସନିକ ଅଧିକାରୀ ଡ. ସନ୍ତୋଷ କୁମାର ରାଉତ ଅତିଥି ପରିଚୟ ପ୍ରଦାନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ପ୍ରଦୀପ କୁମାର ରଣା ଭାରତୀୟ ଅର୍ଥନୀତିର ସାମଗ୍ରିକ ବିକାଶ ଉପରେ ନିଜସ୍ୱ ବକ୍ତବ୍ୟ ରଖିଥିଲେ। ଆଲୋଚନାଚକ୍ରରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀଛାତ୍ର ଓ କର୍ମଚାରୀ ଉପସ୍ଥିତ ଥିଲେ।




ଏନ୍‌ଏସ୍‌ଏସ୍ ତରଫରୁ ଅନୁଷ୍ଠିତ ଆଲୋଚନାଚକ୍ର।

CLASSIFIED DISPLAY

ALL EDITION-B/W (Every Day) For Booking Contact: 0674-2580385, 7894447131, 7894447148, 9437038266, 7894447166

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ। ଘରେ ବସି ପାଆନ୍ତୁ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

ଲୋନ୍ LOAN
ପର୍ସନାଲ ଲୋନ୍, ହୋମ ଲୋନ୍, ବ୍ୟବସାୟିକ, ପ୍ରୋଜେକ୍ଟ, ମଡ୍‌ଗେଜ, କୃଷି, ସ୍ୱରୋଜଗାର ଲୋନ୍। ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No.15 HB Colony, Lewis Road Bhubaneswar-751002
8987997062

ମୁଦ୍ରିକା ଫାଇନାନ୍ସ ଲୋନ
ପ୍ରତିନିଧି ଓ ଡିଲରଶିପ୍ ସୁଧ 2% ଛାଡ଼ 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7088008550
7618439473
ବାଲେଶ୍ୱର - 7055500110
- 7351444489
କଟକ - 7618439473
ଯାଜପୁର - 7088008550
- 8447055760
ସୁନ୍ଦରଗଡ଼ - 7351004140
- 7055111132
3rd Floor, D.N. Enclave, Meerut, U.P.

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଙ୍ଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ। ଆଜି ହିଁ ସମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
9996602452

FINANCE
ସୁହାନା ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ। ୨% ସୁଧ ୬୦%ଛାଡ। ଘରେ ବସି ପାଆନ୍ତୁ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

| TARIFF | MORE SPACE • SAME PRICE | | | | | | | |
|---|---|---|---|---|---|---|---|---|
| | For Single Day | | For 7 Days | | For 15 Days | | For 30Days | |
| | 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra

### ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

LOAN
ଟଙ୍କା ନେଉନ୍ତୁ - ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ୍
ମୁଦ୍ରା ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ବ୍ୟବସାୟ, ରାଶନକାର୍ଡ ପର୍ସନାଲ,ଆଧାର କାର୍ଡ
ସବୁ ପ୍ରକାର ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% - ସୁଧ 40% ରିହାତି
ଠକମାନଙ୍କ ପ୍ରତି ସାବଧାନ - ଯୋଗାଯୋଗ କରନ୍ତୁ -
7310612716, 7310616567
SCO- 106, Second Floor, Vishal Tower, Cannaught Place, Delhi.

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ ୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

ଋଣ ଧମାକା - ଋଣ ଧମାକା
ଧନଲକ୍ଷ୍ମୀ ଫାଇନାନ୍ସ
ପଞ୍ଜୀକୃତ କମ୍ପାନୀ ଦ୍ୱାରା GOVT. APPROVED
ପ୍ରପର୍ଟି, ପର୍ସନାଲ ଆଧାରକାର୍ଡ, ବ୍ୟବସାୟ ଗୃହ, ମାର୍କଶିଟ୍
ସବୁ ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
ଖର୍ଚ୍ଚ କମ୍ପାନୀର ଆପ୍ରୁଭାଲ ଲେଟର୍ ଆସିବା ପରେ
ସୁଧ 1% - ରିହାତି 40%
ମହିଳାଙ୍କ ପାଇଁ ବିଶେଷ ରିହାତି
07011421752
08826373383
House No.2, Ram Nagar, Narnol, Haryana

ଧରିତ୍ରୀ
DHARITRI
ଶନିବାର, ୧୬ ଫେବୃୟାରୀ, ୨୦୧୯



"ଜୈଶ-ଇ-ମହମ୍ମଦ ମୁଖ୍ୟ ମାସୁଦ ଆଝାର ଏବଂ ହଫିଜ ସୟିଦଙ୍କୁ ଓସାମା ବିନ୍ ଲାଡେନ ଭଳି ଦଣ୍ଡ ମିଳିବା ଉଚିତ।

-ଯୋଗଗୁରୁ ରାମଦେବ



## ସଂକ୍ଷେପରେ

### କଶ୍ମୀରରେ ୧୭୦ ଆତଙ୍କବାଦୀ

**ନୂଆଦିଲ୍ଲୀ,୧୫।୨:** ଦକ୍ଷିଣାଞ୍ଚଳ କଶ୍ମୀରରେ ବର୍ତ୍ତମାନ ୧୭୦ ଆତଙ୍କବାଦୀ ରହିଛନ୍ତି। ସେମାନଙ୍କ ମଧ୍ୟରେ ୩୦ ରୁ ୪୦ ପାକିସ୍ତାନୀ ରହିଥିବା ଜଣାପଡ଼ିଛି। ସେମାନଙ୍କ ସମ୍ପର୍କରେ ଅଧିକ ତଥ୍ୟ ହାସଲ କରିବାକୁ ଯାଇ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ୍ ଡୋଭାଲ ଗୋଇନ୍ଦା ସଂସ୍ଥା ଆଇବି ଏବଂ ର'ର ଅଧିକାରୀମାନଙ୍କୁ ଭେଟି ଆଲୋଚନା କରିଛନ୍ତି। ସେମାନଙ୍କୁ ନିପାତ କରିବା ପାଇଁ ଅପରେଶନ ଅଲ୍ଆଉଟ୍ ନିଷ୍ପତ୍ତି ନିଆଯାଇଛି।

### ଏନ୍ଏସ୍ଜି, ଏନ୍ଆଇଏ ଟିମ୍‌ର ଜମ୍ମୁ କଶ୍ମୀର ଗସ୍ତ

**ନୂଆଦିଲ୍ଲୀ,୧୫।୨:** ପୁଲ୍‌ୱାମାରେ ଘଟିଥିବା ଆତ୍ମଘାତୀ ବିସ୍ଫୋରଣ ଘଟଣାର ତଦନ୍ତରେ ସହଯୋଗ କରିବାକୁ ଆତଙ୍କବାଦୀ ନିରୋଧୀ କମାଣ୍ଡୋ ଫୋର୍ସ ଜାତୀୟ ସୁରକ୍ଷା ଗାର୍ଡ (ଏନ୍ଏସ୍ଜି) ଏବଂ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍ଆଇଏ)ର ଟିମ୍ ଜମ୍ମୁ କଶ୍ମୀର ଗସ୍ତ କରିଛି। ଏଥିରେ ଫୋରେନ୍‌ସିକ୍ ଏକ୍ସପର୍ଟ ରହିଛନ୍ତି। ଜମ୍ମୁ କଶ୍ମୀର ପୋଲିସଙ୍କ ସହ ସେମାନେ ଘଟଣାସ୍ଥଳକୁ ଯାଇ ତଦନ୍ତ କରିବେ। ଏନ୍ଏସ୍ଜି ବ୍ଲାକ୍ କ୍ୟାଟ୍ କମାଣ୍ଡୋର ଏକ ବିସ୍ଫୋରକ ଦଳ ମଧ୍ୟ ତଦନ୍ତ ବେଳେ ଉପସ୍ଥିତ ରହିବେ।

### 'ଦେଶସେବା ପାଇଁ ଅନ୍ୟ ପୁଅକୁ ବି ପଠାଇବି'

ପାଟନା,୧୫।୨: ପୁଲ୍‌ୱାମାରେ ଆତଙ୍କବାଦୀଙ୍କ ଆକ୍ରମଣରେ ୪୦ରୁ ଊର୍ଦ୍ଧ୍ୱ ଯବାନ ଶହୀଦ୍ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି ବିହାର ଭାଗଲପୁରର ରତନ ଠାକୁର। ସେ ଶହୀଦ୍ ହେବା ଖବର ଗାଁରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ରତନଙ୍କ ପିତା ପୁଅ ଶହୀଦ୍ ହୋଇଥିବା ଖବର ପାଇ ଆଖିର ଲୁହ ଗାମୁଛାରେ ପୋଛି କହିଛନ୍ତି, ''ମାଟି ମା' ପାଇଁ ମୋ ପୁଅ ଶହୀଦ୍ ହୋଇଛି। ମୋର ଅନ୍ୟ ପୁଅକୁ ମଧ୍ୟ ଦେଶ ସେବା ଲାଗି ପଠାଇବାକୁ ପ୍ରସ୍ତୁତ ଅଛି।'' ଆତଙ୍କବାଦୀଙ୍କୁ କଡ଼ା ଜବାବ ଦେବାଲାଗି ସେ ସରକାରଙ୍କୁ ଏହି ଅନୁରୋଧ କରିଛନ୍ତି।

### ଭୂପେନଙ୍କ ପୁଅ ଗ୍ରହଣ କରିବେ ଭାରତ ରତ୍ନ



**ନୂଆଦିଲ୍ଲୀ,୧୫।୨(ଆଇଏଏନ୍ଏସ୍):** ଅହମିୟା ଗାୟକ ତଥା ସଂଗୀତକାର ଭୂପେନ ହଜାରିକାଙ୍କ ତରଫରୁ ତାଙ୍କ ପୁତ୍ର ତେଜ୍ ହଜାରିକା ଭାରତ ରତ୍ନ ଗ୍ରହଣ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଭଳି ଏକ ସମ୍ମାନଜନକ ପୁରସ୍କାର ଗ୍ରହଣ କରିବା ତାଙ୍କ ପାଇଁ ସ୍ୱପ୍ନ ବାସ୍ତବରେ ପରିଣତ ହେବାଭଳି ଲାଗିବ ବୋଲି ତେଜ୍ ସରକାରଙ୍କୁ ଯୋଗାଯୋଗ କରିବା ଅବସରରେ ସୂଚନା ଦେଇଛନ୍ତି। ଏହି ପ୍ରସଙ୍ଗ ଉପରେ ଫେବୃୟାରୀ ୧୧ରେ ସେ ଯେଉଁ ବିବୃତି ଦେଇଥିଲେ ତାହା ଭୁଲ୍ ଭାବେ ବ୍ୟାଖ୍ୟା କରାଯାଇଥିବାରୁ ସେ ଦୁଃଖ ପ୍ରକାଶ କରିଥିଲେ।

## ■ ଆଝାରଙ୍କୁ ବିଶ୍ୱ ଆତଙ୍କବାଦୀ ତାଲିକାଭୁକ୍ତ ପ୍ରସଙ୍ଗ

# ଭାରତର ପ୍ରସ୍ତାବକୁ ଚାଇନାର ନା

ବେଜିଂ/ଇସ୍‌ଲାମାବାଦ/ୱାଶିଂଟନ, ୧୫।୨(ପି.ଟି.)



ନୂଆଦିଲ୍ଲୀର ପାଲାମ୍ ବିମାନ ବନ୍ଦରରେ ଶହୀଦ ଯବାନଙ୍କୁ ପ୍ରଧାନମନ୍ତ୍ରୀ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି।

- ■ଆମକୁ ଦୋଷ ଦିଅନି: ପାକିସ୍ତାନ
- ■ଆକ୍ରମଣ ପଛରେ ଆଇଏସ୍ଆଇର ହାତ: ଆମେରିକା ବିଶେଷଜ୍ଞ
- ■ଆତଙ୍କବାଦୀଙ୍କୁ ସହାୟତା ବନ୍ଦକରୁ ଇସ୍‌ଲାମାବାଦ



ମାସୁଦ ଆଝାର

ଜମ୍ମୁ-କଶ୍ମୀରର ପୁଲୱାମାରେ ଆତଙ୍କବାଦୀଙ୍କ ବର୍ବରୋଚିତ ଆକ୍ରମଣ ଘଟଣାକୁ ସାରା ବିଶ୍ୱ ନିନ୍ଦା କରିଛି। ଜୈଶ-ଇ-ମହମ୍ମଦ(ଜେଇଏମ୍) ଆତଙ୍କବାଦୀ ସଂଗଠନର ଆତ୍ମଘାତୀ ବିସ୍ଫୋରଣରେ ୪୦ ସିଆରପିଏଫ୍ ଯବାନ ଶହୀଦ ଘଟଣାରେ ଚାଇନା ମର୍ମାହତ ବୋଲି କହିଛି। ତେବେ ଏହି ପାକିସ୍ତାନୀ ଆତଙ୍କବାଦୀ ସଙ୍ଗଠନର ମୁଖ୍ୟ ମୌଲାନା ମାସୁଦ ଆଝାରଙ୍କୁ ଜାତିସଂଘର ବିଶ୍ୱ ଆତଙ୍କବାଦୀ ତାଲିକାଭୁକ୍ତ କରିବା ଲାଗି ଭାରତର ଆବେଦନ ଉପରେ ବେଜିଂ ସମ୍ମତି ପ୍ରକାଶ କରିନାହିଁ। ଆକ୍ରମଣରେ ଶହୀଦମାନଙ୍କ ଲାଗି ଚାଇନା ଗଭୀର ଶୋକବ୍ୟକ୍ତ କରିବା ସହ ଆହତ ଓ ମୃତକଙ୍କ ପରିବାର ଲାଗି ସମବେଦନା ଜଣାଇଥିବା ଏହାର ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଗେଙ୍ଗ ଶୁଆଙ୍ଗ କହିଛନ୍ତି। ଆତଙ୍କବାଦ ଦୂର କରିବା ଏବଂ ଆଞ୍ଚଳିକ ଶାନ୍ତି ଓ ସ୍ଥିରତା ବଜାୟ ଲାଗି ସ୍ଥାନୀୟ ଦେଶଗୁଡିକ ସହଯୋଗ କରିବାକୁ ଚାଇନା ଆଶାବ୍ୟକ୍ତ କରିଛି। ଜାତିସଂଘ ନିରାପତ୍ତା ପରିଷଦ କଟକଣା ତାଲିକାରେ ଜେଇଏମ୍ ରହିଛି। ତେବେ ଏହାର ନେତାଙ୍କ ଉପରେ କଟକଣା ପ୍ରସ୍ତାବ ସମ୍ପର୍କରେ କୌଣସି ସ୍ପଷ୍ଟ ଉତ୍ତର ନ ଦେଇ ଚାଇନା ଉକ୍ତ ପ୍ରସଙ୍ଗକୁ ଗଠନମୂଳକ ଏବଂ ଦାୟିତ୍ୱପୂର୍ଣ୍ଣ ଭାବରେ ପରିଚାଳନା କରିବ ବୋଲି ଗେଙ୍ଗ୍ କହିଥିଲେ। ଆଝାରଙ୍କୁ ବିଶ୍ୱ ଆତଙ୍କବାଦୀ ତାଲିକାରେ ସାମିଲ କରାଗଲେ ତାଙ୍କର ଅନ୍ୟ ଦେଶକୁ ଗସ୍ତ ନିଷିଦ୍ଧ ହେବା ସହ ସମ୍ପତ୍ତି ବାଜ୍ୟାପ୍ତ ହେବ। ଭାରତର ବାରମ୍ବାର ଦାବି ସତ୍ତ୍ୱେ ପାକିସ୍ତାନର ବନ୍ଧୁ ରାଷ୍ଟ୍ର ଚାଇନା ଉକ୍ତ ପ୍ରସ୍ତାବକୁ ବିରୋଧ କରିଆସୁଛି।

ପୁଲୱାମା ଜିଲାରେ ଆତଙ୍କବାଦୀଙ୍କ ଆକ୍ରମଣକୁ ପାକିସ୍ତାନ ନିନ୍ଦା କରିଛି। ତେବେ ଭାରତ ବିନା ତଦନ୍ତରେ ଇସ୍‌ଲାମାବାଦକୁ ଏହି ଆକ୍ରମଣ ସହ ଯୋଡୁଥିବାରୁ ପାକିସ୍ତାନ ଏହାକୁ ପ୍ରତ୍ୟାଖ୍ୟାନ କରିଛି। ଆକ୍ରମଣ ପାଇଁ ଆମକୁ ଦୋଷ ଦିଅନି ବୋଲି ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି। ଜେଇଏମ୍‌ର ଏହି ଆକ୍ରମଣ ପାଇଁ ଭାରତ ପକ୍ଷରୁ ପାକିସ୍ତାନକୁ ଦାୟୀ କରାଯାଇଥିଲା। ନିଜ ମାଟିରେ ଆତଙ୍କବାଦୀଙ୍କୁ ସହାୟତା ବନ୍ଦ କରିବା ସହ ଆତଙ୍କବାଦର ଭିତ୍ତିଭୂମିକୁ ଧ୍ୱଂସ କରିବା ଲାଗି ଇସ୍‌ଲାମାବାଦକୁ ଭାରତ ଆହ୍ୱାନ ଦେଇଥିଲା।

ପୁଲୱାମା ଆକ୍ରମଣ ପରେ ଆମେରିକା ପାକିସ୍ତାନକୁ କଡ଼ା ଚେତାବନୀ ଦେଇଛି। ସମସ୍ତ ଆତଙ୍କବାଦୀ ସଙ୍ଗଠନକୁ ଇସ୍‌ଲାମାବାଦ ତୁରନ୍ତ ସହାୟତା ଓ ଆଶ୍ରୟ ଦେବା ବନ୍ଦ କରୁ ବୋଲି ହ୍ୱାଇଟ ହାଉସ୍ ପକ୍ଷରୁ କୁହାଯାଇଛି। ଆତଙ୍କବାଦୀଙ୍କ ବର୍ବରୋଚିତ ଆକ୍ରମଣରେ ୪୦ ଯବାନ ଶହୀଦ ହେବା ଘଟଣାକୁ ଆମେରିକା ଦୃଢ଼ ନିନ୍ଦା କରିଛି। ଆକ୍ରମଣ ପାଇଁ ଜେଇଏମ୍ ନିଜକୁ ଦାୟୀ କରିଥିବାବେଳେ ଏହା ପଛରେ ପାକିସ୍ତାନୀ ଗୋଇନ୍ଦା ସଂସ୍ଥା ଆଇଏସ୍ଆଇର ଭୂମିକା ଥିବା ଆମେରିକାର ବିଶେଷଜ୍ଞମାନେ ସନ୍ଦେହ ବ୍ୟକ୍ତ କରିଛନ୍ତି। ଦକ୍ଷିଣ ଏସିଆ ପାଇଁ ଥିବା ଆମେରିକା ବିଶେଷଜ୍ଞ ବ୍ରୁସ୍ ରିଡେଲ କହିଛନ୍ତି, ଜେଇଏମ୍ ନିଜକୁ ଦାୟୀ କରିବା ଏହାର ମାଷ୍ଟର ମାଇଣ୍ଡଙ୍କୁ ଆଇଏସ୍ଆଇ ସହାୟତା କରିଥିବା ନେଇ ଗୁରୁତର ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପାକିସ୍ତାନରୁ ଏହି ଆକ୍ରମଣ ଯୋଜନା ହୋଇଥିବାରୁ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍‌ଙ୍କ ପାଇଁ ଏହା ପ୍ରଥମ ବଡ଼ ଚ୍ୟାଲେଞ୍ଜ ବୋଲି ରିଡେଲ୍ ମତ ଦେଇଛନ୍ତି। କଶ୍ମୀରରେ ପାକିସ୍ତାନୀ ଆତଙ୍କବାଦୀ ସଂଗଠନ କେତେ ସକ୍ରିୟ ରହିଛି ତାହା ଏହି ଆକ୍ରମଣରୁ ସ୍ପଷ୍ଟ ହୋଇଥିବା ପୂର୍ବତନ ଜାତୀୟ ସୁରକ୍ଷା ପରିଷଦ ଅଧିକାରୀ ଅନିଶ୍ ଗୋଏଲ କହିଛନ୍ତି। ଆତଙ୍କବାଦ ସଂଗଠନଗୁଡିକ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପରେ ଅଧିକ ଚାପ ପଡିପାରେ ବୋଲି ସେ ପୂର୍ବାନୁମାନ କରିଛନ୍ତି।

ଆତଙ୍କବାଦୀ ଆକ୍ରମଣକୁ ଆମେରିକା, ରୁଷିଆ, ଅଷ୍ଟ୍ରେଲିଆ, ଫ୍ରାନ୍ସ, ସୌଦି ଆରବ, ଶ୍ରୀଲଙ୍କା ଓ ବାଂଲାଦେଶ ସମେତ ସାରା ବିଶ୍ୱ ନିନ୍ଦା କରିଛି। ଆକ୍ରମଣକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଲାଗି ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ କହିଛନ୍ତି। ଆକ୍ରମଣକୁ ଅଷ୍ଟ୍ରେଲିଆ ନିନ୍ଦା କରିଛି। ଆମର ଭାବନା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ରହିଛି ବୋଲି ଅଷ୍ଟ୍ରେଲିଆ ପ୍ରତିପକ୍ଷ ସ୍କଟ୍ ମୋରିସନ୍ ଟୁଇଟ୍ କରିଛନ୍ତି। ଆତଙ୍କବାଦ ନିରୋଧୀ ଲଢ଼େଇରେ ସୌଦି ଆରବ ଭାରତ ସହ ରହିଥିବା କହିଛି।

## ଅନ୍ତର୍ଜାତୀୟ ଆତଙ୍କବାଦ ସଂକ୍ରାନ୍ତରେ ତୁରନ୍ତ ସମ୍ମିଳନୀ ଡାକିବ ଭାରତ

ନୂଆଦିଲ୍ଲୀ,୧୫।୨(ପି.ଟି)

ଅନ୍ତର୍ଜାତୀୟ ଆତଙ୍କବାଦ ବିଲୋପ ପାଇଁ ୧୯୮୬ଠାରୁ ଏକ ଚିଠାପ୍ରସ୍ତାବ ଏ ଯାଏ ଜାତିସଂଘରେ ଗୃହୀତ ହୋଇପାରି ନାହିଁ। ଏ ସଂକ୍ରାନ୍ତରେ ତୁରନ୍ତ ଏକ ଅନ୍ତର୍ଜାତୀୟ ସମ୍ମିଳନୀ ଡାକିବା ପାଇଁ ଭାରତ ଅନ୍ତର୍ଜାତୀୟ ସମୁଦାୟ ଉପରେ ଚାପ ପକାଇବ ବୋଲି ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ଶୁକ୍ରବାର ସୂଚନା ଦେଇଛନ୍ତି। ନିରାପତ୍ତା ସଂକ୍ରାନ୍ତ କ୍ୟାବିନେଟ୍ ବୈଠକ ପରେ ଖବରଦାତାଙ୍କୁ ଜେଟ୍‌ଲୀ କହିଲେ, ୧୯୮୬ରେ ଭାରତ ଅନ୍ତର୍ଜାତୀୟ ଆତଙ୍କବାଦ ସଂକ୍ରାନ୍ତରେ ଏକ ଚିଠା ପ୍ରସ୍ତାବ ଜାତିସଂଘରେ ଦାଖଲ କରିଥିଲା। ଯା ମଧ୍ୟରେ ଦୀର୍ଘ ୩୩ବର୍ଷ ଅତିକ୍ରାନ୍ତ କରିଗଲାଣି। କିନ୍ତୁ ଆତଙ୍କବାଦ ସଂଜ୍ଞା ନିରୂପଣ କ୍ଷେତ୍ରରେ ବିଭିନ୍ନ ଦେଶ ମଧ୍ୟରେ ଦେଖାଦେଇଥିବା ଅସହମତି କାରଣରୁ ଏହା ଗୃହୀତ ହୋଇପାରି ନାହିଁ। ଏଥିପାଇଁ ଭାରତ ଏହାକୁ କାର୍ଯ୍ୟକାରୀ କରିବା ନିମନ୍ତେ ସବୁ ଦେଶ ସହିତ ପରାମର୍ଶ କରିବ ଏବଂ ଏହାକୁ ଯେପରି ତୁରନ୍ତ ଲାଗୁ କରାଯାଏ ସେଥିପ୍ରତି ଯତ୍ନବାନ ହେବ। ସବୁ ପ୍ରକାର ଅନ୍ତର୍ଜାତୀୟ ଆତଙ୍କବାଦକୁ ଅପରାଧଭୁକ୍ତ କରିବା ଏବଂ ଆତଙ୍କବାଦୀଙ୍କୁ କୌଣସି ଦେଶ ନିଜ ମାଟିରେ ପ୍ରଶ୍ରୟ ନ ଦେବା ଓ ଅର୍ଥ ନ ଯୋଗାଇବାକୁ ଏଥିରେ ପ୍ରସ୍ତାବ ରହିଛି।

## ପାକିସ୍ତାନକୁ ଏମ୍ଏଫ୍ଏନ୍ ମାନ୍ୟତା ରଦ୍ଦ



ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ସିସିଏସ୍ ବୈଠକ ନିଷ୍ପତ୍ତି ସମ୍ପର୍କରେ ଗଣମାଧ୍ୟମକୁ ଜଣାଉଛନ୍ତି।

ନୂଆଦିଲ୍ଲୀ,୧୫।୨(ପି.ଟି)

ପୁଲ୍‌ୱାମା ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଶୁକ୍ରବାର ପାକିସ୍ତାନଠୁ ଏମ୍ଏଫ୍ଏନ୍ (ସର୍ବାଧିକ ଅନୁଗୃହୀତ ରାଷ୍ଟ୍ର)ମାନ୍ୟତା ପ୍ରତ୍ୟାହାର କରିନେଇଛି। ଏହାଦ୍ୱାରା ପଡୋଶୀ ରାଷ୍ଟ୍ର ପାକିସ୍ତାନ ଭାରତକୁ ବାର୍ଷିକ ୪୮୮.୫ ନିୟୁତ ଡଲାର ମୂଲ୍ୟର ଯେଉଁ ସାମଗ୍ରୀ ରପ୍ତାନି କରୁଥିଲା ତାହା ପ୍ରଭାବିତ ହେବ। ଏହି ମାନ୍ୟତା ପ୍ରତ୍ୟାହାର ହୋଇଯିବାର ଫଳ ସ୍ୱରୂପ ପାକିସ୍ତାନରୁ ଆମଦାନୀ ହେଉଥିବା ବିଭିନ୍ନ ସାମଗ୍ରୀ ଉପରେ ଭାରତ ସୀମାଶୁଳ୍କ ବୃଦ୍ଧି କରିପାରିବ। ପାକିସ୍ତାନରୁ ଭାରତକୁ ଆମଦାନୀ ହେଉଥିବା ସାମଗ୍ରୀ ମଧ୍ୟରେ ତଟକା ଫଳ, ସିମେଣ୍ଟ, ପେଟ୍ରୋଲିୟମ ଜାତ ସାମଗ୍ରୀ, ଖଣିଜଦ୍ରବ୍ୟ ଓ ଧାତୁପିଣ୍ଡ ଏବଂ ଚମଡାଜାତ ସାମଗ୍ରୀ ଅନ୍ୟତମ। ନିରାପତ୍ତା ସଂକ୍ରାନ୍ତ କ୍ୟାବିନେଟ୍ କମିଟି ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ପାକିସ୍ତାନଠୁ ସର୍ବାଧିକ ଅନୁଗୃହୀତ ରାଷ୍ଟ୍ର ମାନ୍ୟତା ପ୍ରତ୍ୟାହାର ହୋଇଥିବା ଜଣାଇ ଦେଇଥିଲେ। ୧୯୯୬ରେ ଭାରତ ପାକିସ୍ତାନକୁ ଏହି ମାନ୍ୟତା ପ୍ରଦାନ କରିଥିଲେ ହେଁ ପାକିସ୍ତାନର ଭାରତ ବିରୋଧୀ ଆଭିମୁଖ୍ୟରେ କୌଣସି ସୁଧାର ନ ଆସିବାରୁ ଶେଷରେ ଭାରତ ଏହି ନିଷ୍ପତ୍ତି ନେଇଛି।

## ବିରୋଧୀ ଦଳ ସରକାରଙ୍କ ପଛରେ ରହିଛି: ରାହୁଲ

**ନୂଆଦିଲ୍ଲୀ,୧୫।୨(ପି.ଟି.):** ଆତଙ୍କବାଦୀମାନେ ଭାରତର ଆତ୍ମା ଉପରେ ଆକ୍ରମଣ କରିଛନ୍ତି। ଏଭଳି ପରିସ୍ଥିତିରେ ତାଙ୍କ ଦଳ ସମେତ ସମସ୍ତ ବିରୋଧୀ ଦଳ ସେନାବାହିନୀ ଏବଂ ସରକାରଙ୍କ ପଛରେ ଛିଡ଼ାହୋଇଛି ବୋଲି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ କହିଛନ୍ତି। ସ୍ନେହ ଓ ପ୍ରେମରେ ଭାରତ ନିର୍ମାଣ ହୋଇଛି। ଘୃଣା କିମ୍ବା କ୍ରୋଧ ଏହାର କୌଣସି କ୍ଷତି କରିପାରିବ ନାହିଁ ବୋଲି ରାହୁଲ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ଏହି ସମ୍ମିଳନୀରେ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ, ବରିଷ୍ଠ କଂଗ୍ରେସ ନେତା ଗୁଲାମ ନବୀ ଆଜାଦ ଏବଂ ଏ.କେ. ଆଣ୍ଟୋନି ଉପସ୍ଥିତ ଥିଲେ। ଯବାନମାନଙ୍କ ପ୍ରତି ଏଭଳି



ହିଂସା ଅତ୍ୟନ୍ତ ଦୁଃଖଦାୟକ ଏବଂ ଘୃଣ୍ୟ କାର୍ଯ୍ୟ। ଦେଶ ଏହାକୁ କଦାପି ଭୁଲିବ ନାହିଁ ବୋଲି କଂଗ୍ରେସ ଅଧ୍ୟକ୍ଷ କହିଛନ୍ତି। ପୁଲୱାମା ଆକ୍ରମଣକୁ ନିନ୍ଦା କରି ମନମୋହନ କହିଛନ୍ତି ଆତଙ୍କବାଦ ଶକ୍ତି ସହ ଭାରତ କଦାପି ସାଲିସ୍ କରିବ ନାହିଁ।

## ଆତଙ୍କବାଦୀଙ୍କୁ ଦମନ ପାଇଁ ସେନାକୁ ପୂର୍ଣ୍ଣ ସ୍ୱାଧୀନତା

ଶ୍ରୀନଗର : ପୁଲ୍‌ୱାମା ଆତଙ୍କବାଦୀ ଆକ୍ରମଣ ଘଟଣା ପରେ ଜମ୍ମୁ କଶ୍ମୀରରେ ଆତଙ୍କବାଦୀଙ୍କୁ ନିପାତ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସେନାଙ୍କୁ ପୂର୍ଣ୍ଣ ସ୍ୱାଧୀନତା ଦେଇଛନ୍ତି। ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇ ସମୟ, ସ୍ଥାନ ନିର୍ଣ୍ଣୟ କରିବାକୁ ସେନାଙ୍କୁ କହିଛନ୍ତି। ସୀମା ପାର୍ ଗୁଳିବର୍ଷଣର ତତ୍‌କ୍ଷଣାତ୍ ଜବାବ ଦେବାକୁ ସ୍ପଷ୍ଟ କରିଛନ୍ତି। ଆର୍ଥିକ ଦୁର୍ଗତି ଦେଇ ଗତି କରୁଥିବା ପାକିସ୍ତାନ ଆତଙ୍କବାଦୀଙ୍କ ସହାୟତାରେ ଜମ୍ମୁ କଶ୍ମୀରରେ ହିଂସା, ଅରାଜକତା ସୃଷ୍ଟି କରିବାକୁ ଚାହୁଁଛି। ତେବେ ଭାରତୀୟ ସେନା ଓ ସୁରକ୍ଷା ଯବାନଙ୍କ ଆତଙ୍କବାଦୀ ନିରୋଧୀ ଅପରେଶନକୁ ସଫଳତା ମିଳିଛି। ପାକିସ୍ତାନ ସେନା ଓ ସେଠାରେ ପାଳିତ ଆତଙ୍କବାଦୀ ମୁଖିଆଙ୍କ ମନୋବଳକୁ ଏହା ଶକ୍ତ ଆଘାତ ଦେଇଛି। ଏଥିରେ ନିରାଶ ହୋଇ ପାକିସ୍ତାନ ପକ୍ଷରୁ ପୁଲୱାମାରେ ସିଆର୍‌ପିଏଫ୍ ଯବାନଙ୍କ ଉପରେ ଆତ୍ମଘାତୀ ବିସ୍ଫୋରଣ କରାଯାଇଛି ବୋଲି ମୋଦି କହିଛନ୍ତି।

## ବିଶ୍ୱସ୍ତରରେ ନିନ୍ଦା

ନୂଆଦିଲ୍ଲୀ,୧୫।୨

ଜମ୍ମୁ କଶ୍ମୀର ପୁଲ୍‌ୱାମାରେ ସୁରକ୍ଷା ଯବାନଙ୍କ ଗାଡ଼ି ଉପରକୁ ହୋଇଥିବା ଆତ୍ମଘାତୀ ଆକ୍ରମଣକୁ ବିଶ୍ୱସ୍ତରରେ ନିନ୍ଦା କରାଯାଇଛି। ପାକିସ୍ତାନରେ ଏକାଧିକ ଆତଙ୍କବାଦୀ ଶିବିର ରହିଛି। ସେମାନଙ୍କୁ ସେଠାକାର ସେନା ସୁରକ୍ଷା ଯୋଗାଇ ଦେଉଥିବାବେଳେ ଆତଙ୍କବାଦୀ ସଙ୍ଗଠନର ମୁଖିଆମାନଙ୍କୁ ପାକିସ୍ତାନ ସମର୍ଥନ ଦେଇଆସୁଛି ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଛନ୍ତି। ଆତଙ୍କବାଦୀ ସଙ୍ଗଠନଗୁଡ଼ିକ ପ୍ରତି କୋହଳ ନ ହୋଇ କଠୋର ହେବାକୁ ଟ୍ରମ୍ପ୍ ପାକିସ୍ତାନ ସରକାରଙ୍କୁ ପୁଣି ଥରେ ଚେତାଇ ଦେଇଛନ୍ତି। ଅନ୍ୟପଟେ, ଏହି ଆକ୍ରମଣ ଭାରତ ଓ ଆମେରିକାର ଆତଙ୍କବାଦୀ ନିରୋଧୀ ମିଳିତ ଅଭିଯାନକୁ ଅଧିକ ସଶକ୍ତ କରିବ ବୋଲି ସେ ସ୍ପଷ୍ଟ କରିଛନ୍ତି। ଆଫଗାନିସ୍ତାନ ରାଷ୍ଟ୍ରପତି ଆଶ୍ରଫ ଘାନୀ, ସୌଦି ଆରବ, ଇଣ୍ଡୋନେସିଆ, ଅଷ୍ଟ୍ରେଲିଆ, କାନାଡ଼ା ପକ୍ଷରୁ ପାକିସ୍ତାନ ମାଟିରୁ ହେଉଥିବା ଆତଙ୍କବାଦୀ କାର୍ଯ୍ୟକଳାପକୁ ବିରୋଧ କରାଯାଇଛି।

### ଇତିହାସର ଆଇନାରେ

### ଫେବୃୟାରୀ ୧୬ର ପ୍ରମୁଖ ଘଟଣା

୨୦୦୦ ଫେବୃୟାରୀ ୧୬ରେ କାଲିଫର୍ନିଆର ସାକ୍ରାମେଣ୍ଟୋ ମାଥର ଏୟାରପୋର୍ଟରୁ ଉଡାଣ କରିବାର ମାତ୍ର କିଛି ସମୟ ମଧ୍ୟରେ ଏମ୍ରି ୱାର୍ଲଡୱାଇଡ୍ ଫ୍ଲାଇଟ୍ ୧୭ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିଯୋଗୁ ସମସ୍ତ ୩ କ୍ରିଉ ସଦସ୍ୟ ପ୍ରାଣ ହରାଇଥିଲେ। ସାକ୍ରାମେଣ୍ଟୋ ବ୍ୟବସାୟିକ ଜିଲାର ପୂର୍ବକୁ ୧୯କିଲୋମିଟର ଦୂରରେ ମାଥର ଏୟାରପୋର୍ଟ ଅବସ୍ଥିତ।

୨୦୧୩ ଫେବୃୟାରୀ ୧୬ରେ ପାକିସ୍ତାନର କ୍ୱେଟାସ୍ଥିତ ହାଜ୍‌ରା ଟାଉନରେ ବୋମା ବିସ୍ଫୋରଣ ଯୋଗୁ ଅନ୍ୟୁନ ୮୦ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ୧୯୦ ଆହତ ହୋଇଥିଲେ। ହାଜ୍‌ରା ସହର ହେଉଛି ଏକ ମଧ୍ୟମ ଆୟକାରୀ ଅଞ୍ଚଳ। କ୍ୱେଟାର ପଶ୍ଚିମ ଭାଗରେ ଏହା ଅବସ୍ଥିତ। ଏହାର ଲୋକସଂଖ୍ୟା ୬,୫୦,୦୦୦। ତନ୍ମଧ୍ୟରେ ଦୁଇ ତୃତୀୟାଂଶ ହାଜରା ଗୋଷ୍ଠୀର ହୋଇଥିବା ବେଳେ ଅବଶିଷ୍ଟ ହେଉଛନ୍ତି ପାସ୍ତୁନ ଏବଂ ବାଲୋଚ ସମ୍ପ୍ରଦାୟର।



ଶୁକ୍ରବାର ଅପରାହ୍ଣ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସକାଳେ କୁହୁଡି ହେବା ସହିତ ଆକାଶ ମେଘୁଆ ରହିବ। ଶନିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୧ ଡିଗ୍ରୀ ଏବଂ ସର୍ବନିମ୍ନ ୧୯ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶୁକ୍ରବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୩.୦ | ୧୫.୧ |
| ଚାନ୍ଦବାଲି | ୩୨.୯ | ୧୬.୪ |
| କଟକ | ୩୩.୮ | ୧୬.୮ |
| ପାରାଦ୍ୱୀପ | ୨୯.୫ | ୧୭.୦ |
| ଭୁବନେଶ୍ୱର | ୩୪.୦ | ୧୯.୦ |
| ଗୋପାଳପୁର | ୨୯.୫ | ୧୮.୦ |
| ପୁରୀ | ୨୮.୪ | ୧୮.୪ |
| ଅନୁଗୋଳ | ୩୪.୧ | ୧୨.୬ |
| ବାରିପଦା | ୩୧.୬ | ୧୪.୪ |
| ଝାରସୁଗୁଡ଼ା | ୩୩.୦ | ୧୬.୦ |
| କେନ୍ଦୁଝର | ୩୨.୧ | ୧୪.୮ |
| ସମ୍ବଲପୁର | ୩୪.୨ | ୧୬.୦ |
| ସୁନ୍ଦରଗଡ଼ | ୨୯.୦ | ୧୩.୦ |
| ହୀରାକୁଦ | ୩୧.୯ | ୧୬.୩ |
| ତାଲଚେର | ୩୪.୧ | ୧୭.୫ |
| ଭବାନୀପାଟଣା | ୩୩.୫ | ୧୭.୦ |
| ବଲାଙ୍ଗୀର | ୩୪.୩ | ୧୪.୫ |
| କୋରାପୁଟ | ୩୨.୬ | ୧୪.୪ |
| ଫୁଲବାଣୀ | --- | ୧୧.୫ |
| ଟିଟିଲାଗଡ଼ | --- | ୧୪.୫ |
| ମାଲକାନଗିରି | ୩୬.୦ | ୧୪.୫ |
| ସୋନପୁର | ୩୫.୨ | ୧୪.୪ |
| ଦାରିଙ୍ଗିବାଡ଼ି | ୨୮.୦ | ୧୪.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

### ଫୁରସତ

## ବଲିଉଡ୍‌ରେ ୫୦ବର୍ଷ




**ମୁମ୍ବାଇ:** ସୁପରଷ୍ଟାର ଅମିତାଭ୍ ବଚ୍ଚନ ଶୁକ୍ରବାର ହିନ୍ଦୀ ଫିଲ୍ମ ଇଣ୍ଡଷ୍ଟ୍ରିରେ ୫୦ବର୍ଷ ପୂରଣ କରିଛନ୍ତି। ପୁତ୍ର ତଥା ବଲିଉଡ୍ ଅଭିନେତା ଅଭିଷେକ ବଚ୍ଚନ ମେଗାଷ୍ଟାରଙ୍କ 'ଜ୍ଞାନ ଓ ଦକ୍ଷତା'କୁ ପ୍ରଶଂସା କରିଛନ୍ତି। ବଲିଉଡରେ ପିତାଙ୍କ ୫୦ବର୍ଷର ଗୌରବମୟ ସମ୍ପୃକ୍ତି ପାଇଁ ଅଭିଷେକ ଇନ୍‌ଷ୍ଟାଗ୍ରାମରେ ଏକ ହୃଦୟଛୁଆଁ ଲେଖା ପୋଷ୍ଟ କରିଛନ୍ତି। ୪୩ ବର୍ଷୀୟ ଏହି ଯୁବ ଅଭିନେତା ସ୍ୱେଟଶାର୍ଟ ପରିଧାନ କରି ଅମିତାଭ୍‌ଙ୍କ ଫଟୋଗ୍ରାଫ୍ ସହିତ ଏକ ଫଟୋଗ୍ରାଫ୍ ଶେୟାର କରି ତା' ତଳେ ଲେଖିଛନ୍ତି ଆପଣଙ୍କ ପ୍ରତିଭା, ବିଚକ୍ଷଣତା ଏବଂ ଅପରିସୀମ ପ୍ରଭାବ ଆମକୁ ଆଗକୁ ବଢ଼ିବା ପାଇଁ ପ୍ରୋତ୍ସାହିତ କରିବ। ବର୍ତ୍ତମାନ ଅମିତାଭଙ୍କୁ ୭୬ବର୍ଷ। ୧୯୬୯ ଫେବୃୟାରୀ ୧୫ରେ ସେ ଫିଲ୍ମ 'ସାତ୍ ହିନ୍ଦୁସ୍ତାନୀ'ରେ ପ୍ରଥମକରି ଅଭିନୟ କରିବା ପାଇଁ ସ୍ୱାକ୍ଷର କରିଥିଲେ। ଏହାର ନିର୍ଦ୍ଦେଶନା ଦେଇଥିଲେ ଖ୍ୱାଜା ଅହମ୍ମଦ୍ ଅବ୍ବାସ୍। ଏହାପରେ 'ଦିବାର', 'ମର୍ଦ', 'ଶୋଲେ', 'ଡନ୍', 'କୁଲି', 'ସିଲ୍‌ସିଲା', 'ଅଗ୍ନିପଥ' ଏବଂ 'ପିକୁ' ଭଳି ଫିଲ୍ମରେ ଅଭିନୟ କରି ସେ ବେଶ୍ ଚର୍ଚ୍ଚିତ ହୋଇଥିଲେ।

ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ୍-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.

## ସଂକ୍ଷେପରେ

### ସରିଲା ମା' ବାଗ୍‌ଦେବୀଙ୍କ ପୂଜା ଉତ୍ସବ



**ବସ୍ତା, ୧୫।୨(ସ୍ୱ.ପ୍ର.):** ବସ୍ତା ବ୍ଲକ ଇଡଦା ପଞ୍ଚାୟତର ଗମ୍ଭାଲୁଣ୍ଡି ଗ୍ରାମରେ ୩ ଦିନ ଧରି ଚାଲିଥିବା ମା' ବାଗ୍‌ଦେବୀଙ୍କ ପୂଜା ଉଦ୍‌ଯାପିତ ହୋଇଯାଇଛି। ଗ୍ରାମର ସୋସିଆଲ୍ ସର୍ଭିସ୍ ସୋସାଇଟି ତରଫରୁ ଯୁବକମାନଙ୍କ ଉଦ୍ୟମରେ ଏହି ପୂଜା ୧୨ ବର୍ଷ ହେଲା ହୋଇଆସୁଛି। ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରଥମ ସନ୍ଧ୍ୟାରେ ଭଜନ ସମାରୋହ ଆୟୋଜିତ ହୋଇଥିଲା। ଦ୍ୱିତୀୟ ସନ୍ଧ୍ୟାରେ ଗ୍ରାମର କୁନି କୁନି ପିଲାମାନଙ୍କୁ ନେଇ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଶେଷ ଦିବସରେ ପୁରୀରୁ ଆସିଥିବା ପ୍ରବଚକ ବୀରେନ୍ଦ୍ର ପଣ୍ଡାଙ୍କ ପ୍ରବଚନ ଆଧାତ୍ମିକ ପରିବେଶ ସୃଷ୍ଟି କରିଥିଲା। ଶେଷରେ ଗ୍ରାମର ୭ଜଣ ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଜୟ କୁମାର ବେହେରା ଏହାକୁ ପରିଚାଳନା କରିଥିବା ବେଳେ କମିଟିର ଅନ୍ୟ ସଦସ୍ୟମାନେ ସକ୍ରିୟ ସହଯୋଗ କରିଥିଲେ।

### ବସ୍ ସାଇନବୋର୍ଡରେ ତ୍ରୁଟି

**ବାଲିଆପାଳ, ୧୫।୨(ଡି.ଏନ.ଏ.):** ଗତ କିଛି ଦିନ ହେବ ଡଗରା ବେଳାଭୂମିରୁ ପୁରୀ ବେଳାଭୂମି ପର୍ଯ୍ୟନ୍ତ ଏକ ସରକାରୀ ବସ୍ ଯାତାୟାତ କରୁଛି। ମାତ୍ର ବସ୍‌ର ସାଇନବୋର୍ଡରେ ସ୍ଥାନର ନାମଲେଖାରେ ତ୍ରୁଟି ଥିବାରୁ ଏବେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଓଡିଆ ଭାଷା ପ୍ରତି ଏହା ଅପମାନସୂଚକ ବୋଲି କେତେକ ବୁଦ୍ଧିଜୀବି ମତ ଦେଇଛନ୍ତି। ବୋର୍ଡରେ ଡଗରା ବିଚ୍‌ଠାରୁ ପୁରୀ ବିଚ୍ ଓ ପୁରୀରୁ ଡଗରା ବିଚ୍‌କୁ ଯାହା ଲେଖାଯାଇଛି, ତାହା ତ୍ରୁଟିପୂର୍ଣ୍ଣ ହୋଇଛି। ଡଗରା ପରିବର୍ତ୍ତେ ସାଇନବୋର୍ଡରେ ଡୋଗ୍ରା ଲେଖାଯାଇଛି। ସେହିପରି ୬୦ନଂ. ଜାତୀୟ ରାଜପଥରେ ବସ୍ତା (ଗାନ୍ଧୀଛକ)ଠାରେ ବୋର୍ଡରେ ବାଲିଆପାଳ ପରିବର୍ତ୍ତେ ବାଲିୟାପାଳ ଲେଖାଯାଇଛି। ତେବେ ଓଡିଆ ଭାଷାକୁ କ'ଣ ପାଇଁ ବିକୃତ କରି ଲେଖାଯାଉଛି ତାହା ଜନସାଧାରଣଙ୍କୁ ବ୍ୟଥିତ କରିଛି। ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

### ଠାକୁର ଅନୁକୂଳଚନ୍ଦ୍ରଙ୍କ ଜନ୍ମ ମହୋତ୍ସବ

**ଖଇରା, ୧୫।୨(ଡି.ଏନ.ଏ.):** ଖଇରା ସତ୍‌ସଙ୍ଗ କେନ୍ଦ୍ର ପରିସରରେ ରବିବାର ଠାକୁର ଅନୁକୂଳ ଚନ୍ଦ୍ରଙ୍କର ୧୩୧ତମ ଜନ୍ମ ମହୋତ୍ସବ ଓ ସତ୍‌ସଙ୍ଗ କେନ୍ଦ୍ରର ୨୩ତମ ପ୍ରତିଷ୍ଠା ଦିବସ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟୁଷରେ ବେଦ ମାଙ୍ଗଳିକ, ନହବତ୍, ଉଷାକୀର୍ତ୍ତନ, ପ୍ରାତଃବିନତୀ, ନାମଜପ, ଗ୍ରନ୍ଥପାଠ ପରେ ଭକ୍ତଶିଷ୍ୟ ଓ ମାତୃମଣ୍ଡଳୀ ପକ୍ଷରୁ ନଗରକୀର୍ତ୍ତନ ଆୟୋଜନ କରାଯାଇଥିଲା। ଏହି ଅବସରରେ ଆୟୋଜିତ ସଦାଲୋଚନାରେ ରତ୍ନାକର ମହାନ୍ତି ସଭାପତିତ୍ୱ କରିଥିଲେ। ପରମପ୍ରେମମୟ ଶ୍ରୀ ଶ୍ରୀ ଠାକୁରଙ୍କ ଦିବ୍ୟଜୀବନ ଲୀଳା ଉପରେ ବକ୍ତାମାନେ ନିଜର ମତ ଉପସ୍ଥାପନ କରିଥିଲେ। ଏଥିରେ କଟକରୁ ଆସିଥିବା ସହପ୍ରତିଋତ୍ୱିକ ପ୍ରମୋଦ କୁମାର ଦାସ ମୁଖ୍ୟବକ୍ତା ଓ ବାଲେଶ୍ୱରରୁ ଆସିଥିବା ସହପ୍ରତିଋତ୍ୱିକ ସମିରଣ ଦେ ମୁଖ୍ୟଅତିଥି ଭବେ ଯୋଗଦେଇ ଆଦର୍ଶ ପରିବାର ଗଠନ, ବ୍ୟକ୍ତି ଓ ସମାଜ ଉପରେ ଏହାର ସକାରାତ୍ମକ ପ୍ରଭାବ ଉପରେ ଆଲୋକପାତ କରିଥିଲେ। ପରେ ଜୟନ୍ତୀ ସାହାଣୀଙ୍କ ପୌରୋହିତ୍ୟରେ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ରବିନାରାୟଣ ମିଶ୍ର, ଚିନ୍ତାମଣି ସାହାଣି, ବିଷ୍ଣୁମୋହନ ଉପାଧ୍ୟାୟ, ସଞ୍ଜୟ କୁମାର ଭଞ୍ଜରାୟ, ପ୍ରଭାସ ଚନ୍ଦ୍ର ଦକ୍ଷିଣରାୟ, ସୁଦାମ ଚରଣ ରାଉତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଆଜି ଭାଜପାର ସଂକଳ୍ପ ପତ୍ର ସମାବେଶ

**ବସ୍ତା, ୧୫।୨(ସ୍ୱ.ପ୍ର.):** ବସ୍ତା ଭାଜପା ପକ୍ଷରୁ ଶନିବାର ଶମ୍ଭୁନାଥ ହାଇସ୍କୁଲ ସନ୍ନିକଟ ଈଶ୍ୱରବର୍ତ୍ତୀ ମନ୍ଦିର ପ୍ରାଙ୍ଗଣରେ ସଂକଳ୍ପ ପତ୍ର ସମାବେଶ ଆୟୋଜିତ ହେବ ବୋଲି ବସ୍ତା ନିର୍ବାଚନମଣ୍ଡଳୀ ନେତା ତଥା ରାଷ୍ଟ୍ରୀୟ ପରିଷଦ ସଦସ୍ୟ ଶ୍ୟାମାପ୍ରସାଦ ବେହେରା ସୂଚନା ଦେଇଛନ୍ତି। ଏଥିରେ ସ୍ଥାନୀୟ ଅଞ୍ଚଳର ବହୁବିଧ ସମସ୍ୟାର ସମାଧାନ ପାଇଁ ଲିଖିତ ବା ମୌଖିକ ପରାମର୍ଶ ଯେକୌଣସି ବ୍ୟକ୍ତି ଯୋଗ ଦେଇ ଜଣାଇପାରିବେ ବୋଲି ବେହେରା ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲା ସଂକଳ୍ପ ପ୍ରମୁଖ ଶୁଭଙ୍କର ମହାପାତ୍ର ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।

# ରେଞ୍ଜ ଟେକ୍ନୋଲୋଜିର ଆନ୍ତର୍ଜାତିକ ସମ୍ମିଳନୀ ଆରମ୍ଭ

**ବାଲେଶ୍ୱର ଅଫିସ, ୧୫।୨**



ସମ୍ମିଳନୀରେ ଯୋଗ ଦେଇଥିବା ପ୍ରତିନିଧିଦଳ।




ସମ୍ମିଳନୀରେ ଉପସ୍ଥିତ ଅତିଥି।

- ବିକଶିତ ପ୍ରତିଭାଙ୍କୁ ଜନ୍ମ ଦେଇଛି ଭାରତ
- ଯୋଗଦେଲେ ଦେଶ ବିଦେଶର ୩୦୦ ପ୍ରତିନିଧି

ଭାରତ ଏକ ଉନ୍ନତ ରାଷ୍ଟ୍ର। ଏହି ଦେଶ ବିକଶିତ ପ୍ରତିଭାମାନଙ୍କୁ ଜନ୍ମ ଦେଇଛି ବୋଲି 'ରେଞ୍ଜ ଟେକ୍ନୋଲୋଜିର ଆନ୍ତର୍ଜାତିକ ସମ୍ମିଳନୀରେ ଯୋଗଦେଇ ଇସ୍ରୋର ପୂର୍ବତନ ଚେୟାରମ୍ୟାନ ବୈଜ୍ଞାନିକ ଡ. କିରନ କୁମାର କହିଛନ୍ତି। ଶୁକ୍ରବାର ଅପରାହ୍ନରେ ବାଲେଶ୍ୱର ଚାନ୍ଦିପୁରସ୍ଥିତ ଆଇଟିଆର୍ ସମ୍ମିଳନୀ କକ୍ଷରେ ଉଦ୍‌ଘାଟିତ ଆନ୍ତର୍ଜାତିକ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବୈଜ୍ଞାନିକ ଡ. କୁମାର ଏହି ସମ୍ମିଳନୀର ଉଦ୍ଦେଶ୍ୟ ସମ୍ପର୍କରେ ବର୍ଣ୍ଣନା କରିବା ସହିତ ଅତ୍ୟାଧୁନିକ ଗବେଷଣା ଉପରେ ଗୁରୁତ୍ୱାରୋପ କରିଥିଲେ ।

ଏହି ସମ୍ମିଳନୀରେ ଭାରତ ସମେତ ୧୭ଟି ଦେଶର ୩୦୦ ପ୍ରତିନିଧି ଯୋଗଦେଇଛନ୍ତି । ମିଶାଇଲ ଓ ସ୍ପେଶକୁ ନେଇ ଆୟୋଜିତ ସମ୍ମିଳନୀରେ ଡିଆରଡିଓର ଚେୟାରମ୍ୟାନ୍ ଡ.ଅବିନାଶ ଚନ୍ଦ୍ରା ଏବଂ ଏମ୍. ଏସ୍. ଆର୍. ପ୍ରସାଦ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ଚାନ୍ଦିପୁର ଆଇଟିଆର୍ ନିର୍ଦ୍ଦେଶକ ଡ. ବିନୟ କୁମାର ଦାସ ପ୍ରାରମ୍ଭିକ ସୂଚନା ଦେଇ ସମ୍ମିଳନୀର ଉଦ୍ଦେଶ୍ୟ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଚାନ୍ଦିପୁର ଆଇଟିଆର୍ ପରିସରରେ ୨୦୦୬ ମସିହାରେ ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଦୀର୍ଘ ୧୩ବର୍ଷ ପରେ ଏହି ଅନ୍ତର୍ଜାତୀୟ ସମ୍ମିଳନୀ ଆୟୋଜନ କରାଯାଇଥିବାରୁ ଏହା ସମସ୍ତ ପୂର୍ବତନ ନିର୍ଦ୍ଦେଶକମାନଙ୍କ ଆଶୀର୍ବାଦ ବୋଲି ସେ କହିଥିଲେ। ଏହି ଅବସରରେ ସେ ଡ. ଅବଦୁଲ କଲାମଙ୍କ ସ୍ମୃତିଚାରଣ କରିଥିଲେ। ସମ୍ମିଳନୀର କନଭେନର ବୈଜ୍ଞାନିକ (ଜି) ବି. ସୁଚରିତା ମଞ୍ଚାସୀନ ଥିଲେ।

ବିଶ୍ୱର ପ୍ରମୁଖ ଦେଶର ପ୍ରତିନିଧିମାନଙ୍କର ପୂର୍ବରୁ ବଛା ଯାଇଥିବା ୮୦ଟି ସନ୍ଦର୍ଭ ସମ୍ପର୍କରେ ଏହି ସମ୍ମିଳନୀରେ ଆଲୋଚନା ହେବ। ଆମେରିକା, ଇଂଲଣ୍ଡ, ଡେନମାର୍କ, ଫ୍ରାନସ, ସିଙ୍ଗାପୁର, ଇଟାଲି, ଜର୍ମାନୀ, ଇସ୍ରାଏଲ, କାନାଡା, ସାଉଥ କୋରିଆ, ସାଉଥ ଅଫ୍ରିକା, ନିୟୁଜଲାଣ୍ଡ ଓ କତାର ଭଳି ଦେଶରୁ ୩୫ରୁ ଅଧିକ ପ୍ରତିନିଧି ଏହି ଆଲୋଚନାରେ ଅଂଶ ଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି । ଭାରତର ଆର୍ମି, ଏୟାରଫୋର୍ସ, ନାଭିର ସମସ୍ତ ବରିଷ୍ଠ ବୈଜ୍ଞାନିକ ୩ ଦିନିଆ ସମ୍ମିଳନୀରେ ଅଂଶଗ୍ରହଣ କରୁଛନ୍ତି। ବିଶ୍ୱର ପ୍ରମୁଖ ଦେଶରେ ଏହି ବିଷୟ ଉପରେ ସନ୍ଦର୍ଭ ଆଲୋଚନା ହେବ। ଏହାସହିତ ବିଶ୍ୱବାସୀଙ୍କୁ ଆମ ରାଜ୍ୟ ତଥା ଜିଲାର କଳା ଓ ସଂସ୍କୃତି ଉପରେ ଅବଗତ କରାଇବାକୁ ସମ୍ମିଳନୀରେ ସ୍ଥିର କରାଯାଇଛି। ବୈଜ୍ଞାନିକ (ଏଫ୍) ଚିତ୍ତରଞ୍ଜନ ଓଝା, ବୈଜ୍ଞାନିକ (ଏଫ୍) ନିଳାଦ୍ରୀ ରାୟ, ବୈଜ୍ଞାନିକ (ଏଫ୍) ନିଲମ କୁମାର ପାଲ ସମ୍ମିଳନୀରେ ସହଯୋଗ କରିଥିଲେ।

## ଛାତ୍ର ଶକ୍ତି ହିଁ ରାଷ୍ଟ୍ର ବିକାଶର କର୍ଣ୍ଣଧାର

**ରୂପ୍‌ସା, ୧୫।୨(ଡି.ଏନ.ଏ.)**



କୁଳପତି ମଧୁମିତା ଦାସଙ୍କୁ ଅଧ୍ୟକ୍ଷ ସମ୍ବର୍ଦ୍ଧିତ କରୁଛନ୍ତି।

ଛାତ୍ରୀଛାତ୍ର ଦେଶପ୍ରେମ, ଜାତିପ୍ରୀତିରେ ଉଦ୍‌ବୁଦ୍ଧ ହେବା ଉଚିତ୍। ନୈତିକ ମୂଲ୍ୟବୋଧ ଓ ଦୃଷ୍ଟିଭଙ୍ଗୀର ପରିବର୍ତ୍ତନ ଆବଶ୍ୟକ। ସାମଗ୍ରିକ ଭାବେ ଛାତ୍ରଶକ୍ତି ହିଁ ରାଷ୍ଟ୍ର ବିକାଶର କର୍ଣ୍ଣଧାର ବୋଲି ବାଲେଶ୍ୱର ସଦର ବ୍ଲକ ରୂପ୍‌ସା ନୀଳମଣି ମହାବିଦ୍ୟାଳୟର ବାର୍ଷିକ ଉତ୍ସବରେ ଶୁକ୍ରବାର ଯୋଗଦେଇ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଅଧ୍ୟକ୍ଷ ରାମଚନ୍ଦ୍ର ସାହୁ ଏହି ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ମଧୁମିତା ଦାସ ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ରେଜିଷ୍ଟ୍ରାର୍ ଡ.ରମେଶ ଚନ୍ଦ୍ର ମିଶ୍ର, ସମ୍ମାନନୀୟ ଅତିଥି ଜାତୀୟ ଯୁବ ପ୍ରକଳ୍ପର ଓଡ଼ିଶା ଆବାହକ ମଧୁସୂଦନ ଦାସ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ର ଲକ୍ଷ୍ୟ ସ୍ଥିର କଲେ ସଫଳତା ସୁନିଶ୍ଚିତ ବୋଲି ବକ୍ତବ୍ୟରେ କହିଥିଲେ। ପ୍ରାଧ୍ୟାପକ ଡ.ପ୍ରସନ୍ନ କୁମାର ମନ୍ତ୍ରୀ ଅତିଥି ପରିଚୟ ଓ ଅଧ୍ୟାପିକା ନୀଳିମା ପାତ୍ର ବିବରଣୀ ପାଠ କରିଥିଲେ। ରସାୟନ ବିଜ୍ଞାନ ପ୍ରାଧ୍ୟାପକ ବସନ୍ତ କୁମାର ଭୋଇ ଓ ମାଳୀ ମଳୟ କୁମାର ମହନ୍ତଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଡ.ତପନ କୁମାର ବେହେରା ଓ ଅଧ୍ୟାପିକା ପିନାକ୍ଷୀ ପଣ୍ଡାଙ୍କ ତତ୍ତ୍ୱାବଧାନରେ କୃତୀ ପ୍ରତିଯୋଗିଙ୍କୁ ମାନପତ୍ର, ପୁରସ୍କାର ବିତରଣ କରାଯାଇଥିଲା। ଶେଷରେ ଅଧ୍ୟାପକ ଗୌରାଙ୍ଗ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଡ.ତପନ କୁମାର ଦାସ, ଆରୁଣୀ ମିଶ୍ର, ବାସନ୍ତୀ ସାହୁ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## ସ୍ୱତନ୍ତ୍ର ପ୍ରଚାର କର୍ମଶାଳା

**ବାଲେଶ୍ୱର ଅଫିସ, ୧୫।୨**

ବାଲେଶ୍ୱରର ସାମାଜିକ ସଙ୍ଗଠନ 'ମୁନ କମ୍ୟୁନିକେଶନ' ଏବଂ ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ କ୍ଷେତ୍ର ଜନସମ୍ପର୍କ ବାଲେଶ୍ୱର ଶାଖା ତରଫରୁ ସ୍ୱତନ୍ତ୍ର ପ୍ରଚାର କର୍ମଶାଳା ସଦର ବ୍ଲକ ରଣସାହି ପଞ୍ଚାୟତ ତପସ୍ୱୀଠାରେ ଅନୁଷ୍ଠିତ ହୋଇଯାଇଛି। କମ୍ୟୁନିକେଶନର ସମ୍ପାଦକ ଅବନୀ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅତିଥି ଭାବେ କ୍ଷେତ୍ର ଜନସମ୍ପର୍କ ଅଧିକାରୀ ଖଗେଶ ବାଇପାଇ ଯୋଗଦେଇ କେନ୍ଦ୍ରସରକାରଙ୍କ ଗ୍ରାମାଭିମୁଖୀ ଯୋଜନା ସମ୍ପର୍କରେ ମହିଳାମାନଙ୍କୁ ବୁଝାଇଥିଲେ। ଓରମାସ୍‌ର ଦକ୍ଷତା ବିଭାଗର ପ୍ରତିନିଧି ରାମଚନ୍ଦ୍ର ଗିରି ଯୋଗଦେଇ ସରକାରଙ୍କ ବିଭିନ୍ନ ତାଲିମ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ।

## ପେନସନ ବୃଦ୍ଧି ଦାବି ଜୋର ଧରିଲା
## ୧୮ରେ ସମାବେଶ

**ବାଲିଆପାଳ, ୧୫।୨(ଡି.ଏନ.ଏ.)**

ନିଖିଳ ଓଡିଶା ଇପିଏଫ ପେନସନ ଭୋଗୀ ସଂଘ ତରଫରୁ ପ୍ରତ୍ୟେକ ପେନସନ ଭୋଗୀଙ୍କ ପାଇଁ ମାସକୁ ସର୍ବନିମ୍ନ ୭ହଜାର ୫ଶହ ଟଙ୍କା ଦେବାକୁ ଦାବି ହୋଇଛି । ଏନେଇ ଗୁରୁବାର ବାଲେଶ୍ୱର ଜିଲା ବାଲିଆପାଳ ଶ୍ରୀ ଗୋପୀନାଥ ସୂତାକଳ ପରିସରରେ ଏକ ବୈଠକ ହୋଇଥିଲା । ଏଥିରେ ସମସ୍ତ କର୍ମଚାରୀ ଯୋଗ ଦେଇଥିଲେ । ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଜଣେ ପେନସନଭୋଗୀଙ୍କୁ ସର୍ବନିମ୍ନ ମାସକୁ ୭ହଜାର ୫ଶହ ଟଙ୍କା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଆୟୁଷ୍ମାନ ଭାରତ ଯୋଜନାକୁ ରାଜ୍ୟରେ କାର୍ଯ୍ୟକାରୀ କରିବାକୁ ସଂଘ ମଧ୍ୟ ଦାବି କରିଛି । ଏନେଇ ସଂଘ ଦାବି ପୂରଣ ପାଇଁ ସଚିବାଳୟକୁ ଘେରାଉ କରିବ ବୋଲି କହିଛି । ପେନସନଭୋଗୀ ସନ୍ନ୍ୟାସୀ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଧାକୃଷ୍ଣ ସାହୁ, ମନ୍ମଥ କୁହ୍ଲାରୀ, ବିପିନ ପରିଡା, ଅମୂଲ୍ୟ ନନ୍ଦୀ, ସାବିତ୍ରୀ ବିଶ୍ୱାଳ, ସରସ୍ୱତୀ ପଣ୍ଡା, ଅଜୟ ବେହେରା, ମନ୍ମଥ ସାମଲ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଆସନ୍ତା ୧୮ ତାରିଖରେ ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, କେନ୍ଦୁଝରର ଆଦି ଜିଲାର ପେନସନଭୋଗୀ କର୍ମଚାରୀ ସମାବେଶରେ ଯୋଗ ଦେବେ । ଏଥିରେ ସଂଘର ରାଜ୍ୟ ସଭାପତି ରଞ୍ଜନ କୁମାର ଖୁଣ୍ଟିଆ ଓ ସାଧାରଣ ସମ୍ପାଦକ ଭାଗ୍ୟଧର ବ୍ରହ୍ମା ଯୋଗ ଦେବେ ।

## ଭୋଗରାଇରେ କ୍ୟାଣ୍ଡେଲ ଶୋଭାଯାତ୍ରା




କଂଗ୍ରେସ କମିଟି ପକ୍ଷରୁ ବାହାରିଥିବା କ୍ୟାଣ୍ଡେଲ ଶୋଭାଯାତ୍ରା।

**ଭୋଗରାଇ, ୧୫।୨(ଡି.ଏନ.ଏ.)**

ଜମ୍ମୁ-କାଶ୍ମୀର ପୁଲୱାମାରେ ଆତଙ୍କବାଦୀ ଆକ୍ରମଣକୁ ଭୋଗରାଇର ସମସ୍ତ ଗଣସଙ୍ଗଠନ, ବୁଦ୍ଧିଜୀବୀମାନେ ତୀବ୍ର ନିନ୍ଦା କରି ଶହୀଦଙ୍କ ପରିବାର ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ଭୋଗରାଇ କଂଗ୍ରେସ ଶାଖା ପକ୍ଷରୁ ଶୁକ୍ରବାର ସନ୍ଧ୍ୟାରେ କଂଗ୍ରେସ ଭବନରୁ କଂଗ୍ରେସ ନେତା ସନ୍ତୋଷ କୁମାର ଜେନା, ଗୋପବନ୍ଧୁ ମହାପାତ୍ର, ଦୀପେଶ ଚନ୍ଦ୍ର ରାୟ, ଦର୍ପପଦ ଦାସ, ପ୍ରଶାନ୍ତ ଜେନା, ପ୍ରଦୀପ ନାୟକ, ଦେବୀପ୍ରସାଦ ଗୋସ୍ୱାମୀଙ୍କ ନେତୃତ୍ୱରେ ବହୁ ଯୁବକ ଓ ବୁଦ୍ଧିଜୀବୀ କ୍ୟାଣ୍ଡେଲ ଶୋଭାଯାତ୍ରାରେ ବାହାରି ଥାନା ଛକ ପରିକ୍ରମା କରିଥିଲେ। ଏହି କ୍ୟାଣ୍ଡେଲ ଶୋଭାଯାତ୍ରାକାରୀ ଦଳ ଆତଙ୍କବାଦୀ ଆକ୍ରମଣରେ ଜଗତ୍‌ସିଂପୁର ଓ କଟକ ଜିଲାର ୨ ଯବାନ ସହିତ ୪୪ ଜଣ ଯବାନ ମୃତ୍ୟୁବରଣ କରିଥିବା ବେଳେ ଗୁରୁତର ହୋଇଥିବା ଯବାନଙ୍କ ପରିବାର ପ୍ରତି ଗଭୀର ସମବେଦନା ଜଣାଇଥିଲେ ।

ଠିକାଦାରଙ୍କ ବେପରୁଆ କାର୍ଯ୍ୟର ପ୍ରତିବାଦ
## ୧୭ରୁ ଖଇରା-ଫତେପୁର ରାସ୍ତା ଅବରୋଧ

**ଖଇରା, ୧୫।୨(ଡି.ଏନ.ଏ.)**

ଖଇରା ଓ ଔପଦା ଦୁଇ ବ୍ଲକକୁ ସଂଯୋଗ କରୁଥିବା ଖଇରା-ଫତେପୁର ରାସ୍ତାର ମୁକ୍ତାବେଗୁନିଆଠାରୁ ସାରକୋଣା ପର୍ଯ୍ୟନ୍ତ ରାସ୍ତାକୁ ଠିକାଦାର ଖୋଳି ଛାଡି ଦେଇଛନ୍ତି। ଫଳରେ ସାରକୋଣା ପଞ୍ଚାୟତବାସୀ ଦୈନନ୍ଦିନ ଛୋଟବଡ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ୧୦ତାରିଖରେ କେତେକ ଗ୍ରାମବାସୀ ପ୍ରତିବାଦ ସ୍ୱରୂପ ରାସ୍ତାରେ ଧାରଣା ଦେବା ସହ ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ଯନ୍ତ୍ରୀ, ବିଧାୟକଙ୍କୁ ଲିଖିତ ଭାବେ ଅବଗତ କରାଇଥିଲେ। ହେଲେ ଏ ପର୍ଯ୍ୟନ୍ତ କିଛି ପଦକ୍ଷେପ ନିଆଗଲା ନାହିଁ। ଏହାର ପ୍ରତିବାଦରେ ଆନ୍ଦୋଳନକୁ ତୀବ୍ର କରିବାକୁ ପଞ୍ଚାୟତବାସୀ ନିଷ୍ପତ୍ତି ନେଇଛନ୍ତି। ୧୬ତାରିଖ ସୁଦ୍ଧା ସମାଧାନ କରା ନ ଗଲେ ୧୭ ତାରିଖରୁ ରାସ୍ତା ଅବରୋଧ କରାଯିବ ବୋଲି ମଦନମୋହନ ବେହେରା, ନିର୍ମଳ ଚନ୍ଦ୍ର ଦାସ, ପ୍ରଭାକର ଦାସ, ଅଭିମନ୍ୟୁ ସେଠୀ ଓ ଅନ୍ୟମାନେ ଚେତାବନୀ ଦେଇଛନ୍ତି।

## ଭାଜପା ପକ୍ଷରୁ ପ୍ରତିଶ୍ରୁତି ଫର୍ମ ଲୋକାର୍ପିତ

**ବାଲେଶ୍ୱର ଅଫିସ, ୧୫।୨**



ଖବରଦାତା ସମ୍ମିଳନୀରେ ଭାଜପା ନେତା।

ଜନସାଧାରଣଙ୍କୁ ସ୍ଥାୟୀ ପଟ୍ଟା ସହିତ ପକ୍କା ଘର ଏବଂ ବେକାରଙ୍କୁ ରୋଜଗାର ସମ୍ପର୍କରେ ବାଲେଶ୍ୱର ଭାଜପା ପକ୍ଷରୁ ପ୍ରତିଶ୍ରୁତି ଫର୍ମ ଲୋକାର୍ପିତ ହୋଇଯାଇଛି। ଭାଜପା ସରକାରକୁ ଆସିଲେ ପକ୍କା ଘର ଓ ବେକାରଙ୍କୁ ରୋଜଗାର ଦେବା ସହିତ ଏହି ପ୍ରତିଶ୍ରୁତି ଅଭିଯାନ ଗାଁ ଗାଁରେ ଆରମ୍ଭ ହେବ। ଲୋକଙ୍କ ଭିତରେ ବେରୋଜଗାରଙ୍କୁ ରୋଜଗାର, ବାସହୀନ ଓ ଭୂମିହୀନଙ୍କୁ ସ୍ଥାୟୀ ପଟ୍ଟା ସହିତ ପକ୍କା ଘରର ଫର୍ମର ବଣ୍ଟାଯିବ ବୋଲି ଶୁକ୍ରବାର ସ୍ଥାନୀୟ ରବୀନ୍ଦ୍ର ମଣ୍ଡପଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା ସଭାପତି ମଦନ ମୋହନ ଦତ୍ତ ସୂଚନା ଦେଇଛନ୍ତି।

ୟୁପିଏ ଶାସନରେ ସମୟରେ ମାତ୍ର ୬ଲକ୍ଷ ୬୭ହଜାର ୨୫୭ଟି ପକ୍କା ଘର ଦିଆଯାଇଥିଲା। କିନ୍ତୁ ନରେନ୍ଦ୍ର ମୋଦିଙ୍କର ଶାସନରେ ଓଡିଶାକୁ ୧୭ଲକ୍ଷ ୯୯ହଜାର ୯୨୭ଟି ପକ୍କା ଘର ଦେବାପାଇଁ ବ୍ୟବସ୍ଥା କରାଯାଇଛି। ୟୁପିଏ ସରକାର ସମୟରେ ଇନ୍ଦିରା ଆବାସ ଯୋଜନାରେ ଲୋକଙ୍କୁ ମାତ୍ର ୭୫ହଜାର ଟଙ୍କା ଦିଆଯାଇଛି। ଏବେ ମୋଦି ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଲୋକଙ୍କୁ ୧ଲକ୍ଷ ୨୦ହଜାର ଟଙ୍କା ଦେଉଛନ୍ତି ଏବଂ ୧୨ହଜାର ଟଙ୍କା ପୃଥକ ଭାବେ ପାଇଖାନା ପାଇଁ ଦେଉଛନ୍ତି। ରାଜ୍ୟରେ ଭାଜପା ସରକାର ଆସିଲେ ୨୦୨୨ ସୁଦ୍ଧା ସ୍ଥାୟୀ ପଟ୍ଟା ସହ ପକ୍କା ଘର ପ୍ରଦାନ କରାଯିବ। କୀର୍ତ୍ତନୀୟା ବନ୍ଦର ଘୋଷଣାର ଦୀର୍ଘଦଶନ୍ଧି ପରେ ଏହା ଫଳକରେ ରହିବା ନିଯୁକ୍ତି ପାଇଁ ଆଶା ବାନ୍ଧିଥିବା ଯୁବକମାନଙ୍କୁ ନିରାଶ କରିଛି। ବାଲେଶ୍ୱରରେ ୪୦୦୦କୋଟି ଟଙ୍କାର ଶିଳ୍ପ ଓ ସେଥିରେ ୧୦ହଜାର ଯୁବକଙ୍କୁ ନିଯୁକ୍ତିର ମିଛ ପ୍ରତିଶ୍ରୁତିର ଆଗାମୀ ଦିନରେ ଯୁବକମାନେ ଜବାବ ଦେବେ। ରାଜ୍ୟ ସରକାର କେନ୍ଦ୍ର ଅବହେଳା କରୁଥିବା ନେଇ ମିଥ୍ୟା ଡିଣ୍ଡିମ ପିଟୁଛି ବୋଲି କେନ୍ଦ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ପୂର୍ବତନ ବିଧାୟକ ପ୍ରତାପ ଚନ୍ଦ୍ର ଷଡଙ୍ଗୀ କହିଥିଲେ। ଏହି ଖବରଦାତା ସମ୍ମିଳନୀରେ ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ରାଜ୍ୟ ସମ୍ପାଦିକା ଲେଖାଶ୍ରୀ ସାମନ୍ତ ସିଂହାର ଏବଂ ଶୋଭନା ମହାନ୍ତି, ଲୋକସଭା ସହ ପ୍ରଭାରୀ ଅଜୟ ମିଶ୍ର, ଜୋନାଲ ମିଡିଆ ସଂଯୋଜକ ସତ୍ୟଜିତ ମିଶ୍ର ଓ ଜିଲା ମିଡିଆ ସଂଯୋଜକ ଗୌରାଙ୍ଗ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଉଜ୍ଜ୍ୱଳା ଦିଦି ପ୍ରଶିକ୍ଷଣ ଶିବିର

**ଖଇରା, ୧୫।୨(ଡି.ଏନ.ଏ.)**

ସ୍ଥାନୀୟ ନଟାପଡାଛକସ୍ଥିତ ଏକ ହୋଟେଲରେ ଗତ ୬ଦିନ ଧରି ଚାଲିଥିବା ଉଜ୍ଜ୍ୱଳା ଦିଦି ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଖଇରା ସିମୁଳିଆରୁ ୫୪ଜଣ ମହିଳା ଏଥିରେ ଅଂଶଗ୍ରହଣ କରି ଉଜ୍ଜ୍ୱଳା ଗ୍ୟାସ୍ ଉପଯୋଗର ପ୍ରଶିକ୍ଷଣ ନେଇଥିଲେ। ବ୍ଲକ୍ ସଂଯୋଜକ ଶୁଭେନ୍ଦୁ ଶିଅଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଲକ୍ଷ୍ମୀକାନ୍ତ ରାଉତ ଓ ଦୋଳଗୋବିନ୍ଦ ଦାସ ଯୋଗଦେଇ ଚୁଲି ରୋଷେଇରେ ମହିଳାଙ୍କ ସ୍ୱାସ୍ଥ୍ୟ ସମସ୍ୟା, ଗ୍ୟାସ୍ ମାଧ୍ୟମରେ ରୋଷେଇ କରିବାର ପଦ୍ଧତି ଉପରେ ତାଲିମ ଦେଇଥିଲେ। ଉଦ୍‌ଯାପନୀ ସଭାରେ ଡମ୍ବରୁଧର ମହାନ୍ତି, ଆଲୋକ କୁମାର ପଣ୍ଡା, ଅକ୍ଷୟ ବିଶ୍ୱାଳ ପ୍ରମୁଖ ଏହି ଯୋଜନାର ଲାଭ ଯେଭଳି ପୁରପଲ୍ଲୀରେ ପହଞ୍ଚିବ ସେ ସମ୍ପର୍କରେ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ମହେନ୍ଦ୍ର ଶିଅଳ, ସର୍ବେଶ୍ୱର ମିଶ୍ର, ସଞ୍ଜୟ ସାମଲ, ରାଜେଶ ବାରିକ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।



ଶିବିରରେ ପ୍ରଶିକ୍ଷଣ ନେଉଥିବା ବିଭିନ୍ନ ପଞ୍ଚାୟତର ମହିଳା।

## ୮୭ କୃତୀ ଛାତ୍ରୀଛାତ୍ର ପୁରସ୍କୃତ

**ସିମୁଳିଆ, ୧୫।୨(ଡି.ଏନ.ଏ.)**



ଅତିଥିମାନଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

ସିମୁଳିଆ ବ୍ଲକ ବାଟୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା, ସାଂସ୍କୃତିକ ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବରି ହାଇସ୍କୁଲର ପ୍ରାକ୍ତନ ପ୍ରଧାନଶିକ୍ଷକ ତଥା ସ୍ଥାନୀୟ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତି ଚତୁର୍ଭୁଜ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟବକ୍ତା ରୂପେ ବରି ଉଚ୍ଚ ବିଦ୍ୟାଳୟର ଅନ୍ୟତମ ପ୍ରାକ୍ତନ ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମହାଲିକ ନିଜ ବକ୍ତବ୍ୟରେ ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଭା ଲୁକ୍କାୟିତ ହୋଇରହିଛି । ଜାଗ୍ରତ ଛାତ୍ରୀଛାତ୍ରମାନେ ସଫଳତାର ସୋପାନରେ ପହଞ୍ଚିପାରନ୍ତି ବୋଲି କହିଥିଲେ । ସେହିପରି ସଭାପତି ଚତୁର୍ଭୁଜ ପାଣିଗ୍ରାହୀ ଲକ୍ଷ୍ୟ ପ୍ରତ୍ୟେକଙ୍କୁ ଆଗେଇ ନିଏ ବୋଲି କହିଥିଲେ। ମୁଖ୍ୟଅତିଥି ରୂପେ ଦାମୋଦର ହାଇସ୍କୁଲର ପ୍ରାକ୍ତନ ପ୍ରଧାନ ଶିକ୍ଷକ ହୃଷୀକେଶ ପଣ୍ଡା, ସମ୍ମାନନୀୟ ଅତିଥି ଭାବେ ଶିବ ପ୍ରସାଦ ପାଢୀ, ଦୀନବନ୍ଧୁ ପାତ୍ର, ବସନ୍ତ କୁମାର ବେହେରା ପ୍ରମୁଖ ଯୋଗ ଦେଇଥିଲେ । ଶିକ୍ଷକ ନରେନ୍ଦ୍ର ନାଥ ବେହେରା ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ, ଶୈଳେନ୍ଦ୍ର ନାଥ ପୋଇ ଅତିଥି ସ୍ୱାଗତ, ପ୍ରଧାନ ଶିକ୍ଷକ କୃପାସିନ୍ଧୁ ନାୟକ ବିବରଣୀ ପାଠ ଓ ଶିକ୍ଷକ ସଞ୍ଜୟ କୁମାର ଧଳ ବକ୍ତବ୍ୟ ଦେଇଥିଲେ । ଗତ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀ ସୁନୀତା ବଳ, ଜନ୍ମେଜୟ ବେହେରା, ସୁଚିସ୍ମିତା ବାରିକ, ଦୀପକ କୁମାର ଦତ୍ତ, ଜୟନ୍ତ ସେଠୀ, ପ୍ରଭାରାଣୀ କର, ଦେବେନ୍ଦ୍ର ବେହେରା, ସୁଶ୍ରୀ ସଙ୍ଗୀତା ବେହେରାଙ୍କ ସମେତ ଶିକ୍ଷା ଓ କ୍ରୀଡାରେ କୃତୀ ୮୭ଜଣ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା । ଶିକ୍ଷକ ସଞ୍ଜୟ କୁମାର ଧଳ ଧନ୍ୟବାଦ ଅର୍ପଣ କରିଥିଲେ ।

## ସଂକ୍ଷେପରେ

ଗାଡ଼ି ଭଙ୍ଗାରୁଜା, ଡ୍ରାଇଭରଙ୍କୁ ମାଡ଼ ଘଟଣା

## ୨ ଜଣଙ୍କ ନାଁରେ ମାମଲା

**ଭଣ୍ଡାରିପୋଖରୀ, ୧୫।୨ (ଡି.ଏନ.ଏ.):** ଭଣ୍ଡାରିପୋଖରୀ ବ୍ଲକ ଆଖୁଆପଦାରେ ସ୍କର୍ପିଓ ଭଙ୍ଗାରୁଜା ଓ ଡ୍ରାଇଭରଙ୍କୁ ମାଡ଼ ସହ ଜାତିଆଣା ନେଇ ଗାଳିଗୁଲଜ ଘଟଣାରେ ସ୍ଥାନୀୟ ପୋଲିସ ୨ ଜଣଙ୍କ ନାଁରେ ଏକ ମାମଲା (ନଂ.୧୯/୧୯) ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ, ଧାମନଗର ଥାନା ଅଧୀନ ଦକ୍ଷିଣବାଡ଼ ଗ୍ରାମର ଗଦାଧର ଜେନା ଗତ ୧୩ ତାରିଖରେ ସ୍କର୍ପିଓରେ ଏଲ୍ଏନ୍‌ଟି କମ୍ପାନୀର ଲୋକଙ୍କୁ ନେଇ ଆଖୁଆପଦା ଅଞ୍ଚଳକୁ ଯାଇଥିଲେ। ସେଠାରେ ସ୍ଥାନୀୟ ଲୁଣପଦୀ ଗ୍ରାମର ଭାସ୍କର ସ୍ୱାଇଁ ଓ ଉତ୍ତରବାଡ଼ ଗ୍ରାମର ନିତ୍ୟାନନ୍ଦ ବେହେରା ଉକ୍ତ ଗାଡ଼ି ଭଙ୍ଗାରୁଜା କରିବା ଓ ଗଦାଧରଙ୍କୁ ମାଡ଼ ମାରିବା ସହ ଜାତିଆଣା ଆକ୍ଷେପ କରି ଗାଳିଗୁଲଜ କରିଥିଲେ। ଏଥିସହ ତାଙ୍କୁ ଜୀବନରୁ ମାରିଦେବାକୁ ଧମକ ମଧ୍ୟ ଦେଇଥିଲେ। ଏ ନେଇ ଗଦାଧର ୧୪ ତାରିଖରେ ଭଣ୍ଡାରିପୋଖରୀ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରୁଛି। ଏହି ଘଟଣାରେ କାହାରିକୁ ଗିରଫ କରାଯାଇ ନାହିଁ।

## ୨ ବଖରା ଜଳିଗଲା

**ପଦ୍ମପୁର, ୧୫।୨ (ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅନ୍ତର୍ଗତ ବିରସ ପଞ୍ଚାୟତର ଜେନାସାହିରେ ଶୁକ୍ରବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟି ସୁଚରିତା ଜେନାଙ୍କର ୨ ବଖରା ଜଳିଯାଇଛି। ଘରେ ଥିବା ସମସ୍ତ ଆସବାବପତ୍ର, ଧାନ, ଚାଉଳ, ଲୁଗାପଟା ପୋଡ଼ି ନଷ୍ଟ ହୋଇଯାଇଛି। ଖବର ପାଇ ବାସୁଦେବପୁର ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦିଆଯିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଭାଜପାର ପ୍ରସ୍ତୁତି ବୈଠକ

**ବାସୁଦେବପୁର, ୧୫।୨ (ଡି.ଏନ.ଏ.):** ବାସୁଦେବପୁରଠାରେ ଭାଜପାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୧୭ ତାରିଖରେ କେନ୍ଦ୍ର ଗୃହମନ୍ତ୍ରୀ ରାଜନାଥ ସିଂଙ୍କ ଭଦ୍ରକ ଗସ୍ତ ପରିପ୍ରେକ୍ଷୀରେ ଏହି ବୈଠକ ହୋଇଥିଲା। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦୀନବନ୍ଧୁ ପତି ଏଥିରେ ସଭାପତିତ୍ୱ କରିଥିଲେ। ଭାଜପା ଯୁବମୋର୍ଚ୍ଚା ରାଷ୍ଟ୍ରୀୟ ଉପସଭାପତି ଠାକୁର ରଣଜିତ ଦାସ ଓ ବିଧାନସଭା ପ୍ରଭାରୀ ଅମ୍ବିକା ଦାସ ଯୋଗଦେଇ କେନ୍ଦ୍ର ଗୃହମନ୍ତ୍ରୀଙ୍କ ଗସ୍ତକୁ ସଫଳ କରିବା ନେଇ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଜପାର ଜିଲା ଉପସଭାପତି ଅଶୋକ ସାହୁ, ୬ ମଣ୍ଡଳ ସଭାପତି ତୁଷାର ରଥ, ନିର୍ମଳ ପଣ୍ଡା, ଗିରିଜା ଶଙ୍କର ନାୟକ, ମନୋଜ ରାଉତ, ସନ୍ତୋଷ ମହାରଣା, ପ୍ରଦୀପ ମହାନ୍ତି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ପ୍ରତିଭା ସମ୍ମାନ ସମାରୋହ

**ବନ୍ତ, ୧୫।୨ (ଡି.ଏନ.ଏ.):** ବନ୍ତ ବ୍ଲକ ଗଣିଜାଙ୍ଗସ୍ଥିତ ନେହେରୁ ନୋଡାଲ ହାଇସ୍କୁଲ ପରିସରରେ ପ୍ରତିଭା ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାରାଣୀ ଜେନା ସଭାପତିତ୍ୱ କରିଥିଲେ। ବନ୍ତ କଲେଜର ପୂର୍ବତନ ଅଧ୍ୟକ୍ଷ ଡ. ଶୁଭେନ୍ଦ୍ର ମିଶ୍ର ମୁଖ୍ୟଅତିଥି, ପ୍ରାଧ୍ୟାପକ ରାଜକିଶୋର ଆଚାରୀ ମୁଖ୍ୟବକ୍ତା, ପୁରାତନ ଛାତ୍ରସଂସଦର ନିତ୍ୟାନନ୍ଦ ଜେନା ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷକ ଅଭୟ ପ୍ରଧାନ ଅତିଥି ପରିଚୟ ପ୍ରଦାନ ଓ ଅଧ୍ୟାପକ ପ୍ରଦ୍ୟୁମ୍ନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ହୃଷୀକେଶ ଗିରି, ଅଲେଖ ଚନ୍ଦ୍ର ନାୟକ, ଅନନ୍ତ ମହାପାତ୍ର, ରଘୁନାଥ ଦାସ, ଅଧ୍ୟାପକ ଗୌରାଙ୍ଗ ଚରଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଅନ୍ତର୍ଜାତୀୟ ପୁସ୍ତକ ଦାନ ଦିବସ



**ଭଦ୍ରକ ଅଫିସ, ୧୫।୨:** ଭଦ୍ରକ କଚେରି ବଜାରର ସଞ୍ଜୟ ବୁକ୍‌ଷ୍ଟୋର ଆନୁକୂଲ୍ୟରେ ଫେବୃୟାରୀ ୧୪ ତାରିଖକୁ ଅନ୍ତର୍ଜାତୀୟ ପୁସ୍ତକ ଦାନ ଦିବସ ରୂପେ ପାଳନ କରାଯାଇଥିଲା। ଗୁରୁବାର ସହରର ଉପକଣ୍ଠ ଗେଲପୁରସ୍ଥିତ ବାପୁଜୀ ଉଚ୍ଚ ବିଦ୍ୟାଳୟଠାରେ ଛାତ୍ରୀଛାତ୍ରଙ୍କୁ ପୁସ୍ତକ ଦାନ କରାଯାଇଥିଲା। ଯୁବପିଢ଼ି ଭାଲେଣ୍ଟାଇନ ଦିବସ ପାଳନ କରୁଥିବା ବେଳେ କେତେକ ଯୁବକ ପୁସ୍ତକ ଦାନ ଦିବସ ପାଳନ କରିବାକୁ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଇଛି। ଜୟଜଗନ୍ନାଥ ମଲିକ, ରାଜେନ୍ଦ୍ର କୁମାର ସାହୁ, ହେମନ୍ତ ଜେନା, ପ୍ରଦୀପ କୁମାର ଲେଙ୍କା, ଅଶୋକ ଦାସ, କ୍ଷିତୀଶ ଜେନା ଓ ପ୍ରଦୀପ ଦାସ ପ୍ରମୁଖ ସ୍କୁଲରେ ପହଞ୍ଚି ବିଭିନ୍ନ ପୁସ୍ତକ ଛାତ୍ରୀଛାତ୍ରଙ୍କୁ ବାଣ୍ଟିବା ସହ ପୁସ୍ତକର ଉପାଦେୟ ବିଷୟରେ ବୁଝାଇଥିଲେ।

■ ସିରିଜ୍ ବୋମାମାଡ଼ କରି ଏଟିଏମ୍ ଲୁଟ୍ ଉଦ୍ୟମ ଘଟଣା

# ୧୦ ଦିନ ବିତିଲା, ପୋଲିସ ହାତ ଖାଲି

**ଚାନ୍ଦବାଲି, ୧୫।୨ (ଡି.ଏନ.ଏ.)**

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ମତୋ ଅଏଲ୍ ଇଣ୍ଡିଆ ଛକରେ ଥିବା ଷ୍ଟେଟ ବ୍ୟାଙ୍କର ଏକ ଏଟିଏମ ଉପରେ ସିରିଜ୍ ବୋମାମାଡ଼ କରି ଲୁଟ୍ ଉଦ୍ୟମ ଘଟଣାକୁ ୧୦ ଦିନ ବିତିଯାଇଛି। ଏଟିଏମ୍‌ରେ ଟଙ୍କା ସୁରକ୍ଷିତ ଥିବାବେଳେ ବୋମାମାଡ଼ରେ ଏଟିଏମ୍ ମେଶିନ ଓ ଆସବାବପତ୍ର ନଷ୍ଟ ହୋଇଯାଇଛି। ଏଟିଏମ୍ ସଂସ୍ଥାର କର୍ମଚାରୀଙ୍କ ଅଭିଯୋଗ କ୍ରମେ ଏ ନେଇ ଚାନ୍ଦବାଲି ଥାନାରେ ଏକ ମାମଲା (ନଂ.୩୨/୧୯) ରୁଜୁ ହୋଇଛି। ହେଲେ ପୋଲିସ ହାତ ଖାଲି। ଏହାମଧ୍ୟରେ ସମ୍ପୃକ୍ତ ଦୁର୍ବୃତ୍ତଙ୍କୁ ଧରିବାକୁ ସକ୍ଷମ ହୋଇନାହିଁ ପୋଲିସ। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଘଟଣାରେ ସ୍ଥାନୀୟ ଲୋକ କିମ୍ବା ଜିଲା ବାହାରର ଲୁଟେରାଙ୍କ ସମ୍ପୃକ୍ତିକୁ ନେଇ ସ୍ପଷ୍ଟ ହୋଇ ନ ଥିବାବେଳେ ସିସିଟିଭି ଫୁଟେଜ, ପ୍ରତ୍ୟେକ୍ଷଦର୍ଶୀଙ୍କ ସୂଚନା, ଫରେନସିକ ରିପୋର୍ଟ ଆଧାରରେ ପୋଲିସ୍ ତଦନ୍ତ ଚଳାଇଛି। ନଦୀଘାଟ ପ୍ରତି ମଧ୍ୟ ନଜର ରଖାଯାଇଥିବା ପୋଲିସ କହିଛି।

ଉଲ୍ଲେଖନୀୟ ଯେ, ଗତ ୪ ତାରିଖ ରାତି ପ୍ରାୟ ୨ଟାବେଳେ ଲୁଟେରାମାନେ ବୋମା ଓ ବନ୍ଧୁକ ସାଥୀରେ ଆଣି ପ୍ରାୟ ୪୦ ମିନିଟ୍ ଧରି ଆତଙ୍କରାଜ ଚଳାଇଥିଲେ ମଧ୍ୟ ସେମାନଙ୍କ ଗତିରୋଧ କରାଯାଇ ପାରି ନ ଥିଲା। ବୋମାମାଡ଼ କରି ସେମାନେ ବାଇକ୍‌ରେ ଫେରାର ହୋଇଯାଇଥିଲେ ମଧ୍ୟ ପୋଲିସ ସେମାନଙ୍କର ପିଛା କରିପାରି ନ ଥିଲା। ଘଟଣାସ୍ଥଳରେ ଥାଇ ମଧ୍ୟ ସେମାନଙ୍କ ଉପରକୁ ଗୁଳି ନ ଚଳାଇବା ଅଭିଯୋଗରେ ଜିଲା ଏସ୍‌ପିଙ୍କ ନିର୍ଦ୍ଦେଶରେ ମତୋ ଫାଣ୍ଡି ଅଧିକାରୀଙ୍କୁ ଜିଲା ପୋଲିସ ମୁଖ୍ୟାଳୟକୁ ବଦଳି କରାଯାଇଛି। ଅନ୍ୟ କାରଣ ପାଇଁ ଚାନ୍ଦବାଲି ଥାନା ଅଧିକାରୀଙ୍କୁ ମଧ୍ୟ ବାଲେଶ୍ୱର ବଦଳି କରାଯାଇଛି। ଚାନ୍ଦବାଲି ଥାନାର ଏସ୍‌ଆଇ କୁଳମଣି ପାତ୍ରଙ୍କୁ ଘଟଣାର ତଦନ୍ତ ଦାୟିତ୍ୱ ଦିଆଯାଇଛି। ଏ ସମ୍ପର୍କରେ ତଦନ୍ତକାରୀ ଅଧିକାରୀ ପାତ୍ର ବିଭିନ୍ନ ଦିଗକୁ ଧ୍ୟାନ ଦିଆଯାଇ ତଦନ୍ତ ଚାଲିଛି। ସେହିପରି ଥାନାଧିକାରୀ ମିନତି ବିଶ୍ୱାଳ କହିଛନ୍ତି, ବିଭିନ୍ନ ତଥ୍ୟ ଆଧାରରେ ମାମଲାର ତଦନ୍ତ ଚାଲିଥିଲେ ମଧ୍ୟ କାହାରିକୁ ଗିରଫ କରାଯାଇପାରି ନାହିଁ। ତଦନ୍ତରେ ବାଧା ଆଶଙ୍କାରେ ସେ ଅଧିକ ସୂଚନା ଦେବାକୁ ଅରାଜି ହୋଇଥିଲେ। ମତୋ ଫାଣ୍ଡିରେ ନୂଆ ଅଧିକାରୀ ଅଦ୍ୟାବଧି ଆସିନାହାନ୍ତି। ତେବେ ପୋଲିସକୁ ଚ୍ୟାଲେଞ୍ଜ କରି ଏଟିଏମ୍ ଲୁଟ୍ ଉଦ୍ୟମ ଘଟଣାରେ ସ୍ଥାନୀୟ ଲୋକ ଓ ବ୍ୟବସାୟୀଙ୍କ ଧନଜୀବନ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଉଭୟ ଜଳ ଓ ସ୍ଥଳପଥରେ ଗମନାଗମନରେ ସୁବିଧା କାରଣରୁ ମତୋ ବଜାର ଏବେ ବିଭିନ୍ନ ଅପରାଧୀ, ଚୋରାମଦ ବେପାରୀଙ୍କ ଆଡ୍ଡାସ୍ଥଳୀ ଏବଂ ଏକ ସମ୍ବେଦନଶୀଳ ଅଞ୍ଚଳ ପାଲଟିଛି। ମତୋ ଅଞ୍ଚଳର ଆଖପାଖରେ ଦୈନିକ ଜୁଆଖେଳ ଚାଲୁଛି। ମତୋ ବଜାର ଦେଇ ଚୋରା କୋଇଲା ଉଭୟ ଜଳ ଓ ସ୍ଥଳପଥରେ ପଡ଼ୋଶୀ କେନ୍ଦ୍ରାପଡା ଓ ଯାଜପୁର ଜିଲାକୁ ପରିବହନ ହେଉଥିଲେ ମଧ୍ୟ ଚାଲାଣକାରୀଙ୍କୁ ଧରିବାରେ ପୋଲିସ ସକ୍ଷମ ହେଉ ନାହିଁ। ଜୁଆଖେଳ ଓ କୋଇଲା ଚୋରା ଚାଲାଣ, ନକଲି ଓ ଚୋରାମଦ କାରବାର ଘଟଣାରେ ପୋଲିସର ଭୂମିକା ନେଇ ଚର୍ଚ୍ଚା ହେଉଛି। ଏଥିପ୍ରତି ଜିଲା ଏସ୍‌ପି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

## ଭୋଟର ତାଲିକା ସଂଶୋଧନ ଦାବିରେ ଧାରଣା

**ଚାନ୍ଦବାଲି, ୧୫।୨ (ଡି.ଏନ.ଏ.)**



କଂଗ୍ରେସ କର୍ମକର୍ତ୍ତା ଧାରଣାରେ ବସିଛନ୍ତି।

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅନ୍ତର୍ଗତ ବାଂଶଡ଼ା ପଞ୍ଚାୟତର ୧ ହଜାରରୁ ଊର୍ଦ୍ଧ୍ୱ ଭୋଟରଙ୍କୁ ଅନ୍ୟ ପଞ୍ଚାୟତରେ ସାମିଲ କରାଯାଇ ଭୋଟର ତାଲିକା ପ୍ରକାଶ ପାଇଛି। ଏହି ତାଲିକା ସଂଶୋଧନ କରାଯାଇ ପୁନଃ ପ୍ରକାଶ ଦାବିରେ ବ୍ଲକ କଂଗ୍ରେସ ପକ୍ଷରୁ ବାଂଶଡ଼ା ଆର୍‌ଆଇ ଅଫିସ ସମ୍ମୁଖରେ ଶୁକ୍ରବାର ଧାରଣା ଦିଆଯାଇଥିଲା। ଧାମରା ଅତିରିକ୍ତ ତହସିଲଦାର ଶାନ୍ତିରାମ ହେମ୍ବ୍ରମ ଧାରଣାସ୍ଥଳରେ ପହଞ୍ଚି ସେମାନଙ୍କ ସହିତ ଆଲୋଚନା କରିଥିଲେ। ସେମାନଙ୍କଠାରୁ ଦାବିପତ୍ର ଗ୍ରହଣ କରିବା ସହ ଜିଲାପାଳଙ୍କ ସହିତ ଆଲୋଚନା ପରେ ତାଲିକାରେ ତ୍ରୁଟି ସଂଶୋଧନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ପ୍ରକାଶ ଯେ, ବାଂଶଡ଼ା ପଞ୍ଚାୟତରେ ଥିବା ଗଙ୍ଗାଧରପୁର ଏବଂ ବିଜିପୁର ରାଜସ୍ୱ ଗ୍ରାମର ୭ ଶହ ଭୋଟରଙ୍କୁ ପ୍ରାୟ ୧୦ କି.ମି. ଦୂର ଧାମରା ପଞ୍ଚାୟତର ଗୋବିନ୍ଦପୁର ବୁଥ୍‌ରେ ସାମିଲ କରାଯାଇଛି। ସେହିପରି ଛେଡାକ ରାଜସ୍ୱ ଗ୍ରାମର ୫ଶହରୁ ଅଧିକ ଭୋଟରଙ୍କୁ ପ୍ରାୟ ୮କି.ମି ଦୂର ମନ୍ତେଇ ନଦୀ ଆରପାରି ଯଶିପୁର ପଞ୍ଚାୟତରେ ସାମିଲ କରାଯାଇଛି। ଏ ନେଇ ବାଂଶଡା ସରପଞ୍ଚ ନିର୍ବାଚନ କମିଶନର ଓ ଭଦ୍ରକ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବା ଅଭିଯୋଗ ହୋଇଛି। ବ୍ଲକ କଂଗ୍ରେସ ସଭାପତି ଦିଗମ୍ବର ଦାସଙ୍କ ନେତୃତ୍ୱରେ ସୁରେନ୍ଦ୍ର ନାୟକ, ଧୀରେନ୍ଦ୍ର ନାୟକ, ରବୀନ୍ଦ୍ର ଦତ୍ତ, ସୁକୁମାର ଦାସ, ହରିହର ନାୟକ, କୁଳମଣି ଦାସ ପ୍ରମୁଖ ଧାରଣାରେ ବସିଥିଲେ।

## ‘ଯୁବଶକ୍ତିର ଭୂମିକା ଗୁରୁତ୍ୱପୂର୍ଣ୍ଣ’

**ଆରଡ଼ି, ୧୫।୨ (ଡି.ଏନ.ଏ.)**

ଚାନ୍ଦବାଲି ବ୍ଲକ ସୁନ୍ଦରପୁର ପଞ୍ଚାୟତ କୁଳେଇପଦାର ମା’ ଖରାଖାଇ ଯୁବ ପରିଷଦର ୧୭ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଭାପତି ପ୍ରଣୟ ଖଟୁଆ ଅଧ୍ୟକ୍ଷତା କରିଥିଲେ। ଲେଖକ, ସ୍ତମ୍ଭକାର, ସୃଜନ ସମ୍ପାଦକ ପ୍ରତିନିଧି ଅଭୟ କୁମାର ଦ୍ୱିବେଦୀ ମୁଖ୍ୟଅତିଥି, ଫକୀର ମୋହନ ବିଶ୍ୱବିଦ୍ୟାଳୟ ସିନେଟ ସଦସ୍ୟ ଇଂ. ଅଭୟ ସୂତାର ମୁଖ୍ୟବକ୍ତା, ସୁନ୍ଦରପୁର ସରପଞ୍ଚ ଶ୍ରୀକାନ୍ତ ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଦେଶ ଗଠନରେ ଯୁବଶକ୍ତିର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏହାକୁ ଲକ୍ଷ୍ୟ ରଖି ଅନୁଷ୍ଠାର ଯୁବକମାନେ କାର୍ଯ୍ୟ କରିବା ଉଚିତ ବୋଲି ଅତିଥିମାନେ ପରାମର୍ଶ ଦେଇଥିଲେ। ସଭ୍ୟ ଦେବାଶିଷ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ ଓ ତପନ କୁମାର ନାୟକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ପରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ସୁକୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

■ ଦେଶବନ୍ଧୁ ନୋଡାଲ ସ୍କୁଲର ବାର୍ଷିକ ଉତ୍ସବ

## ୧୧୬ କୃତୀ ଛାତ୍ରୀଛାତ୍ର ପୁରସ୍କୃତ

**ଧାମନଗର, ୧୫।୨ (ଡି.ଏନ.ଏ.)**

ଧାମନଗର ବ୍ଲକ ଅସୁରାଳି ଦେଶବନ୍ଧୁ ନୋଡାଲ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବ୍ଲକରେ ସର୍ବାଧିକ ଛାତ୍ରୀଛାତ୍ର ପାଠ ପଢୁଥିବା ଏହି ବିଦ୍ୟାଳୟର ବିଭିନ୍ନ ବିଭାଗର ୧୧୬ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟରେ ପାଚେରି ନ ଥିବା ଯୋଗୁ ଛାତ୍ରୀଛାତ୍ର ଅସୁରକ୍ଷିତ ଥିବା, ଆବଶ୍ୟକ ଶ୍ରେଣୀଗୃହ ଅଭାବରୁ ପାଠପଢ଼ାରେ ବ୍ୟାଘାତ ହେଉଥିବା ବିବରଣୀ ପାଠ ବେଳେ କୁହାଯାଇଥିଲା। ଶିକ୍ଷକ ଧର୍ମେନ୍ଦ୍ର କୁମାର ବେହେରାଙ୍କ ସଂଯୋଜନାରେ ପ୍ରଧାନ ଶିକ୍ଷୟିତ୍ରୀ ଅହଲ୍ୟା ନାୟକ ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବେ ଦେଶବନ୍ଧୁ ସାଧନକେନ୍ଦ୍ର ସଂଯୋଜକ ପୀତବାସ ଜେନା, ଅଧ୍ୟାପିକା ସୁମିତା ପତି, ଡ. ଖଗେଶ୍ୱର ନାୟକ, ପୂର୍ବତନ ପ୍ରଧାନ ଶିକ୍ଷକ ନରେନ୍ଦ୍ର ମହାନ୍ତି, ପରିଚାଳନା କମିଟି ସଭାପତି ଦିଲୀପ କୁମାର ବେହେରା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ନାରାୟଣ ଚନ୍ଦ୍ର ସାହୁ, ଶିକ୍ଷକ ଗଙ୍ଗାଧର ଦେହୁରି ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ଭାବେ ଅଧ୍ୟାପକ କବି ପବିତ୍ର ପାଣିଗ୍ରାହୀ ଯୋଗ ଦେଇଥିଲେ। ପୁରାତନ ଛାତ୍ର ତଥା ବିଧାୟକ ପ୍ରତିନିଧି ନାରାୟଣ ଚନ୍ଦ୍ର ସାହୁ ଏହି ବିଦ୍ୟାଳୟର ସମସ୍ୟା ସମାଧାନ ପାଇଁ ଆର୍ଥିକ ଅନୁଦାନ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷୟିତ୍ରୀ କୁଞ୍ଜଲତା ମହାକୁଡ ବିବରଣୀ ପାଠ କରିଥିଲେ। ଲକ୍ଷ୍ମୀକାନ୍ତ ଦାସ ଧନ୍ୟବାଦ ଦେଇଥିଲେ। ଶିକ୍ଷୟିତ୍ରୀଶିକ୍ଷକ ପ୍ରମିଳା ମଲ୍ଲିକ, ତୁଳସୀ ନାୟକ, ସୁହାସିନୀ କର, ସରସ୍ୱତୀ ହୋତା, ବିନତୀ ଜେନା, ଶ୍ରାବଣୀ ବେହେରା, ଭୀମସେନ ଦ୍ୱିବେଦୀ, ବିପିନ ବସନ୍ତିଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବିଦାୟ ସମ୍ବର୍ଦ୍ଧନା

**ଭଣ୍ଡାରିପୋଖରୀ, ୧୫।୨ (ଡି.ଏନ.ଏ.)**

ଭଣ୍ଡାରିପୋଖରୀ ବ୍ଲକ ମଣିନାଥପୁର ନୋଡାଲ ଉଚ୍ଚ ବିଦ୍ୟାଳୟର ୨ ଶିକ୍ଷକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଧାନ ଶିକ୍ଷକ ଗୋପାଳ ଜାନିଙ୍କ ପୌରୋହିତ୍ୟରେ ସଭା ଅନୁଷ୍ଠିତ ହୋଇଥିଲା। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନାରାୟଣ ଚନ୍ଦ୍ର ଦାଶ ଓ ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ଶରତ ଚନ୍ଦ୍ର ଦାସଙ୍କୁ ଉତ୍ତରୀୟ ସହ ବିଭିନ୍ନ ଉପହାର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ମୀନକେତନ ବେଉରିଆ, ଚିନ୍ତାମଣି ନାୟକ, ବିନୋଦ ରାଉତ, ବିଶ୍ୱମ୍ବର ରାଉତ, ଶରତ ଚନ୍ଦ୍ର ଥାଟୋଇ, ରାଧେଶ୍ୟାମ ଦାଶ, ନିର୍ମଳ ବିଶ୍ୱାଳ, ରମେଶ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ।

ସେଲ୍‌ଫି କର୍ଣ୍ଣର


@ ରାକେଶ


@ ଚିନ୍ମୟ


@ ରମଣୀ

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | balasoreselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

## ଦିବ୍ୟାଙ୍ଗ ଭାସ୍କରଙ୍କୁ ୩ ଚକିଆ ସ୍କୁଟି

**ଭଦ୍ରକ ଅଫିସ, ୧୫।୨**


ଭାସ୍କରଙ୍କୁ ଜିଲାପାଳ ଜ୍ଞାନରଞ୍ଜନ ଦାସ ୩ ଚକିଆ ଗାଡ଼ି ପ୍ରଦାନ କରୁଛନ୍ତି।

ଭଦ୍ରକ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲା ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଦ୍ୱାରା ଭଣ୍ଡାରିପୋଖରୀ ବ୍ଲକ ଅଧୀନ ବାହାଦୁଲନଗର ପଞ୍ଚାୟତ ସାନଶାସନ ଗାଁର ଦିବ୍ୟାଙ୍ଗ ଭାସ୍କର ଜେନାଙ୍କୁ ଏକ ୩ ଚକିଆ ସ୍କୁଟି ପ୍ରଦାନ କରାଯାଇଛି। ଯାଜପୁର ଏମ୍‌ପିଙ୍କ ଉନ୍ନୟନ ପାଣ୍ଠିରୁ ସହାୟତାରେ ଏହି ଗାଡ଼ି ଭାସ୍କରଙ୍କୁ ପ୍ରଦାନ କରାଯାଇଛି। ଜିଲାପାଳ ଜ୍ଞାନରଞ୍ଜନ ଦାସ, ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର, ଉପଜିଲାପାଳ ସୁଚାରୁ ବଳ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ହରେନ୍ଦ୍ର କୁମାର ଦେହୁରି, ପୂର୍ବତନ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପଦ୍ମନ ରାୟ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ତିହିଡ଼ି ବ୍ଲକ ବାମନବିନ୍ଧା ପଞ୍ଚାୟତ କାନପୁର ଗାଁର ଦିବ୍ୟାଙ୍ଗ ଧ୍ରୁବଚରଣ ପାଣିଗ୍ରାହୀଙ୍କୁ ବିବାହ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି।

## ବାର୍ଷିକ କ୍ରୀଡ଼ାରେ ଗଣଦୌଡ଼

**ଭଦ୍ରକ ଅଫିସ, ୧୫।୨**

**ସାମିଲ ହେଲେ ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର**

ବରପଦା ସ୍କୁଲ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜିର ୩୬ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଏହି ପରିପ୍ରେକ୍ଷୀରେ ଗଣଦୌଡ଼ ଅନୁଷ୍ଠିତ ହୋଇଥିଲା। ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ସାମିଲ ହୋଇ ବାଇପାସ୍ ଜଗନ୍ନାଥ ମନ୍ଦିର ନିକଟରୁ ବନ୍ତ ଛକ ବସ୍‌ଷ୍ଟାଣ୍ଡ ଦେଇ କଲେଜରେ ପହଞ୍ଚିଥିଲେ। ଅଧ୍ୟକ୍ଷ ଡ. ଅମରେନ୍ଦ୍ର ଚଇନି, ବରିଷ୍ଠ ଆଇନଜୀବୀ ନିରାକାର ଜେନା ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଥମେ ଜମ୍ମୁ କାଶ୍ମୀରରେ ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ଛାତ୍ରୀଛାତ୍ର, ଶିକ୍ଷାନୁଷ୍ଠାନ ସମୂହର କର୍ମଚାରୀ ମିଳିତ ଭାବେ ଦୀପ ଜାଳି ନୀରବ ପ୍ରାର୍ଥନା କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେଭ୍ ୱାଟର ସେଭ୍ ଲାଇଫ, ନିର୍ମଳ ଜଳ ନିରୋଗ ଜୀବନ, ଜଳର ଅପବ୍ୟବହାର ରୋକିବା ଇତ୍ୟାଦି ସଚେତନତା ବାର୍ତ୍ତା ସମ୍ବଳିତ ପ୍ଲାକାର୍ଡ ଧରି ଛାତ୍ରୀଛାତ୍ର ଦୌଡ଼ିଥିଲେ। ଡ. ନରେନ୍ଦ୍ର ବହଳି, ଡ. ପ୍ରସନ୍ନ ଜେନା, ଡ. ପି.ପି. ରାୟ, ଡ. ଏସ୍.ଏନ୍. ମିଶ୍ର, ପ୍ରଫେସର ଅତୁଲ୍ୟ ନାୟକ, ପ୍ରଫେସର ସଞ୍ଜୟ ମହାନ୍ତି, ଡ. ମନ୍ମଥ ଭୂୟାଁ, ପ୍ରଫେସର ନିର୍ମଳ ମଲ୍ଲିକ, ପ୍ରଫେସର ମିର୍ଜା ସାଜିଦ୍ ରବ୍, ଡ. ଜ୍ଞାନେନ୍ଦ୍ର କୁମାର ପଣ୍ଡା, ପ୍ରଫେସର ମନୋଜ ବରାଳ, ଡ. ତାପସ ମହାନ୍ତି, ଡ. ଆଶିଷ ମହାନ୍ତି, ପ୍ରଫେସର ଜେ. ସାମନ୍ତରାୟ, ପ୍ରଫେସର ଏସ୍. ସାମନ୍ତ ପ୍ରମୁଖ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କ୍ରୀଡ଼ା ଶିକ୍ଷକ ବସନ୍ତ କୁମାର ମହଲା, ଚନ୍ଦ୍ରମୋହନ ମହାନ୍ତି, ଶ୍ରୀକାନ୍ତ ମହାପାତ୍ର, ଯତିନ୍ଦ୍ର ଘଡେଇ, ପ୍ରଫୁଲ୍ଲ ଜେନା, ମନିନ୍ଦ୍ର ମହାନ୍ତି, ସଞ୍ଜିତ ରାୟ, ବିଧୂଭୂଷଣ ବାରିକ, ରଶ୍ମିରଞ୍ଜନ ପଣ୍ଡା, ମିର୍ଜା ଆରିଫ୍ ବେଗ୍ ଓ ଅଶୋକ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଗଣଦୌଡ଼ରେ ସାମିଲ ହୋଇଥିବା ଛାତ୍ରୀଛାତ୍ର ଓ ଅନ୍ୟମାନେ।

# ଚାଷୀ ଆନ୍ଦୋଳନ ଜାରି

■ ଉଠିଲାନି ଧାନ, ରାସ୍ତାରୋକୋ



ପାନପଦୀ ଛକଠାରେ ଚାଷୀମାନେ ଧାନବସ୍ତା ରଖି ରାସ୍ତାରୋକୋ କରିଛନ୍ତି।

**ବନ୍ତ, ୧୫।୨ (ଡି.ଏନ.ଏ.)**

ବନ୍ତ ବ୍ଲକ ଅଧୀନ ରାମଚନ୍ଦ୍ରପୁର ପଞ୍ଚାୟତ ପାନପଦୀ ଛକଠାରେ ଗତ ୬ ତାରିଖଠାରୁ ଶତାଧିକ ଚାଷୀ ରାସ୍ତାପାର୍ଶ୍ୱରେ ଧାନବସ୍ତା ପକାଇ ଆନ୍ଦୋଳନ ଜାରି ରଖିଛନ୍ତି। ହେଲେ ପ୍ରଶାସନ ପକ୍ଷରୁ ସେଭଳି କିଛି ଆଖିଦୃଶିଆ ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହୋଇଛି। ଫଳରେ ଶୁକ୍ରବାର ଚାଷୀମାନେ ବନ୍ତ-ଆଗରପଡ଼ା ରାସ୍ତାରୋକୋ କରିଥିଲେ। ଫଳରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଶନିବାର ସୁଦ୍ଧା ଧାନ ଉଠା ନ ଗଲେ ଚାଷୀମାନେ ବାଧ୍ୟହୋଇ ଭଦ୍ରକ-ଆନନ୍ଦପୁର ରାଜ୍ୟ ରାଜପଥକୁ ଅବରୋଧ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏହି ଆନ୍ଦୋଳନକୁ ସମର୍ଥନ କରି ସିପିଆଇର ଜିଲା ସମ୍ପାଦକ ଶୁଭେନ୍ଦ୍ର ପ୍ରତାପ ମହାନ୍ତି, ବରିଷ୍ଠ ସିପିଆଇ ସାଥୀ ଗୋପବନ୍ଧୁ ସେଠୀ, କୃଷକନେତା ଆନନ୍ଦ ଜେନା, କିଶୋର ବେହେରା, ପ୍ରାକ୍ତନ ସରପଞ୍ଚ ଅଭିମନ୍ୟୁ ଜେନା, କାଳନ୍ଦୀ ଦାସ, ପଞ୍ଚାନନ ସେଠୀ, ଯୁବନେତା ପରମେଶ୍ୱର ବାରିକ ଓ ପ୍ରଫୁଲ୍ଲ ନାୟକ ପ୍ରମୁଖ ସାମିଲ ହୋଇଥିଲେ।

## ସାହିତ୍ୟ, ବିଜ୍ଞାନ ପରସ୍ପର ପରିପୂରକ

**ଭଦ୍ରକ ଅଫିସ, ୧୫।୨**

ସାହିତ୍ୟ ଓ ବିଜ୍ଞାନ ପରସ୍ପର ପରିପୂରକ। ଏହି ଦୁଇ ଦୁର୍ଲଭ ଜ୍ଞାନ ଆମ ଜୀବନ ଓ ସମାଜ ସହିତ ଜଡ଼ିତ ହୋଇ ରହିଛନ୍ତି ବୋଲି ‘ଆମ ମାତୃଭାଷା’ ପରିଷଦର ସଂକ୍ରାନ୍ତି ଆସରରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଇଂ. ଅଭୟ ସୂତାରଙ୍କ ପୌରୋହିତ୍ୟରେ ସହରର କଲ୍ୟାଣୀ ନଗରଠାରେ ଆସର ଆୟୋଜିତ ହୋଇଥିଲା। ପ୍ରଫେସର ଲକ୍ଷ୍ମୀକାନ୍ତ ନାୟକ ମୁଖ୍ୟଅତିଥି, ଆସୋସିଏଟ ପଦାର୍ଥ ବିଜ୍ଞାନ ପ୍ରଫେସର ଡ. କମଳାକାନ୍ତ ଜେନା ମୁଖ୍ୟବକ୍ତା ଏବଂ ବିଶିଷ୍ଟ କବି ପ୍ରାଧ୍ୟାପକ ହୃଦାନନ୍ଦ ପାଣିଗ୍ରାହୀ ଓ ଅଧ୍ୟାପକ ନୀହାର ରଞ୍ଜନ କର ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ‘ବିଜ୍ଞାନ ଓ ସାହିତ୍ୟ’ ଶୀର୍ଷକରେ ଆଲୋଚନଚକ୍ର ଅନୁଷ୍ଠିତ ହୋଇଥିଲା। କବି ରତିକାନ୍ତ ବେହେରାଙ୍କ ସଂଯୋଜନାର କବିତା ପାଠୋତ୍ସବ ହୋଇଥିଲା। ଅନୁଷ୍ଠାନର ସମ୍ପାଦକ ଡା. ଅନୀଲ କୁମାର ଦାଶ ସ୍ୱାଗତ ଭାଷଣ ଓ ସମ୍ପାଦକୀୟ ବକ୍ତବ୍ୟ ରଖିଥିଲେ। କବୟିତ୍ରୀ ମମତାରାଣୀ ଦାଶ ଅତିଥି ପରିଚୟ ପ୍ରଦାନ ଓ ନାଟ୍ୟଶ୍ରୀ ନିର୍ମଳ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ବିଭିନ୍ନ ସ୍ଥାନରେ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି

**ବାରିପଦା ଅଫିସ, ୧୫।୨:** ବାରିପଦାସ୍ଥିତ ଜିଲା ଓକିଲ ସଂଘର ସଭାଗୃହରେ ସଭାପତି ପ୍ରବୀର କୁମାର ବସାଙ୍କ ପୌରୋହିତ୍ୟରେ ଗୁରୁବାର ଜାମ୍ମୁ ଓ କାଶ୍ମୀରର ପୁଲୱାମାଠାରେ ଆତଙ୍କବାଦୀଙ୍କ ଦ୍ୱାରା ଶହୀଦ ହୋଇଥିବା ଯବାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଛି। ଯବାନଙ୍କ ଅମର ଆତ୍ମାର ସଦଗତି ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଶ୍ରଦ୍ଧାଞ୍ଜଳି ସଭାରେ ବିଜନ କୁମାର ଦାସ, ହିମାଂଶୁ କୁମାର ସଦୁଆଳ, ପ୍ରଭାତ ଦାସ, ଶ୍ରୀନିବାସ ପ୍ରଧାନ, କୃଷ୍ଣଚନ୍ଦ୍ର ମହାନ୍ତି, ବରୁଣ ବାରିକ, ସୁବାସ କର ମହାପାତ୍ର, ସୁଜାତା ମିଶ୍ର ପ୍ରମୁଖ ଆଇନଜୀବୀ ଶହୀଦ ଅମର ଆତ୍ମାର ସଦଗତି ତଥା ସେମାନଙ୍କର ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜ୍ଞାପନ କରିଥିଲେ।

**ଖୁଣ୍ଟା, (ଡି.ଏନ.ଏ.):** ଖୁଣ୍ଟା ବଣିକ ସଙ୍ଘ ଓ ପୋଲିସ ବାହିନୀ ପକ୍ଷରୁ ଶୁକ୍ରବାର ଜାମୁକାଶ୍ମୀରର ପୁଲୱାମାଠାରେ ଆତଙ୍କବାଦୀଙ୍କ ଦ୍ୱାରା ଆତ୍ମଘାତୀ ବିସ୍ଫୋରଣରେ ପ୍ରାଣ ହରାଇଥିବା ବୀର ଯବାନଙ୍କୁ ମହମବତୀ ସଭାଯାତ୍ରା ମାଧ୍ୟମରେ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଛି। ବଣିକ ସଙ୍ଘର ସଦସ୍ୟ ଓ ପୋଲିସ କର୍ମଚାରୀ ସମେତ ଜନସାଧାରଣ ଶୁକ୍ରବାର ସନ୍ଧ୍ୟାରେ ହାତରେ ମହମବତୀ ଓ ବ୍ୟାନର ଧରି ଶହୀଦ ଅମର ରହେ ସ୍ଲୋଗାନ ମାନ ଦେଇ ବଜାର ପରିକ୍ରମା କରିଥିଲେ। ଶୋଭାଯାତ୍ରା କଲ୍ୟାଣୀ ମଣ୍ଡପଠାରେ ପହଞ୍ଚିଥିଲା। ସେଠାରେ ଆୟୋଜିତ ଏକ ଶୋକ ସଭାରେ ଯୋଗଦେଇ ଶହୀଦଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

**ରାଇରଙ୍ଗପୁର, (ଡି.ଏନ୍.ଏ.):** ରାଇରଙ୍ଗପୁର ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଛାତ୍ର ସଂଗଠନ ପକ୍ଷରୁ ଶୁକ୍ରବାର ସନ୍ଧ୍ୟାରେ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଥିଲା। ଏବିଭିପି ଛାତ୍ର ସଂଗଠନ ଛାତ୍ରୀଛାତ୍ର ସ୍ଥାନୀୟ ସହରାଞ୍ଚଳ ଜଗନ୍ନାଥ ମନ୍ଦିର ପରିସରଠାରୁ ବଡ଼ବଜାର ଏବଂ ଗୋଲେଇ ଛକ ରାସ୍ତାରେ କ୍ୟାଣ୍ଡେଲ ଜଳାଇ ଶୋଭାଯାତ୍ରା କରି ବଡ଼ବଜାରସ୍ଥିତ ଗାନ୍ଧୀ ପାର୍କଠାରେ ଶେଷ କରିଥିଲେ। ଛାତ୍ରୀଛାତ୍ରମାନେ ଗାନ୍ଧୀପାର୍କ ନିକଟରେ ଶହୀଦ ଯବାନଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରିଥିଲେ।

### ପୁଣ୍ୟତୋୟା ଛାତ୍ରୀନିବାସ ବାର୍ଷିକୋତ୍ସବ

**ବାରିପଦା ଅଫିସ, ୧୫।୨:** ବାରିପଦା ସରକାରୀ ମହିଳା ମହାବିଦ୍ୟାଳୟର ପୁଣ୍ୟତୋୟା ଛାତ୍ରୀନିବାସର ୪୩ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷା ଜୟନ୍ତୀ ପାଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ପ୍ରଫେସର ରାଜୀବ ଲୋଚନ ପଟ୍ଟନାୟକ, ମୁଖ୍ୟ ବକ୍ତା ଭାବେ ଡ. ସୁବାସଚନ୍ଦ୍ର ପାତ୍ର ଯୋଗ ଦେଇଥିଲେ। ଛାତ୍ରୀନିବାସର ଶେଷ ବର୍ଷର ଛାତ୍ରୀ ଆଦ୍ୟାଶା ଦାସ ଅତିଥିଙ୍କୁ ମଞ୍ଚାସୀନ ହେବା ପାଇଁ ଆମନ୍ତ୍ରଣ କରିଥିଲେ। ଛାତ୍ରୀ ନିବାସର ତତ୍ତ୍ୱାବଧାରିକା ଡ. ଅନୁପମା ଭୋଳ ଅତିଥି ପରିଚୟ ଦେଇଥିଲେ। ଛାତ୍ରୀ ନିବାସର ଶେଷ ବର୍ଷ ବିଜ୍ଞାନ ଛାତ୍ରୀ କଳ୍ପନା ପଟ୍ଟନାୟକଙ୍କୁ ଶ୍ରେଷ୍ଠ ଅଲରାଉଣ୍ଡର ଓ ଶ୍ରେଷ୍ଠ ନୃତ୍ୟାଙ୍ଗନାର ପୁରସ୍କାର ପ୍ରଦାନ କରାଯାଇଥିଲା। ଆଦ୍ୟାଶା ଦାସଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ ଓ ତନୁଶ୍ରୀ ସାହୁଙ୍କୁ ଶ୍ରେଷ୍ଠ ସହ ଅଭିନେତ୍ରୀ ପୁରସ୍କାର ପ୍ରଦାନ କରାଯାଇଥିଲା। ଅନ୍ତେବାସିନୀ ସଂସଦର ସାଧାରଣ ସମ୍ପାଦିକା ସୁଚରିତା ସାହୁଙ୍କୁ ଶ୍ରେଷ୍ଠ ଅନ୍ତେବାସିନୀ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଛାତ୍ରୀନିବାସର ସହ ତତ୍ତ୍ୱାବଧାରିକା ଡ.ରୂପଶ୍ରୀ ଗୋସ୍ୱାମୀ ପରିଚାଳନା କରିଥିଲେ। ସାଧାରଣ ସମ୍ପାଦିକା ସୌମ୍ୟା ସୁଚରିତା ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ ନାଟ୍ୟ ସଂସଦର ସମ୍ପାଦିକା ଐଶ୍ୱର୍ଯ୍ୟା କର ଧନ୍ୟବାଦ ଦେଇଥିଲେ। ଛାତ୍ରୀନିବାସର ଅନ୍ତେବାସିନୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଛାତ୍ରୀ ନିବାସର ଆକାଉଣ୍ଟାଣ୍ଟ ସଂଘମିତ୍ରା ଦାସ ଏହି କାର୍ଯ୍ୟକ୍ରମ ଆୟୋଜନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

### ଉଜ୍ଜ୍ୱଳା ସ୍ୱାଭିମାନ ଦିବସ

**ବେତନଟୀ,୧୫।୨ (ଡି.ଏନ.ଏ):** ବେତନଟୀ ବ୍ଲକ ଅଧିନ ବୈଶିଙ୍ଗା ନିକଟ ନଛିପୁରାଗାନ୍ଧି ପଡ଼ିଆରେ ଉଜ୍ଜ୍ୱଳା ସ୍ୱାଭିମାନ ଦିବସ ପାଳିତ ହୋଇଯାଇଛି। ଏଥିନେଇ ବେତନଟୀ ବ୍ଲକ ଏଚ.ପି ଗ୍ୟାସ ଡିଷ୍ଟ୍ରିବ୍ୟୁଟର ବଳଭଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନୋଡ଼ାଲ ଅଧିକାରୀ ଅନିଲ ସେନ ଗୁପ୍ତା, ଜିଲ୍ଲା ପରିଷଦ ସଦସ୍ୟ ବ୍ରଜମୋହନ ବେହେରା ଯୋଗଦେଇ ଉପସ୍ଥିତ ମହିଳାଙ୍କୁ ଉଜ୍ଜ୍ୱଳା ସ୍ୱାଭିମାନ ଦିବସର ଉଦ୍ଦେଶ୍ୟ ଏବଂ ଗ୍ୟାସଦ୍ୱାରା ରୋଷେଇ କଲେ ସମୟ ବଞ୍ଚିବା ସହ ଅନ୍ୟ କାମ କରି ଅଧିକ ରୋଜଗାର କରିବା ବିଷୟରେ ସୂଚିତ କରିଥିଲେ। ବେତନଟୀ ବ୍ଲକର ବିଭିନ୍ନ ଗ୍ରାମରୁ ୨୫ ଶହରୁ ଊର୍ଦ୍ଧ୍ୱ ମହିଳା ଯୋଗ ଦେଇଥିଲେ।

# ବିଦ୍ୟାଳୟ ମିଶ୍ରଣକୁ ବିରୋଧ

## ■ ବିଇଓଙ୍କ କାର୍ଯ୍ୟାଳୟରେ ତାଲା ପକାଇଲେ ଛାତ୍ରୀଛାତ୍ର

**ଉଦଳା, ୧୫।୨(ଡି.ଏନ.ଏ.)**

ବିଦ୍ୟାଳୟ ମିଶ୍ରଣକୁ ବିରୋଧ କରି ଉଦଳା ବ୍ଲକ ଅଧୀନରେ ଥିବା ଖଲାଡି ପଞ୍ଚାୟତର ଦରିକୁଲା ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏଥିରେ ଅଭିଭାବକମାନେ ମଧ୍ୟ ସାମିଲ ହୋଇଥିଲେ। ବିକ୍ଷୋଭକାରୀମାନେ ଉଦଳା ଗୋଷ୍ଠୀ ଶିକ୍ଷା ଅଧିକାରୀ(ବିଇଓ)ଙ୍କ ମୁଖ୍ୟ ଫାଟକରେ ତାଲା ପକାଇ ଦେବା ସହିତ ଧାରଣାରେ ବସିଥିଲେ। ଫଳରେ କୌଣସି କର୍ମଚାରୀ ବିଇଓଙ୍କ କାର୍ଯ୍ୟାଳୟ ଭିତରକୁ ଯାଇପାରି ନ ଥିଲେ। ଦିନତମାମ କାର୍ଯ୍ୟାଳୟ ଅଚଳ ହୋଇପଡିଥିଲା।


ଛାତ୍ରୀଛାତ୍ରଙ୍କ ସହ ଅଭିଭାବକମାନେ ଧାରଣାରେ ବସିଛନ୍ତି।

ଦରିକୁଲା ବିଦ୍ୟାଳୟର ଛାତ୍ରୀଛାତ୍ର ସଂଖ୍ୟା ହ୍ରାସ ପାଉଥିବାରୁ ଶିକ୍ଷା ଅଧିକାରୀ ଏହି ବିଦ୍ୟାଳୟକୁ ନିକଟସ୍ଥ ବେଗୁନିଆଡିହା ପ୍ରାଥମିକ ବିଦ୍ୟାଳୟ ସହିତ ମିଶ୍ରଣ କରିଦେଇଥିବା ଜଣାପଡିବା ପରେ ଅଭିଭାବକ ଏବଂ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଏହାକୁ ନେଇ ଅଭିଭାବକମାନେ ବିଇଓ, କପ୍ତିପଦା ଉପଜିଲାପାଳ ଏବଂ ଜିଲାପାଳଙ୍କ ନିକଟରେ ଏକ ଦସ୍ତଖତ ସମ୍ବଳିତ ଦାବିପତ୍ର ଦେଇଥିଲେ। ଏଥିରେ ବିଦ୍ୟାଳୟକୁ ସ୍ଥାନାନ୍ତର କରା ନ ଯିବାକୁ ଦାବି କରାଯାଇଥିଲା। ଏହାର କୌଣସି ସୁଫଳ ନ ମିଳିବାରୁ ଅଭିଭାବକ ଏବଂ ଛାତ୍ରୀଛାତ୍ର ଏଭଳି ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିଥିଲେ। ଅଭିଭାବକ ବାଇଧର ମୁର୍ମୁ କହିଛନ୍ତି ଯେ, ଦରିକୁଲା ବିଦ୍ୟାଳୟରୁ ବେଗୁନିଆଡିହା ବିଦ୍ୟାଳୟ ପ୍ରାୟ ୩କି.ମି. ଦୂର ହେଉଥିବାରୁ ଦରିକୁଲା ଗ୍ରାମର ଛାତ୍ରୀଛାତ୍ରମାନେ ବେଗୁନିଆଡିହା ବିଦ୍ୟାଳୟକୁ ଯିବା ଆସିବାରେ ଅସୁବିଧା ଭୋଗୁଥିବା ଅଭିଯୋଗ କରିଛନ୍ତି। ବିଇଓ ସୁଧାକର ବେହେରା ଖୁବଶୀଘ୍ର ଉପରିସ୍ଥ ଅଧିକାରୀଙ୍କୁ ଜଣାଇ ଏହି ଘଟଣାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

## ବାୟୁସେନା ନିଯୁକ୍ତି ରାଲି ପ୍ରସ୍ତୁତି


ଭାରତୀୟ ବାୟୁସେନା ଅଧିକାରୀ ଓ ଅନ୍ୟମାନେ।

**ବାରିପଦା ଅଫିସ, ୧୫।୨**

ଜିଲା ପ୍ରଶାସନ ସହାୟତାରେ ଭାରତୀୟ ବାୟୁସେନା ମେଡିକାଲ ଆସିଷ୍ଟାଣ୍ଟ ପଦବୀ ପାଇଁ ସ୍ଥାନୀୟ ବାରିପଦାସ୍ଥିତ ଛଉ ପଡ଼ିଆଠାରେ ୨୬ରୁ ମାର୍ଚ୍ଚ ୪ ତାରିଖ ପର୍ଯ୍ୟନ୍ତ ଏକ ମନୋନୟନ ରାଲି ଅନୁଷ୍ଠିତ ହେବ। ଏ ନେଇ ସ୍ଥାନୀୟ ତକତପୁରସ୍ଥିତ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟରେ ଭାରତୀୟ ବାୟୁସେନା ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ସହ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷ ଦୁର୍ଗାଚରଣ ପାତ୍ର ସଭାପତିତ୍ୱ କରିଥିଲେ। ବୃତ୍ତି ନିୟୋଜନ ପରାମର୍ଶ କେନ୍ଦ୍ରର ସମନ୍ୱୟକ ଓ ଗୌତିକ ବିଜ୍ଞାନ ବିଭାଗର ସହଯୋଗୀ ପ୍ରାଧ୍ୟାପକ ସରୋଜ କୁମାର ପାତ୍ର ସଭା ପରିଚାଳନା କରିଥିଲେ। ବାୟୁସେନାର ଅଧିକାରୀ କର୍ପୋରାଲ କୁଲଦ୍ୱୀପ ସିଂ ଶେଖାଓତ ମେଡିକାଲ ଆସିଷ୍ଟାଣ୍ଟ ପଦବୀ ପାଇଁ ଆବଶ୍ୟକ ଶାରୀରିକ, ଶିକ୍ଷାଗତ ଯୋଗ୍ୟତ ଓ ମନୋନୟନ ପ୍ରକ୍ରିୟା ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ପିଏଆଇଟିଡିଏ ବିଜନ କୁମାର ଥମ୍ଭ ଯୋଗଦେଇ ନିଜର ମତ ଦେଇଥିଲେ।

# ୧୭ ଶିଶୁ ଶ୍ରମିକଙ୍କୁ ମିଳିଲା ନିଯୁକ୍ତି

**ବାରିପଦା ଅଫିସ, ୧୫।୨**

ଆଦିବାସୀ ଅଧୁଷିତ ବଣ ପାହାଡ ଘେରା ମୟୂରଭଞ୍ଜ ଜିଲାର ୧୭ ଶିଶୁ ଶ୍ରମିକଙ୍କୁ ଜିଲା ପ୍ରଶାସନ ସହଯୋଗରେ ଘରୋଇ କମ୍ପାନୀରେ ଶୁକ୍ରବାର ନିଯୁକ୍ତି ମିଳିଛି। ଗଞ୍ଜାମ ଜିଲା ଗୋପାଳପୁରସ୍ଥିତ ଏକ ବେସରକାରୀ ତାଲିମ କେନ୍ଦ୍ରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉକ୍ତ ଶିଶୁ ଶ୍ରମିକଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି। ରାଜ୍ୟ ନିଯୁକ୍ତି ମିଶନର ନିର୍ଦ୍ଦେଶକ ତଥା ରାଜ୍ୟ ଦକ୍ଷତା ବିକାଶ ପରିଷଦର ସିଇଓ ମୁଖ୍ୟ କାର୍ଯ୍ୟନିର୍ବାହୀ ରାଜେଶ ପ୍ରଭାକର ପାଟିଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଶୁ ଶ୍ରମିକମାନଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରଥିଲେ। ମୟୂରଭଞ୍ଜ ପ୍ରଶାସନ ପକ୍ଷରୁ ଆରମ୍ଭ କରାଯାଇଥିବା ସ୍ୱତନ୍ତ୍ର ଅଭିଯାନ 'ମୁଁ ବି ପଢିବି' ଆଜି ସଫଳ ହୋଇଛି ବୋଲି ସେ କହିଥିଲେ। ଏ

ଏହି କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲାପାଳ ବିଜୟ ଅମୃତ କୁଲାଙ୍ଗେ, ବ୍ରହ୍ମପୁର ଉପଜିଲାପାଳ ଦିଗନ୍ତ ରାଉତରାୟ, ନିଯୁକ୍ତି ମିଶନର ରିଜିଓନାଲ ଆସିଷ୍ଟାଣ୍ଡ ଡାଇରେକ୍ଟର ଆର୍ ଏମ୍ କିଲାନା, ତାଲିମ


ନିଯୁକ୍ତିପତ୍ର ପାଇବା ପରେ ଖୁସି ମନାଉଛନ୍ତି।

କେନ୍ଦ୍ରର ଅଧକ୍ଷ ପି କୀର୍ତ୍ତାନ୍ନ ସ୍ୱାମୀ, ମୟୂରଭଞ୍ଜ ଜିଲା ନିୟୋଜନ ଅଧିକାରୀ ବିଜୟ କୁମାର ପାତ୍ର, ପୂର୍ବତନ ଜିଲା ପ୍ରକଳ୍ପ ସଂଯୋଜକ (ସର୍ବଶିକ୍ଷା ଅଭିଯାନ) ବିବେକାନନ୍ଦ ସାହୁ, ଜିଲା ଆଦିବାସୀ ଶିକ୍ଷା ସଂଯୋଜକ(ସର୍ବ ଶିକ୍ଷା ଅଭିଯାନ) ସପନ କୁମାର ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁଁ ଅନ୍ୟ ୨ ଶିଶୁ ଶ୍ରମିକ ଅନୁପସ୍ଥିତ ଥିବା ଜଣାଯାଇଛି। ଏହି ଶିଶୁ ଶ୍ରମିକମାନେ ନିଯୁକ୍ତିପତ୍ର ପାଇବା ପରେ ଭାବ ବିହ୍ୱଳ ହୋଇଥିବା ଦେଖିବାକୁ ମିଳିଥିଲା। ୨୦୧୭ ଫେବୃୟାରୀରେ ତତ୍କାଳୀନ ଜିଲାପାଳ ରାଜେଶ ପ୍ରଭାକର ପାଟିଲଙ୍କ ଉଦ୍ୟମ ଯୋଗୁଁ ୨୦ ଜଣ ଶିଶୁ ଶ୍ରମିକଙ୍କୁ ଗଞ୍ଜାମ ଜିଲା ଗୋପାଳପୁରସ୍ଥିତ ତାଲିମ କେନ୍ଦ୍ରକୁ ୨ ବର୍ଷିଆ ବହୁମୁଖି ତାଲିମ ଗ୍ରହଣ ପାଇଁ ପଠାଯାଇଥିଲା। ଏହି ୨୦ ଜଣଙ୍କ ମଧ୍ୟରୁ ଜଣେ ଶିଶୁ ଶ୍ରମିକଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁଁ ମୃତ୍ୟୁ ହୋଇଯାଇଥିଲା। ତତ୍କାଳୀନ ଜିଲାପାଳ ପାଟିଲ ୨୦୧୩ ମସିହା ଉତ୍କଳ ଦିବସରୁ ଶିକ୍ଷା କ୍ଷେତ୍ରରେ ବିପ୍ଳବ ଆଣିବା ପାଇଁ ଏକ ସ୍ୱତନ୍ତ୍ର ଅଭିଯାନ 'ମୁଁ ବି ପଢିବି' କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ।

## ନିଶାମୁକ୍ତିସଚେତନତା କାର୍ଯ୍ୟକ୍ରମ

**ବାରିପଦା ଅଫିସ,୧୫।୨–** ଜିଲ୍ଲା ସ୍ୱାସ୍ଥ୍ୟ ସମିତି ବାରିପଦା ସହାୟତାରେ ବାରିପଦା ମହାବିଦ୍ୟାଳୟ ପରିସରରେ ଏକ ନିଶା ମୁକ୍ତି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ରଞ୍ଜନ କୁମାର ମହାନ୍ତିଙ୍କ ପୌରୋହିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମସ୍ତ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରି ମହାବିଦ୍ୟାଳୟକୁ ନିଶାମୁକ୍ତ ଅଂଚଳ ଭାବେ ଗଢ଼ିବା ପାଇଁ ସଙ୍କଳ୍ପ ନେଇଥିଲେ। ପ୍ରାଧ୍ୟାପକ ଡ. ତରୁଣ କୁମାର ଓଝା ଅତିଥି ପରିଚୟ ସହ ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ଜିଲ୍ଲା ସ୍ୱାସ୍ଥ୍ୟ ସମିତିର ଡ.ଅରୂପ ଅଭିଷେକ ଓ ତରୁଣ କୁମାର ସାହୁ ଯୋଗଦେଇ ନିଶାମୁକ୍ତ ସମାଜ ଗଠନ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଲତାଶୀ ଦାସ ପ୍ରଥମ, ରାଇମଣୀ ହେମ୍ବ୍ରମ ଦ୍ୱିତୀୟ, ଗୌରୀବାଳା ସାହୁ ଏବଂ ଇତିଶ୍ରୀ ମହାନ୍ତ ଯୁଗ୍ମ ଭାବେ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଅଧ୍ୟାପିକା ସଂଯୁକ୍ତାରାଣୀ ସୂର ଧନ୍ୟବାଦ ଦେଇଥିଲେ। ଡ. ଅଳୀ ପଣ୍ଡା, ଅଧ୍ୟାପକ ବିନୋଦ ଦାଶ, ଅଟଳ କୁମାର ମହାନ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଜିଲ୍ଲା ସ୍ୱାସ୍ଥ୍ୟ ସମିତିର ଅଧ୍ୟକ୍ଷ ଏହି କାର୍ଯ୍ୟକ୍ରମକୁ ସ୍ୱାଗତ କରିଛନ୍ତି।

## ଖୁଣ୍ଟା ଡିଗ୍ରୀ ମହାବିଦ୍ୟାଳୟ ବାର୍ଷିକୋତ୍ସବ


ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

**ଖୁଣ୍ଟା, ୧୫।୨(ଡି.ଏନ.ଏ.)**

ଖୁଣ୍ଟା ଡିଗ୍ରୀ ମହାବିଦ୍ୟାଳୟର ୨୫ତମ ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମହାବିଦ୍ୟାଳୟର ଅଧକ୍ଷ ପ୍ରମୋଦ କୁମାର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଉପବାଚସ୍ପତି ସାନନ୍ଦ ମାର୍ଣ୍ଡି, ମୁଖ୍ୟ ବକ୍ତା ଭାବେ ପୂର୍ବତନ ଏମ୍‌ପି ବିରଭଦ୍ର ସିଂ, ସମ୍ମାନିତ ଅତିଥି ଭାବେ ଖୁଣ୍ଟା ବ୍ଲକ ଅଧକ୍ଷ ପୁଷ୍ପଲତା ମାର୍ଣ୍ଡି ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ବକ୍ତବ୍ୟ ପ୍ରଦାନ କରିଥିଲେ। ଅଧାପିକା ହିରଣ୍ମୟୀ ଶତପଥୀ ସ୍ୱାଗତ ଭାଷଣ ଦେଇଥିଲେ। ମହାବିଦ୍ୟାଳର ପୂର୍ବତନ ଅଧକ୍ଷ ସରୋଜ ରଞ୍ଜନ ତ୍ରିପାଠୀ ବାର୍ଷିକ ବିବରଣୀ ପାଠ କରିଥିଲେ। ମହାବିଦ୍ୟାଳୟର ୨୦୧୮ ଶିକ୍ଷା ବର୍ଷରେ ଶ୍ରେଷ୍ଠ ବିବେଚିତ ହୋଇଥିବା ଛାତ୍ରୀ ଶୁଭଶ୍ରୀ ପାତ୍ରଙ୍କୁ ପରିଚାଳନା କମିଟିର ପୂର୍ବତନ ସମ୍ପାଦକ ସନ୍ୟାସୀ ଚରଣ ମହାନ୍ତି ମେମରିଆଲ ଫାଉଣ୍ଡେଶନ ତରଫରୁ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥି ପୁରସ୍କାର ପ୍ରଦାନ କରିଥିଲେ। ବାଳକ ବିଭାଗରେ ପବନ କୁମାର ମାର୍ଣ୍ଡି ଓ ବଳିକା ବିଭାଗରେ ସୁଭଲକ୍ଷ୍ମୀ ନାଏକ ଚାମ୍ପିୟନ ହୋଇଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଆତ୍ମଘାତୀ ବୋମା ବିସ୍ଫୋରଣରେ ଶହୀଦ ହୋଇଥିବା ଯବାନମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଥିଲା। ଶେଷରେ ଅଧାପକ ରଞ୍ଜନ କୁଆର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଆଦିବାସୀ ପ୍ରତିନିଧି ସମ୍ମିଳନୀ, ସାଂସ୍କୃତିକ ସମାରୋହ


ଉତ୍ସବରେ ଅତିଥିମାନେ ଆଦିବାସୀମାନଙ୍କୁ ବାଦ୍ୟଯନ୍ତ୍ର ପ୍ରଦାନ କରୁଛନ୍ତି।

**ଉଦଳା, ୧୫।୨ (ଡି.ଏନ.ଏ.)**

କପ୍ତିପଦା ଉପଖଣ୍ଡର ସଦର ମହକୁମା ଉଦଳା ହାଇସ୍କୁଲ ପଡିଆଠାରେ ଶୁକ୍ରବାର ଆଦିବାସୀ ପ୍ରତିନିଧି ସମ୍ମିଳନୀ ଓ ସାଂସ୍କୃତିକ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମୟୂରଭଞ୍ଜ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷ ଡା. ଦେବାଶିଷ ମାରାଣ୍ଡିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ମୁଖ୍ୟଅତିଥି ଭାବେ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ରାଜ୍ୟସଭା ଏମ୍‌ପି ସରୋଜିନୀ ହେମ୍ବ୍ରମ୍, ଜିଲା ପରିଷଦ ଅଧକ୍ଷ ସୁଜାତା ମୁର୍ମୁ, ପୂର୍ବତନ ରାଜ୍ୟସଭା ଏମ୍‌ପି ବୀରଭଦ୍ର ସିଂ, ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ୍ ପ୍ରମୁଖ ଏହି ଆଦିବାସୀ ପ୍ରତିନିଧି ସମ୍ମିଳନୀରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରୁ କଶ୍ମୀର ପୁଲୱାମାରାରେ ଆତଙ୍କବାଦୀଙ୍କ ଗୁଳିରେ ସହିଦ୍ ଯବାନଙ୍କ ଉଦ୍ଦେଶ୍ୟରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସାଂସ୍କୃତିକ ସମାରୋହରେ ଉଦଳା, ଖୁଣ୍ଟା ଏବଂ ଗୋପବନ୍ଧୁନଗର ବ୍ଲକର ବିଭିନ୍ନ ପଞ୍ଚାୟତରୁ ସାନ୍ତାଳ, କୋହ୍ଲ, ବାଥୁଡି, ଭୂୟାଁ, ଭୂମିଜ ଭଳି ବିଭିନ୍ନ ଜନଜାତି ଭାଷାଭାଷୀର ସାଂସ୍କୃତିକ ଦଳ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଉଦଳା ଆଇଟିଡିଏ ପିଏ ବିଧାନ ଚନ୍ଦ୍ର ରାୟ, ଉପଖଣ୍ଡ ପୋଲିସ୍ ଅଧିକାରୀ ସ୍ୱପ୍ନରଞ୍ଜନ ମହାପାତ୍ର, ଆଇଆଇସି ସନାତନ ସାହୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଏବଂ ମୁଖ୍ୟବକ୍ତା ବିଭିନ୍ନ ସାଂସ୍କୃତିକ ଦଳକୁ ତାଙ୍କର ପାରମ୍ପରିକ ବାଦ୍ୟଯନ୍ତ୍ର, ପାରମ୍ପରିକ ବସ୍ତ୍ର ଆଦି ପ୍ରଦାନ କରିଥିଲେ। ତାଛଡା ଅତିଥିମାନଙ୍କ ଦ୍ୱାରା ସାନ୍ତାଳ, କୋହ୍ଲ, ବାଥୁଡି, ଭୂୟାଁ ଓ ଭୂମିଜ ଜନଜାତିର ମୁଖ୍ୟ ପୁରୋଧାମାନଙ୍କୁ ମାନପତ୍ର ଏବଂ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଓଡିଶା ସରକାର ଆଦିବାସୀମାନଙ୍କ ଉନ୍ନତି ଏବଂ ତାଙ୍କର ସାଂସ୍କୃତିକ ବିକାଶର ପୁନରୁଦ୍ଧାର ନିମନ୍ତେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି ବୋଲି ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷ ଦେବାଶିଷ ମାରାଣ୍ଡି କହିଛନ୍ତି। ଦିବସ ବ୍ୟାପୀ ଆଦିବାସୀ ସାଂସ୍କୃତିକ ମଞ୍ଚରେ ବିଭିନ୍ନ ଗ୍ରାମାଞ୍ଚଳରୁ ଆସିଥିବା ଚାଙ୍ଗୁ ନୃତ୍ୟ, ଧୁମ୍‌ସା ମାଦଳ, ସାନ୍ତାଳି ନୃତ୍ୟ ଆଦି ପରିବେଷଣ କରାଯାଇଥିଲା। ପ୍ରାୟ ହଜାର ହଜାର ଆଦିବାସୀ ଯୁବତୀ ଯୁବକ, ମହିଳା, ପୁରୁଷ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ତେବେ ରାଡୋ ପଞ୍ଚାୟତର ପୂର୍ବତନ ସରପଞ୍ଚ ବସେନ ମାରାଣ୍ଡି, ଠୁମ୍ପି ମୁର୍ମୁ, ସବିତା ହାଁସଦା, ଉଦଳା ବ୍ଲକ ଅଧକ୍ଷା କାରମୀ ମୁର୍ମୁ, ଖୁଣ୍ଟା ବ୍ଲକ ଅଧକ୍ଷା ପୁଷ୍ପଲତା ମାରାଣ୍ଡି, ଗୋପବନ୍ଧୁନଗର ବ୍ଲକ ଅଧକ୍ଷ ମାନସ ମହାରଣା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

## ବିଜେଡିର ପଞ୍ଚାୟତସ୍ତରୀୟ ବୈଠକ

**ବଡ଼ସାହି,୧୫।୨(ସ୍ୱ.ପ୍ର.)**

ବାରିପଦା ନିର୍ବାଚନ ମଣ୍ଡଳୀ ଅଧୀନ ବଡ଼ସାହି ବ୍ଲକ ଜାରକାଣୀ ପଞ୍ଚାୟତ ଜାମଶୂଳୀଠାରେ ବିଜେଡିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଧାୟକଙ୍କ ପ୍ରତିନିଧି କେଶବ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ଦଳର ପର୍ଯ୍ୟବେକ୍ଷକ ମାନସ ମଲ୍ଲିକ, ବ୍ଲକ ଉପାଧକ୍ଷ ଅନ୍ତର୍ଯ୍ୟାମୀ ବେହେରା, ସରପଞ୍ଚ ଧରଣୀଧର ନାଏକ, ସମିତି ସଭ୍ୟ ଶିବନାଥ ସିଂ ଓ ବରିଷ୍ଠ କର୍ମୀ ପୂର୍ଣ୍ଣଚନ୍ଦ୍ର ନାଏକ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ଜନହିତକାରୀ ଯୋଜନା ସମ୍ପର୍କରେ କହିଥିଲେ। ଶେଷରେ ବେଣୁଧର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସାନ୍ତାଳୀ ଲଘୁ ଚଳଚ୍ଚିତ୍ର ଉତ୍ସବ

**ବାରିପଦା ଅଫିସ, ୧୫।୨**

ସାନ୍ତାଳୀ ଆର୍ଟ ଏବଂ ଫିଲ୍ମ ଡେଭଲପମେଣ୍ଟ ଫାଉଣ୍ଡେଶନ ପକ୍ଷରୁ ୩ୟ ଜାତୀୟ ସାନ୍ତାଳୀ ଲଘୁ ଚଳଚ୍ଚିତ୍ର ଉତ୍ସବ ବାରିପଦାସ୍ଥିତ ପ୍ରୟାସ ସମ୍ମିଳନୀ କକ୍ଷରେ ଉଦ୍‌ଘାଟିତ ହୋଇଯାଇଛି। ଚାରିଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ଉତ୍ସବକୁ ମୟୂରଭଞ୍ଜ ଜିଲା ସ୍ୱତନ୍ତ୍ର ଆଦିବାସୀ ଉନ୍ନୟନ ବିକାଶ ପରିଷଦ ଅଧକ୍ଷ ଡା. ଦେବାଶିଷ ମାର୍ଣ୍ଡି ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏଭଳି ଏକ କାର୍ଯ୍ୟକ୍ରମ ସାନ୍ତାଳୀ ଭାଷାକୁ ବିଶ୍ୱଦରବାରରେ ସ୍ୱତନ୍ତ୍ର ପରିଚୟ ଦେଇପାରି ଥିବାରୁ ଏହାକୁ ଆଗକୁ ନେବାକୁ ସମସ୍ତ ସାହାଯ୍ୟ ସହଯୋଗ ଯୋଗାଇ ଦିଆଯିବ ବୋଲି ସେ କହିଥିଲେ। ଓଡ଼ିଶା ସମେତ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ବିହାର, ଆସାମ ଆଦି ରାଜ୍ୟରୁ ୧୦୦ରୁ ଊର୍ଦ୍ଧ୍ୱ ଲଘୁ ଚଳଚ୍ଚିତ୍ରକୁ ଏଥିରେ ସାମିଲ କରାଯାଇଛି। ଦୁଇଦିନ ଧରି ଚଳଚ୍ଚିତ୍ର ସବୁ ସ୍କ୍ରିନିଂ ହେବା ପରେ ଶେଷଦିନ ବାରିପଦା ଶହୀଦ ସ୍ମୃତି ଭବନଠାରେ ପ୍ରଦର୍ଶିତ ହେବ। ଆସନ୍ତା ୧୭ ତାରିଖରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ମାଧ୍ୟମରେ ଏହାର ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହେବ। ଏଥିସହ ଶ୍ରେଷ୍ଠ ଚଳଚ୍ଚିତ୍ର, ନିର୍ଦ୍ଦେଶକ ଓ କଳାକାରଙ୍କୁ ସମ୍ମାନିତ କରାଯିବ ବୋଲି ଆୟୋଜକ କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଉଦ୍‌ଯାପନୀ ଉତ୍ସବରେ ଝାଡ଼ଖଣ୍ଡର ପଦ୍ମଶ୍ରୀ ପ୍ରଫେସର ଦିଗମ୍ବର ହାଁସଦା ଯୋଗଦେଇ କଳାକାରମାନଙ୍କୁ ପୁରସ୍କୃତ କରିବାର କାର୍ଯ୍ୟକ୍ରମ ରହିଛି। ଅନ୍ୟମାନଙ୍କ ମଧ୍ୟରେ ଫିଲ୍ମ ଫେଷ୍ଟିଭାଲର ଚେୟାରମ୍ୟାନ ଏସ୍. ମାର୍ଣ୍ଡି, ଫାଇନାନ୍ସିଆଲ ଆଡଭାଇଜର ଅନ୍ତାଆଲୋକ ବାସ୍କେ, ଚେୟାରମ୍ୟାନ ଦୀପକ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଶୂଳିଆପଦାରେ ବିଜେଡି କର୍ମୀ ସମ୍ମିଳନୀ

**କୋଷ୍ଠା ୧୫।୨ (ଡ଼ି.ଏନ.ଏ)**

ଶୂଳିଆପଦା ବ୍ଲକ କଣ୍ଟିସାହି ହାଟ ପଡିଆରେ ପୂର୍ବତନ ବିଧାୟକ ଡ. ଛତିଶଚନ୍ଦ୍ର ଧଳଙ୍କ ଆବାହକତ୍ୱରେ ବିଜେଡିର ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉପସ୍ଥିତ କର୍ମୀମାନେ ମୋରଡ଼ା ବିଧାନସଭା ଆସନ ଲାଗି ଡ. ଧଳଙ୍କ ପ୍ରାର୍ଥିତ୍ୱ ସମ୍ପର୍କରେ ଯୁକ୍ତି ବାଢିଥିଲେ। ୧୯୯୦ ମସିହାରେ କଂଗ୍ରେସ ଦଳର ପୁରୁଖା ନେତା ତଥା ଓଡିଶା ବିଧାନ ସଭାର ପୂର୍ବତନ ବାଚସ୍ପତି ପ୍ରଶନ୍ନ କୁମାର ଦାସଙ୍କୁ ହରାଇ ସେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ତା' ପରଠାରୁ ତାଙ୍କୁ ଦଳ ତରଫରୁ ପ୍ରାର୍ଥୀ କରାଯାଉ ନ ଥିବା ନେଇ ବୈଠକରେ କ୍ଷୋଭ ପ୍ରକାଶ କରାଯାଇଥିଲା। ସେ ସ୍ୱାଧୀନ ପ୍ରାର୍ଥୀଭାବେ ପ୍ରତିଦ୍ୱନ୍ଦ୍ୱିତା କରି ୨୦ ହଜାର ପର୍ଯ୍ୟନ୍ତ ଭୋଟ ହାସଲ କରି ପାରୁଥିଲେ। ଏହା ବ୍ୟତୀତ ସେ ପୁରାଣ ସମ୍ପ୍ରଦାୟର ହୋଇଥିବାରୁ ମୋଟ ୪୬ ହଜାର ପୁରାଣ ଭୋଟ ମଧ୍ୟରୁ ହାରାହାରି ୨୦ ହଜାର ତାଙ୍କର ପକେଟ ଭୋଟ ରହିଥିବା ଆଲୋଚନା କରାଯାଇଥିଲା। ସେହି ସମୟ ପରଠାରୁ ଏ ଅଞ୍ଚଳ ବାହାରର ଏପରି ଜଣେ ପ୍ରତିନିଧି ପାଉଛନ୍ତି ଯାହାଙ୍କର ଏ ଅଞ୍ଚଳର ଅବସ୍ଥିତି ତଥା ଲୋକଙ୍କର ଆବଶ୍ୟକତା ସମ୍ବନ୍ଧରେ ଧାରଣା ନ ଥିବାରୁ ଏଠାକାର ବିକାଶ ପାଇଁ କୌଣସି ପ୍ରକାର ଯୋଜନା ହେଉ ନ ଥିବା କର୍ମୀମାନେ କହିଥିଲେ। ତେଣୁ ଆଞ୍ଚଳିକ ପ୍ରତିନିଧିତ୍ୱ ଭିତ୍ତିରେ ଆଗାମୀ ନିର୍ବାଚନରେ ବିଜେଡି ପକ୍ଷରୁ ଡ. ଧଳଙ୍କୁ ପ୍ରାର୍ଥୀ କରିବା ପାଇଁ ଦଳ ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଅନୁରୋଧ କରାଯାଇ ଶତାଧିକ ବିଜେଡି କର୍ମୀଙ୍କ ସ୍ୱାକ୍ଷର ସମ୍ବଳିତ ଏକ ସ୍ମାରକପତ୍ର ପ୍ରଦାନ ଲାଗି ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି।

# ସ୍କୁଲ ବନ୍ଦ କରି ଶିକ୍ଷକଙ୍କ ଅନଶନ ଜାରି

**ଠାକୁରମୁଣ୍ଡା, ୧୫।୨(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବ୍ଲକର ଶିକ୍ଷକ ସଂଘର ଅନଶନ ୩ୟ ଦିନରେ ପହଞ୍ଚିଛି। ବ୍ଲକ ଶିକ୍ଷାଧିକାରୀଙ୍କ ସମେତ ୨ଜଣ କିରାଣିଙ୍କ ବଦଳି ଦାବି କରି ସ୍କୁଲ ବନ୍ଦ କରି ଶିକ୍ଷକମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଶୁକ୍ରବାରଠାରୁ ବ୍ଲକ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରାୟ ୫ଶହ ଶିକ୍ଷୟିତ୍ରୀଶିକ୍ଷକ ବିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସି ରହିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ସ୍କୁଲ ବନ୍ଦ ରଖି ଧାରଣା ଚାଲୁ ରହିବ ବୋଲି ଶିକ୍ଷକ ସଂଘ ପକ୍ଷରୁ ସୂଚନା ଦିଆଯାଇଛି।

ଶିକ୍ଷକମାନଙ୍କୁ ଦୁର୍ବ୍ୟବହାର କରାଯାଉଥିବା ନେଇ ଗତ ୧୨ତାରିଖରେ ଶିକ୍ଷୟିତ୍ରୀଶିକ୍ଷକ ଜିଲାପାଳଙ୍କୁ ଜଣାଇ


ବିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନରତ ଶିକ୍ଷକ।

୧୩ତାରିଖଠାରୁ ବିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ହେଲେ ଏଥିପ୍ରତି ଗୁରୁତ୍ୱ ଦିଆ ନ ଯିବାରୁ ବ୍ଲକର ସମସ୍ତ ସ୍କୁଲକୁ ବନ୍ଦ କରାଯାଇ ଅନଶନ କରିବାକୁ ଗତ ୧୪ତାରିଖରେ ଶିକ୍ଷୟିତ୍ରୀ ଶିକ୍ଷକମାନେ ଜିଲାପାଳଙ୍କୁ ଲିଖିତ ଜଣାଇବା ସହ କରଞ୍ଜିଆ ଉପଜିଲାପାଳ, ବିଡିଓ, ବିଦ୍ୟାଳୟ ଗଣଶିକ୍ଷା ସଚିବ, ଫୁଡ୍ କମିଶନରଙ୍କୁ ମଧ୍ୟ ଅବଗତ କରାଇଥିଲେ। ନିଷ୍ପତ୍ତିକ୍ରମେ ଶୁକ୍ରବାରଠାରୁ ଶିକ୍ଷକ ସଂଘ ସଭାପତି ସବିତକାନ୍ତ ସୋରେନ, କାର୍ଯ୍ୟକାରୀ ସଭାପତି ନଳରାଜ ସେଠୀ, ସମ୍ପାଦକ ରବୀନ୍ଦ୍ର କୁମାର ବାରିକ୍, ଯୁଧିଷ୍ଠିର ମହାନ୍ତ, ଉପସଭାପତି କର୍ଣ୍ଣ କୁମାର ରାଜ୍, ପ୍ରଦ୍ୟୁମ୍ନ କୁମାର ବାରିକ୍ ଓ ରୁଦ୍ର ମହାନ୍ତଙ୍କ ନେତୃତ୍ୱରେ ବ୍ଲକର ୨୦୯ଟି ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଶିକ୍ଷକ ମାନେ ବନ୍ଦ କରି ବିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ଅନଶନସ୍ଥଳକୁ କୌଣସି ଉଚ୍ଚଧିକାରୀ ନ ଆସି ସମାଧାନ ପାଇଁ ଉଦ୍ୟମ କରାଯାଇ ନଥି ବାରୁ ସ୍କୁଲ ବନ୍ଦ କରି ଧାରଣା ଚାଲୁ ରହିବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଫଳରେ ଛାତ୍ରୀଛାତ୍ରଙ୍କ ପାଠପଢାରେ ବ୍ୟାଘାତ ସୃଷ୍ଟି ହୋଇଛି।

## ସଂକ୍ଷେପରେ



### ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି

**ବଡ଼ବିଲ, ୧୫।୨(ସ୍ୱ.ପ୍ର.):** ଜମ୍ମୁ-କଶ୍ମୀରରେ ଆତଙ୍କବାଦ ହମଲାରେ ଶହୀଦ ହୋଇଥିବା ଯବାନଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ସଙ୍ଗଠନ ତରଫରୁ ଶ୍ରଦ୍ଧାଞ୍ଜଳି ସଭା ସହ ନୀରବ ପ୍ରାର୍ଥନା କରାଯାଇଛି। ଶୁକ୍ରବାର କେନ୍ଦୁଝର ଜିଲା ବଡ଼ବିଲ ବାର ଆସୋସିଏଶନ ତରଫରୁ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସନ୍ଧ୍ୟାରେ ବିକାଶ ପରିଷଦ ଓ ନିଳାଦ୍ରୀ ତରଫରୁ ଏକ ନୀରବ ଶୋଭାଯାତ୍ରା ସହର ପରିକ୍ରମା କରିଛି। ସ୍ଥାନୀୟ ମଧୁସୂଦନ ଛକଠାରୁ ବାହାରିଥିବା ଶୋଭାଯାତ୍ରାରେ ଜମ୍ମୁ ଓ କଶ୍ମୀର (ଫୁଲୱାମା)ରେ ଆତଙ୍କବାଦୀ ଆକ୍ରମଣରେ ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ସହ ଆତଙ୍କବାଦ ମୁର୍ଦ୍ଦାବାଦ ଲେଖାଥିବା ବ୍ୟାନର ସମସ୍ତେ ଧରିଥିବା ଦେଖିବାକୁ ମିଳିଥିଲା। ଶୋଭାଯାତ୍ରା ବଜାର ମଧ ଦେଇ ବିକାଶ ମହଲଠାରେ ପହଞ୍ଚିଥିଲା। ଶୋଭାଯାତ୍ରାରେ ବିକାଶ ପରିଷଦ, ନିଳାଦ୍ରୀ ଓ ବଡବିଲ ପ୍ରେସ କ୍ଲବର ସଦସ୍ୟଙ୍କ ସହ ବିଭିନ୍ନ ସଙ୍ଗଠନର ସଦସ୍ୟ ସାମିଲ ହୋଇଥିଲେ।

### କ୍ୟାଣ୍ଡେଲ ଶୋଭାଯାତ୍ରା

**କେନ୍ଦୁଝର, ୧୫।୨(ସ୍ୱ.ପ୍ର.):** ଜାମ୍ମୁ ଓ କାଶ୍ମିରରେ ଯବାନଙ୍କ ଉପରେ ଆତଙ୍କିବାଦୀଙ୍କ ଆକ୍ରମଣର ପ୍ରତିବାଦ ଏବଂ ଶହୀଦଙ୍କୁ ଶ୍ରଦ୍ଧାଳି ଜ୍ଞାପନା ସହ ଚିକିତ୍ସାଧୀନଙ୍କ ଆଶୁ କାମନା କରିବା ପାଇଁ ଗୁରୁବାର ଓ ଶୁକ୍ରବାର ସନ୍ଧ୍ୟାରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଜିଲାପାଳଙ୍କ କାର୍ଯ୍ୟାଳୟରୁ ଏହି ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଶହୀଦ ଅମର ରହେ, ଭାରତ ମାତା କି ଜୟ ଏବଂ ପାକିସ୍ତାନ ମୁର୍ଦ୍ଦାବାଦ ଆଦି ସ୍ଲୋଗାନ ଦିଆଯାଇଥିଲା। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ କ୍ୟାଣ୍ଡେଲ ଜଳା ଯାଇଥିଲା। ଶହୀଦଙ୍କ ସ୍ମୃତିରେ ବିଭିନ୍ନ ସଙ୍ଗଠନ ଓ ଶିକ୍ଷାନୁଷ୍ଠାନ ପକ୍ଷରୁ ଶ୍ରଦ୍ଧାଳି ଜ୍ଞାପନ କରାଯାଇଥିଲା। ସ୍ଥାନୀୟ ସିଟିଜି ଶିକ୍ଷାନୁଷ୍ଠାନ ପକ୍ଷରୁ ଏକ ଶ୍ରଦ୍ଧାଳି ସଭା ଆୟୋଜନ କରାଯାଇଥିଲା।

### ପ୍ରତିଭା ଅନ୍ୱେଷଣ, ବାର୍ଷିକ ଉତ୍ସବ

**ହାଟଡିହୀ, ୧୫।୨:** ହାଟଡିହୀ ବ୍ଲକ ଅନ୍ତର୍ଗତ ବଡରାମ୍ପାସଠାରେ ପ୍ରହ୍ଲାଦ ସାହିତ୍ୟ ସଂସଦର ପ୍ରତିଭା ଅନ୍ୱେଷଣ ଓ ତ୍ରୟୋଦଶ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଭକ୍ତ ଚରଣ ସାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଡ. ନାରାୟଣ ସେନାପତି, ମୁଖ୍ୟ ବକ୍ତା ବିଶିଷ୍ଟ ସାହିତ୍ୟିକ ରାମ ଚନ୍ଦ୍ର ନାୟକ, ସମ୍ମାନିତ ଗ୍ରନ୍ଥକାର ଗୋବିନ୍ଦ ପାଣିଗ୍ରାହୀ ଯୋଗ ଦେଇଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଶିଶୁ ସାହିତ୍ୟିକ ଇନ୍ଦ୍ରମଣୀ ସେଠୀଙ୍କ ସଭାପତିତ୍ୱରେ କବିତା ପାଠ କରାଯାଇଥିଲା। ଅବସରପ୍ରାପ୍ତ ଶିକ୍ଷକ ସାରଙ୍ଗଧର ଷେଣ୍ଡ, ଆନନ୍ଦପୁର ମାହାବିଦ୍ୟାଳୟର ପ୍ରଧାପକ ଦିଲ୍ଲୀପ ଦାସ ଓ ସାହିତ୍ୟିକ କୀର୍ତ୍ତନ ସାହୁଙ୍କୁ ସଂସଦ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଶିଷ୍ଟ ସାହିତ୍ୟିକ ରତ୍ନାକର ଦାସ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

■ ୧୦ମ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଶୁଭାରମ୍ଭ

# ଭେଲାଙ୍କାନୀ, ଥାଞ୍ଜାଭୁର ଅଭିମୁଖେ ୯୫୨ ତୀର୍ଥଯାତ୍ରୀ

**ବ୍ରହ୍ମପୁର ଅଫିସ/ ଭୁବନେଶ୍ୱର,୧୫।୨**

୨୦୧୬ରେ ରାଜ୍ୟ ସରକାର ଆରମ୍ଭ କରିଥିଲେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା । ଗତ ୩ ବର୍ଷ ମଧ୍ୟରେ ଓଡିଶାର ବିଭିନ୍ନ ପ୍ରାନ୍ତରୁ ୯ଟି ପର୍ଯ୍ୟାୟରେ ତୀର୍ଥଯାତ୍ରା ଆୟୋଜିତ ହୋଇଥିବା ବେଳେ ୧୦ମ ପର୍ଯ୍ୟାୟ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଶୁକ୍ରବାର ବ୍ରହ୍ମପୁରରୁ ଶୁଭାରମ୍ଭ ହୋଇଛି। ଦକ୍ଷିଣ ଓଡିଶାର ୫ ଜିଲାରୁ ୯୫୨ ତୀର୍ଥଯାତ୍ରୀଙ୍କୁ ନେଇ ଏକ ସ୍ୱତନ୍ତ୍ର ଟ୍ରେନ ଶୁକ୍ରବାର ବ୍ରହ୍ମପୁର ରେଳଷ୍ଟେଶନରୁ ତାମିଲନାଡୁର ଭେଲାଙ୍କାନୀ, ନାଗାପଟ୍ଟିନମ ଓ ଥାଞ୍ଜାଭୁର ଅଭିମୁଖେ ଯାତ୍ରା ଆରମ୍ଭ କରିଛି । ସଚିବାଳୟରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତୀର୍ଥଯାତ୍ରୀଙ୍କ ସହ ବାର୍ତ୍ତାଳାପ କରିବା ପରେ ଭିଡିଓ କନଫରେନ୍ସିଂ ଯୋଗେ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ବିଗତ ୩ ବର୍ଷ ମଧ୍ୟରେ ୯ ଟି ପର୍ଯ୍ୟାୟରେ ଓଡିଶାର ବିଭିନ୍ନ ସ୍ଥାନରୁ ଏହି ଯୋଜନା ମାଧ୍ୟମରେ ୯ ହଜାରରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକ ତୀର୍ଥଯାତ୍ରା କରିବାର ସୁଯୋଗ ପାଇଛନ୍ତି । ୨୦୧୭-୧୮ରେ ୩ ଟି ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଆୟୋଜିତ ହୋଇଥିବା ବେଳେ ୨୦୧୮-୧୯ରେ



ତୀର୍ଥଯାତ୍ରା ଯୋଜନାର ଶୁଭାରମ୍ଭ ଅବସରରେ ବ୍ରହ୍ମପୁର ରେଳଷ୍ଟେଶନରେ ଉପସ୍ଥିତ ଅତିଥି ।

୬ଟି ତୀର୍ଥଯାତ୍ରା ଆୟୋଜନ କରାଯିବାକୁ ଲକ୍ଷ୍ୟ ରହିଛି। ବ୍ରହ୍ମପୁରରୁ ଚଳିତବର୍ଷର ଚତୁର୍ଥ ପର୍ଯ୍ୟାୟ ତୀର୍ଥଯାତ୍ରାର ଶୁଭାରମ୍ଭ ହୋଇଥିବା ସୂଚନା ଦିଆଯାଇଥିଲା। ମୁଖ୍ୟମନ୍ତ୍ରୀ ତୀର୍ଥଯାତ୍ରୀଙ୍କ ଯାତ୍ରାର ମଙ୍ଗଳ କାମନା କରିବା ସହ 'ଆପଣମାନେ ଖୁସି ତ ମୁଁ ବି ବହୁତ ଖୁସି' କହି ବକ୍ତବ୍ୟ ସାରିଥିଲେ । ଅପରପକ୍ଷେ ମୁଖ୍ୟମନ୍ତ୍ରୀଙ୍କ ସବୁଜ ସଙ୍କେତ ପରେ ବ୍ରହ୍ମପୁର ରେଳଷ୍ଟେଶନରେ ବ୍ରହ୍ମପୁର ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ସବୁଜ ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଷ୍ଟେଶନରେ ଛତ୍ରପୁର ବିଧାୟକ ପ୍ରିୟାଂଶୁ ପ୍ରଧାନ, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ରାମଚନ୍ଦ୍ର ପଣ୍ଡା, ପୂର୍ବତନ ଡେପୁଟି ମେୟର ଜ୍ୟୋସ୍ନା ନାୟକ, ବିଡିଏ ଅଧ୍ୟକ୍ଷ ସୁବାସ ମହାରଣା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ସମେତ ଡିଆରଡିଏ ପିଡି ଇଂ. ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର, ଡୁଡା ନିର୍ଦ୍ଦେଶକ ସବ୍ୟସାଚୀ ହୋତା, ଜିଲା ପର୍ଯ୍ୟଟନ ବିଭାଗ ଆସିଷ୍ଟାଣ୍ଟ ଡାଇରେକ୍ଟର ସନାତନ ନାୟକ, ରାଜ୍ୟ ଟୁରିଷ୍ଟ ଅଫିସର ରତିକାନ୍ତ ପଟ୍ଟନାୟକ, ଓଟିଡିସି ଫାଇନାନସିଆଲ ଡିଭିଜନାଲ ମ୍ୟାନେଜର ପି.କେ. ଚାନ୍ଦ, ଟୁରିଜମ୍ ଯୁଗ୍ମ ନିର୍ଦ୍ଦେଶକ ଉତ୍ପଳ କୁମାର ପତି ଓ ବିଭିନ୍ନ ବିଭାଗୀୟ ଅଧିକାରୀ ଓ ପଦାଧିକାରୀ ଉପସ୍ଥିତ ଥିଲେ । ଏହି ଯାତ୍ରାରେ ଗଜପତି ୮୩, କନ୍ଧମାଳ ୭୨, ବୌଦ୍ଧର ୬୩, ନୟାଗଡର ୧୩୯, ବ୍ରହ୍ମପୁର ମହାନଗର ସମେତ ଗଞ୍ଜାମରୁ ୫୬୭ ଜଣଙ୍କ ସହ ୨୮ ପ୍ରଶାସନିକ ଅଧିକାରୀ ସାମିଲ ହୋଇଛନ୍ତି । ଏହି ଯାତ୍ରୀମାନେ ୬ ଦିନ ଯାତ୍ରା ଶେଷ କରି ଆସନ୍ତା ୨୦ରେ ପୁଣି ବ୍ରହ୍ମପୁର ଫେରିବେ ।

ସୂଚନାଯୋଗ୍ୟ, ୨୦୧୬ ଜୁଲାଇରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଥମେ ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ ଯୋଜନାର ଶୁଭାରମ୍ଭ ବ୍ରହ୍ମପୁରରୁ କରିଥିଲେ । ସେହିବର୍ଷ ୧ ହଜାର ତୀର୍ଥଯାତ୍ରୀଙ୍କୁ ନେଇ ବ୍ରହ୍ମପୁର ରେଳ ଷ୍ଟେଶନରୁ ଏକ ସ୍ୱତନ୍ତ୍ର ଟ୍ରେନ ରମେଶ୍ୱର ଓ କନ୍ୟାକୁମାରୀ ଅଭିମୁଖେ ଯାତ୍ରା କରିଥିଲା ।

## ମନମୋହିଲା 'ମୋ ମାଟିର ଗାଥା'


ବୀଣାପାଣି କଳାନିକେତନର ନୃତ୍ୟଶିଳ୍ପୀମାନେ ।

**ଆନନ୍ଦପୁର, ୧୫।୨(ସ୍ୱ.ପ୍ର.)**

ଆନନ୍ଦପୁର ବୀଣାପାଣି କଳାନିକେତନର ନୃତ୍ୟଶିଳ୍ପୀମାନେ ମାଘ ସପ୍ତମୀ ଉପଲକ୍ଷେ ଚନ୍ଦ୍ରଭାଗା କୋଣାର୍କଠାରେ 'ମୋ ମାଟିର ଗାଥା' ନୃତ୍ୟାଭିନୟ ପରିବେଷଣ କରି ପ୍ରଶଂସାର ପାତ୍ର ହୋଇପାରିଛନ୍ତି। ଅଭିନେତା ମାନସ ସାହୁଙ୍କ ରଚିତ ନୃତ୍ୟଗୁରୁ ଜିତୁ ଦାଶଙ୍କ ନିର୍ଦ୍ଦେଶିତ 'ମୋ ମାଟିର ଗାଥା'ରେ ନିଜ ମାଟିର ପ୍ରତିକୁ ନୃତ୍ୟ ସିଳ୍ପୀମାନେ ଉପସ୍ଥାପିତ କରିଥିଲେ। ଇତିଶ୍ରୀ ଓଝା, ଦେବାଙ୍ଗୀ ସେନାପତି, ଶୋଭନା ସାହୁ, ମାହେଶ୍ୱରୀ ନାୟକ, ପଦ୍ମଜା ମିଶ୍ର, ବିନୋଦ ଓଝା, ହର୍ଷିତା ଖଟୁଆ, ଲିନୁ ମହାନ୍ତି, ହିତେଶ ଦାସ ପ୍ରମୁଖ ନୃତ୍ୟସିଳ୍ପୀ ନୃତ୍ୟଙ୍କ ପରିବେଷଣ ମନମୋହିଥିଲା। ପୁରୀ ଜିଲାର ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ଉପସ୍ଥିତ ରହି ନୃତ୍ୟଶିଳ୍ପୀ ଓ ନୃତ୍ୟଗୁରୁଙ୍କ ସମ୍ବର୍ଦ୍ଧିତ କରିଥିଲେ।

## ସାଧାରଣ ନିର୍ବାଚନ ପାଇଁ ପ୍ରସ୍ତୁତି

**କେନ୍ଦୁଝର, ୧୫।୨(ସ୍ୱ.ପ୍ର.)**

କେନ୍ଦୁଝର ଜିଲାରେ ଆସନ୍ତା ସାଧାରଣ ନିର୍ବାଚନ ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ଏଥିପାଇଁ ନିର୍ବାଚନ କାର୍ଯ୍ୟାଳୟରେ ନିୟୋଜିତ ହେବାକୁ ଥିବା ସମସ୍ତ କର୍ମଚାରୀଙ୍କ ପାଇଁ ପ୍ରଥମ ପର୍ଯ୍ୟାୟ ତାଲିମ ୧୬ରୁ ୨୧ ତାରିଖ ପର୍ଯ୍ୟନ୍ତ ହବ ବୋଲି ଜଣାଯାଇଛି। ପ୍ରଥମ ପର୍ଯ୍ୟାୟରେ ୪୧୩୪ କର୍ମଚାରୀ ତାଲିମ ନେବେ। ବୁଥ ପୋଲିଂ ଅଫିସର ଓ ପ୍ରିଜାଇଡିଂ ଅଫିସରଙ୍କୁ ଏହି ତାଲିମ ଦିଆଯିବ ବୋଲି ଜଣାପଡିଛି। ଏଥିପାଇଁ ପ୍ରତ୍ୟେକ ବ୍ଲକରେ ୨ଟି ଲେଖାଏଁ ତାଲିମ କେନ୍ଦ୍ର ପ୍ରସ୍ତୁତ କରାଯାଇଛି। ତ୍ରୁଟିପୂର୍ଣ୍ଣ ନିର୍ବାଚନ ପାଇଁ ଏବଂ କର୍ମଚାରୀମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ଆଗାମୀ ଦିନରେ ନିର୍ବାଚନ ପୂର୍ବରୁ ଏଭଳି ୪ ଥର ତାଲିମ ଦିଆଯିବ ବୋଲି ଜଣାପଡିଛି। ପ୍ରଥମ ଥର ପାଇଁ ଜିଲାରେ ମହିଳାଙ୍କୁ ନିର୍ବାଚନ ପରିଚାଳନାରେ ସାମିଲ କରାଯିବ ବୋଲି ଜଣାପଡିଛି। ମହିଳାଙ୍କୁ ସହରାଞ୍ଚଳ, ବ୍ଲକ ମୁଖ୍ୟାଳୟ ତଥା ଆଖପାଖ ଅଞ୍ଚଳର ବୁଥରେ ନିୟୋଜିତ କରାଯିବ ବୋଲି କୁହାଯାଇଛି। ଅନ୍ୟ ପକ୍ଷରେ ଯେପରି କେହି ଭୋଟ ଦାନ ଅଧିକାରରୁ ବଞ୍ଚିତ ନ ହୁଅନ୍ତି ସେଥି ପାଇଁ ଭୋଟର ରୋଲରେ ନାମ ଦାଖଲ ପ୍ରକ୍ରିୟା ଜାରି ରହିଛି। ଯିଏ ବାଦ ପଡିଛନ୍ତି ସେମାନେ ନିକଟ ବୁଥସ୍ତରୀୟ ଅଧିକାରୀଙ୍କୁ ଯୋଗାଯୋଗ କରି ଭୋଟର ତାଲିକାରେ ନାମ ଭର୍ତ୍ତି କରିପାରିବେ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

## ବି.ସି. ଉପ୍ରା ବିଦ୍ୟାଳୟର ବାର୍ଷିକୋତ୍ସବ

**ହାଟଡିହୀ, ୧୫।୨(ଡି.ଏନ୍.ଏ.)**

ହାଟଡିହୀ ବ୍ଲକ ଓରାଳି ପଞ୍ଚାୟତ ବିସି ଉପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ନିରଞ୍ଜନ ଶାଙ୍କ ସଭାପତିତ୍ୱରେ ଯାଜପୁର ଶତସଙ୍ଗ ବିହାର ସମ୍ପାଦକ ନିତ୍ୟାନନ୍ଦ ନାୟକ ମୁଖ୍ୟବକ୍ତା ଏବଂ ଆନନ୍ଦପୁର ବିଇଓ ଶରତ ରାଉତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ତପୋଧନ ସ୍ୱାଇଁ, ଧନେଶ୍ୱର ଖଣ୍ଡେଇ, ସୁରେଶ ଜେନା, ବିନୋଦ ରାଉତ, ପ୍ରଭାକର ବେହେରା, ବାଇଧର ବେହେରା, ଅନ୍ତର୍ଯ୍ୟାମୀ ରାଉତ, ହରମୋହନ ପଣ୍ଡା, ମିହିର ପଣ୍ଡା, ଭାସ୍କର ଚନ୍ଦ୍ର ପାଢୀ, ରମାକାନ୍ତ ଜେନା, ଆନନ୍ଦ ବେହେରା ପ୍ରମୁଖ ଶିକ୍ଷାବିଭାଗର ବିଭିନ୍ନ ପଦାଧିକାରୀଙ୍କ ସମେତ ଓରାଳି ସରପଞ୍ଚ ମମତା ଜେନା ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଶିକ୍ଷକ ପ୍ରଦୀପ କୁମାର ବିଶ୍ୱାଳ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷୟିତ୍ରୀ ହାସ୍ୟମୟୀ ରାଜ ଅତିଥି ପରିଚୟ ଦେଇଥିଲେ।

ସୋନାଲିସା ପଟ୍ଟନାୟକଙ୍କୁ ସ୍ପୋର୍ଟ୍ସ ଚାମ୍ପିୟନ୍ ଓ ମନୀଷା ଜେନାଙ୍କ ଶ୍ରେଷ୍ଠ ଛାତ୍ର ସମ୍ମାନ ପୁରସ୍କାର ପ୍ରଦାନ କରାଯାଇଥିଲା। ଏନ୍ଏମଏମସରେ କୃତିତ୍ୱ ହାସଲ କରିଥିବା ମୃତ୍ୟୁଞ୍ଜୟ ଭୋଇ, ବିଭୁ ପ୍ରସାଦ ପୁହାଣ, ଶୁଭଲକ୍ଷ୍ମୀ ଜେନାଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ପ୍ରଦୀପ କୁମାର ବିଶ୍ୱାଳଙ୍କ ରଚନା ଓ ନିର୍ଦ୍ଦେଶନାରେ ନାଟକ କୁଳାଙ୍ଗାର ଓ ଆମ ଅଖଡାଶାଳ ପରିବେଷଣ ହୋଇଥିଲା। ୧୩୦ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଶିକ୍ଷକ ଶିଶିର ବିଶ୍ୱାଳ, ମୋହନ ମହାନ୍ତ, ମାଧବାନନ୍ଦ ଜେନା, ସତ୍ୟସୁନ୍ଦର ପରିଡା ବିଚାରପତି ଭାବେ ଦାୟିତ୍ୱ ତୁଲାଇଥିଲେ। ନାରାୟଣ ରାଉତ, ମାଧବାନନ୍ଦ କର, ଦେବାଶିଷ ଦାସ, ସଞ୍ଜୟ ନାୟକ, ପିତାମ୍ବର ସାହୁ, ହେମନ୍ତ ସିଂହ, କମିଟି ମେମ୍ବର ଓ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## 'ବାସୁଦେବପୁରରେ ଗଣତନ୍ତ୍ର ପାଲଟିଛି ରାଜତନ୍ତ୍ର'

**ତିହିଡି, ୧୫।୨ (ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ନିର୍ବାଚନ ମଣ୍ଡଳୀରେ ଗଣତନ୍ତ୍ର ରାଜତନ୍ତ୍ର ପାଲଟିଥିବା ତିହିଡ଼ି ବ୍ଲକ ଭାଟପଡା ପଞ୍ଚାୟତ ହରିପୁର ଗ୍ରାମରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା କଂଗ୍ରେସ ସଭାପତି ଅଶୋକ ଦାସ କହିଥିଲେ। ସେ ଆହୁରି କହିଥିଲେ ଯେ, ଏହି ନିର୍ବାଚନ ମଣ୍ଡଳୀରେ ଦୀର୍ଘ ୩୦ ବର୍ଷ ମଧ୍ୟରେ ୩୦ ଡିସିମିଲ ଜମି ଜଳସେଚିତ ହୋଇପାରି ନାହିଁ। ଫଳରେ ଚାଷୀମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଧାନର ଅଭାବୀ ବିକ୍ରି ସମସ୍ୟା ଦେଖାଦେଇଥିବାରୁ ଚାଷୀ ଉଚିତ ମୂଲ୍ୟ ନ ପାଇ ଦଲାଲଙ୍କ ଶୋଷଣର ଶିକାର ହେଉଛନ୍ତି। ଧାମରା ବନ୍ଦର ପ୍ରତିଷ୍ଠା ହେବା ପରେ ସ୍ଥାନୀୟ ଅଞ୍ଚଳର ବେକାର ଯୁବକମାନେ ଯେଉଁ ସ୍ୱପ୍ନ ଦେଖିଥିଲେ ତାହା ଧୂଳିସାତ୍ ହୋଇଛି। ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ବାସୁଦେବପୁର ବ୍ଲକର ପୂର୍ବତନ ଅଧ୍ୟକ୍ଷ ନିର୍ମଳ ବେହେରା କହିଥିଲେ, କାଳିଆ ଯୋଜନା ପାଇଁ ରାଜକୋଷ ଶୂନ୍ୟ ହେବାରେ ଲାଗିଛି। ମାତ୍ର ଏହି ଅର୍ଥ ପ୍ରକୃତ ଚାଷୀଙ୍କ ହିତରେ ଲାଗିପାରୁ ନାହିଁ। କଂଗ୍ରେସର କର୍ମୀମାନେ ଲୋକଙ୍କ ପାଖକୁ ଯାଇ ସେମାନଙ୍କ ସମସ୍ୟା ସମ୍ପର୍କରେ ଅବଗତ ହେବେ ଏବଂ ସମାଧାନ ପାଇଁ ଉଦ୍ୟମ କରିବେ ବୋଲି କୁହାଯାଇଥିଲା। କଂଗ୍ରେସର ବ୍ଲକ ସଭାପତି ସରୋଜ ଦାସ, ଜିଲା ଉପସଭାପତି ବିକାଶ ସାମଲ, ବାସୁଦେବପୁର ବ୍ଲକର ପୂର୍ବତନ ସଭାପତି ଉମାକାନ୍ତ ପାଢୀ, ପୂର୍ବତନ ସରପଞ୍ଚ ମୀନକେତନ ସେନାପତି, ସୁରେଶ ମହାପାତ୍ର ଓ ଉପେନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଡାକ୍ତରଖାନାରେ ଶୁଖିଲା ଗଛ ରୋଗୀଙ୍କୁ ବିପଦ

**ଆନନ୍ଦପୁର,୧୫।୨(ସ୍ୱ.ପ୍ର.)**

ଆନନ୍ଦପୁର ଡାକ୍ତରଖାନା ପରିସରରେ ଥିବା ଏକ ବିରାଟକାୟ ଶୁଖିଲା ଗଛ ରୋଗୀ, ସମ୍ପର୍କୀୟଙ୍କ ସମତେ ସାଧାରଣ ଲୋକଙ୍କ ପାଇଁ ବିପଦ ସୃଷ୍ଟି କରିଛି। ଶୁଖିଲା ଗଛକୁ ଲାଗିକରି ନଳକୂପ ମଧ ଅଛି। ଅଧିକାଂଶ ସମୟରେ ରୋଗୀଙ୍କ ସମ୍ପର୍କୀୟମାନେ ସେଠାରେ ପାନୀୟ ଜଳ ନେଇ ବ୍ୟବହାର କରୁଥିବାର ନଜିର ମଧ ରହିଛି। ଏହି ଶୁଖିଲାଗଛ ଦୀର୍ଘ ଦିନ ଧରି ବିପଦସଙ୍କୁଳ ଅବସ୍ଥାରେ ଦଣ୍ଡାୟମାନ ଥିବା ସତ୍ତ୍ୱେ ମାତ୍ର କେଇ ମିଟର ଦୂରରେ ବନବିଭାଗ କାର୍ଯ୍ୟାଳୟ ଥିଲେ ହେଁ ଏଥିପ୍ରତି ଦୃଷ୍ଟି ନ ଦେବା ପରିତାପର ବିଷୟ ସାଜଛି। ଶୁଖିଲା


ଆନନ୍ଦପୁର ଡାକ୍ତରଖାନା ପରିସରରେ ଥିବା ଶୁଖିଲା ଗଛ।

ଗଛକୁ ଡାକ୍ତରଖାନା ପରିସରରୁ ବାହାର କରିବା ପାଇଁ ବନ ବିଭାଗକୁ ଦୀର୍ଘ ଦୁଇ ମାସ ହେବ ଅବଗତ କରିଥିଲେ ସୁଦ୍ଧା ବନ ବିଭାଗ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ନ ଦେବା ପରିତାପର ବିଷୟ ସାଜିଛି। ବିଭିନ୍ନ ସମୟରେ ଆନନ୍ଦପୁର ଡାକ୍ତରଖାନାରେ ଅଘଟଣମାନ ଘଟି ଚାଲୁଥିବାର ନଜିର ରହିଛି। ଏହି ଶୁଖିଲା ଗଛ ଦିନେ ବିପଦ ସୃଷ୍ଟି ନ କରିବ କିଏ କହିବ ବୋଲି ଆଲୋଚନା ହେଉଛି।

## ଅଧାପନ୍ତରିଆ ପଞ୍ଚାୟତ ଗୋଦାମ, ମାର୍କେଟ କମ୍ପ୍ଲେକ୍ସ

**ପଦ୍ମପୁର, ୧୫।୨ (ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ପଦ୍ମପୁର ପଞ୍ଚାୟତର ଗୋଦାମ ଓ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ହୋଇ ରହିଛି। ଏ ନେଇ ପଞ୍ଚାୟତର ଜନସାଧାରଣ ଓ ପୂର୍ବତନ ସରପଞ୍ଚ ସଞ୍ଜୀବ କୁମାର ନାୟକ ବ୍ଲକ ଓ ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ପଦ୍ମପୁର ମୌଜା ଖାତା ନମ୍ବର ୩୮, ପ୍ଲଟ ନମ୍ବର ୧୧୦୨ରେ ପ୍ରସ୍ତାବିତ ଗୋଦାମ ଓ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କାର୍ଯ୍ୟ ୨୦୦୨ ମସିହାରେ ଆରମ୍ଭ ହୋଇଥିଲା। ଏହା ପୂର୍ଣ୍ଣାଙ୍ଗ ହେବା ପୂର୍ବରୁ କେତେକ ବ୍ୟକ୍ତି ଉକ୍ତ ଜାଗାକୁ ଠାକୁର ଗୋବିନ୍ଦଜୀଉଙ୍କର ବୋଲି ଦର୍ଶାଇ ନ୍ୟାୟାଳୟରେ ନିର୍ମାଣ କାର୍ଯ୍ୟ ବନ୍ଦ ରଖିବା ପାଇଁ ସ୍ଥଗିତାଦେଶ ଆଣିଥିଲେ। ଫଳରେ ସେବେଠାରୁ ନିର୍ମାଣ କାର୍ଯ୍ୟ ଅଧା ହୋଇ ପଡ଼ିରହିଛି। ଅର୍ଦ୍ଧନିର୍ମିତ ଗୋଦାମ ଗୃହ ଏବଂ ମାର୍କେଟ କମ୍ପ୍ଲେକ୍ସ ଅସାମାଜିକ ଲୋକଙ୍କ ଆଡ୍ଡାସ୍ଥଳୀ ଓ ଆବର୍ଜନା କୁଣ୍ଡ ପାଲଟିଛି। ଏ ନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ ମାମଲାର ସମାଧାନ ପାଇଁ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଏ ସମ୍ପର୍କରେ ସ୍ଥାନୀୟ ସମିତିସଭ୍ୟ ବନଜ କୁମାର ମହାପାତ୍ରଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର ଏ ଦିଗରେ ଗୁରୁତ୍ୱ ଦିଆଯାଇ ନ୍ୟାୟାଳୟଙ୍କ ମାଧ୍ୟମରେ ସମାଧାନ ସହ ନିର୍ମାଣ କାର୍ଯ୍ୟ ଶେଷ କରାଯିବ ବୋଲି ପ୍ରତିକ୍ରିୟା ରଖିଛନ୍ତି।


ଅର୍ଦ୍ଧନିର୍ମିତ ଗୋଦାମ ଗୃହ।

## ମହିଳା ଓ ଶିଶୁ ଚାଲାଣ ସମ୍ପର୍କିତ କର୍ମଶାଳା

**ଭଦ୍ରକ ଅଫିସ, ୧୫।୨**

ସୋସାଇଟି ଫର ଉଇକର କମ୍ୟୁନିଟି(ଆସିଆନା) ଦ୍ୱାରା ପରିଚାଳିତ ଉଜ୍ଜ୍ୱଳା ପ୍ରକଳ୍ପ ମାଧ୍ୟମରେ ସଂସ୍ଥାର ସମ୍ମିଳନୀ କକ୍ଷରେ ମହିଳା ଓ ଶିଶୁ ଚାଲାଣ ସମ୍ପର୍କିତ ଦୁଇଦିନିଆ କର୍ମଶାଳା ଉଦ୍‌ଯାପିତ ହୋଇଯାଇଛି। ଜିଲା ସମାଜ ମଙ୍ଗଳ ଅଧିକାରୀ ଆଶାଲତା ମହାନ୍ତି କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବିକାଶ କୁମାର ଦାସ ଯୋଗଦେଇ ମାନବ ଚାଲାଣର ବିଭିନ୍ନ ଦିଗ ଓ ଜିଲାରେ ସମନ୍ୱିତ ମାନବ ଚାଲାଣ ବିରୋଧ କେନ୍ଦ୍ର ବିଷୟରେ ଆଲୋକପାତ କରିଥିଲେ। ଜିଲା ଶ୍ରମ ଅଧିକାରୀ ଯସ୍ମିନ୍ ସାହୁ ମହିଳା ଓ ଶିଶୁଙ୍କ ପାଇଁ ଶ୍ରମ ବିଭାଗର ବିଭିନ୍ନ ଯୋଜନା ଉପରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ସୁରକ୍ଷା ଅଧିକାରୀ ସଙ୍ଗୀତା ଦେ ଯୋଗ ଦେଇଥିଲେ। ସଙ୍ଗଠନର ନିର୍ଦ୍ଦେଶକ ସଲାମ୍ ଭାଇ ଜିଲାରେ ମହିଳା ଚାଲାଣର ସ୍ଥିତି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସମ୍ପାଦିକା ସୋଫିଆ ସେକ୍ ଉଜ୍ଜ୍ୱଳା ପ୍ରକଳ୍ପର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଏହି ଅବସରରେ ପ୍ରଶିକ୍ଷକ ଭାବେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ, ଜିଲା ଶିଶୁ ମଙ୍ଗଳ କମିଟି ସଦସ୍ୟା ସ୍ମୃତିରେଖା ମହାନ୍ତି, ଆଇନଜୀବୀ ଅମର କୁମାର ବାରିକ, ଗ୍ରାମାଞ୍ଚଳ ଥାନାର ମହିଳା ଶିଶୁ ଡେସ୍କ ଅଫିସର ଦିପ୍ତୀମୟ ବଡ଼ଜେନା, ବ୍ରଜେଶ ସେନାପତି ମାନବ ଚାଲାଣ ନିରାକରଣ, ସୁରକ୍ଷା ଏବଂ ଥଇଥାନ ଆଇନ-୨୦୧୮, ଜୁଭେନାଇଲ ଜଷ୍ଟିସ ଆକ୍ଟ, ପୋକ୍ସୋ ଆକ୍ଟ, ବାଲ୍ୟବିବାହ, ସାଇବର କ୍ରାଇମ ବିଷୟରେ ପ୍ରଶିକ୍ଷଣ ଦେଇଥିଲେ। ଉଦ୍‌ଯାପନୀ ଦିବସରେ ଜିଲା ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଡ. ସୁଦର୍ଶନ ବାରିକ ଓ ପୂର୍ବତନ ସାମାଜିକ ସୁରକ୍ଷା ଅଧିକାରୀ ପଦ୍ମନ କୁମାର ରାୟ ଯୋଗ ଦେଇଥିଲେ। ରିଆଜ ଅହମ୍ମଦ ପରିଚାଳନା କରିଥିଲେ। ବହୁସଂଖ୍ୟାରେ ଅଙ୍ଗନୱାଡି କର୍ମୀ, ଆଶାକର୍ମୀ, ଶିଶୁଯତ୍ନ ଅନୁଷ୍ଠାନର କର୍ମକର୍ତ୍ତା ଓ ସରପଞ୍ଚ ପ୍ରମୁଖ ଉପସ୍ଥିତ ଥିଲେ।



କର୍ମଶାଳାରେ ଉପସ୍ଥିତ ଅତିଥିବୃନ୍ଦ।

## ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ବାର୍ଷିକୋତ୍ସବ

**ପାଟଣା, ୧୫।୨(ସ୍ୱ.ପ୍ର.)**

ପାଟଣା ବ୍ଲକ ମୁଖ୍ୟାଳୟସ୍ଥିତ ସ୍ୱାମ ପାଟଣା ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ଅପରାହ୍ନ ଅନୁଷ୍ଠିତ ହୋଇଛି। ଅୟୋଜିତ ପୁରସ୍କାର ବିତରଣ ଉତ୍ସବରେ ବିଦ୍ୟାଳୟର ଭାରାପ୍ରାପ୍ତ ପ୍ରଧାନ ଶିକ୍ଷକ ପରମେଶ୍ୱର ମହାନ୍ତଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ପାଟଣା ଗୋଷ୍ଠୀ ଉନ୍ନୟନ ଅଧିକାରୀ କୁଶଳ ଚନ୍ଦ୍ର ନାଏକ, ମୁଖ୍ୟବକ୍ତା ଭାବେ ପାଟଣା ଆଞ୍ଚଳିକ ମହାବିଦ୍ୟାଳୟ ଅଧକ୍ଷା ଜ୍ୟୋତ୍ସ୍ନା ମଞ୍ଜରୀ ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ତଥା ବ୍ୟଙ୍ଗ କବି ଭରତ ଚନ୍ଦ୍ର ସାହୁ ଓ ସାମାଜିକ କର୍ମୀ ଅଜୟ କୁମାର ଦାଶ ପ୍ରମୁଖ ଯୋଗ ଦେଇ ଛାତ୍ରୀଙ୍କ ଭବିଷ୍ୟତ ଗଠନ ସମ୍ପର୍କରେ କହିଥିଲେ। ପୂର୍ବତନ ଅସରପ୍ରାପ୍ତ ପଣ୍ଡିତ ଗଜେନ୍ଦ୍ର ମିଶ୍ର ମନ୍ତ୍ର ପାଠ କରି ଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ ପାର୍ଥସାରଥୀ ବେଜ ସଂଯୋଜନା କରିଥିଲେ।

## ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି: କ୍ୟାଣ୍ଡେଲ ଶୋଭାଯାତ୍ରା

**ଭଦ୍ରକ ଅଫିସ/ ବନ୍ତ/ ବାସୁଦେବପୁର/ ଭଣ୍ଡାରିପୋଖରୀ, ୧୫।୨ (ସ୍ୱ.ପ୍ର./ ଡି.ଏନ.ଏ.)**

ଜମ୍ମୁ-କଶ୍ମୀରର ପୁଲୱାମା ଜିଲାରେ ଆତଙ୍କବାଦୀଙ୍କ ଆକ୍ରମଣରେ ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଓ ଗୁରୁତର ଯବାନଙ୍କ ଆଶୁ ଆରୋଗ୍ୟ କାମନା କରି ଶୁକ୍ରବାର ସନ୍ଧ୍ୟାରେ ଭଦ୍ରକ ଜିଲାର ବିଭିନ୍ନ ସ୍ଥାନରେ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଥିଲା। ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି)ର ଭଦ୍ରକ ନଗର ଶାଖା ପକ୍ଷରୁ ଜିଲା କାର୍ଯ୍ୟାଳୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଭଦ୍ରକ ନଗରସ୍ଥିତ ସମସ୍ତ ମହାବିଦ୍ୟାଳୟର କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। ଏବିଭିପିର ନଗର ସମ୍ପାଦକ ସତ୍ୟବ୍ରତ ପ୍ରଧାନଙ୍କ ନେତୃତ୍ୱରେ ଅଚ୍ୟୁତ ଆରଣ, ସମୀର ଦାସ, ଦେବବ୍ରତ ରାଉତ, ପ୍ରିୟଦର୍ଶନ ନାୟକ, ମାନସ କୁମାର ମଲିକ, ରଞ୍ଜିତ ସାହୁ, ସୁନିତା ମିର୍ଦ୍ଧା, ପ୍ରିୟଙ୍କା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

ବନ୍ତ ବ୍ଲକ ସରମରା, ଓଡଙ୍ଗ ପଞ୍ଚାୟତ ବିଜୁ ଯୁବବାହିନୀ ଓ ୪ ସରସ୍ୱତୀ ପୂଜା କମିଟି ସଦସ୍ୟମାନେ ମିଳିତ ଭାବେ କ୍ୟାଣ୍ଡେଲ ଶୋଭାଯାତ୍ରା କରିଥିଲେ। ବନ୍ତ ଥାନାଧିକାରୀ ଗଣେଶ୍ୱର ପ୍ରଧାନ ଏହାକୁ ଉଦ୍‌ଘାଟନ କରିବା ପରେ ଯୁବକମାନେ ସରମରା ସ୍କୁଲ ନିକଟରୁ ଶୋଭାଯାତ୍ରାରେ ବାହାରି ଗାଁ ପରିକ୍ରମା କରିଥିଲେ। ସରପଞ୍ଚ କିଶୋର କିଙ୍କର ପଢିଆରୀ, ଏମ୍‌ପିଙ୍କ ପ୍ରତିନିଧି ଶଶିକାନ୍ତ ଜେନା, ଯୁବବାହିନୀ ସଭାପତି କୀର୍ତ୍ତିଶଙ୍କର ମହାନ୍ତି, ଛବୀନ୍ଦ୍ର ବିଶ୍ୱାଳ, ରଙ୍ଗାଧର ନାୟକ, ପ୍ରିୟବ୍ରତ ରାଉତ, ଦେବାନନ୍ଦ ମହାପାତ୍ର, ଜ୍ୟୋତିରଞ୍ଜନ ଦାଶ, ନାରାୟଣ ଚନ୍ଦ୍ର ଦାସ, ସତ୍ୟପ୍ରକାଶ ରାଉତ, ପ୍ରିୟବ୍ରତ ଦାସ ଓ ବନ୍ତ ପୋଲିସ କର୍ମଚାରୀ ପ୍ରମୁଖ ଏଥିରେ ସାମିଲ ଥିଲେ।

ବାସୁଦେବପୁରଠାରେ ଅବସରପ୍ରାପ୍ତ ସୈନିକ ସଂଘ, ବିଜୁ ଯୁବ ଛାତ୍ର ଜନତା ଦଳ, ପ୍ରେସ କ୍ଲବ ଓ ଯୁବ ଯାଦବ ମହାସଭା ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଥିଲା। ସେହିପରି କୋର୍ଟ ପରିସରରେ ଆଇନଜୀବୀମାନେ ସଭା ଆୟୋଜନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଭଣ୍ଡାରିପୋଖରୀ ସରସଦା ଦୁର୍ଗା ମଣ୍ଡପଠାରେ ଦୁର୍ଗା ପୂଜା କମିଟି ଓ ପରିବେଶ ସୁରକ୍ଷା ସମିତି ପକ୍ଷରୁ ଶୋଭାଯାତ୍ରା କରାଯାଇ ବଜାର ପରିକ୍ରମା କରାଯାଇଥିଲା। ସେହିପରି ଭାଗବତ ଟୁଙ୍ଗୀଠାରେ ସୁବାସ ନନ୍ଦଙ୍କ ନେତୃତ୍ୱରେ ଶ୍ରଦ୍ଧାଞ୍ଜଳି ସଭାରେ ନୀରବ ପ୍ରାର୍ଥନା କରାଯାଇଥିଲା।

## ସଂକ୍ଷେପରେ

### କର୍ମଚାରୀଙ୍କ ସନ୍ଦେହଜନକ ମୃତ୍ୟୁ

**ପାଟଣା, ୧୫।୨(ସ୍ୱ.ପ୍ର.):** ପାଟଣା ଥାନା ଅଙ୍କୁରା ଗ୍ରାମର ଜଣେ ବ୍ୟକ୍ତି ପାରଦୀପସ୍ଥିତ ଏକ ଘରୋଇ ବିଦ୍ୟାଳୟରେ ସିକ୍ୟୁରିଟି ଭାବେ କାମ କରୁଥିବା ବେଳେ ବିଦ୍ୟାଳୟ ପରିସରରେ ଗୁରୁବାର ସକାଳେ ସନ୍ଦେହଜନକ ଭାବେ ତାଙ୍କର ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ହେଉଛି ଦୀନବନ୍ଧୁ ପାତ୍ର। ଦୀନବନ୍ଧୁ ପାରାଦୀପ ମଡେଲ ଥାନା ଅନ୍ତର୍ଗତ ବେଥାନି କନଭେଣ୍ଟରେ ସିକ୍ୟୁରିଟି ଭାବେ କାର୍ଯ୍ୟକରୁଥିଲେ। ଗୁରୁବାର ସକାଳୁ ଦୀନବନ୍ଧୁଙ୍କୁ ମୁମୂର୍ଷୁ ଭାବେ ବିଦ୍ୟାଳୟ ସାଇକେଲ ଷ୍ଟାଣ୍ଡ ନିକଟରେ ପଡିଥିଲେ। ଅଠର ବାଙ୍କୀ ଡାକ୍ତର ଖାନାରେ ତୁରନ୍ତ ଭର୍ତ୍ତି କରାଯାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଦିନବନ୍ଧୁଙ୍କ ପୁଅ ସୁଧୀର ପାତ୍ର ପହଞ୍ଚି ତାଙ୍କ ବାପାଙ୍କୁ କେହି ହତ୍ୟା କରିଥିବାର ସ୍ଥାନୀୟ ଥାନାରେ ଅଭିଯୋଗ କରିଛନ୍ତି।

### ମିଶ୍ରଣ ପର୍ବ, ସମ୍ବର୍ଦ୍ଧନା ସଭା

**ଚମ୍ପୁଆ, ୧୫।୨(ଡି.ଏନ.ଏ.):** ଚମ୍ପୁଆ ବ୍ଲକ ରଜିଆ ଗ୍ରାମରେ ବିଜୁ ଜନତା ଦଳର ମିଶ୍ରଣ ପର୍ବ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସାଙ୍ଗଠନିକ ଦାୟିତ୍ୱରେ ଥିବା କୁଶ ଆପଟ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସଂଖ୍ୟାଲଘୁ ସଭାପତି ନେଶାର ହାୟାତ, ବ୍ଲକ ସଭାପତି ଚୁଡାମଣୀ ମହାନ୍ତ, ପର୍ଯ୍ୟବେକ୍ଷକ ପ୍ରଦୀପ ମହାନ୍ତ, ଅର୍ଜୁନ ସାଣ୍ଡିଲ, ଅନ୍ତର୍ଜାମି ଖିଲାର, ସୁବାସ ରାମ, ରାମକ୍ରିଷ୍ଣ ଜିତ, ଦିନେଶ ମହାନ୍ତ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ବହୁବିଧି ଯୋଜନାର ସଫଳତା ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଜନ୍ ପାତ୍ର ପରିଚାଳନା କରିଥିଲେ। ବହୁ ଲୋକ ବିଜେଡିରେ ଯୋଗ ଦେଇଥିଲେ। ସରକାରଙ୍କ କାଳିଆ ଯୋଜନାଠୁ ଆରମ୍ଭ କରି ପିଠା କାର୍ଯ୍ୟକ୍ରମ, ରାଜ୍ୟ ଖାଦ୍ୟ ସୁରକ୍ଷା ଓ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସମସ୍ତ ଲୋକ ହିତକର ଯୋଜନା ସମ୍ପର୍କରେ ବିଜେଡି ନେତା ଆପଟ ଲୋକମାନଙ୍କୁ ଆବଗତ କରାଇଥିଲେ। ଆଗାମୀ ନିର୍ବାଚନରେ ପୁଣି ବିଜେଡି ଦଳକୁ କ୍ଷମତାକୁ ଫେରାଇ ଆଣିବାକୁ ଆହ୍ୱାନ ଦେଇଥିଲେ।

### ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ହାଟଡିହୀ,୧୫।୨(ଡି.ଏନ.ଏ):** ହାଟଡିହୀ ବ୍ଲକ ଦଧିବାମନପୁର ୟୁଜିୟୁପି ସ୍କୁଲର ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ସାହୁଙ୍କୁ ବିଦ୍ୟାଳୟ ତରଫରୁ ଅବସରକାଳିନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କମଳିନୀ ବାରିକଙ୍କ ଅଧକ୍ଷତାରେ ପ୍ରଧାନ ଶିକ୍ଷକ କାହ୍ନୁ ଚରଣ ପଣ୍ଡାଙ୍କ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଇଓ ଗୁଣନିଧି ଦାଶ ଯୋଗ ଦେଇଥିଲେ। ଏବିଇଓ ତପୋଧନ ସ୍ୱାଇଁ ମୁଖ୍ୟ ବକ୍ତା ଭାବେ ଉପସ୍ଥିତ ଥିଲେ। ଆନନ୍ଦପୁର ବିଇଓ ଶରତ କୁମାର ରାଉତ, ଏବିଇଓ ଧନେଶ୍ୱର ଖଣ୍ଡେଇ, ସରପଞ୍ଚ କୌଶଲ୍ୟା ସେଠୀ, ନାଏବ ସରପଞ୍ଚ କୈଳାସ ଚନ୍ଦ୍ର ଜେନା, ପିଇଓ ଶରତ କୁମାର ବେଜ, ସିଆରସିସି ବିଷ୍ଣୁ ପ୍ରସାଦ ସାହୁ, ଆନନ୍ଦପୁର ପୂର୍ବତନ ବିଇଓ ଜିତେନ କୁମାର ଦାସ, ସ୍କୁଲ ପରିଚାଳନା କମିଟି ସଭାପତି ଜଳଧର ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ସାହୁଙ୍କ କର୍ତ୍ତବ୍ୟନିଷ୍ଠା ଓ ଦାୟିତ୍ୱବୋଧକୁ ନେଇ ଅତିଥି ପ୍ରଶଂସା କରିଥିଲେ। ଶିକ୍ଷକ ଦୀପକ କୁମାର ନାୟକ ଅତିଥି ପରିଚୟ ଦେଇଥିଲେ। ଶିକ୍ଷକ ଅଞ୍ଜନ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ବିପ୍ରା ସଙ୍ଗୀତା ସାହୁ, ପ୍ରମିଳା ମିଶ୍ର, ଅଜିତ୍ ପଟ୍ଟନାୟକ, ସତ୍ୟାନନ୍ଦ ବେହେରା, ସତ୍ୟବ୍ରତ ନାୟକ, ଶିବ ସୁନ୍ଦର ସାହୁ, ଘନଶ୍ୟାମ ସେଠୀ, ବିଷ୍ଣୁ ପ୍ରସାଦ ଦାସ, ଅଞ୍ଜନ କୁମାର ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଆତ୍ମରକ୍ଷା ପ୍ରଶିକ୍ଷଣ ନେଲେ ଛାତ୍ରୀ

**କେନ୍ଦୁଝର, ୧୫।୨(ସ୍ୱ.ପ୍ର.):** ଶୁଆକାଟି ପାଟେଶ୍ୱର ଉଚ୍ଚମାଧମିକ ବିଦ୍ୟାଳୟରେ ଦ୍ୱିତୀୟ ପର୍ଯ୍ୟାୟ ଛାତ୍ରୀମାନଙ୍କ ଆତ୍ମରକ୍ଷା ଶିବିର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସରପଞ୍ଚ ପଞ୍ଚାନନ ବାରିକ ଯୋଗଦେଇ ଛାତ୍ରୀଙ୍କୁ ମାନପତ୍ର ଦେଇଥିଲେ। ଅଧକ୍ଷ ରମାକାନ୍ତ ସ୍ୱାଇଁଙ୍କ ଅଧକ୍ଷତାରେ ଅଧାପିକା ଗୀତାରାଣୀ ମହାନ୍ତ, ଅନୁପମା ମହାପାତ୍ର ପ୍ରଶିକ୍ଷିକା ପ୍ରମିଳା ନାଏକ ଉପସ୍ଥିତ ଥିଲେ। ଆତ୍ମରକ୍ଷା କୌଶଳ ଦ୍ୱାରା ଛାତ୍ରୀମାନେ କିପରି ନିଜର ସୁରକ୍ଷା କରିବା ସହ ଅନ୍ୟମାନଙ୍କୁ ସୁରକ୍ଷା ଦେଇ ପାରିବେ ସେ ନେଇ ଆଲୋଚନା କରାଯାଇଥିଲା। ଅଧାପକ ଆନନ୍ଦଚନ୍ଦ୍ର ନନ୍ଦ, ପ୍ରଶାନ୍ତ କୁମାର ନାଥ, ତ୍ରିଲୋଚନ ମହାନ୍ତ, ଅକ୍ଷୟ ମହାରଣା, ପରମାନନ୍ଦ ରଣା ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଗ୍ରାହକଙ୍କ ମୋବାଇଲ, ଟଙ୍କା ଲୁଟିଲେ ଦୁର୍ବୃତ୍ତ

**ବଡ଼ବିଲ, ୧୫।୨(ସ୍ୱ.ପ୍ର.)**



ବ୍ୟାଙ୍କ ସମ୍ମୁଖରେ ପୋଲିସ ତଦନ୍ତ କରୁଛି।


ଜବତ ବନ୍ଧୁକ, ନମ୍ବର ପ୍ଲେଟ ଓ ତାଲା।

- ମରଣାନ୍ତକ ଆକ୍ରମଣରେ କ୍ୟାଶିୟର ଓ ସୁରକ୍ଷାକର୍ମୀ ଲହୁଲୁହାଣ
- ୫ ବନ୍ଧୁକଧାରୀ ଡକାୟତ ଆଲ୍ଲାହାବାଦ ବ୍ୟାଙ୍କରେ ପଶିଥିଲେ
- ଏକ ବନ୍ଧୁକ, ଗାଡି ନମ୍ବର ପ୍ଲେଟ୍ ସହ ତାଲା ଜବତ

ବଡ଼ବିଲ ମୁଖ୍ୟ ବଜାର ରାସ୍ତାସ୍ଥିତ ଆଲ୍ଲାହାବାଦ ବ୍ୟାଙ୍କରୁ ଶୁକ୍ରବାର ସ୍ୱଷ୍ଟ ଦିବାଲୋକରେ ଲୁଟ୍ ହୋଇଛି। ୫ ଜଣ ବନ୍ଧୁକଧାରୀ ଡକାୟତ ବ୍ୟାଙ୍କ ଭିତରେ ପଶି କ୍ୟାଶିୟର, ସୁରକ୍ଷାକର୍ମୀଙ୍କ ସହ ଜମା କରିବାକୁ ଆସିଥିବା ଗ୍ରାହକମାନଙ୍କୁ ମାଡମାରି ପ୍ରାୟ ୫ ମୋବାଇଲ, ୨୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଡକାୟତଙ୍କ ଆକ୍ରମଣରେ କ୍ୟାଶିୟର ଲକ୍ଷ୍ମୀନାରାୟଣ ନାଏକ ଓ ସୁରକ୍ଷାକର୍ମୀ ବିଜୟ କୁମାର ବିଶ୍ୱକର୍ମା ଲହୁଲୁହାଣ ହୋଇଛନ୍ତି। ଗୁରୁତର ଅବସ୍ଥାରେ ସୁରକ୍ଷାକର୍ମୀ ଓ କ୍ୟାଶିୟରଙ୍କୁ ବଡବିଲସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ପ୍ରତ୍ୟକ୍ଷଦର୍ଶୀଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ସାଢେ ଦଶଟା ସମୟରେ ବ୍ୟାଙ୍କ ଖୋଲିବା ବେଳେ ଗ୍ରାହକଙ୍କ ସହ ୫ ଜଣ ଡକାୟତ ଭିତରକୁ ପଶି ଯାଇଥିଲେ। ଭିତରେ ପଶିବା କ୍ଷଣି ଡକାୟତମାନେ ପ୍ରଥମେ କ୍ୟାଶିୟର ଲକ୍ଷ୍ମୀନାରାୟଣ ନାଏକଙ୍କ ମୁଣ୍ଡକୁ ବନ୍ଧୁକ ସାହାଯ୍ୟରେ ଆକ୍ରମଣ କରିଥିଲେ। ସେମାନଙ୍କୁ ବିରୋଧ କରିବାରୁ ସୁରକ୍ଷାକର୍ମୀ ବିଜୟ କୁମାର ବିଶ୍ୱକର୍ମାଙ୍କୁ ମଧ୍ୟ ଡକାୟତମାନେ ମରଣାନ୍ତକ ଆକ୍ରମଣ କରିଥିଲେ। ବ୍ୟାଙ୍କରେ ଜମା କରିବାକୁ ଆସିଥିବା ଗ୍ରାହକଙ୍କୁ ଡକାୟତମାନେ ମାଡ ମାରି ସେମାନଙ୍କ ଠାରୁ ମୋବାଇଲ ଓ ଟଙ୍କା ଲୁଟି ନେଇଥିଲେ। କ୍ୟାଶିୟରଙ୍କ ପାଖରେ ବ୍ୟାଙ୍କ ଟ୍ରେଜେରିର ଚାବିକାଠି ନ ଥିବାରୁ ଡକାୟତମାନେ ସେଠାରୁ ଚମ୍ପଟ ମାରିଥିଲେ।

ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ବିଭିନ୍ନ ସ୍ଥାନରେ ଖାନତଲାସି ଜାରି ରଖିଛି। ବ୍ୟାଙ୍କରେ ଜମାକାରୀ ବସିବା ସ୍ଥାନରୁ ଏକ ବ୍ୟାଗରୁ ଗୋଟିଏ ଦେଶୀ ବନ୍ଧୁକ, ଏକ ଧଳା ରଙ୍ଗର ଗାଡି ନମ୍ବର ପ୍ଲେଟ ସହ ତାଲାକୁ ପୋଲିସ ଜବତ କରିଛି। ଡକାୟତମାନେ ତରବରରେ ଚମ୍ପଟ ମାରିବା ବେଳେ ଏ ଗୁଡିକ ଛାଡିଯାଇଥିବା ଅନୁମାନ କରାଯାଇଛି। ବଡବିଲ ଏସଡିପିଓ ଦାୟିତ୍ୱରେ ଥିବା କେନ୍ଦୁଝର ଡିଏସପି ଶୁଭ୍ରାଂଶୁ ଶେଖର ମିଶ୍ର ପହଞ୍ଚି ବିଭିନ୍ନ ଦିଗକୁ ଅନୁଧାନ କରିଛନ୍ତି। ଡକାୟତଙ୍କ ଲୁଟ୍‌ର ଶିକାର ହୋଇଥିବା ଗ୍ରାହକ ପ୍ରଶାନ୍ତ ବାରିକଙ୍କର ୨ ମୋବାଇଲ ଓ ନଗଦ ୩ ହଜାର ଟଙ୍କା, ବାବୁଲୁ ମୁଖୀଙ୍କର ଗୋଟିଏ ମୋବାଇଲ ଓ ନଗଦ ୧ ହଜାର ୫ ଶହ ଟଙ୍କା, ଫିଲିପ ପୂର୍ତ୍ତିଙ୍କର ଗୋଟିଏ ମୋବାଇଲ, ତୁରୀ ମୁଣ୍ଡାଙ୍କଠାରୁ ଗୋଟିଏ ମୋବାଇଲ ଲୁଟ ହୋଇଥିବା ଅଭିଯୋଗ ହୋଇଛି। ଡକାୟତଙ୍କ ମଧ୍ୟରୁ ୪ ଜଣ ଛୋଟ ଦେଶୀ ବନ୍ଧୁକ ଧରିଥିବାବେଳେ ଜଣେ ଡବଲ ବ୍ୟାରେଲ ବନ୍ଧୁକ ସହ ବୋମା ଧରିଥିଲେ ବୋଲି ପ୍ରତ୍ୟକ୍ଷଦର୍ଶୀ ତଥା ଲୁଟ୍‌ର ଶିକାର ହୋଇଥିବା ଗ୍ରାହକ ପ୍ରଶାନ୍ତ କହିଛନ୍ତି। ସ୍ୱଷ୍ଟ ଦିବାଲୋକ ତଥା ଜନଗହଳିପୂର୍ଣ୍ଣ ବଜାର ମୁଖ୍ୟ ରାସ୍ତାରେ ଖୋଲାଖୋଲି ଡକାୟତି ପୋଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି।

## ପଞ୍ଚାୟତ ଅଫିସରେ ତାଲା

**ଚମ୍ପୁଆ, ୧୫।୨(ଡି.ଏନ.ଏ.)**

ଚମ୍ପୁଆ ବ୍ଲକ ରଜିଆ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପଡିଥିବାରୁ ଭତ୍ତା ନେବା ପାଇଁ ଆସୁଥିବା ହିତାଧିରୀ ନିରାଶ ହୋଇ ଫେରିଛନ୍ତି। ଭତ୍ତା ନେବାକୁ ଆସି ହିତାଧାରୀ ୩ ଘଣ୍ଟା ଅପେକ୍ଷା କରିବା ପରେ ଫେରିଯାଇଛନ୍ତି। ପ୍ରତ୍ୟେକ ମାସ ୧୫ ତାରିଖ ଦିନ ସରକାରଙ୍କ ନିୟମ ଅନୁଯାୟୀ ଭତ୍ତା ପ୍ରଦାନ କରାଯାଉଛି। ହେଲେ ରଜିଆ ପଞ୍ଚାୟତର ୫ କ.ମି. ଦୂରରୁ ଚାଲି ହିତାଧିକାରୀ ରନ୍ଧାୟୀ ମୁଣ୍ଡା, ନମସ୍ତି ମୁଣ୍ଡା ଓ ବୁଧୁନି ମୁଣ୍ଡା ଭତ୍ତା ପାଇବା ଆଶାରେ ଆସି ପଞ୍ଚାୟତ ଦୁଆରେ ଜଗିରହିଥିଲେ। ପଞ୍ଚାୟତ ବନ୍ଦ ଥିବାରୁ ତାଙ୍କୁ କେହି କୌଣସି ସୂଚନା ଦେଇ ନ ଥିଲେ।

## ■ ଫକୀରପୁର ମେଡିକାଲରେ ଅଶାନ୍ତି

# ସମାଧାନ ଲାଗି ନିଆଯାଉନି ପଦକ୍ଷେପ

**ଆନନ୍ଦପୁର, ୧୫।୨(ସ୍ୱ.ପ୍ର.)**

ଆନନ୍ଦପୁର ପୌରପରିଷଦ ଫକୀରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଶାନ୍ତିକର ପରିବେଶ ଲାଗି ରହିଛି। ଡାକ୍ତର ଅଭାବ ଜନିତ ସମସ୍ୟାକୁ ନେଇ ସ୍ଥାନୀୟ ଫକୀରପୁର ଗ୍ରାମବାସୀ ଏବଂ ଯୁବ ସଂଘର ସଦସ୍ୟ ବାରମ୍ବାର ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହାର ସମାଧାନ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇନି। ଯୁବକ ସଂଘର ଅଭିଯୋଗକ୍ରମରେ ଜିଲା ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ ସୁଧାଂଶୁ ଶେଖର ବଳ ବୁଧବାର ଅପରାହ୍ନରେ ଏହାର ନିରାକରଣ ଦିଗରେ ପଦକ୍ଷେପ ନିଆଯିବା ନେଇ ଆଲୋଚନା କରିଥିଲେ। ଏହତ ଘଟଣା ପରେ ଫକୀରପୁର ମେଡିକାଲର ଜଣେ କର୍ମଚାରୀ ଫକୀରପୁର ଯୁବକ ସଂଘର ସଦସ୍ୟଙ୍କ ଉଦ୍ଦେଶ୍ୟରେ ମିଥ୍ୟ ଟିପ୍ପଣୀ ଦେବା ଯୋଗୁଁ ଗୁରୁବାର ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ସଂଘର ସଦସ୍ୟ ଏବଂ ମେଡିକାଲର ସମ୍ପୃକ୍ତ କର୍ମଚାରୀଙ୍କ ମଧ୍ୟରେ ବଚସା ହୋଇଥିଲା। ମେଡିକାଲ ଉଚ୍ଚ କର୍ତ୍ତୃପକ୍ଷ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ।

# ଏବିଭିପି ସମ୍ମିଳନୀ, ସହର ପରିକ୍ରମା

**କେନ୍ଦୁଝର, ୧୫।୨(ସ୍ୱ.ପ୍ର.)**


ସମ୍ମିଳନୀରେ ଯୋଗ ଦେଇଥିବା ଏବିଭିପି ଛାତ୍ରୀଛାତ୍ର।

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ପକ୍ଷରୁ କେନ୍ଦୁଝର କାଳୀପଡ଼ିଆଠାରେ ଜିଲା ସମ୍ମିଳନୀ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ବିଭିନ୍ନ ମହାବିଦ୍ୟାଳୟରେ ଥିବା ସମସ୍ୟା ବିଷୟରେ ଆଲୋଚନା କରାଯାଇଥିଲା। ଜିଲାର ବିପର୍ଯ୍ୟସ୍ତ ଶିକ୍ଷା, ସ୍ୱାସ୍ଥ୍ୟ, ସୁରକ୍ଷା ବ୍ୟବସ୍ଥା ଓ ବେରୋଜଗାର ସମସ୍ୟାକୁ ନେଇ ବିରୋଧ ପ୍ରଦର୍ଶନ କରାଯାଇଥିଲା। ଏହି ସମ୍ମିଳନୀରେ ରାଷ୍ଟ୍ରିୟ ସମ୍ପାଦକ ଅଭିଲାଷ ପଣ୍ଡା, ଜିଲା ସମ୍ପାଦକ ଇନ୍ଦ୍ରମଣୀ ମହାନ୍ତ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦିବ୍ୟଜ୍ୟୋତି ନନ୍ଦ, ଛାତ୍ର ନେତ୍ରୀ ଜ୍ୟୋସ୍ନାରାଣୀ ମାଝୀ, ଛାତ୍ର ନେତା ରଶ୍ମିକାନ୍ତ ବେହେରା, ପଦ୍ମଲୋଚନ ମହାନ୍ତ, ଗୁଲସନ ମହାନ୍ତ ପ୍ରମୁଖ ଉପସ୍ଥିତ ରହି ଉଦବୋଧନ ଦେଇଥିଲେ। ଏହି ଅବସରରେ ପରିଷଦର ନୂତନ ସଙ୍ଗଠନ ଦାୟିତ୍ୱ ଘୋଷଣା କରାଯାଇଥିଲା। ପରେ ସେମାନେ ବିଭିନ୍ନ ପ୍ରକାର ସ୍ଲୋଗାନ ଦେଇ ଏବଂ ପ୍ଲାକାର୍ଡ ଧରି ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ଏହି ଅବସରରେ ବିଭିନ୍ନ ସମସ୍ୟା ସମାଧାନ ଦାବିରେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବା ସହ ଶିକ୍ଷା, ସୁରକ୍ଷା ଓ ରୋଜଗାରକୁ ନେଇ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

ମହାବିଦ୍ୟାଳୟ ପରିଚାଳନା କମିଟିରୁ ରାଜନୈତିକ ବ୍ୟକ୍ତିଙ୍କୁ ବାଦ ଦେବାକୁ ଦାବି କରିଛନ୍ତି। ଆଶ୍ରମ ସ୍କୁଲର ପରିଚାଳନା ପାଇଁ ସ୍ୱତନ୍ତ୍ର ପରିଷଦ ଗଠନ, ସମସ୍ତ ମହାବିଦ୍ୟାଳୟରେ ସ୍ୱତନ୍ତ୍ର ବିଜ୍ଞାନଗାରା ଓ ଆବଶ୍ୟକୀୟ ଉପକରଣ ଯୋଗାଇ ଦେବାକୁ ଦାବି ହୋଇଛି। ମହାବିଦ୍ୟାଳୟ ଜମି ଜବରଦଖଲ ମୁକ୍ତ, ଶିକ୍ଷିତ ଯୁବକମାନଙ୍କୁ ନିଯୁକ୍ତି ପାଇଁ ବୃହତ ଶିଳ୍ପ ସ୍ଥାପନା, ସମସ୍ତ ଚାଷ ଜମିକୁ ଜଳସେଚନ ଯୋଗାଇଦେଇ ଚାଷ ପାଇଁ ଯୁବକଙ୍କୁ ପ୍ରୋତ୍ସାହନ ଦେବା, କେନ୍ଦୁଝର-ଭଦ୍ରକ-ଧାମରା ଓ ବାଦାମପାହାଡ-କେନ୍ଦୁଝର-ସମ୍ବଲପୁର ରେଳପଥ ନିର୍ମାଣ କରିବାକୁ ଦାବି ହୋଇଛି। ସମସ୍ତ ବ୍ଲକରେ ଉନ୍ନତମାନର ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନା, ଡାକ୍ତର ନିଯୁକ୍ତି, ପର୍ଯ୍ୟଟନ କେନ୍ଦ୍ର ଗୁଡିକର ବିକାଶ, ନିର୍ମାଣ ଶ୍ରମିକଙ୍କ ପାଇଁ ସ୍ୱତନ୍ତ୍ର ପ୍ରଶିକ୍ଷଣ କେନ୍ଦ୍ର ଖୋଲିବା ଆଦି ଦାବି ହୋଇଥିଲା। ଅନୁପ୍ରବେଶକାରୀଙ୍କୁ ହଟାଇବା ସହ ବିଭିନ୍ନ କାର୍ଯ୍ୟରେ ସ୍ଥାନୀୟ ଶ୍ରମିକଙ୍କୁ ନିଯୁକ୍ତି ଦେବାକୁ ଦାବି କରିଥିଲେ।

## ଭୋଟର ତାଲିକା ସମୀକ୍ଷା ବୈଠକ

**ପାଟଣା, ୧୫।୨(ସ୍ୱ.ପ୍ର.)**

ପାଟଣା ବ୍ଲକ ସଭା ଗୃହରେ ଚମ୍ପୁଆ ଉପଜିଲାପାଳ ପାରୁଲ ପଟୱାରୀଙ୍କ ଅଧକ୍ଷତାରେ ବୁଧବାର ବ୍ଲକସ୍ତରୀୟ ଭୋଟର ତାଲିକା ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ବିଡିଓ କୁଶଳଚନ୍ଦ୍ର ନାଏକ, ପାଟଣା ମହାବିଦ୍ୟାଳୟ ଅଧକ୍ଷା ଜ୍ୟୋସ୍ନା ମଞ୍ଜରୀ ତ୍ରିପାଠୀ, ଢୁମୁରିଆ ମହାବିଦ୍ୟାଳୟ ଅଧକ୍ଷ କୃଷ୍ଣ ଚନ୍ଦ୍ରପଣ୍ଡା, ଦଧିବାମନ ମହାବିଦ୍ୟାଳୟ ଅଧକ୍ଷ ଶରତଚନ୍ଦ୍ର ମହାନ୍ତ, ସହକାରୀଯନ୍ତ୍ରୀ ପୁରୁଷୋତ୍ତମ ସାହୁ, ଜିପିଓ ରଶ୍ମିରେଖା ମହାନ୍ତି, ୧୧୨ ଜଣ ବିଏଲଓ ଓ ୧୦ ସୁପରଭାଇଜର ଅଂଶଗ୍ରହଣ କରିଥିଲେ। ଭୋଟର ତାଲିକାରେ ନାମ ସଂଯୁକ୍ତ କରିବା ପାଇଁ ଫେବୃୟାରୀ ୨୮ତାରିଖକୁ ଅନ୍ତିମ ଦିବସ ରୂପେ ଧାର୍ଯ୍ୟ କରାଯାଇଛି। ପାଟଣା ବ୍ଲକରେ ଧାର୍ଯ୍ୟ ୪ ପ୍ରତିଶତ ନୂତନ ଭୋଟର ଅଦ୍ୟାବଧି ତାଲିକା ଭୁକ୍ତ ହୋଇପାରି ନାହାନ୍ତି। ଏ ନେଇ ପ୍ରଶାସନ ପାଇଁ ମୁଣ୍ଡ ବ୍ୟଥାର କାରଣ ପାଲଟିଛି।

# ଲଗାମଛଡ଼ା ଅଟୋ, ଦୁର୍ଘଟଣା ବୃଦ୍ଧି

**କେନ୍ଦୁଝର, ୧୫।୨(ସ୍ୱ.ପ୍ର.)**

ଟ୍ରାଫିକ୍ ସୁରକ୍ଷା ସହ ଦୁର୍ଘଟଣା ରୋକିବା ପାଇଁ ପୋଲିସ ବିଭାଗ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି। ବିଶେଷ କରି ହେଲମେଟ ଚେକିଂ ସହିତ ସିଟ ବେଲଟ ବ୍ୟବହାର ଉପରେ ଅଧିକ ଗୁରୁତ୍ୱ ଦେଇ ଜରିମାନା ଆଦାୟ କରାଯାଉଛି। ଏହା ମଧ୍ୟରେ ଦୁର୍ଘଟଣା ପାଇଁ ଦାୟୀ ରହୁଥିବା ଅଟୋ ଚାଳକଙ୍କ ପ୍ରତି ପୋଲିସର କୋହଳ ମନଭାବକୁ ନେଇ ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ସୂଚନାଯୋଗ୍ୟ, ଜିଲାରେ ଅଟୋ ଦୁର୍ଘଟଣାରେ ମଧ ବହୁ ଲୋକ ହତାହତ ହେଉଛନ୍ତି। ବିନା ଲାଇସେନ୍ସରେ ଓ ମଦ୍ୟପାନ କରି ବେପରୁଆ ଅଟୋ ଚଳାଉଥିବା ଚାଳକଙ୍କୁ ଧରପଗଡ କରାଯାଉନି। ଏପରିକି ଅନେକ ଅଟୋର ଫିଟନେସ କିମ୍ବା ଇନସ୍ୟୁରାନ୍ସ ମଧ ନ ଥିବା ଅଭିଯୋଗ ହେଉଛି। ସେହିପରି ଏଣେତେଣେ ପାର୍କିଂ କରି, ଧାର୍ଯ୍ୟ ଠାରୁ ଅଧିକ ସଂଖ୍ୟକ ଯାତ୍ରୀ ପରିବହନ, ବିଶେଷ କରି କୁନି ପିଲାଙ୍କୁ ଲଦି ସ୍କୁଲ ନେବା ଆଣିବା କରୁଥିବା ଓ ବେପରୁଆ ଚଳାଇ ଅନ୍ୟମାନଙ୍କ ପାଇଁ ଟ୍ରାଫିକ ସମସ୍ୟା ସୃଷ୍ଟି କରିଥିବାରୁ ଧରପଗଡ କରିବାକୁ ଦାବି ହେଉଛି।

କେତେକ ଅଟୋ ଚାଳକ ଭଡାକୁ ନେଇ ଯାତ୍ରୀମାନଙ୍କୁ ଜୁଲୁମ କରୁଥିବାରୁ ବିବାଦ ଦେଖାଦେଉଛି। ପ୍ରଶାସନ ଯାତ୍ରୀ ଭଡା ନିର୍ଦ୍ଧାରଣ କରୁ ନ ଥିବାରୁ ମନ ଇଛା ଭଡା ଆଦାୟ ହେଉଛି। କେନ୍ଦୁଝର ସହରର ବସ ଷ୍ଟାଣ୍ଡ, ବସଷ୍ଟପ, ରେଳ ଷ୍ଟେଶନ ଆଦି ଦୂରଦୂରରେ ରହିଥିବାରୁ ଯାତ୍ରୀ ଅକଥନୀୟ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମନଇଛା ଭଡା ଆଦାୟ କରାଯାଉଥିବାରୁ ଗରୀବ ଯାତ୍ରୀ ଅସୁବିଧା ଭୋଗୁଛନ୍ତି। ଏଭଳି ପରିସ୍ଥିତିରେ ଟାଉନ ବସ୍ ସର୍ଭିସକୁ ବିନା କାରଣରେ ବନ୍ଦ କରିଦେବା ଫଳରେ କେତେକ ଅଟୋ ଚାଳକଙ୍କ ପ୍ରାଦୁର୍ଭାବ ବଢିଯାଇଥିବା ଅଭିଯୋଗ ହୋଇଆସୁଛି। ଅନେକ ଯାତ୍ରୀ ଅତ୍ୟଧିକ ଅଟୋ ଭଡା ଯୋଗୁଁ ଚାଲି ବସଷ୍ଟାଣ୍ଡ ବା ବସଷ୍ଟପକୁ ଯାଉଛନ୍ତି। ଗରୀବ ବୟସ୍କ, ବୃଦ୍ଧାବୃଦ୍ଧ ଅକଥନୀୟ ସମସ୍ୟା ଭୋଗୁଛନ୍ତି।

# ରାଜ୍ୟସ୍ତରୀୟ ଦୃଷ୍ଟିହୀନ କ୍ରିକେଟ ଟୁର୍ନାମେଣ୍ଟ



ଖେଳାଳିଙ୍କ ସହ ତହସିଲଦାର।

**ଆନନ୍ଦପୁର, ୧୫।୨(ସ୍ୱ.ପ୍ର.)**

ଆନନ୍ଦପୁର ଷ୍ଟାଡିୟମଠାରେ ରାଜ୍ୟସ୍ତରୀୟ ଦୃଷ୍ଟିହୀନ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟ ଦୀର୍ଘ ୩ ଦିନ ଧରି ଅନୁଷ୍ଠିତ ହେବ। ଏଥିରେ ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ ଓ କଟକର ଦୃଷ୍ଟିହୀନ ଖେଳାଳି ଅଂଶ ଗ୍ରହଣ କରିଛନ୍ତି। ଭୁବନେଶ୍ୱରର ବିଛନ୍ଦ ଟ୍ରଷ୍ଟ ଅନୁକୂଲ୍ୟରେ ଅନୁଷ୍ଠିତ ଟୁର୍ନାମେଣ୍ଟରେ ମୁଖ୍ୟ ଅତିଥି ଭାବେ ହାଟଡିହୀ ତହସିଲଦାର ଗାୟତ୍ରୀ ସୋରେନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଆଇନଜୀବୀ ଚିତ୍ରାନନ୍ଦ ପଟ୍ଟନାୟକ, ଅତିଥି ଭାବେ ଓଷ୍ଟା ଆନନ୍ଦପୁର ବ୍ଲକ ସମ୍ପାଦକ ପ୍ରଦୀପ କୁମାର ହଜାରୀ, ବିଛନ୍ଦ ଟ୍ରଷ୍ଟର ଚେୟାରମ୍ୟାନ ପ୍ରକାଶ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ମ୍ୟାଚକୁ ତ୍ରିଲୋଚନ ବେଉରିଆ ଏବଂ ଅଜୟ କୁମାର ସାମଲ ଅମ୍ପାୟାର୍ ଭାବେ ମ୍ୟାଚ ପରିଚାଳନା କରିଥିଲେ।

# କାର୍ଯ୍ୟାନୁଷ୍ଠାନ ଦାବିକଲେ ଗ୍ରାମବାସୀ

**କେନ୍ଦୁଝର, ୧୫।୨(ସ୍ୱ.ପ୍ର.)**

ତ୍ରୁଟିପୂର୍ଣ୍ଣ ଅପରେଶନ ଯୋଗୁଁ ସମସ୍ୟା ଭୋଗୁଥିବା ଘଷିପୁରା ଥାନା ଅନ୍ତର୍ଗତ ଖଡବାଳି ଗ୍ରାମର ମିତାରାଣୀ ଜେନାଙ୍କୁ ମିଳିଲାନାହିଁ ନ୍ୟାୟ। ଏ ନେଇ ଆନନ୍ଦପୁର ଉପଜିଲାପାଳ ଓ କେନ୍ଦୁଝର ଏଡିଏମଓ ଘଟଣାର ତଦନ୍ତ କରି ରିପରାର୍ଟ ଦାଖଲ କରିଥିଲେ ହେଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ କିମ୍ବା ମହିଳାଙ୍କୁ କ୍ଷତିପୂରଣ ମିଳିନାହିଁ। ଏହି ଘଟଣାକୁ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ କ୍ଷତିପୂରଣ ପାଇଁ ଗ୍ରାମବାସୀ ଦାବି କରିଥିଲେ। ତଦନ୍ତରେ ଡାକ୍ତରଖାନା କର୍ମଚାରୀ ଓ ଡାକ୍ତରଙ୍କ ଅବହେଳା ଜଣାପଡିଥିଲେ ହେଁ କାହିଁକି ପ୍ରଶାସନ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ନେବାରେ ବିଳମ୍ବ କରୁଛି ବୋଲି ସ୍ଥାନୀୟ ଲୋକ ପ୍ରଶ୍ନ କରୁଛନ୍ତି। ଏହି ଘଟଣାକୁ ଚପାଇଦେବାକୁ ଉଦ୍ୟମ କରାଯାଉଥିବା ଅଭିଯୋଗ ହେଉଛି। ଏ ନେଇ ଆନନ୍ଦପୁର ଉପଜିଲାପାଳ ରବୀନ୍ଦ୍ର ସାହୁଙ୍କୁ ପଚାରିବାରୁ ତଦନ୍ତ ରିପୋର୍ଟ ଜିଲାପାଳଙ୍କୁ ଦିଆଯାଇଛି। ଏହା ପ୍ରକାଶ କରାଯାଇପାରିବ ନାହିଁ ବୋଲି ସେ କହିଛନ୍ତି। ଏଡିଏମଓ ଡା. ଏସ.ଏସ. ବଳଙ୍କୁ ପଚାରିବାରୁ ତଦନ୍ତ କରାଯାଇ ସିଡିଏମଓଙ୍କ ଜରିଆରେ ଜିଲାପାଳ ଓ ସଚିବଙ୍କୁ ରିପୋର୍ଟ ଦିଆଯାଇଛି। କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ଅଗ୍ନିଶମ ବାହିନୀର ମକ୍‌ଡ୍ରିଲ

**ପାଟଣା,୧୫।୨(ସ୍ୱ.ପ୍ର.)**

ପାଟଣା ମୁଖ୍ୟାଳୟସ୍ଥିତ ସେଣ୍ଟ ଜାଭିୟର ସ୍କୁଲ ପରିସରରେ ସ୍ଥାନୀୟ ଅଗ୍ନିଶମ ବାହିନୀ ତରଫରୁ ବିପର୍ଯ୍ୟୟ ପରିଚାଳନା ସକାଶେ ମକ୍‌ଡ୍ରିଲ ପ୍ରସ୍ତୁତ କରାଯାଇଛି। ଅଗ୍ନିଶମ ଷ୍ଟେଶନ ପରିଚାଳକ ମନୋରଞ୍ଜନ ମହାନ୍ତଙ୍କ ତତ୍ତ୍ୱାବଧାନରେ ହାବିଲଦାର ଚାନ୍ଦରାଇ ସୋରେନ, ଶୁମନ୍ତ ନାଏକ, ମଳୟ ମଲ୍ଲିକ, ରାଇସେନ ମାରାଣ୍ଡି, ଦେବେନ୍ଦ୍ର ମହାନ୍ତ, ଜାତୀନ୍ଦ୍ର ଭୋଇ, ସୁମନ୍ତ ସାମଲ ଓ ଅରୁଣ ରାଉତ ପ୍ରମୁଖ ଛାତ୍ରୀଛାତ୍ରଙ୍କୁ ବନ୍ୟା ବାତ୍ୟା, ଅଗ୍ନିକାଣ୍ଡ ଓ ଦୁର୍ଘଟଣା ଆଦି ବିପର୍ଯ୍ୟୟ ସମୟରେ କିଭଳି ସୁରକ୍ଷା ଓ ଉଦ୍ଧାର କାର୍ଯ୍ୟ କରିହେବ ସେନେଇ ମକ୍‌ଡ୍ରିଲ ପ୍ରଦର୍ଶନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧକ୍ଷ ନିରଞ୍ଜନ ଦାଶ, ପରିଚାଳନା ପରିଷଦ ସଭାପତି ଅଜୟ କୁମାର ଦାଶ, ଟ୍ରଷ୍ଟି ଦେବବ୍ରତ ଦାଶ, ଅବିନାଶ ଦାଶ, କର୍ମଚାରୀ ଜ୍ୟୋସ୍ନାରାଣୀ ତ୍ରିପାଠୀ, ରାଜଶ୍ରୀ ବାରିକ, ପ୍ରିୟବ୍ରତ ମିଶ୍ର ଓ କାଶୀନାଥ ମହାନ୍ତ ପ୍ରମୁଖ ଉପସ୍ଥିତ ରହି ମକ୍‌ଡ୍ରିଲରେ ସହଯୋଗ କରିଥିଲେ।



ଅଗ୍ନିଶମ ବାହିନୀ ମକ୍‌ଡ୍ରିଲ ପ୍ରସ୍ତୁତ କରୁଛନ୍ତି।

# ଧାରଣାରେ ବସିଲେ ଶ୍ରମିକ

**ଯୋଡା, ୧୫।୨(ଡି.ଏନ.ଏ.)**



ଶ୍ରମିକ ଧାରଣାରେ ବସିଛନ୍ତି।

**ଖଣିରେ ଶୋଷଣ**
- ଠିକାଦାର ସଂସ୍ଥା ଶୁଣୁନି
- ମିଳୁନି ବର୍ଦ୍ଧିତ ଦରମା

ଯୋଡ଼ା ଖଣିମଣ୍ଡଳର ଜଳହରିସ୍ଥିତ କଳିଙ୍ଗ ମାଇନିଂ କର୍ପୋରେଶନ ( କେଏମସି ) ଖଣିରେ ଏରିଅର ପେମେଣ୍ଟ ଦାବିକରି କେତେକ ଶ୍ରମିକ ଖଣି ଅଫିସ ସମ୍ମୁଖରେ ଶୁକ୍ରବାର ଧାରଣାରେ ବସିଥିଲେ। ଶ୍ରମିକ ହୃଷିକେଶ ପାତ୍ର, ନନ୍ଦିଆ ମୁଣ୍ଡା, କ୍ଷୀରୋଦ ପାତ୍ର, ମଙ୍ଗଳ ମୁଣ୍ଡା, ଗୁଲୁ ମୁଣ୍ଡା, ତ୍ରିଲୋଚନ ଲୋହାର, କାଶିନାଥ ଲୋହାର, ଭକ୍ତବନ୍ଧୁ ମହାନ୍ତ, ଅନାମ ପାତ୍ର, ଦେବାନନ୍ଦ ପାତ୍ର ଧାରଣାରେ ବସିଥିଲେ। ୨୦୧୫ ପରଠାରୁ ସରକାରଙ୍କ ଦ୍ୱାରା ଲାଗୁ ହୋଇଥିବା ବର୍ଦ୍ଧିତ ଦରମା (ଏରିଅର) ସେମାନଙ୍କୁ ମିଳିନି। ଏହି ବର୍ଦ୍ଧିତ ଦରମା ଅନ୍ୟ ଖଣି କମ୍ପାନୀ ଶ୍ରମିକଙ୍କୁ ପ୍ରଦାନ କରାଯାଇଛି। ଦୀର୍ଘ ୩୬ ମାସ ହେବ କେଏମସି ଖଣିରେ ଥିବା ଠିକା ସଂସ୍ଥା ତ୍ରୀବେଣୀ ଆର୍ଥ ମୋଭର୍ସ ପ୍ରାଇଭେଟ ଲିମିଟେଡ ଅଧୀନରେ କାର୍ଯ୍ୟ କରୁଥିବା ଶ୍ରମିକମାନଙ୍କୁ ବର୍ଦ୍ଧିତ ଦରମା ମିଳିନାହିଁ। ଏ ନେଇ ଶ୍ରମିକମାନେ ଠିକାସଂସ୍ଥା କର୍ତ୍ତୃପକ୍ଷଙ୍କୁ ଜଣାଇବାରୁ ସଂସ୍ଥା ପକ୍ଷରୁ ଏହି ବର୍ଦ୍ଧିତ ଦରମା ପ୍ରଦାନ କରିବା ନେଇ ୧୫ ଦିନର ସମୟ ନେଇଥିଲେ। ଶୁକ୍ରବାର ଏହି ସମୟ ଅବଧି ଶେଷ ହୋଇଥିଲେ ହେଁ ଠିକା ସଂସ୍ଥା ପକ୍ଷରୁ ବର୍ଦ୍ଧିତ ଦରମା ପ୍ରଦାନ କରାଯାଉନି। କୌଣସି ଆଲୋଚନା କରା ନ ଯିବାରୁ ଶ୍ରମିକ ଖଣିରେ କାର୍ଯ୍ୟ ବନ୍ଦ କରି ଖଣି ଅଫିସ ସମ୍ମୁଖରେ ଧାରଣା ଦେଇଥିଲେ।

ଉକ୍ତ ଠିକାସଂସ୍ଥା ଦୀର୍ଘ ୧୩ ବର୍ଷ ହେବ ଶ୍ରମିକମାନଙ୍କୁ ହେଲପରର ଦରମା ଦେଇ ମେଶିନ୍ ଅପରେଟରର କାର୍ଯ୍ୟ କରାଉଛି। ଏ ନେଇ ଶ୍ରମିକ ବହୁବାର ଠିକାସଂସ୍ଥାକୁ ଜଣାଇଥିଲେ। ସେମାନଙ୍କର ଦାବିକୁ ଠିକାସଂସ୍ଥା ପକ୍ଷରୁ ଅଣଦେଖା କରାଯାଉଛି। ଶ୍ରମିକ ଧାରଣା ଦେଇଥିବା ବେଳେ ଠିକାସଂସ୍ଥା ପକ୍ଷରୁ ପୋଲିସ ଲଗାଇ ସେମାନଙ୍କୁ ଗିରଫ କରାଯିବାର ଧମକ ଦେଇଥିବା ଶ୍ରମିକ ଦୁରଙ୍ଗ ପାତ୍ର କହିଛନ୍ତି। ଏହାର ସମାଧାନ କରାଯିବା ପାଇଁ ବାମେବାରୀ ଥାନା ପୋଲିସ ଶ୍ରମିକଙ୍କୁ ଥାନାକୁ ଡକାଇଥିଲେ ହେଁ ଶ୍ରମିକମାନେ ଥାନାକୁ ନଯାଇ ଧାରଣାସ୍ଥଳରେ ବସିରହିଥିଲେ। ଏ ସମ୍ପର୍କରେ ତ୍ରୀବେଣୀ ଠିକାସଂସ୍ଥାର ମାନବ ସମ୍ବଳ ମୁଖ୍ୟ ଶୁଭକାନ୍ତ ନାୟକଙ୍କୁ ପଚାରିବାରୁ ସରକାରଙ୍କ ପକ୍ଷରୁ ହୋଇଥିବା ବର୍ଦ୍ଧିତ ମୂଲ୍ୟ ଶ୍ରମିକଙ୍କୁ ଦିଆଯାଇଛି। ଶ୍ରମିକମାନେ ଯେଉଁ ଦାବି କରିଛନ୍ତି ସେ ସମ୍ପର୍କରେ କୌଣସି ଖବର କମ୍ପାନୀ ପାଖରେ ନାହିଁ। ଧାରଣାସ୍ଥଳରେ ବିଭାଗୀୟ ଅଧିକାରୀମାନେ ଆସି ଶ୍ରମିକମାନଙ୍କ ସହିତ କଥାବାର୍ତ୍ତା କରୁଛନ୍ତି। ଖୁବ୍ ଶୀଘ୍ର ଏହାର ସମାଧାନ କରାଯିବ ବୋଲି ସେ କହିଥିଲେ।

**ସଂକ୍ଷେପରେ**

## ୨୨ଦିନ ପରେ ଅର୍ଥମନ୍ତ୍ରୀ ଭାବେ ଦାୟିତ୍ୱ ନେଲେ ଜେଟ୍‌ଲୀ

**ନୂଆଦିଲ୍ଲୀ,୧୫-୨:** ଅରୁଣ ଜେଟ୍‌ଲୀ ଦୀର୍ଘ ୨୨ ଦିନ ପରେ ଶୁକ୍ରବାର ଅର୍ଥମନ୍ତ୍ରୀ ଭାବେ ପୁନର୍ବାର ଦାୟିତ୍ୱ ସମ୍ଭାଳିଛନ୍ତି। ସେ ଆମେରିକାରେ ନିଜର ଚିକିତ୍ସା ସାରିବା ପରେ ଗତ ଶନିବାର ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଥିଲେ। ସଫ୍ଟ ଟିସ୍ୟୁ କ୍ୟାନସର ଚିକିତ୍ସା ପାଇଁ ବିଦେଶ ଯାଇଥିଲେ। ଏହି କାରଣରୁ ସେ ଜାନୁୟାରୀ ୨୩ରେ ରେଳମନ୍ତ୍ରୀ ପୀୟୂଷ ଗୋୟଲଙ୍କୁ ଅର୍ଥମନ୍ତ୍ରୀ ଦାୟିତ୍ୱ ଦେଇଥିଲେ। ଫଳରେ ଗୋୟଲ ଚଳିତ ମାସ ପହିଲାରେ ଅନ୍ତରୀଣ ବଜେଟ ଉପସ୍ଥାପନ କରିଥିଲେ। ତେବେ ଜେଟ୍‌ଲୀ ଆମେରିକାରେ ଅବସ୍ଥାନ କାଳରେ ଦେଶର ପ୍ରତ୍ୟେକଟି ଖବର ସହ ଜଡ଼ିତ ଥିଲେ ଏବଂ ସୋସିଆଲ ମିଡିଆରେ ଏହା ଉପରେ ପ୍ରତିକ୍ରିୟାମାନ ଦେଉଥିଲେ। ଖାଲି ସେତିକି ନୁହେଁ ସେ ଭିଡିଓ କନ୍‌ଫରେନ୍ସ ଜରିଆରେ ବିଭିନ୍ନ ମିଡିଆ ସହ ଆଲୋଚନା କରୁଥିଲେ।

## ଇରାନରୁ ଅଶୋଧିତ ତେଲ ଆମଦାନୀ ୪୫% କମିଲା

**ନୂଆଦିଲ୍ଲୀ,୧୫-୨:** ଜାନୁୟାରୀରେ ଇରାନରୁ ଅଶୋଧିତ ତେଲ ଆମଦାନୀ ୪୫% ଅର୍ଥାତ୍ ଦୈନିକ ୨,୭୦,୫୦୦ ବ୍ୟାରେଲକୁ ହ୍ରାସ ପାଇଛି। ପୂର୍ବରୁ ଏହା ୩ ଲକ୍ଷ ବ୍ୟାରେଲ ହେବ ବୋଲି ଆଶାକରାଯାଉଥିଲା। ସୂଚନାଥାଉ କି, ଆମେରିକା କଟକଣା ଜାରି କରିଥିବା ଯୋଗୁ ଇରାନର ଅଶୋଧିତ ତେଲ ଏବେ ବିକ୍ରି ହୋଇପାରୁନାହିଁ। ତେବେ ଭାରତ ସମେତ ୮ଟି ଦେଶକୁ ଆମେରିକା ୬ ମାସ ପାଇଁ କଟକଣାରୁ ବାଦ୍ ଦେଇଛି। ଭାରତ ଦୈନିକ ୧.୨୫ ମିଲିୟନ ଟନ ତେଲ ଇରାନରୁ କିଣିପାରିବ ବୋଲି ଆମେରିକା କହିଛି। ଏହାର ଅର୍ଥ ଭାରତ ଦୈନିକ ୩ ଲକ୍ଷ ବ୍ୟାରେଲ ତେଲ ଆମଦାନୀ କରିପାରିବ।

## ୩୦ ହାଇସ୍ପିଡ ଟ୍ରେନ ନିର୍ମାଣ ଚାଲିଛି: ଗୋୟଲ

**ନୂଆଦିଲ୍ଲୀ,୧୫-୨:** ଦେଶର ବିଭିନ୍ନ ସେକ୍ଟରରେ ଅଧିକ ହାଇସ୍ପିଡ ଟ୍ରେନ ଚଳାଇବା ଲାଗି ଭାରତୀୟ ରେଳବାଇ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଏହାକୁ ଦୃଷ୍ଟିରେ ରଖି ୩୦ ଟି ଟ୍ରେନ ୧୮ ନିର୍ମାଣ କରାଯାଉଛି ବୋଲି ରେଳମନ୍ତ୍ରୀ ପୀୟୂଷ ଗୋୟଲ ଶୁକ୍ରବାର ପ୍ରକାଶ କରିଛନ୍ତି। ଏଭଳି ୧୦୦ଟି ଅଧିକ ଟ୍ରେନ ନିର୍ମାଣ ଲାଗି ଖୁବଶୀଘ୍ର ନିଷ୍ପତ୍ତି ନିଆଯିବ ବୋଲି ସେ ପ୍ରକାଶ କରିଛନ୍ତି। ଦେଶରେ ପ୍ରଥମ ବୁଲେଟ ଟ୍ରେନ ଚଳାଚଳ ପାଇଁ ଆରମ୍ଭ ହୋଇଥିବା ଉଦ୍ୟମ ଠିକ୍ ଦିଗରେ ଆଗେଇ ଚାଲିଛି ବୋଲି ସେ ସୂଚନା ଦେଇଛନ୍ତି। ସୂଚନାଥାଉ କି, ଚେନ୍ନାଇର ଇଣ୍ଟିଗ୍ରାଲ କୋଚ୍ ଫ୍ୟାକ୍ଟ୍ରିରେ ଦେଶର ପ୍ରଥମ ସେମି ହାଇସ୍ପିଡ ଟ୍ରେନ ୧୮କୁ ନିର୍ମାଣ କରାଯାଇଥିଲା। ଯାହାକୁ ପରେ ବନ୍ଦେ ଭାରତ ଏକ୍ସପ୍ରେସ ନାମ ଦିଆଯାଇଛି।

ଆଗାମୀ ୧୦ରୁ ୧୫ ବର୍ଷ ମଧ୍ୟରେ ୬୫ ବିଲିୟନ ଡଲାର ନିବେଶରେ ଦେଶରେ ୧୦୦ ବିମାନ ବନ୍ଦର ସ୍ଥାପନ କରାଯିବାକୁ ଯୋଜନା ରହିଛି।
– ସୁରେଶ ପ୍ରଭୁ, କେନ୍ଦ୍ର ବେସାମରିକ ବିମାନ ଚାଳନ ମନ୍ତ୍ରୀ



ପବ୍ଲିକ ୱାଇଫାଇର ଇଣ୍ଟରଅପରେବିଲିଟି ଉପରେ ସରକାର ବର୍ତ୍ତମାନ ବିଚାର ବିମର୍ଶ କରୁଛନ୍ତି।
– ଅରୁଣା ସୁନ୍ଦର ରାଜନ, ଟେଲିକମ୍ ସଚିବ



### ମୋଷ୍ଟ ଫେଭର୍ଡ ନେସନ୍ସ ମାନ୍ୟତା ପ୍ରତ୍ୟାହାର

# ପାକିସ୍ତାନ ଉପରେ ସାମାନ୍ୟ ପ୍ରଭାବ

**ନୂଆଦିଲ୍ଲୀ,୧୫-୨**

ଦକ୍ଷିଣ କଶ୍ମୀରର ପୁଲୱାମାରେ ଗୁରୁବାର ଆତଙ୍କବାଦୀ ଆକ୍ରମଣରେ ୪୪ ସିଆର୍‌ପିଏଫ୍ ଯବାନ ଶହୀଦ ହେବା ପରେ ଭାରତ ଶୁକ୍ରବାର ପାକିସ୍ତାନକୁ ଦେଇଥିବା ମୋଷ୍ଟ ଫେଭର୍ଡ ନେସନ୍ସ (ଏମ୍‌ଏଫଏନ୍)ମାନ୍ୟତାକୁ ପ୍ରତ୍ୟାହାର କରିନେଇଛି। ଦୀର୍ଘ ୨୨ ବର୍ଷ ପରେ ଭାରତ ଏଭଳି ନିଷ୍ପତ୍ତି ନେଇ ସମସ୍ତଙ୍କୁ ଚମକାଇ ଦେଇଛି। ଏହାପରେ ଭାରତ ଆଉ ଏକ ଦୃଢ଼ ପଦକ୍ଷେପ ନେଇ ପାକିସ୍ତାନଠାରୁ ମାନ୍ୟତା ପ୍ରତ୍ୟାହାର ସଂକ୍ରାନ୍ତରେ ବିଶ୍ୱ ବାଣିଜ୍ୟ ସଂଗଠନ(ଡବ୍ଲ୍ୟୁଟିଓ)ରେ ଜଣାଇବ। ତେବେ ସଂଗଠନ ଦ୍ୱାରା ପ୍ରଣୀତ ଚୁକ୍ତି ଅନୁଯାୟୀ ଭାରତକୁ ପ୍ରତ୍ୟାହାର କାରଣ ସମ୍ପର୍କରେ ଜଣାଇବାକୁ ପଡ଼ିବ। ସୁରକ୍ଷା କାରଣରୁ ଏହି ପଦକ୍ଷେପ ନିଆଯିବ ବୋଲି ଭାରତ ପକ୍ଷରୁ ଯୁକ୍ତି ଦର୍ଶାଯିବ ବୋଲି ଜଣେ ବରିଷ୍ଠ ଅଧିକାରୀ ପ୍ରକାଶ କରିଛନ୍ତି। ତେବେ ଭାରତର ଏହି ପଦକ୍ଷେପ ଯୋଗୁ ପାକିସ୍ତାନ ଉପରେ ସାମାନ୍ୟ ପ୍ରଭାବ ପଡିବ ବୋଲି ବିଶ୍ୱ ବ୍ୟାଙ୍କ ରିପୋର୍ଟ କହୁଛି। ଭାରତ କେବଳ ସାଙ୍କେତିକ ପଦକ୍ଷେପ ନେଇଛି ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି।

ସୂଚନାଥାଉ କି, ବିଶ୍ୱ ବାଣିଜ୍ୟ ସଂଗଠନ(ଡବ୍ଲ୍ୟୁଟିଓ)ର ଜେନେରାଲ ଏଗ୍ରିମେଣ୍ଟ ଆଣ୍ଡ ଟାରିଫ୍‌ସ ଆଣ୍ଡ ଟ୍ରେଡ୍ (ଗାଟ୍) ଅନ୍ତର୍ଗତରେ ଏଥିରେ ସ୍ୱାକ୍ଷର କରିଥିବା ସଦସ୍ୟ ଦେଶଗୁଡ଼ିକ ଜଣେ ଅନ୍ୟଜଣର ସୀମା ଶୁଳ୍କ ମାମଲାରେ ସମାନ ବ୍ୟବହାର କରିବାକୁ ବାଧ୍ୟ। ଯେକୌଣସି ସଦସ୍ୟ ରାଷ୍ଟ୍ର ଅନ୍ୟ ଦେଶକୁ ଏମ୍‌ଏଫ୍‌ଏନ୍ ମାନ୍ୟତା ଦେଇପାରେ। ତେବେ ମାନ୍ୟତା ପାଇଥିବା ଦେଶ ଦେଇଥିବା ଦେଶକୁ ଅନୁରୂପ ମାନ୍ୟତା ଦେବାକୁ ବାଧ୍ୟ ନୁହେଁ। ସୁରକ୍ଷା କାରଣରୁ ସେ ଏଥିରୁ ଦୂରେଇ ରହିପାରେ। ତେବେ ଏ କ୍ଷେତ୍ରରେ ଭାରତ ଏକତରଫା ଭାବେ ୧୯୯୬ରେ ପାକିସ୍ତାନକୁ ଏମ୍‌ଏଫ୍‌ଏନ୍ ମାନ୍ୟତା ଦେଇଥିଲା। କିନ୍ତୁ ପାକିସ୍ତାନ ଆଜିଯାଏ ଭାରତକୁ ଅନୁରୂପ ମାନ୍ୟତା ଦେଇନାହିଁ। ଏବେ ଏହା ପ୍ରତ୍ୟାହାର ପରେ ପଡୋଶୀ ଦେଶରୁ ଆସୁଥିବା ସାମଗ୍ରୀ ଉପରେ ଭାରତ ମନଇଚ୍ଛା ସୀମା ଶୁଳ୍କ ବଢ଼ାଇ ପାରିବ। ତେବେ ବିଶେଷଜ୍ଞଙ୍କ କହିବାନୁଯାୟୀ, ଏହାଦ୍ୱାରା ପାକିସ୍ତାନ ସାମାନ୍ୟ ପ୍ରଭାବିତ ହେବ। ସୂଚନାଥାଉ କି, ପାକିସ୍ତାନରୁ ଭାରତ ଫଳ, ସିମେଣ୍ଟ, ଚମଡ଼ା, ରସାୟନ ଓ ମସଲା ଆମଦାନୀ କରିଥାଏ। ପାକିସ୍ତାନୀ ସାମଗ୍ରୀ ଉପରେ ଅତ୍ୟଧିକ ସୀମା ଶୁଳ୍କ ଆଦାୟ କରାଗଲେ ମଧ୍ୟ ସେଦେଶର ସେଭଳି କ୍ଷତି ହେଲା ଭଳି ଜଣାପଡୁନି। କାରଣ ଦୁଇ ଦେଶର ବାଣିଜ୍ୟ କାରବାର ଅତ୍ୟନ୍ତ ନଗଣ୍ୟ। ବିଶ୍ୱ ବ୍ୟାଙ୍କର ସଦ୍ୟତମ ରିପୋର୍ଟ ଅନୁଯାୟୀ, ଦୁଇ ଦେଶର ମାତ୍ର ୨ଶହ ଡଲାର ବାଣିଜ୍ୟ ହେଉଛି। ତେବେ ପାକିସ୍ତାନ ମଧ୍ୟ ଭାରତ ବିରୋଧରେ ବାଣିଜ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ମଧ୍ୟ ସେଭଳି ଫରକ ପଡ଼ିବ ନାହିଁ। କାରଣ ଏହି ପଡୋଶୀ ଦେଶ ଭାରତକୁ ଉକ୍ତ ମାନ୍ୟତା ଦେଇନାହିଁ। ଏହାଛଡ଼ା ଏହା ଭାରତର ୧୨୦୯ ସାମଗ୍ରୀ ଆମଦାନୀ ଉପରେ ପୂର୍ବରୁ କଟକଣା ଜାରି କରିସାରିଛି। ୱାଘା ସୀମା ଜରିଆରେ ଯାହା କିଛି ଆମଦାନୀ-ରପ୍ତାନି ହେଉଛି, ଏବେ ତାହା ମଧ୍ୟ ବନ୍ଦ ହୋଇଯିବ। ଅନ୍ୟପକ୍ଷରେ ଭାରତ ମୁଖ୍ୟତଃ କଟନ, ଡାଇ,କେମିକାଲ୍ସ, ପନିପରିବା, ଲୁହା ଏବଂ ଷ୍ଟିଲ ପାକିସ୍ତାନରୁ ଆମଦାନୀ କରିଥାଏ। ସୂଚନାଥାଉ କି, ଭାରତ ୨୦୧୭-୧୮ରେ ପାକିସ୍ତାନରୁ ୪୮.୮ କୋଟି ଡଲାରର ସାମଗ୍ରୀ ଆମଦାନୀ ଓ ୧.୯୨ ବିଲିୟନ ଡଲାର ରପ୍ତାନି କରିଥିଲା।




## ଅରୁନ୍ଧତୀରେ ନୂଆ ବ୍ରାଇଡାଲ କଲେକ୍ସନ

**ଭୁବନେଶ୍ୱର,୧୫-୨**

ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ନୂଆ ବ୍ରାଇଡାଲ କଲେକ୍ସନ ରିୱାଜ ସମ୍ଭାରର ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ଏହାକୁ ଦେଶର କୋଣଅନୁକୋଣର ଅନୁଭବୀ କାରିଗରଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଛି। ଏଥିରେ ଗ୍ରାହକମାନେ ସମସ୍ତ ବର୍ଗର ନୂତନ ତଥା ସୁନ୍ଦରକାରିଗରି ଭରା ସ୍ୱତନ୍ତ୍ର ଗହଣା ପାଇ ପାରିବେ। ଅରୁନ୍ଧତୀର ବଲାଙ୍ଗୀର, ଭବାନୀପାଟଣା, ସମ୍ବଲପୁର ଏବଂ ଭୁବନେଶ୍ୱର ଶୋ'ରୁମରେ ଏହି ଗହଣା ସମ୍ଭାର ଉପଲବ୍ଧ। ଏହି ଅବସରରେ ଶୋ'ରୁମ ପକ୍ଷରୁ ସଦାବସନ୍ତ ଗୋଲ୍ଡେନ ସେଲ୍ଫି କଣ୍ଟେଷ୍ଟର ବିଜେତା ପ୍ରେମ ମିଶ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଗ୍ରାହକଙ୍କ ସୁଚିନ୍ତିତ ପରାମର୍ଶ ଗ୍ରହଣ କରି କିଛି ନୂତନ କରିବାର ପ୍ରୟାସ ଜାରି ରଖିବାର ପ୍ରତିଶ୍ରୁତି ଉପରେ କାର୍ଯ୍ୟ କରୁଥିବା ଅରୁନ୍ଧତୀ ଜୁଏଲର୍ସର ଏମ୍‌ଡି ବ୍ରହ୍ମାନନ୍ଦ ମେହେର ସୂଚନା ଦେଇଛନ୍ତି। ଏଥିରେ ଶୋ'ରୁମର ଡାଇରେକ୍ଟର ଅରୁନ୍ଧତୀ ମେହେର ଉପସ୍ଥିତ ଥିଲେ।

## ନୂଆ ହୋଣ୍ଡା ସିଭିକର ପ୍ରି ଲଞ୍ଚ ବୁକିଂ

**ନୂଆଦିଲ୍ଲୀ,୧୫-୨**




ହୋଣ୍ଡା କାର୍‌ସ ଇଣ୍ଡିଆ ଲିମିଟେଡ ପକ୍ଷରୁ ଏହାର ୧୦ ପିଢିର ନୂଆ ସିଭିକ ମଡେଲର ପ୍ରି ଲଞ୍ଚ ବୁକିଂ ସମ୍ପର୍କରେ ଘୋଷଣା କରାଯାଇଛି। ଚଳିତ ମାସ ୧୫ ତାରିଖଠାରୁ ସାରା ଦେଶରେ ଥିବା କମ୍ପାନୀର ଅଧିକୃତ ଡିଲରଶିପଗୁଡ଼ିକରେ ଗ୍ରାହକମାନେ ଏହି ମଡେଲର ବୁକିଂ କରିପାରିବେ। ବୁକିଂ ଲାଗି ୩୧ ହଜାର ଟଙ୍କା ଦେୟ ଧାର୍ଯ୍ୟ ହୋଇଛି। ଏହି ମଡେଲଟି ମାର୍ଚ୍ଚ ୭ରେ ବଜାରକୁ ଆସିବ ବୋଲି କମ୍ପାନୀ ସୂଚନା ଦେଇଛି। ବିଶ୍ୱ ସ୍ତରରେ ଏହି ମଡେଲଟି କମ୍ପାନୀର ସର୍ବୋଚ୍ଚ ସଂଖ୍ୟାରେ ବିକ୍ରି ହେଉଥିବା ଏକ ଯାନ ହୋଇଥିବା ବେଳେ ଏହାକୁ ଘରୋଇ ବଜାରରେ ବୁକିଂ ଘୋଷଣା କରି ଅତ୍ୟନ୍ତ ଖୁସି ବୋଲି କମ୍ପାନୀର ବିକ୍ରି ଓ ମାର୍କେଟିଂ ବରିଷ୍ଠ ଉପସଭାପତି ତଥା ନିର୍ଦ୍ଦେଶକ ରାଜେଶ ଗୋଏଲ କହିଛନ୍ତି।

## ଏଏସ୍‌ବିଏମ୍‌ର ପ୍ଲେସମେଣ୍ଟ ସଫଳତା

**ଭୁବନେଶ୍ୱର,୧୫-୨**

ASBM®

ଏସିଆନ ସ୍କୁଲ ଅଫ୍ ବିଜନେସ ମ୍ୟାନେଜମେଣ୍ଟ (ଏଏସ୍‌ବିଏମ୍) ପିଜିଡିଏମ୍ ପ୍ରୋଗ୍ରାମ ୨୦୧୭-୧୯ ବ୍ୟାଚର ପ୍ଲେସମେଣ୍ଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୩୦ ମନୋନୟନରେ ୩୦ଟି ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରର କମ୍ପାନୀ ଭାଗ ନେଇଥିଲେ। କ୍ୟାମ୍ପସ କ୍ଷେତ୍ରରେ ୨୦୧୯ ବ୍ୟାଚ୍ ବିଶେଷ ସଫଳତା ପାଇଥିବା ଏଏସ୍‌ବିଏମ୍ ପକ୍ଷରୁ ସୂଚନା ରହିଛି। ଏହା ମଧ୍ୟରେ ବ୍ୟାଙ୍କିଙ୍ଗ କ୍ଷେତ୍ରରେ ୩୧%, ମାଇକ୍ରୋଫାଇନାନ୍ସରେ ୧୭%, ଫାଇନାନ୍ସରେ ୧୬%, ବୀମାରେ ୧୦%, ଲଜିଷ୍ଟିକ୍ସ, ସପ୍ଲାଇଚେନ ଏବଂ ନିର୍ମାଣରେ ୭%, ରିଟେଲ ମ୍ୟାନେଜମେଣ୍ଟରେ ୫% ଏବଂ ଆଇଟି-ଆଇଟିଇଏସ୍ କନସଲଟିଂ କ୍ଷେତ୍ରରେ ୨% ଛାତ୍ରୀଛାତ୍ର ରହିଥିଲେ। ୨୦୧୭-୧୯ ବ୍ୟାଚର ଛାତ୍ରୀଛାତ୍ର ଶତ ପ୍ରତିଶତ କ୍ୟାମ୍ପସ ପ୍ଲେସମେଣ୍ଟରେ ସଫଳତା ପାଇବା ଏକ ଗୌରବର ବିଷୟ ବୋଲି ପ୍ରତିଷ୍ଠାନର ପ୍ଲେସମେଣ୍ଟ ଅଧ୍ୟକ୍ଷ ପ୍ରଫେସର ମନ୍ମଥ ନାଥ ଦାସ କହିଛନ୍ତି। ବଜାରକୁ ଦେଖି ପାଠ୍ୟକ୍ରମ, ଉନ୍ନତ ଏକାଡେମିକ ଡେଲିଭରି ଭଳି ବ୍ୟବସ୍ଥା ଗ୍ରହଣ ଦ୍ୱାରା ଛାତ୍ରୀଛାତ୍ରଙ୍କୁ ପ୍ରସ୍ତୁତ କରାଯାଉଥିବା ସେ ସୂଚନା ଦେଇଛନ୍ତି।

## ବାଣିଜ୍ୟ ନିଅଣ୍ଟ ବୃଦ୍ଧି

**ନୂଆଦିଲ୍ଲୀ,୧୫-୨**

ଜାନୁୟାରୀରେ ଦେଶର ବାଣିଜ୍ୟ ନିଅଣ୍ଟ ପରିମାଣ ୧୪.୭୩ ବିଲିୟନ ଡଲାରକୁ ବୃଦ୍ଧି ପାଇଛି। ସୁନା ଆମଦାନୀ ବଢ଼ିବା କାରଣରୁ ବାଣିଜ୍ୟ ନିଅଣ୍ଟ ବଢ଼ିଛି ବୋଲି ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର ଏକ ବିବୃତି ଜାରି କରି କୁହାଯାଇଛି। ଡିସେମ୍ବରରେ ଏହା ହ୍ରାସ ପାଇ ୧୩.୦୮ ବିଲିୟନ ଡଲାର ହୋଇଥିଲା। ଜାନୁୟାରୀରେ ବର୍ଷକ ପୂର୍ବ ହିସାବରେ ରପ୍ତାନି ୩.୭୪ ପ୍ରତିଶତ ବଢ଼ି ୨୬.୩୬ ବିଲିୟନ ଡଲାର ହୋଇଥିବା ବେଳେ ଆମଦାନୀ ୦.୦୯ ପ୍ରତିଶତ ବୃଦ୍ଧି ପାଇ ୪୧.୦୯ ବିଲିୟନ ଡଲାର ହୋଇଥିବା ପ୍ରକାଶିତ ତଥ୍ୟରୁ ଜଣାପଡିଛି। ଜାନୁୟାରୀରେ ସୁନା ଆମଦାନୀ ୩୮.୧୬ ପ୍ରତିଶତ ବୃଦ୍ଧି ପାଇ ବର୍ଷକୁ ବର୍ଷ ହିସାବରେ ୨.୩୧ ବିଲିୟନ ଡଲାରରେ ପହଞ୍ଚିଯାଇଛି।

## ରାୟଗଡା ସମେତ ଆଉ ୨ ଷ୍ଟେଶନରେ ନୂଆ ଫୁଟ୍ ଓଭର ବ୍ରିଜ

**ଭୁବନେଶ୍ୱର,୧୫-୨**

ଯାତ୍ରୀ ସୁବିଧାକୁ ଧ୍ୟାନରେ ରଖି ପୂର୍ବତଟ ରେଳପଥ ପକ୍ଷରୁ ରାୟଗଡ଼ା ଷ୍ଟେଶନରେ ଅତିରିକ୍ତ ଫୁଟ ବ୍ରିଜ ସ୍ଥାପନ ହୋଇଛି। ଏହା ସହ ଲାଡା ଓ ଡିମିଡିପେଟା ରେଳ ଷ୍ଟେଶନଠାରେ ଫୁଟ ଓଭରବ୍ରିଜ ସମ୍ପୂର୍ଣ୍ଣ ହୋଇଥିବା ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ରହିଛି। ଏହାକୁ ଚଳିତ ମାସ ୧୯ରେ ଲୋକାର୍ପିତ କରାଯିବାର କାର୍ଯ୍ୟକ୍ରମ ରହିଛି। ଉଭୟ ଲାଡା ଓ ଡିମିଡିପେଟା ରେଳ ଷ୍ଟେଶନ ଫୁଟ ଓଭରବ୍ରିଜ ଲାଗି ୨.୨୪ କୋଟି ବ୍ୟୟବରାଦ ହୋଇଛି। ସେହିଭଳି ରାୟଗଡ଼ା ଷ୍ଟେଶନ ଏ ଶ୍ରେଣୀରେ ଆସୁଥିବା ବେଳେ ଏହାର ଉନ୍ନତୀକରଣ କରାଯାଇଛି। ଏଠାରେ ନୂଆ ଫୁଟ ଓଭରବ୍ରିଜ ଲାଗି ୨.୪୪ କୋଟି ଟଙ୍କା ବ୍ୟୟବରାଦ ହୋଇଛି।



## ରାଜ୍ୟରେ ହେବ ୩ ଏଲ୍‌ପିଜି ବଟଲିଂ ପ୍ଲାଣ୍ଟ




**ଭୁବନେଶ୍ୱର,୧୫-୨**

- ରାୟଗଡ଼ା ପ୍ଲାଣ୍ଟର ଭିତ୍ତିପ୍ରସ୍ତର ୧୯ରେ
- ଯୋଗଦେବେ ଧର୍ମେନ୍ଦ୍ର ପ୍ରଧାନ
- ପ୍ୟାକ୍‌ଡ ଏଲପିଜି ଚାହିଦା ୪.୩ କୋଟି ଛୁଇଁବ

ହିନ୍ଦୁସ୍ତାନ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ (ଏଚପିସିଏଲ୍) ପକ୍ଷରୁ ରାୟଗଡାଠାରେ ଏକ ଏଲପିଜି ବଟଲିଂ ପ୍ଲାଣ୍ଟ ସ୍ଥାପନ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଏହା ରାୟଗଡାର ଆଇଆଇଡି ସେଣ୍ଟରଠାରେ ହେବାକୁ ଥିବା ବେଳେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଚଳିତ ମାସ ୧୯ରେ ଏହାର ଭିତ୍ତିପ୍ରସ୍ତର ଦେବେ। କାର୍ଯ୍ୟକ୍ରମ ଅବସରରେ ଲୋକ ସଭା ସଦସ୍ୟ ଝିନ ହିକକା ଏବଂ ରାୟଗଡା ଏମ୍‌ଏଲ୍‌ଏ ଲାଲ ବିହାରି ହିମିରିକା ଯୋଗଦେବେ ବୋଲି ଏଠାରେ ତୈଳକମ୍ପାନୀ ତଥା ଅଂଶୀଦାରଙ୍କ ପକ୍ଷରୁ ଅନୁଷ୍ଠିତ ଖବରଦାତା କାର୍ଯ୍ୟକ୍ରମରେ ସୂଚନା ଦିଆଯାଇଛି।

୨୧ ଏକର ପରିମିତ ସ୍ଥାନରେ ଏହି ପ୍ଲାଣ୍ଟ ସ୍ଥାପନ କରାଯିବ। ଏହାର କ୍ଷମତା ବାର୍ଷିକ ୪୨ ଲକ୍ଷ ସିଲିଣ୍ଡର ରହିବ। ସେପ୍ଟେମ୍ବର ୨୦୨୦ ସୁଦ୍ଧା ପ୍ଲାଣ୍ଟକୁ କାର୍ଯ୍ୟକ୍ଷମ କରାଯିବାକୁ ଯୋଜନା ରଖାଯାଇଛି। ଉକ୍ତ ୟୁନିଟ କାର୍ଯ୍ୟକାରୀ ହେଲେ ନିକଟବର୍ତ୍ତୀ ୧୧ ଜିଲାକୁ ଏଲ୍‌ପିଜି ଯୋଗାଣ ନେଇ କାର୍ଯ୍ୟ କରିବ। ରାଜ୍ୟରେ ଏଲପିଜି ବ୍ୟବହାର ଦ୍ରୁତ ହାରରେ ବୃଦ୍ଧି ଘଟୁଥିବା ବେଳେ ଗତ ଚାରି ବର୍ଷରେ ଏହା ୨୦.୨୨ ଲକ୍ଷରୁ ବୃଦ୍ଧି ଘଟି ୭୬.୬୫ ଲକ୍ଷ ଛୁଇଁଛି। ଏହି ସମୟରେ ଅଭିବୃଦ୍ଧି ହାର ୨୭୯.୧% ରହିଛି। ଗତ ବର୍ଷ ରାଜ୍ୟରେ ବାର୍ଷିକ ପ୍ୟାକଡ ଏଲପିଜି ଚାହିଦା ୩.୨ କୋଟି ଥିବା ବେଳେ ଏହା ୨୦୨୦ ବେଳେକୁ ୪.୩ କୋଟି ଛୁଇଁବ ବୋଲି ଆକଳନ କରାଯାଇଛି। ତୈଳ ମାର୍କେଟିଂ କମ୍ପାନୀଗୁଡ଼ିକ ପକ୍ଷରୁ ରାଜ୍ୟରେ ୪ଟି ବଟଲିଂ ପ୍ଲାଣ୍ଟ ରହିଛି। ଏହି ପ୍ଲାଣ୍ଟଗୁଡ଼ିକର ବାର୍ଷିକ କ୍ଷମତା ୨.୮୦ କୋଟି ସିଲିଣ୍ଡର ରହିଛି। ଭୁବନେଶ୍ୱର ଏବଂ ବଲାଙ୍ଗୀରରେ ନୂଆ ପ୍ଲାଣ୍ଟ ଯୋଜନା ରହିଛି। ୩ ନୂଆ ପ୍ଲାଣ୍ଟ କାର୍ଯ୍ୟକ୍ଷମ ହେଲେ ରାଜ୍ୟରେ ବଟଲିଂ ପ୍ଲାଣ୍ଟ ସଂଖ୍ୟା ୭ ଛୁଇଁବା ସହ କ୍ଷମତା ୪.୦୬ କୋଟି ବଟଲ ରହିବ। କାର୍ଯ୍ୟକ୍ରମ ଅବସରରେ ଏଚପିସିଏଲ ଡିଜିଏମ୍ ଧର୍ମେନ୍ଦ୍ର ବେହୁରା, ବରିଷ୍ଠ ମାର୍କେଟିଂ ପ୍ରବନ୍ଧକ ତୃପ୍ତି ରଞ୍ଜନ ସାହୁ, ଏଚପିସିଏଲ୍ ଜଟଣୀ ପ୍ଲାଣ୍ଟର ଚିଫ ମ୍ୟାନେଜର ଅନିଲ କୁମାର ତ୍ରିପାଠୀ, ପୂର୍ବତଟ ରେଳପଥର ଏସ୍‌ପିଆର୍‌ଓ ନିରାକାର ଦାସ ଉପସ୍ଥିତ ଥିଲେ।

Office of the Collector & District Magistrate, Nuapada, Dist- Nuapada
(SSD Section) No. 426/ Dt. 14.02.2019
**Advertisement**
Willingness and Information is invited from interested English Medium School Authority of Urban Areas of this District for participating in Urban Education Programme (ANWESHA) in this District in the prescribed format available in our District website www.nuapada.nic.in by 25th of this month positively.
Sd./- District Welfare Officer, Nuapada

PARADIP PORT TRUST
e-Tender Call Notice
No. :TD/TM/GEN/225/17/363 dtd. 13.02.2019
Tender for "Allotment of 07 nos. of Manual Iron Ore/Iron Ore Pellet Plots at PPT" is published in the website https://eprocure.gov.in/eprocure/app Last date of submission of bid is up to 16.30 hrs. dt. 05.03.2019 and date of bid opening is 15.30 hrs. dt. 06.03.2019.
Traffic Manager, Traffic Department,
PPT/PR/634/18-19 Dt : 14.02.2019

**ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବୀରମହାରାଜପୁର**
ବିଜ୍ଞାପନ ସଂଖ୍ୟା- ୩୧୬ ତା: ୦୭।୦୨।୨୦୧୯
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ବୀରମହାରାଜପୁର ପଞ୍ଚାୟତ ସମିତି ଅଧୀନରେ ବିଭିନ୍ନ କାର୍ଯ୍ୟକାରୀ ସଂସ୍ଥା ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ (ଏମ୍‌ଜିଏନ୍‌ଆର୍‌ଇଜିଏ) ମଷ୍ଟରରୋଲ ସତ୍ୟାସତ୍ୟ ତନଖି ଓ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ (ଏନ୍‌ଏସ୍‌ଏପି) ତା୧୬।୦୨।୨୦୧୯ରୁ ୨୬।୦୨।୨୦୧୯ ପର୍ଯ୍ୟନ୍ତ ସାମାଜିକ ସମୀକ୍ଷା ଓ ଗ୍ରାମସଭା ନିମ୍ନ କାର୍ଯ୍ୟସୂଚୀ ଅନୁସାରେ ଧାର୍ଯ୍ୟ ତାରିଖରେ ବହଲପଦର ଗ୍ରାମପଞ୍ଚାୟତରେ ସକାଳ ୧୦ଘଟିକାରେ ଆରମ୍ଭ ହେବ। ତେଣୁ ସମସ୍ତ ନାଗରିକ, ହିତାଧିକାରୀ କୁଶଳୀ, ଅଣକୁଶଳୀ ଶ୍ରମିକ, ଜନପ୍ରତିନିଧି, ସ୍ୱେଚ୍ଛାସେବୀ ସଂଗଠନର ପ୍ରତିନିଧି ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟ/ସଭ୍ୟା ଆଦି ବହୁ ସଂଖ୍ୟାରେ ପ୍ରଦତ୍ତ କାର୍ଯ୍ୟସୂଚୀ ଅନୁସାରେ ଗ୍ରାମସଭା ଦିନ ନିଜ ଗ୍ରାମପଞ୍ଚାୟତରେ ଉପସ୍ଥିତ ରହିବାକୁ ଅନୁରୋଧ କରାଯାଉଛି। ଏହି ଗ୍ରାମସଭାରେ ସମ୍ପୃକ୍ତ ଗ୍ରାମପଞ୍ଚାୟତର ସରପଞ୍ଚ ତଥା ଲୋକପ୍ରତିନିଧି ଓ ସରକାରୀ କର୍ମଚାରୀ ଉପସ୍ଥିତ ରହି ସମସ୍ତ ଅଭିଯୋଗର ସମାଧାନ କରିବେ।

ସାମାଜିକ ସମୀକ୍ଷା ଓ ଗ୍ରାମସଭାର କାର୍ଯ୍ୟସୂଚୀ

| ବ୍ଲକ୍ | ଗ୍ରାମ ପଞ୍ଚାୟତର ନାମ | (ଏନ୍‌ଏସ୍‌ଏପି) | | ଏମ୍‌ଜିଏନ୍‌ଆର୍‌ଇଜିଏସ୍ | | ଗ୍ରାମସଭା ତାରିଖ |
|---|---|---|---|---|---|---|
| | | ସାମାଜିକ ସମୀକ୍ଷା ଆରମ୍ଭ | ସାମାଜିକ ସମୀକ୍ଷା ଶେଷ | ସାମାଜିକ ସମୀକ୍ଷା ଆରମ୍ଭ | ସାମାଜିକ ସମୀକ୍ଷା ଶେଷ | |
| ବୀରମହାରାଜପୁର | ବହଲପଦର | ୧୬।୦୨।୧୯ | ୧୯।୦୨।୧୯ | ୨୦।୦୨।୧୯ | ୨୬।୦୨।୧୯ | ୨୬।୦୨।୧୯ |

ସ୍ୱା./- ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଥା ପ୍ରୋଗ୍ରାମ ଅଫିସର
ବୀରମହାରାଜପୁର

**OFFICE OF THE EXECUTIVE ENGINEER**
**RURAL WORKS DIVISION, BARGARH**
Email: rd_bgh@yahoo.co.in // Fax : 06646-230676, Gmail: adityabhoi@gmail.com
No.1686-O:- e-Procurement Notice No. ONLINE-BGH- 16 OF 2018-19

| | | | | |
|---|---|---|---|---|
| 1 | | Name of the Work | : | Construction of Kalyan Mandap (First floor) of Kulta Samaj near Zeera Bridge, Haldipali, Bargarh during 2018-19. |
| 2 | | Estimated cost | : | Rs.44.19 lakhs. |
| 3 | | EMD | : | 1 (One) % of Estimated Cost |
| 4 | | Time of completion | : | 6(six) months |
| 5 | | Cost of tender paper | : | Rs.6000/- |
| 6 | | Class of contractor | : | B&A Class |
| 7 | | Other details | : | As per DTCN |

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Bargarh | ONLINE- BGH- 16 OF 2018-19 | 20.02.19 at 11.00 A.M. | 25.02.19 upto 5.00 P.M. | 23.02.19 up to 5.00 PM | 28.02.19 at 11.00 A.M. |

Further details can be seen from the website **www.tendersorissa.gov.in.**
25062/11/0006/1819 Executive Engineer, R.W. Division, Bargarh

OFFICE OF THE PANCHAYAT SAMITI, KORAPUT, DIST : KORAPUT
No. 447/2019 Dated : 12.02.2019
**TENDER CALL NOTICE**
Seal tender are invited from Registered Contractor from state PWD/M.I./ Irrigation/ Rural works for execution of Roads & Bridges, Buildings etc. The detail information of which are made available in Koraput Dist. Website i.e. http//www.koraput.nic.in & in DRDA Website http//www.drdakoraput.org.
The date and time of sale of Tender paper is from 14.02.2019 to 25.02.2019 upto 3.00 PM and receipt of Seal tender is from 15.02.2019 to 25.02.2019 upto 3.00 PM on working days.
Sd./- Block Development Officer, Koraput

idco Your power to grow | ODISHA NEW OPPORTUNITIES
ODISHA INDUSTRIAL INFRASTRUCTURE DEVELOPMENT CORPORATION
(A Government of Odisha Undertaking)
IDCO Towers, Janpath, Bhubaneswar - 751022
No. HO/CIV/T&E/E-4376/01/2017/2970 Dated :- 13.02.2019
**EXPRESSION OF INTEREST**
Expression of Interest is invited from Architects for rendering Architectural Planning & Design Services for **"Construction of Science Centre at Khandapada in Nayagarh District."**
The detail EOI notice can be seen in our website **www.idco.in** (in tenders EOI/REP/Others). Corrigendum or Addendum if any will not be published in newspapers and can be seen in e-procurement portal as well as in IDCO website.
The bid document can be downloaded from 5.00 PM of 18.02.2019.
The last date of submission of the EOI is 08.03.2019 by 3.00 P.M.
Sd/-
Chief General Manager (Civil) I/C, IDCO, Bhubaneswar

ଓଡ଼ିଶା ବିଦ୍ୟୁତ ଶକ୍ତି ସଂଚାରଣ ନିଗମ ଲିଃ.
ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
OFFICE OF THE DEPUTY GENERAL MANAGER (ELECT.)
EHT(O&M) DIVISION, JODA
Po- Boneikala, Dist : Keonjhar, PIN- 758038 (Odisha), Phone No : 7328829375
Email : ehtm.div.jod@optcl.co.in, CIN : U40102OR2004SGC007553
Letter No. 1757 Date : 14.02.2019
**TENDER CALL NOTICE NO. 13/2018-19**
Sealed tenders are invited from the Reputed Contractors having valid 'C' & 'D' class civil contractor license for the work of repairing of broken boundary wall at Grid S/S Joda under EHT (O&M) Division Joda, Cost of Tender Paper Rs.2240/-, EMD @1% of Quoted amount. Sale of Tender documents from dt. 18.02.2019 to 27.02.2019. Last Date of submission of tender 28.02.2019 upto 1.00 PM. Date of opening of tender : 28.02.2019 at 3.30 P.M. For details visit our website : www.optcl.co.in.
Corrigendum if any will be published in the OPTCL website only.
Sd./- Dy. General Manager (Elect), EHT (O&M) Division Joda

ଓଡ଼ିଶା ବିଦ୍ୟୁତ ଶକ୍ତି ସଂଚାରଣ ନିଗମ ଲିଃ.
ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
OFFICE OF THE DEPUTY GENERAL MANAGER (ELECT.)
EHT(O&M) DIVISION, JODA
Po- Boneikala, Dist : Keonjhar, PIN- 758038 (Odisha), Phone No : 7328829375
Email : ehtm.div.jod@optcl.co.in, CIN : U40102OR2004SGC007553
Letter No. 1757 Date : 14.02.2019
**TENDER CALL NOTICE NO. 12/2018-19**
Sealed tenders are invited from the Reputed Contractors having valid electrical license (at least MV) for the work of renovation of control room electrical wiring of Grid S/S Joda under EHT (O&M) Division Joda, Cost of Tender Paper Rs.2240/-, EMD @1% of Quoted amount. Sale of Tender documents from dt. 18.02.2019 to 27.02.2019. Last Date of submission of tender 28.02.2019 upto 1.00 PM. Date of opening of tender : 28.02.2019 at 3.30 P.M. For details visit our website : www.optcl.co.in.
Corrigendum if any will be published in the OPTCL website only.
Sd./- Dy. General Manager (Elect), EHT (O&M) Division Joda

See Career Appointment on every Wednesday & Saturday



“ଭାରତୀୟ ମହିଳା କ୍ରିକେଟ ଓପନର ସ୍ମୃତି ମନ୍ଧାନା କ୍ରିଜ୍‌ରେ କିପରି ଅଧିକ ସମୟ ତିଷ୍ଠିପାରିବେ, ସେଥିଲାଗି ମୁଁ ଧୈର୍ଯ୍ୟଶକ୍ତି ବୃଦ୍ଧି କରିବାକୁ ଚାହେଁ।

–ଡବ୍ଲ୍ୟୁ.ଭି. ରମଣ, ଭାରତୀୟ ମହିଳା କ୍ରିକେଟ ଦଳ କୋଚ୍



“ଶ୍ରୀଲଙ୍କା କ୍ରିକେଟ ବୋର୍ଡର ସୁପରିଚାଳନା ପାଇଁ ଏହାର ସମ୍ବିଧାନରେ ପରିବର୍ତ୍ତନ ନେଇ ଖୁବ୍‌ଶୀଘ୍ର ପାର୍ଲାମେଣ୍ଟରେ ମୁଁ ଏକ ବିଲ୍ ଆଗତ କରିବି ବୋଲି ସ୍ଥିର କରିଛି।

–ହାରିନ୍ ଫର୍ନାଣ୍ଡୋ, ଶ୍ରୀଲଙ୍କା କ୍ରୀଡ଼ାମନ୍ତ୍ରୀ

## ସଂକ୍ଷେପରେ

### ପୁଲ୍‌ୱାମା ଆତଙ୍କବାଦୀ ଆକ୍ରମଣ: କ୍ରିକେଟରଙ୍କ ପ୍ରତିକ୍ରିୟା

**ନୂଆଦିଲ୍ଲୀ,୧୫।୨:** ଜମ୍ମୁ-କଶ୍ମୀର ପୁଲ୍‌ୱାମାଠାରେ ଆତଙ୍କବାଦୀ ଆକ୍ରମଣରେ ୪୪ ଜଣ ସିଆରପିଏଫ୍ ଯବାନ ଶହୀଦ ହୋଇଛନ୍ତି। ଏହାପରେ ପୂରା ଦେଶ ବାସୀଙ୍କ ଭଳି ଭାରତୀୟ କ୍ରିକେଟରମାନେ ମଧ ପ୍ରତିକ୍ରିୟାଶୀଳ ହୋଇ ଉଠିଛନ୍ତି। ସର୍ବଦା ସୋସିଆଲ ମିଡିଆରେ ନିଜ ମନ୍ତବ୍ୟ ରଖୁଥିବା ପୂର୍ବତନ ଓପନର ଗୌତମ ଗମ୍ଭୀର କହିଛନ୍ତି, ପାକିସ୍ତାନ ସହ କଥା ଆରମ୍ଭ କରିବାର ସମୟ ଆସିଯାଇଛି। କିନ୍ତୁ ଏଥର ଟେବୁଲରେ ନୁହେଁ ଯୁଦ୍ଧ କ୍ଷେତ୍ରରେ ସାମ୍ନାସାମ୍ନି ହେବା। ବହୁତ ହେଇ ଗଲା। ଗମ୍ଭୀରଙ୍କ ଭଳି ବୀରେନ୍ଦ୍ର ସେହ୍ୱାଗ ଟୁଇଟର ମାଧମରେ ନିଜ ପ୍ରତିକ୍ରିୟା ରଖିଛନ୍ତି। ସିଆରପିଏଫ୍ ଯବାନଙ୍କ ଉପରେ ହୋଇଥିବା ଆକ୍ରମଣ ନିହାତି କାପୁରୁଷର ପରିଚୟ। ଏଥିରେ ଆମ ବୀର ଯବାନମାନେ ଶହୀଦ ହୋଇଛନ୍ତି। ଏହା ଅତ୍ୟନ୍ତ ଦୁଃଖଦାୟକ। ଆହତ ଯବାନମାନଙ୍କ ଶୀଘ୍ର ସୁସ୍ଥ ଲାଗି ମୁଁ କମନା କରୁଛି ବୋଲି ସେହ୍ୱାଗ ଲେଖିଛନ୍ତି। ଏମାନଙ୍କ ବ୍ୟତୀତ ଭିଭିଏସ ଲକ୍ଷ୍ମଣ, ସୁରେଶ ରାଇନା ଓ ମହମ୍ମଦ କୈଫ ମଧ ନିଜ ମନ୍ତବ୍ୟ ଦେଇଛନ୍ତି।

### ଷ୍ଟ୍ରାଣ୍ଡଜା ବକ୍ସିଂ: ଲାଥରଙ୍କ ପଦକ ନିଶ୍ଚିତ



**ନୂଆଦିଲ୍ଲୀ,୧୫।୨(ପିଟି):** ପୂର୍ବତନ ବିଶ୍ୱ ଚାମ୍ପିୟନଶିପ୍ ରୌପ୍ୟ ପଦକଧାରୀ ସୋନିଆ ଲାଥର (୫୭ କିଗ୍ରା)ଙ୍କ ସମେତ ୩ ଜଣ ଭାରତୀୟ ବକ୍ସର ବୁଲଗେରିଆର ସୋଫିଆଠାରେ ଚାଲିଥିବା ଷ୍ଟ୍ରାଣ୍ଡଜା ମେମୋରିଆଲ ଟୁର୍ନାମେଣ୍ଟରେ ପଦକ ନିଶ୍ଚିତ କରିଛନ୍ତି। ଦୁଇ ଥର ଏସିଆନ୍ ଗେମ୍ସ ରୌପ୍ୟ ପଦକଧାରୀ ଲାଥର ୫-୦ ବ୍ୟବଧାନରେ ସର୍ବିୟାର ଜେଲେନା ଜେକିଙ୍କୁ ହରାଇ ଦେଇଛନ୍ତି। ସେ ଅନ୍ତିମ ୪ ପର୍ଯ୍ୟାୟରେ ୟାରିସେଲ ରାମିରେଜଙ୍କ ସହ ମୁକାବିଲା କରିବେ। ବିଶ୍ୱ ଚାମ୍ପିୟନଶିପ ବ୍ରୋଞ୍ଜ ପଦକ ହାତେଇ ଥିବା ବକ୍ସର ଲୋଭଲିନା ବାର୍ଗୋହିନ (୬୯ କିଗ୍ରା) ଓ ପ୍ୱିଲାଓ ବାସୁମତାରି (୬୪ କିଗ୍ରା)କ୍ୱାର୍ଟର ଫାଇନାଲରେ ପ୍ରବେଶ କରି ପଦକ ନିକଟତର ହୋଇଛନ୍ତି। ଅନ୍ୟପକ୍ଷରେ ମନଦୀପ ଝାଙ୍ଗ୍ରା (୬୯ କିଗ୍ରା) ଓ ରୁକି ହର୍ଶ ଲାକ୍ରା (୮୧ କିଗ୍ରା) ପ୍ରଥମ ରାଉଣ୍ଡ ଅତିକ୍ରମ କରିବାରେ ବିଫଳ ହୋଇଛନ୍ତି। ୟୁରୋପ ମହାଦେଶର ସବୁଠୁ ବଡ଼ ବକ୍ସିଂ ପ୍ରତିଯୋଗିତାରେ ଗତ ବର୍ଷ ଭାରତ ଶ୍ରେଷ୍ଠ ପ୍ରଦର୍ଶନ କରିଥିଲା। ସର୍ବାଧିକ ୧୧ ପଦକ ଜିତିଥିଲା। ଏହି ପ୍ରତିଯୋଗିତାରେ ୪୦ ଦେଶର ୩୦୦ରୁ ଊର୍ଦ୍ଧ୍ୱ ବକ୍ସର ଅଂଶଗ୍ରହଣ କରୁଛନ୍ତି।

### ବାକୁ ବିଶ୍ୱକପ୍‌ରେ ଖେଳିବେନାହିଁ ଜିମ୍ନାଷ୍ଟ ଆଶିଷ

**ଗୁଆହାଟୀ,୧୫।୨:** ଏସିଆନ୍ ଗେମ୍ସ ବ୍ରୋଞ୍ଜ ପଦକଧାରୀ ଆଶିଷ କୁମାର ଦୋହା ବିଶ୍ୱକପ୍‌ରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ମାତ୍ର ବାକୁଠାରେ ହେବାକୁ ଥିବା ବିଶ୍ୱକପ୍‌ରେ ଅଂଶଗ୍ରହଣ କରିପାରିବେ ନାହିଁ। ଏହି ଇଭେଣ୍ଟ ଲାଗି ଧାର୍ଯ୍ୟ ସମୟ ସୁଦ୍ଧା ନାମ ପଞ୍ଜୀକୃତ କରିବାରେ ସେ ବିଳମ୍ବ କରିଛନ୍ତି। ଜିମ୍ନାଷ୍ଟିକ ଫେଡେରେଶନ ଅଫ୍ ଇଣ୍ଡିଆ (ଜିଏଫ୍‌ଆଇ) ପକ୍ଷରୁ ଗତ ୨୦ ତାରିଖରେ ଇମେଲ କରାଯାଇଥିଲା। ଏଥିରେ ଆଶିଷ ବାକୁ ବିଶ୍ୱକପ୍‌ରେ ଖେଳିବାକୁ ଇଚ୍ଛୁକ ବୋଲି ଉଲ୍ଲେଖ ଥିଲା। କିନ୍ତୁ ଅନ୍ତର୍ଜାତୀୟ ଜିମ୍ନାଷ୍ଟିକ ଫେଡେରେଶନ (ଏଫ୍‌ଜିଆଇ) ପକ୍ଷରୁ ଜାନୁୟାରୀ ୮ ତାରିଖରୁ ଆବେଦନ କରିବା ପାଇଁ ଅନ୍ତିମ ଦିନ ଭାବେ ଧାର୍ଯ୍ୟ କରାଯାଇଥିଲା। ନିୟମ ଅନୁଯାୟୀ ବିଳମ୍ବରେ ଆବେଦନ ଗ୍ରହଣ କରାଯାଇ ପାରିବ ନାହିଁ। ମାତ୍ର ୧୨୫୦ ସୁଇସ ଫ୍ରାଙ୍କ ଫାଇନ ଦେଲେ ଖେଳିବାକୁ ସୁଯୋଗ ଦିଆଯିବ” ବୋଲି ଜିଏଫ୍‌ଆଇ ଉପସଭାପତି ରିୟାଜ ଭଟି କହିଛନ୍ତି। ନିୟମ ଅନୁଯାୟୀ ବିଳମ୍ବରେ ଆବେଦନ କରିବା ପାଇଁ ଧାର୍ଯ୍ୟ ଅର୍ଥ ଯୋଗାଡ଼ କରିବା ପାଇଁ ଆଶିଷଙ୍କୁ କୁହାଯାଇଥିଲା। ହେଲେ ଆଶିଷ ଅର୍ଥ ଦେବେ ନାହିଁ ବୋଲି ନିଷ୍ପତ୍ତି ନେଇଛନ୍ତି।

# କୋହଲି, ବୁମ୍‌ରାଙ୍କ ପ୍ରତ୍ୟାବର୍ତ୍ତନ

**ମୁମ୍ବାଇ,୧୫।୨(ପି.ଟି.)**

ଆସନ୍ତା ୨୪ ତାରିଖରୁ ଆରମ୍ଭ ହେବାକୁ ଥିବା ଅଷ୍ଟ୍ରେଲିଆ ବିପକ୍ଷ ସୀମିତ ଓଭର ସିରିଜ ପାଇଁ ଚୟନକର୍ତ୍ତାମାନେ ଏକ ୧୫ ଜଣିଆ ଭାରତୀୟ ଦଳ ଘୋଷଣା କରିଛନ୍ତି। ନ୍ୟୁଜିଲାଣ୍ଡ ବିପକ୍ଷ ଅନ୍ତିମ ଦୁଇଟି ଦିନିକିଆ ଓ ଟି୨୦ ସିରିଜରୁ ବିଶ୍ରାମ ନେଇଥିବ ନିୟମିତ ଅଧିନାୟକ ବିରାଟ କୋହଲି ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ସେହିପରି ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜ ଓ ନ୍ୟୁଜିଲାଣ୍ଡ ବିପକ୍ଷ ସୀମିତ ଓଭର ସିରିଜ୍‌ରୁ ବିଶ୍ରାମ ନେଇଥିବା ତାରକା ଦ୍ରୁତ ବୋଲର ଯଶପ୍ରୀତ ବୁମରା ମଧ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଚୟନକର୍ତ୍ତାମାନେ ଦୀନେଶ କାର୍ତ୍ତିକଙ୍କୁ ପଛରେ ପକାଇ ଯୁବ ଉଇକେଟ କିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତଙ୍କୁ ଦଳରେ ସାମିଲ କରିଛନ୍ତି। ଫଳରେ ପନ୍ତଙ୍କ ବିଶ୍ୱକପ୍ ଖେଳିବା ଆଶା ପୂରଣ ହେବା ଭଳି ମନେ ହେଉଛି। ଲୋକେଶ ରାହୁଲଙ୍କୁ ମଧ ଡକରା ମିଳିଛି। ଫଳରେ ସେ ବିଶ୍ୱକପ୍‌ରେ ରିଜର୍ଭ ଓପନର ଭାବେ ବିଶ୍ୱକପ୍ ଦଳରେ ସାମିଲ ହେବା ସମ୍ଭାବନା ସୃଷ୍ଟି ହୋଇଛି।

ଚୟନକର୍ତ୍ତାମାନେ ଅଷ୍ଟ୍ରେଲିଆ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜର ପ୍ରଥମ ଦୁଇଟି ଦିନିକିଆ ଓ ଅନ୍ତିମ ୩ଟି ଦିନିକିଆ ପାଇଁ ଭିନ୍ନ ଭିନ୍ନ ଦଳ ଘୋଷଣା କରିଛନ୍ତି। ଆସନ୍ତା ୨୪ ତାରିଖରୁ ଦିନିକିଆ ସିରିଜ ଆରମ୍ଭ ହେବ। ବିଶାଖାପାଟଣାରେ ପ୍ରଥମ ଟି୨୦ ଖେଳାଯିବ ଓ ବିଶ୍ୱକପ୍ ମେ ୩୦ ତାରିଖର ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି। ଏକ ଜଣାଶୁଣା ଟିଭି ଶୋ’ରେ ମହିଳାଙ୍କ ପ୍ରତି ଆପତ୍ତିଜନକ ମନ୍ତବ୍ୟ ଦେଇ ରାହୁଲ ଅଷ୍ଟ୍ରେଲିଆ ଗସ୍ତ ଅଧାରୁ ବାଦ୍ ପଡିଥିଲେ। ଉପ- ଅଧିନାୟକ ରୋହିତ ଶର୍ମାଙ୍କୁ ବିଶ୍ରାମ ଦିଆଯାଇନାହିଁ। ସେ ପୂର୍ବ ପରି ଦଳରେ ସ୍ଥାନ ବଜାୟ ରଖିଛନ୍ତି।

ଏମ.ଏସ୍.କେ. ପ୍ରସାଦଙ୍କ ଅଧ୍ୟକ୍ଷତାରେ ଚୟନ କମିଟି ଏକ ଟି୨୦ ଦଳ ମଧ ଘୋଷଣା କରିଛି। ଦୁଇ ମ୍ୟାଚ୍ ବିଶିଷ୍ଟ ଏହି ଟି୨୦ ସିରିଜରେ ପଞ୍ଜାବ ଲେଗ୍ ସ୍ପିନର ମୟଙ୍କ ମାର୍କଣ୍ଡେଙ୍କୁ ସାମିଲ କରାଯାଇଛି। ତେବେ ତାରକା ରିଷ୍ଟ ସ୍ପିନର କୁଲଦୀପ ଯାଦବଙ୍କୁ ବିଶ୍ରାମ ଦିଆଯାଇଛି। ଇଂଲଣ୍ଡ ଲାୟନ୍ସ ବିପକ୍ଷରେ ଭାରତ ଏ’ ତରଫରୁ ପ୍ରତିନିଧିତ୍ୱ କରି ମାର୍କଣ୍ଡେ ୫ ଉଇକେଟ ସଫଳତା ହାସଲ କରି ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତେବେ ଦିନିକିଆ ସିରିଜ ଉପରେ ସମସ୍ତଙ୍କ ନଜର ରହିଛି। କାରଣ ଏହି ସିରିଜର ପ୍ରଦର୍ଶନ ଉପରେ ବିଶ୍ୱକପ୍ ଦଳ ଚୟନ ନିର୍ଭର କରୁଛି। ଦ୍ୱିତୀୟ ଉଇକେଟକିପର ତଥା ରିଜର୍ଭ ବ୍ୟାଟ୍ସମ୍ୟାନ ଭାବେ କାର୍ତ୍ତିକଙ୍କ ବଦଳରେ ଚୟନକର୍ତ୍ତାମାନେ ପନ୍ତଙ୍କ ଉପରେ ଭରସା କରିଛନ୍ତି। ମହେନ୍ଦ୍ର ସିଂ ଧୋନୀଙ୍କ ଉତ୍ତରାଧିକାରୀ ରୁପେ ବିବେଚିତ ହେଉଥିବା ପନ୍ତଙ୍କ ଉପରେ ସମସ୍ତଙ୍କ ନଜର ରହିଛି। ନ୍ୟୁଜିଲାଣ୍ଡ ବିପକ୍ଷ ଅନ୍ତିମ ଟି୨୦ ମ୍ୟାଚ୍‌ର ଅନ୍ତିମ ଓଭରରେ ସିଙ୍ଗଲ ନେବାକୁ ମନା କରିବା ପରେ କାର୍ତ୍ତିକ ଅବଶ୍ୟ ସମାଲୋଚନାର ଶିକାର ହୋଇଥିଲେ। ଯାହା ଫଳରେ ନନ୍ ଷ୍ଟ୍ରାଇକ୍ ଏଣ୍ଡରେ ଥିବା କ୍ରୁନାଲ ପାଣ୍ଡ୍ୟା ଦମ୍‌ଦାର ପ୍ରଦର୍ଶନ କରୁଥିଲେ ମଧ ବ୍ୟାଟିଂ କରିବାର ସୁଯୋଗ ପାଇ ନ ଥିଲେ ଓ ଭାରତ ମାତ୍ର ୪ ରନରେ ପରାସ୍ତ ହୋଇ ସିରିଜ ହାତଛଡ଼ା କରିଥିଲା। ବିଶ୍ୱକପ୍ ଦଳରେ କାର୍ତ୍ତିକ ସାମିଲ ହେବା ଆଶା କ୍ଷୀଣ ହୋଇଛି। ଇଂଲଣ୍ଡ ଲାୟନ୍ସ ବିପକ୍ଷ ମ୍ୟାଚ୍‌ରେ ଭାରତ ଏ’ ତରଫରୁ ପ୍ରତିନିଧିତ୍ୱ କରି ରାହୁଲ ୮୯ ରନ କରିବା ପରେ କାର୍ତ୍ତିକଙ୍କୁ ନେଇ ସମ୍ଭାବନା କମିଛି। ପଞ୍ଜାବର ଦ୍ରୁତ ବୋଲର ସିଦ୍ଧାର୍ଥ କାଉଲ ଚତୁର୍ଥ ଦ୍ରୁତ ବୋଲର ଭାବେ ଦଳରେ ସାମିଲ ହୋଇଛନ୍ତି। ଫଳରେ ଭୁବନେଶ୍ୱର କୁମାରଙ୍କୁ ପ୍ରଥମ ଦୁଇଟି ଦିନିକିଆରୁ ବିଶ୍ରାମ ଦିଆଯାଇଛି। ଦଳରେ କୌଣସି ବାମହାତୀ ସ୍ପିନରଙ୍କୁ ସାମିଲ କରାଯାଇ ନାହିଁ। ଭଲ ପ୍ରଦର୍ଶନ କରି ନ ଥିବା କାରଣରୁ ଖଲିଲ ଅହମ୍ମଦଙ୍କୁ ଦଳରେ ନିଆଯାଇ ନାହିଁ। ଜୟଦେବ ଉନାଡ଼କଟଙ୍କ ନାମ ବିଚାରକୁ ନିଆଯାଇ ନାହିଁ। ନ୍ୟୁଜିଲାଣ୍ଡରେ ଭଲ ପ୍ରଦର୍ଶନ କରିଥିବା ବିଜୟ ଶଙ୍କରଙ୍କୁ ବ୍ୟାକ୍- ଅପ୍ ଅଲରାଉଣ୍ଡର ଭାବେ ଦଳରେ ସାମିଲ କରାଯାଇଛି। ବିଶ୍ୱକପ୍ ପୂର୍ବରୁ ବ୍ୟସ୍ତବହୁଳ କାର୍ଯ୍ୟସୂଚୀ ଓ ଅତ୍ୟଧିକ କାର୍ଯ୍ୟଭାର ନେଇ ଇଣ୍ଡିଆନ ପ୍ରିମିୟର ଲିଗ (ଆଇପିଏଲ) ଫ୍ରାଞ୍ଚାଇଜ୍‌ଗୁଡିକ ସହ ଆଲୋଚନା ଜାରି ରହିଛି ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) କାର୍ଯ୍ୟକାରୀ ସମ୍ପାଦକ ଅମିତାଭ ଚୌଧୁରୀ କହିଛନ୍ତି।



ବିରାଟ କୋହଲି ଓ ଯଶପ୍ରୀତ ବୁମ୍‌ରା।

## ଅଷ୍ଟ୍ରେଲିଆ ବିପକ୍ଷ ସିରିଜ୍

**ପ୍ରଥମ ଦୁଇଟି ଦିନିକିଆ ପାଇଁ ଦଳ:**
ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା (ଉପ- ଅଧିନାୟକ), ଶିଖର ଧାୱନ, ଅମ୍ବାତି ରାୟୁଡୁ, କେଦାର ଯାଦବ, ମହେନ୍ଦ୍ର ସିଂ ଧୋନୀ, ହାର୍ଦ୍ଦିକ ପାଣ୍ଡ୍ୟା, ଯଶପ୍ରୀତ ବୁମରା, ମହମ୍ମଦ ସାମି, ୟୁଜବେନ୍ଦ୍ର ଚହଲ, କୁଲଦୀପ ଯାଦବ, ବିଜୟ ଶଙ୍କର, ରିଷଭ ପନ୍ତ, ସିଦ୍ଧାର୍ଥ କାଉଲ ଓ ଲୋକେଶ ରାହୁଲ।

**ଅନ୍ତିମ ୩ଟି ଦିନିକିଆ ପାଇଁ ଦଳ:**
ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା (ଉପ- ଅଧିନାୟକ), ଶିଖର ଧାୱନ, ଅମ୍ବାତି ରାୟୁଡୁ, କେଦାର ଯାଦବ, ମହେନ୍ଦ୍ର ସିଂ ଧୋନୀ, ହାର୍ଦ୍ଦିକ ପାଣ୍ଡ୍ୟା, ଯଶପ୍ରୀତ ବୁମ୍‌ରା, ଭୁବନେଶ୍ୱର କୁମାର, ୟୁଜବେନ୍ଦ୍ର ଚହଲ, କୁଲଦୀପ ଯାଦବ, ମହମ୍ମଦ ସାମି, ବିଜୟ ଶଙ୍କର, ଲୋକେଶ ରାହୁଲ ଓ ରିଷଭ ପନ୍ତ।

**ଟି୨୦ ଦଳ:**
ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା (ଉପ- ଅଧିନାୟକ), ଲୋକେଶ ରାହୁଲ, ଶିଖର ଧାୱନ, ରିଷଭ ପନ୍ତ, ଦୀନେଶ କାର୍ତ୍ତିକ, ମହେନ୍ଦ୍ର ସିଂ ଧୋନୀ, ହାର୍ଦ୍ଦିକ ପାଣ୍ଡ୍ୟା, କ୍ରୁନାଲ ପାଣ୍ଡ୍ୟା, ବିଜୟ ଶଙ୍କର, ୟୁଜବେନ୍ଦ୍ର ଚହଲ, ଯଶପ୍ରୀତ ବୁମ୍‌ରା, ଉମେଶ ଯାଦବ, ସିଦ୍ଧାର୍ଥ କାଉଲ, ମୟଙ୍କ ମାର୍କଣ୍ଡେ।

### ସିବିଏସ୍‌ଇ ପରୀକ୍ଷା ଘୁଞ୍ଚାଇବାକୁ ନିବେଦନ କଲା ସାଇ

**ନୂଆଦିଲ୍ଲୀ,୧୫।୨(ପିଟି)**

ଦେଶର ଉଦୀୟମାନ ଶୁଟର ମନୁ ଭାକର ଓ ବିଜୟବୀର ସିଦ୍ଧୁଙ୍କ ପାଇଁ ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ପକ୍ଷରୁ ସେଣ୍ଟ୍ରାଲ ବୋର୍ଡ ଅଫ୍ ସେକେଣ୍ଡାରି ଏଜୁକେଶନ(ସିବିଏସଇ) ଦ୍ୱାଦଶ ଶ୍ରେଣୀ ପରୀକ୍ଷା କାର୍ଯ୍ୟସୂଚୀରେ ପରିବର୍ତ୍ତନ କରିବାକୁ ନିବେଦନ କରାଯାଇଛି। ଭାକର ଓ ସିଦ୍ଧୁଙ୍କ ମାମଲାକୁ ଗୁରୁତ୍ୱ ଦେବା ପାଇଁ ସିବିଏସଇକୁ ସାଇ ପକ୍ଷରୁ ପତ୍ର ଲେଖାଯାଇଛି। ଦୁଇ ଶୁଟର ଆସନ୍ତା ମାର୍ଚ୍ଚ ୨୫ରୁ ଏପ୍ରିଲ ୨ ତାରିଖ ପର୍ଯ୍ୟନ୍ତ ଚାଇନିଜ ତାଇପେଠାରେ ଅନୁଷ୍ଠିତ ହେବାକୁ ଥିବା ଏସିଆନ୍ ଏୟାରଗନ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିବେ। ଏଥିଯୋଗୁ ପ୍ରକାଶିତ କାର୍ଯ୍ୟସୂଚୀର ଦୁଇଟି ବିଷୟର ନୂଆ ତାରିଖ ଦେବା ଲାଗି ନିବେଦନ କରାଯାଇଛି। ଟାର୍ଗେଟ ଅଲିମ୍ପିକ୍ ପୋଡିୟମ ଯୋଜନା (ଟପ୍ସ)ର ଅଂଶବିଶେଷ ୧୬ ବର୍ଷୀୟା ଭାକରଙ୍କ ୨୫ ତାରିଖରେ ଇତିହାସ ଓ ୩୦ ତାରିଖରେ ଶାରୀରିକ ଶିକ୍ଷା ପରୀକ୍ଷା ରହିଛି। ଏହି ଦୁଇ ଦିନ ସେ ପରୀକ୍ଷା ଦେଲେ ଇଭେଣ୍ଟରେ ଅଂଶଗ୍ରହଣ କରିବା ସମ୍ଭବ ନୁହେଁ।

### ପଣ୍ଟିଂଙ୍କୁ ଆଇପିଏଲରୁ ବାସନ୍ଦ କରାଯାଉ: ୱର୍ନ

**ନୂଆଦିଲ୍ଲୀ,୧୫।୨**

ଅଷ୍ଟ୍ରେଲିଆନ କିମ୍ବଦନ୍ତୀ ଅଧିନାୟକ ରିକି ପଣ୍ଟିଂଙ୍କୁ ଇଣ୍ଡିଆନ ପ୍ରିମିୟର ଲିଗ (ଆଇପିଏଲ) ଫ୍ରାଞ୍ଚାଇଜର କୋଚ ପଦରେ ରହିବାରୁ ବାରଣ କରାଯିବା ଦରକାର ବୋଲି ଶେନ ୱର୍ନ ଅନୁଭବ କରିଛନ୍ତି। ଅଷ୍ଟ୍ରେଲିଆ ଦଳର ବ୍ୟାଟିଂ କୋଚ ଭାବେ ଦାୟିତ୍ୱରେ ଥିବା ପଣ୍ଟିଂ ଆଇପିଏଲରେ ପଦ ବହନ କରିବା ଦ୍ୱାରା କନଫ୍ଲିକ୍ଟ ଅଫ୍ ଇଣ୍ଟରେଷ୍ଟ ପରିସ୍ଥିତି ସୃଷ୍ଟି ହେଉଛି। ଭାରତୀୟ କୋଚ୍‌ଙ୍କୁ ଆଇପିଏଲରୁ ଦୂରେଇ ରଖାଯାଉଛି। ହେଲେ ଦିଲ୍ଲୀ କ୍ୟାପିଟାଲ୍ସ ସହ ପଣ୍ଟିଂଙ୍କ ସମ୍ପର୍କକୁ କେଉଁ କାରଣ ଲାଗି ପ୍ରଶ୍ନ କରାଯାଉନାହିଁ। ଏକ ସାକ୍ଷାତକାରରେ କିମ୍ବଦନ୍ତୀ ସ୍ପିନର ୱାର୍ନ କହିଛନ୍ତି, ବିସିସିଆଇର କାର୍ଯ୍ୟଶୈଳୀ ଓ ଏହାର ନିୟମକୁ ନେଇ ମୁଁ ଚକିତ। ଯଦି ଜଣେ ଭାରତୀୟ କୋଚ ଜାତୀୟ ଦଳର ଦାୟିତ୍ୱରେ ରହୁଛି, ତାଙ୍କୁ ଆଇପିଏଲର ବାରଣ କରାଯାଉଛି। କିନ୍ତୁ ପଣ୍ଟିଂ କ୍ଷେତ୍ରରେ ଏଭଳି କାହିଁକି କରାଯାଉ ନାହିଁ। ଉଲ୍ଲେଖଥାଉ କି, ପଣ୍ଟିଂଙ୍କୁ ଚଳିତ ମାସରେ ବିଶ୍ୱକପ୍ ପାଇଁ ଅଷ୍ଟ୍ରେଲିଆ ଦଳର ବ୍ୟାଟିଂ କୋଚ ଭାବେ ନିଯୁକ୍ତ କରାଯାଇଛି।



ମୁମ୍ବାଇରେ ଶୁକ୍ରବାର ଏକ ଗଲ୍ଫ ଟୁର୍ନାମେଣ୍ଟରେ ପୂର୍ବତନ ଭାରତୀୟ କ୍ରିକେଟର ସଚିନ ତେନ୍ଦୁଲକର।

## ମାର୍କଣ୍ଡେଙ୍କୁ ୫ ଉଇକେଟ: ଭାରତ ଏ’ର ଇନିଂସ ବିଜୟ

**ମହୀଶୂର, ୧୫।୨(ପି.ଟି.)**

୨୧ ବର୍ଷୀୟ ଯୁବ ଲେଗ୍ ସ୍ପିନର ମୟଙ୍କ ମାର୍କଣ୍ଡେଙ୍କ ୫ ଉଇକେଟ ସଫଳତା ବଳରେ ଏଠାରେ ଖେଳାଯାଇଥିବା ଇଂଲଣ୍ଡ ଲାୟନ୍ସ ବିପକ୍ଷ ଦ୍ୱିତୀୟ ତଥା ଅନ୍ତିମ ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚ୍‌ରେ ଶୁକ୍ରବାର ଭାରତ ଏ’ ଏକ ଇନିଂସ ଓ ୬୮ ରନରେ ବିଜୟ ହାସଲ କରିଛି। ଏଥିସହିତ ଭାରତ ଏ’ ଦୁଇ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ୧–୦ରେ ବିଜୟ ହାସଲ କରିଛି। ଭାରତ ଏ’ ପ୍ରଥମ ଇନିଂସରେ ୧୧୪.୪ ଓଭରରେ ୩୯୨ ରନ କରି ଅଲଆଉଟ ହୋଇଥିଲା। ଜବାବରେ ଇଂଲଣ୍ଡ ଲାୟନ୍ସ ପ୍ରଥମ ଇନିଂସରେ ବିପର୍ଯ୍ୟୟର ଶିକାର ହୋଇ ୪୮.୪ ଓଭରରେ ମାତ୍ର ୧୪୪ ରନ କରି ଅଲଆଉଟ ହୋଇଥିଲା। ଫଳରେ ଲାୟନ୍ସ ୨୪୮ ପଛରେ ପଡ଼ି ଫଲୋଅନ ହୋଇଥିଲା। ଫଲୋଅନ ହେବା ପରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ଘରୋଇ ବୋଲରଙ୍କ ସମ୍ମୁଖୀନ ହୋଇ ନ ପାରି ୫୩.୩ ଓଭରରେ ୧୮୦ ରନ କରି ଅଲଆଉଟ ହେବା ସହ ଆତ୍ମସମର୍ପଣ କରିଥିଲା।

ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୨୪/୦ରୁ ଖେଳ ଆରମ୍ଭ କରି ଲାୟନ୍ସ ଶୁକ୍ରବାର ସବୁ ୧୦ଟି ଯାକ ଉଇକେଟ ହରାଇଥିଲା। ଦଳ ପକ୍ଷରୁ ୭ଜଣ ବ୍ୟାଟ୍ସମ୍ୟାନ ଦୁଇ ଅଙ୍କ ଛୁଇଁପାରି ନ ଥିଲେ। ଓଭରନାଇଟ୍ ବ୍ୟାଟ୍ସମ୍ୟାନ ତଥା ଦୁଇ ଓପନର ମ୍ୟାକ୍ସ ହୋଲ୍ଡେନ ଓ ବେନ୍ ଡକେଟ ଯଥାକ୍ରମେ ୫ ଓ ୧୩ ରନରୁ ଖେଳ ଆରମ୍ଭ କରିଥିଲେ। ବେନ୍ ଡକେଟ ସର୍ବାଧିକ ୫୦ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଆଉଟ୍ ହୋଇଥିବା ବେଳେ ହୋଲ୍ଡେନ ୭ ରନ କରି ପ୍ୟାଭିଲିୟନ ଫେରିଥିଲେ। ସେହିପରି ଲୁଇସି ଗ୍ରେଗୋରି ୪୪, ଅଧିନାୟକ ସାମ ବିଲିଙ୍ଗ୍ସ ୨୦, ସାମ ହେନ ୧୫ ରନ ସଂଗ୍ରହ କରି ଆଉଟ ହୋଇଥିଲେ। ବୋଲିଂରେ ଭାରତ ତରଫରୁ ମାର୍କଣ୍ଡେ ୧୦.୩ ଓଭର ବୋଲିଂ କରି ମାତ୍ର ୩୧ ରନ ବ୍ୟୟ କରି ମୂଲ୍ୟବାନ ୫ ଉଇକେଟ ନେଇ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ସେହିପରି ଜଲାଜ ଏସ୍ ସାକସେନା ୨, ନବଦୀପ ସଇନି, ଶାହବାଜ ନଦିମ ଓ ବରୁଣ ଆରୋନ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର:**
ଭାରତ ଏ’ ପ୍ରଥମ ଇନିଂସ: ୧୧୪.୪ ଓଭରରେ ୩୯୨ ଅଲଆଉଟ୍
ଇଂଲଣ୍ଡ ଲାୟନ୍ସ ପ୍ରଥମ ଇନିଂସ: ୪୮.୪ ଓଭରରେ ୧୪୪ ଅଲଆଉଟ୍
ଇଂଲଣ୍ଡ ଲାୟନ୍ସ ଦ୍ୱିତୀୟ ଇନିଂସ (ଫଲୋଅନ): ୫୩.୩ ଓଭରରେ ୧୮୦ ଅଲଆଉଟ୍
(ଡକେଟ– ୫୦, ଗ୍ରେଗୋରି– ୪୪, ମାର୍କଣ୍ଡେ– ୫/୩୧, ଜଲାଜ– ୨/୪୦)।

# ବିହାରୀଙ୍କ ଅପରାଜିତ ଶତକ: ବିଦର୍ଭର ଟାର୍ଗେଟ ୨୮୦

## ଇରାନୀ ଟ୍ରଫି

**ନାଗପୁର, ୧୫।୨(ପି.ଟି.)**

ମିଡଲ ଅର୍ଡର ବ୍ୟାଟ୍ସମ୍ୟାନ ହନୁମା ବିହାରୀଙ୍କ କ୍ରମାଗତ ଶତକ ସହାୟତାରେ ଅବଶିଷ୍ଟ ଭାରତ ରଣଜୀ ଚାମ୍ପିୟନ ବିଦର୍ଭ ବିପକ୍ଷ ଇରାନୀ ଟ୍ରଫି ମ୍ୟାଚ୍‌ରେ ସ୍ଥିତି ଦୃଢ କରିଛି। ବିହାରୀ ପ୍ରଥମ ବ୍ୟାଟ୍ସମ୍ୟାନ ଭାବେ ଇରାନୀ ଟ୍ରଫିରେ ହ୍ୟାଟ୍ରିକ ଶତକ ହାସଲ କରି ଇତିହାସ ସୃଷ୍ଟି କରିଛନ୍ତି। ସ୍ଥାନୀୟ ବିଦର୍ଭ କ୍ରିକେଟ ଆସୋସିଏଶନ ଗ୍ରାଉଣ୍ଡରେ ଚାଲିଥିବା ଇରାନୀ ଟ୍ରଫି ମ୍ୟାଚ୍‌ର ପ୍ରଥମ ଇନିଂସରେ ୯୫ ରନ ପଛରେ ପଡିଥିବା ଅବଶିଷ୍ଟ ଭାରତ ଦ୍ୱିତୀୟ ଇନିଂସରେ ବିହାରୀଙ୍କ ଅପରାଜିତ ୧୮୦ ରନ(୩୦୦ ବଲ, ୧୯ ଚୌକା, ୪ ଛକା)ର ଶତକୀୟ ପାଳି ବଳରେ ୧୦୭ ଓଭରରେ ୩୭୪/୩ରେ ପାଳି ଘୋଷଣା କରିଥିଲା। ଫଳରେ ବିଦର୍ଭ ସମ୍ମୁଖରେ ୨୮୦ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଜବାବରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ବିଦର୍ଭ ଶୁକ୍ରବାର ଚତୁର୍ଥ ଦିନ ଖେଳ ଶେଷ ସୁଦ୍ଧା ୧୬ ଓଭରରେ ୧ ଉଇକେଟ ହରାଇ ୩୭ ରନ ସଂଗ୍ରହ କରିଛି। ମ୍ୟାଚ୍ ଆଉ ଗୋଟିଏ ଦିନ ବାକିଥିବା ବେଳେ ବିଦର୍ଭ ୯ ଉଇକେଟ ବାକିଥାଇ ବିଜୟ ପାଇଁ ଆଉ ୨୪୩ ରନ ଆବଶ୍ୟକ କରୁଛି। ଫଳରେ ମ୍ୟାଚ୍ ଏବେ ରୋମାଞ୍ଚକ ମୋଡରେ ପହଞ୍ଚିଛି। ଷ୍ଟମ୍ପ ଅପସାରଣ ବେଳକୁ ସଞ୍ଜୟ ରଘୁନାଥ ୧୭ ଓ ଅଥର୍ବ ତାଇଡେ ୧୬ ରନ କରି ଅପରାଜିତ ରହିଛନ୍ତି। ଏକମାତ୍ର ଆଉଟ ହୋଇଥିବା ବ୍ୟାଟ୍ସମ୍ୟାନ ଅଧିନାୟକ ଫୈଜ ଫଜଲ ଖାତା ଖୋଲିବା ପୂର୍ବରୁ ଅଙ୍କିତ ରାଜପୁତଙ୍କ ବଲ୍‌ରେ କ୍ଲିନ୍ ବୋଲ୍ଡ ହୋଇ ପ୍ୟାଭିଲିୟନ ଫେରିଥିଲେ।

ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୧୦୨/୨ରୁ ଅବଶିଷ୍ଟ ଭାରତ ଖେଳ ଆରମ୍ଭ କରି ଶୁକ୍ରବାର ପାଳି ଘୋଷଣା କରିଥିଲା। ଓଭର ନାଇଟ୍ ବ୍ୟାଟ୍ସମ୍ୟାନ ବିହାରୀ ୪୦ରୁ ଇନିଂସ ଆରମ୍ଭ କରି ୧୮୦ ରନର ବୃହତ୍ ଶତକୀୟ ପାଳି ଖେଳ ଅପରାଜିତ ରହିଥିଲେ। ସେହିପରି ଅଧିନାୟକ ଅଜିଙ୍କ୍ୟ ରାହାନେ ୨୫ରୁ ଖେଳ ଆରମ୍ଭ କରି ୮୭ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଆଦିତ୍ୟ ସରୱାଟେଙ୍କ ବଲ୍‌ରେ ଉଇକେଟ କିପର ଅକ୍ଷୟ ୱାଡେକରଙ୍କ ଦ୍ୱାରା ଷ୍ଟମ୍ପ ଆଉଟ୍ ହୋଇଥିଲେ। ଦୁଇ ଓପନର ମୟଙ୍କ ଅଗ୍ରୱାଲ ୨୭ ଓ ଅନମୋଲପ୍ରୀତ ସିଂ ୬ ରନ କରି ଅକ୍ଷୟ ୱାଖରେ ଓ ସରୱାଟେଙ୍କ ଦ୍ୱାରା ଆଉଟ ହୋଇଥିଲେ। ଶ୍ରେୟାସ ଆୟାର ୬୧ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ବଦର୍ଭ ତରଫରୁ ସରୱାଟେ ୨ ଓ ୱାଖରେ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର:**
**ଅବଶିଷ୍ଟ ଭାରତ ପ୍ରଥମ ଇନିଂସ:** ୮୯.୪ ଓଭରରେ ୩୩୦ ଅଲଆଉଟ୍।
**ବିଦର୍ଭ ପ୍ରଥମ ଇନିଂସ:** ୧୪୨.୧ ଓଭରରେ ୪୨୫ ଅଲଆଉଟ୍।
**ଅବଶିଷ୍ଟ ଭାରତ ଦ୍ୱିତୀୟ ଇନିଂସ:** ୧୦୭ ଓଭରରେ ୩୭୪/୩ (ଇନିଂସ ଘୋଷଣା) (ବିହାରୀ– ୧୮୦*, ଆୟାର– ୬୧*, ରାହାନେ– ୮୭, ସରୱାଟେ– ୨/୧୪୧)।
**ବିଦର୍ଭ ଦ୍ୱିତୀୟ ଇନିଂସ:** ୧୬ ଓଭରରେ ୩୭/୧ (ସଞ୍ଜୟ– ୧୭*, ତାଇଡେ– ୧୬*, ରାଜପୁତ– ୧/୧୦)।



ଶତକ ହାସଲ ପରେ ହନୁମା ବିହାରୀ।

### ବିରଳ ରେକର୍ଡର ଅଧିକାରୀ ହନୁମା

ଭାରତୀୟ ଦଳର ମିଡିଲ ଅର୍ଡର ବ୍ୟାଟ୍ସମ୍ୟାନ ହନୁମା ବିହାରୀ ଶୁକ୍ରବାର ଏକ ବିରଳ ରେକର୍ଡର ଅଧିକାରୀ ହୋଇଛନ୍ତି। ସେ ପ୍ରଥମ ବ୍ୟାଟ୍ସମ୍ୟାନ ଭାବେ ଇରାନୀ କପ୍‌ରେ ହ୍ୟାଟ୍ରିକ ଶତକ ମାରିଛନ୍ତି। ସ୍ଥାନୀୟ ବିଦର୍ଭ କ୍ରିକେଟ ଆସୋସିଏଶନ ଷ୍ଟାଡିୟମ୍‌ରେ ଚାଲିଥିବା ବିଦର୍ଭ ବିପକ୍ଷ ମ୍ୟାଚ୍‌ର ୪ର୍ଥ ଦିନରେ ବିହାରୀ ଶତକ ହାସଲ କରି ଏହି ରେକର୍ଡ ନିଜ ନାମରେ କରିଛନ୍ତି। ଲଞ୍ଚ ପୂର୍ବରୁ ଅକ୍ଷୟ ୱାଖରେଙ୍କ ବଲରେ ଏକ ସିଙ୍ଗଲ ନେଇ ସେ ତିନି ଅଙ୍କ ସ୍କୋର ସ୍ପର୍ଶ କରିଥିଲେ। ସେ ୩୦୧ ବଲର ସମ୍ମୁଖୀନ ହୋଇ ୧୮୦ ରନ୍ କରି ଅପରାଜିତ ଥିଲେ। ଏଥିଯୋଗୁ ଅବଶିଷ୍ଟ ଭାରତୀୟ ଦଳ ଦ୍ୱିତୀୟ ଇନିଂସରେ ୩ ଉଇକେଟ ହରାଇ ୩୭୪ ରନ୍ କରିଛି। ପୂର୍ବ ଇନିଂସରେ ତାଙ୍କର ୧୧୪ ରନ୍‌ର ପାଳି ବଳରେ ଅବଶିଷ୍ଟ ଭାରତୀୟ ଦଳ ପ୍ରଥମ ଇନିଂସରେ ୩୩୦ ରନ୍ କରିପାରିଥିଲା। ଗତ ବର୍ଷ ଇରାନୀ ଟ୍ରଫିରେ ବିହାରୀ ୧୮୩ ରନ୍‌ର ଇନିଂସ ଖେଳିଥିଲେ। ଏହି ମ୍ୟାଚ୍‌ରେ ୱାସିମ ଜାଫରଙ୍କ ୨୮୩ ରନ୍‌ର ଇନିଂସ ବଳରେ ବିଦର୍ଭ ପ୍ରଥମ ଇନିଂସରେ ୮୦୦ ରନ୍ କରିଥିଲା। ଏହି କାରଣରୁ ମ୍ୟାଚ୍ ଅମୀମାଂସିତ ଭାବେ ଶେଷ ହୋଇଥିଲା। ଭାରତୀୟ ଓପନର ଶିଖର ଧାୱନଙ୍କ ପରେ ବିହାରୀ ପ୍ରଥମ ବ୍ୟାଟ୍ସମ୍ୟାନ ଭାବେ ଇରାନୀ କପ୍‌ର ଉଭୟ ଇନିଂସରେ ଶତକ ମାରିବା କୃତିତ୍ୱ ହାସଲ କରିଛନ୍ତି। ଧାୱନ ୨୦୧୧ ରଣଜୀ ଟ୍ରଫି ଚାମ୍ପିୟନ ରାଜସ୍ଥାନ ବିପକ୍ଷରେ ଏହି ରେକର୍ଡ ସୃଷ୍ଟି କରିଥିଲେ।

“ ମୁଁ ଜଣେ ମହିଳା, ଏନେଇ କୌଣସି ପ୍ରଶ୍ନ ଉଠିବା କଥା ନୁହେଁ। ହାଇପରଏଣ୍ଡ୍ରୋଜେନିଜମଜନିତ କାରଣରୁ ଅଯଥା ମୋ କ୍ୟାରିୟରକୁ ନଷ୍ଟ କରା ନ ଯାଉ।

–କାଷ୍ଟର ସିମେନ୍ୟା, ଦକ୍ଷିଣ ଆଫ୍ରିକୀୟ ଆଥଲେଟ୍



“ ବିରାଟ କୋହଲି କେବଳ ବ୍ୟାଟିଂ ଦୃଷ୍ଟିକୋଣରୁ ନୁହେଁ, ଫିଟ୍‌ନେସ ଓ ଚମତ୍କାର ଫିଲ୍ଡିଂ ପାଇଁ ଉଦୀୟମାନ ଯୁବ କ୍ରିକେଟରଙ୍କ ଲାଗି ଜଣେ ରୋଲ ମଡେଲ।

–ୱାସିମ୍ ଜାଫର, ଭାରତୀୟ କ୍ରିକେଟର



## ଗୋଲ୍ଡ କପ୍ ମହିଳା ଫୁଟ୍‌ବଲ

# ମ୍ୟାନ୍‌ମାର ଚାମ୍ପିୟନ

ଭୁବନେଶ୍ୱର, ୧୫।୨ (କ୍ରୀଡ଼ା ପ୍ରତିନିଧି)




ଚାମ୍ପିୟନ ମ୍ୟାନ୍‌ମାର ଦଳ ଟ୍ରଫି ସହ ଅତିଥିଙ୍କ ଗହଣରେ।

କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହିରୋ ଗୋଲ୍ଡକପ୍ ଚତୁଃରାଷ୍ଟ୍ରୀୟ ମହିଳା ଫୁଟବଲ ଟୁର୍ନାମେଣ୍ଟରେ ବାଜି ମାରିଛି ମ୍ୟାନ୍‌ମାର। ଶୁକ୍ରବାର ଅନୁଷ୍ଠିତ ଫାଇନାଲରେ ୪୪ ର୍‍ୟାଙ୍କ୍‌ପ୍ରାପ୍ତ ଏହି ଦଳ ୧୦୮ ନମ୍ବର ନେପାଳକୁ ୩-୧ ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଛି। ମ୍ୟାନ୍‌ମାର ପକ୍ଷରୁ ୟି ୟି ଉ ୨ଟି, ୱିନ୍ ଥିଙ୍ଗ୍ ଟୁନ୍ ଗୋଟିଏ ଗୋଲ ଦେଇଥିବାବେଳେ ନେପାଳର ମଞ୍ଜିଲି କୁମାରୀ ୟୋନଜାନ ଗୋଟିଏ ଗୋଲ ପରିଶୋଧ କରିଥିଲେ। ନେପାଳ ରନର୍ସଅପ୍ ହୋଇଥିଲେ ହେଁ ପ୍ରତିଯୋଗିତାରେ ଉତ୍ସାହୀ ପ୍ରଦର୍ଶନ କରି ସମସ୍ତଙ୍କ ହୃଦୟ ଜିତିଛି। ମ୍ୟାଚ ଆରମ୍ଭରେ ଏବଂ ପୁରସ୍କାର ବିତରଣ ଉତ୍ସବ ଆରମ୍ଭରେ ପୁଲୱାମା ଆକ୍ରମଣରେ ଶହୀଦ ଯବାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ୨ ମିନିଟ ଲେଖାଏ ନୀରବ ପ୍ରାର୍ଥନା କରାଯାଇଥିଲା। ଉଦ୍‌ଯାପନୀ ସମାରୋହରେ ସର୍ବଭାରତୀୟ ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ସାଧାରଣ ସମ୍ପାଦକ କୁଶାଲ ଦାସ, ବୈଷୟିକ ନିର୍ଦ୍ଦେଶକ ଅଭିଷେକ ଯାଦବ, ଡେଭଲପ୍‌ମେଣ୍ଟ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ, କ୍ରୀଡ଼ା ସଚିବ ବିଶାଲ ଦେବ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଚାମ୍ପିୟନ ମ୍ୟାନମାର ଦଳକୁ ସ୍ୱର୍ଣ୍ଣ ପଦକ, ଟ୍ରଫି ସହ ୭ ଲକ୍ଷ ଏବଂ ରନର୍ସଅପ୍ ନେପାଳ ଦଳକୁ ରୌପ୍ୟ ପଦକ ଏବଂ ୫ ଲକ୍ଷ ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ଅତିଥିମାନେ ପ୍ରଥମେ ରେଫରି ଓ ପରେ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ।

ଟୁର୍ନାମେଣ୍ଟର ଲିଗ୍ ପର୍ଯ୍ୟାୟରେ ଭାରତ ଓ ଇରାନକୁ ହରାଇଥିବା ନେପାଳ ଫାଇନାଲରେ ମଧ୍ୟ ଉତ୍ସାହୀ ପ୍ରଦର୍ଶନ କରିଥିଲା। ଦଳ ଆରମ୍ଭରୁ ଆକ୍ରମଣାତ୍ମକ ଖେଳିଥିଲା ସତ, ମାତ୍ର ମ୍ୟାଚ ଆଗେଇବା ସହ ମ୍ୟାନମାର ପ୍ରଭାବୀ ପ୍ରଦର୍ଶନ କରିଥିଲା। ଏହି ଦଳର ଖେଳାଳିମାନେ କେତୋଟି ସହଜ ସୁଯୋଗ ହାତଛଡ଼ା କରିଥିବାବେଳେ ଗୋଲକିପର ଆଞ୍ଜିଲା ତୁମ୍ବାପୋ ସୁବ୍ବାଙ୍କ ଭଲ ପ୍ରଦର୍ଶନ ଯୋଗୁ ନେପାଳ ପ୍ରାରମ୍ଭିକ ପର୍ଯ୍ୟାୟରେ ଗୋଲ ବରଣରୁ ରକ୍ଷା ପାଇ ଯାଇଥିଲା। ତେବେ ମ୍ୟାଚର ୩୪ତମ ମିନିଟରେ ୨୦ ନମ୍ବର ଜର୍ସି ପରିହିତ ୟି ୟି ଉ ଡାହାଣପଟ କର୍ନରରୁ ଚମତ୍କାର ଶଟ୍ ଜରିଆରେ ଗୋଲ ଦେଇ ମ୍ୟାନମାରକୁ ଅଗ୍ରଣୀ କରାଇଥିଲେ। ନେପାଳ ଗୋଲ ପରିଶୋଧ ପାଇଁ ଜୋରଦାର ଉଦ୍ୟମ କରିଥିଲା। ପ୍ରଥମାର୍ଦ୍ଧ ମ୍ୟାନମାର ସପକ୍ଷରେ ଶେଷ ହେବାର କିଛି କ୍ଷଣ ପୂର୍ବରୁ ଅର୍ଥାତ୍ ୪୫ତମ ମିନିଟରେ ନେପାଳର ୧୮ନମ୍ବର ଖେଳାଳି ମଞ୍ଜିଲି କୁମାରୀ ୟୋନଜାନ ବାମପଟରୁ ଶଟ୍ ମାରି ଗୋଲଟି ପରିଶୋଧ କରିଦେଇଥିଲେ। ଫଳରେ ପ୍ରଥମାର୍ଦ୍ଧ ୧-୧ ଗୋଲରେ ଶେଷ ହୋଇଥିଲା।

ଦ୍ୱିତୀୟାର୍ଦ୍ଧରେ କିନ୍ତୁ ଅସଲ ଖେଳ ଦେଖାଇଥିଲା ମ୍ୟାନ୍‌ମାର। ବଲ୍‌କୁ ନିଜ ନିୟନ୍ତ୍ରଣରେ ରଖିବା ସହ ନେପାଳ ଗୋଲପୋଷ୍ଟ ଉପରେ ଘନଘନ ଆକ୍ରମଣ କରିଥିଲା। ଏଥିରୁ ଦଳକୁ ଫାଇଦା ମଧ୍ୟ ମିଳିଥିଲା। ୫୩ତମ ମିନିଟରେ ଫରୱାର୍ଡ ୱିନ ଥେଇଙ୍ଗ ଟୁନ୍ ଗୋଲ ଦେଇ ମ୍ୟାନମାରକୁ ପୁଣି ଅଗ୍ରଣୀ କରାଇଥିଲେ। ୬୨ତମ ମିନିଟରେ ୟି ବ୍ୟକ୍ତିଗତ ଦ୍ୱିତୀୟ ଓ ଦଳ ପକ୍ଷରୁ ତୃତୀୟ ଗୋଲ ଦେଇ ନେପାଳ ଉପରେ ଚାପ ପକାଇଥିଲେ। ଚଳିତ ଟୁର୍ନାମେଣ୍ଟରେ ୟି’ଙ୍କର ଏହାଥିଲା ୪ର୍ଥ ଗୋଲ। ନେପାଳ ଗୋଲ ପରିଶୋଧ କରିବାକୁ ଚେଷ୍ଟା କରିଥିଲେ ହେଁ ମ୍ୟାନମାର ସମକକ୍ଷ ପ୍ରଦର୍ଶନ କରିପାରି ନ ଥିଲା। ଶେଷ ୩୦ ମିନିଟରେ ବଲ୍ ଅଧିକାଂଶ ସମୟ ନେପାଳ ହାଫ୍‌ରେ ହିଁ ରହିଥିଲା। ରଞ୍ଜିତା ଦେବୀ ଟେକ୍‌ଚାମ୍ ମୁଖ୍ୟ ରେଫରି ଦାୟିତ୍ୱ ନିର୍ବାହ କରିଥିବାବେଳେ ତାଙ୍କୁ ଲାଇନ୍‌ରେ ସହାୟତା କରିଥିଲେ ଉଭେନା ଫର୍ନାଣ୍ଡିଜ୍ ଓ ଅସିତ କୁମାର ସରକାର। ରୁବା ଦେବୀ ଜି. ଚତୁର୍ଥ ଅଫିସିଆଲ କାର୍ଯ୍ୟ କରିଥିଲେ।

### ପୁରସ୍କାର

**ଚାମ୍ପିୟନ:** ମ୍ୟାନ୍‌ମାର (ସ୍ୱର୍ଣ୍ଣ ପଦକ, ଗୋଲ୍ଡ କପ୍ ଟ୍ରଫି, ୭ ଲକ୍ଷ ଟଙ୍କା)
**ରନର୍ସଅପ୍:** ନେପାଳ(ରୌପ୍ୟ ପଦକ, ୫ ଲକ୍ଷ ଟଙ୍କା)
**ଟପ୍ ସ୍କୋରର:** ସାବିତ୍ରା ଭଣ୍ଡାରୀ(ନେପାଳ) ଏବଂ ୟି ୟି ଉ(ମ୍ୟାନ୍‌ମାର)ଯୁଗ୍ମ ବିଜେତା(୧ ଲକ୍ଷ ଟଙ୍କା)
**ଶ୍ରେଷ୍ଠ ଗୋଲକିପର:** ଜାର ଜାର ମିଣ୍ଟ(ମ୍ୟାନ୍‌ମାର, ୧ ଲକ୍ଷ ଟଙ୍କା)
**ମୂଲ୍ୟବାନ ଖେଳାଳି:** ୱିନ ଥିଙ୍ଗ୍ ଟୁନ୍(ମ୍ୟାନମାର, ୧ ଲକ୍ଷ ୫୦ ହଜାର ଟଙ୍କା)
**ଫେୟାରପ୍ଲେ:**ମ୍ୟାନ୍‌ମାର(୩ଲକ୍ଷଟଙ୍କା)

### ନାଚିଲେ କୁଦିଲେ ମ୍ୟାନ୍‌ମାର ଖେଳାଳି

କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହିରୋ ଗୋଲ୍ଡ କପ୍ ମହିଳା ଫୁଟବଲ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଫାଇନାଲରେ ନେପାଳକୁ ହରାଇବାପରେ ମ୍ୟାନମାର ଖେଳାଳିମାନେ ଜାତୀୟ ପତାକା ଧରି ପଡ଼ିଆରେ ନାଚି କୁଦି ଖୁସି ମନାଇଥିଲେ। ଅତିଥିମାନେ ପୁରସ୍କାର ପ୍ରଦାନ କରିବାପରେ ମ୍ୟାନମାରରୁ ଆସିଥିବା କିଛି ଦର୍ଶକ ପଡ଼ିଆ ମଧ୍ୟରେ ପ୍ରବେଶ କରି ଖେଳାଳିଙ୍କ ସହ ଖୁସିରେ ସାମିଲ ହୋଇଥିଲେ। ଖେଳାଳି ଓ ଅଫିସିଆଲମାନେ ଦୀର୍ଘ ସମୟ ପର୍ଯ୍ୟନ୍ତ ଫଟୋ ଉଠାରେ ଲାଗି ରହିଥିଲେ।




ଯୁଗ୍ମ ଟପ୍ ସ୍କୋରର ୟି ୟି ଉ ଏବଂ ସାବିତ୍ରା ଭଣ୍ଡାରୀ




ମ୍ୟାନ୍‌ମାର ଦଳର କୋଚ୍ ଓ ଅଧିନାୟିକା ଫେୟାର ପ୍ଲେ ପୁରସ୍କାର ଗ୍ରହଣ କରୁଛନ୍ତି।




ଅତିଥିମାନେ ରନର୍ସ ଅପ୍ ନେପାଳ ଦଳର କୋଚ୍ ଓ ଅଧିନାୟିକାଙ୍କୁ ପୁରସ୍କାର ପ୍ରଦାନ କରୁଛନ୍ତି।




ଶ୍ରେଷ୍ଠ ଗୋଲକିପର ଜାର ଜାର ମିଣ୍ଟ




ଗୋଲ୍‌ଡେନ୍ ବୁଟ୍ ସହ ମୂଲ୍ୟବାନ ଖେଳାଳି ୱିନ ଥିଙ୍ଗ୍ ଟୁନ୍ (ଫଟୋ: ମୌସମ ନନ୍ଦ)

# ଡୋପ୍ ଟେଷ୍ଟରେ ଧରାପଡ଼ିଲେ ଆର୍ଯ୍ୟନ

ନୂଆଦିଲ୍ଲୀ, ୧୫।୨ (ପି.ଟି.)



ଆର୍ଯ୍ୟନ ଭାଟିଆ

୧୬ ବର୍ଷୀୟ ଟେନିସ ଖେଳାଳି ଆର୍ଯ୍ୟନ ଭାଟିଆ ଡୋପ୍ ଟେଷ୍ଟରେ ଧରାପଡ଼ିଛନ୍ତି। ତାଙ୍କୁ ତୁରନ୍ତ ସସ୍‌ପେଣ୍ଡ କରାଯାଇଛି। ନ୍ୟାଶନାଲ ଆଣ୍ଟି ଡୋପିଙ୍ଗ ଏଜେନ୍ସି (ନାଡା) ତରଫରୁ ଶୁକ୍ରବାର ଏ ବିଷୟରେ ସୂଚନା ଦିଆଯାଇଛି। ଡୋପ୍ ଟେଷ୍ଟରେ ଧରାପଡ଼ିବାରେ ଆର୍ଯ୍ୟନ ହେଉଛନ୍ତି ପ୍ରଥମ ଭାରତୀୟ ଟେନିସ୍ ଖେଳାଳି। ଗତବର୍ଷ ଏଠାରେ ଅନୁଷ୍ଠିତ ଫେନେଷ୍ଟା ଓପନ୍ ନ୍ୟାଶନାଲ ଟେନିସ ଚାମ୍ପିୟନଶିପ୍ ବେଳେ ଭାଟିଆଙ୍କ ମୂତ୍ର ନମୁନା ସଂଗ୍ରହ କରାଯାଇଥିଲା। ଚାମ୍ପିୟନଶିପ୍ ବେଳେ ନାଡା ପକ୍ଷରୁ ପ୍ରଥମଥର ଟେନିସ୍ ଖେଳାଳିଙ୍କଠାରୁ ସାମ୍ପଲ ସଂଗ୍ରହ କରାଯାଇଥିଲା। ଅଲ୍ ଇଣ୍ଡିଆ ଟେନିସ୍ ଆସୋସିଏଶନ (ଆଇଟା) ସମ୍ପାଦକ ହିରଣ୍ମୟ ଚାଟାର୍ଜୀ କହିଛନ୍ତି ଆର୍ଯ୍ୟନ ଜଣେ ସ୍ୱଳ୍ପବୟସ୍କ ଖେଳାଳି। ସେ ଥଣ୍ଡା ରୋଗରେ ପୀଡ଼ିତ ଥିଲେ। ଡାକ୍ତରଙ୍କ ପରାମର୍ଶକ୍ରମେ ସେ ଯେଉଁ ଔଷଧ ସେବନ କରିଥିଲେ ସେଥିରେ ନିଷିଦ୍ଧ ଉପାଦାନର ମାତ୍ରା ଥିବା ସମ୍ପର୍କରେ ସେ ଅଜ୍ଞ ଥିଲେ। ସଚେତନତା ଅଭାବରୁ ଏପରି ଘଟିଛି। ଏହି ପ୍ରସଙ୍ଗରେ ଆମେ ନାଡା ନିକଟରେ ଦୃଢ ଯୁକ୍ତି ଉପସ୍ଥାପନ କରିବୁ। ସୂଚନାଯୋଗ୍ୟ, ନାଡା ଗତମାସରେ ଡୋପ୍ ଟେଷ୍ଟରେ ଧରାପଡ଼ିଥିବା ୭ଜଣ ଅନ୍ୟ ଖେଳାଳିଙ୍କୁ ସାମୟିକ ଭାବେ ସସ୍‌ପେଣ୍ଡ କରିଛି। ସେମାନେ ହେଲେ ସନ୍ଦୀପ କୌର (ପାୱାରଲିଫ୍ଟିଂ), ଅଙ୍କିତ ଗୋସାଇ (ହ୍ୟାଣ୍ଡବଲ୍), ଜିତୁ ଥୋମାସ (ଭଲିବଲ୍), ୟାୟିଫାବା (କାନୋଇଂ), ବିଶାନ ସିଂ, କାୟାକିଂ ଓ କାନୋଇଂ) ଏବଂ ଶିବମ୍ କାସାନା (ସାଇକ୍ଲିଂ)। ଗତବର୍ଷ ମିଡଲ ଡିଷ୍ଟାନ୍ସ ରନର ମୋନିକା ଚୌଧାରୀ ଏସିଆନ ଗେମ୍ସ ଲାଗି ଟ୍ରାଏଲରେ ଅଂଶଗ୍ରହଣ ନିର୍ଦ୍ଦେଶ ପାଇଁ ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାତ୍ର ପରେ ଡୋପ୍ ଟେଷ୍ଟ ବେଳେ ଏରିଥ୍ରୋପୋଟିନ୍ (ଇପିଓ) ପାଇଁ ପଜିଟିଭ ଆସିବାରୁ ଆଣ୍ଟି ଡୋପିଙ୍ଗ ଡିସିପ୍ଲିନାରି ପ୍ୟାନେଲ (ଏଡିଡିପି) ଦ୍ୱାରା ୪ବର୍ଷ ବାସନ୍ଦ ଦଣ୍ଡରେ ଦଣ୍ଡିତ ହୋଇଥିଲେ। ଏଡିଡିପି ଆହୁରି ମଧ୍ୟ ହକି ଖେଳାଳି ଭରତ ସିଂ ଓ ହାମର ଥ୍ରୋୟର ଗିଞ୍ଜନ ସିଂଙ୍କୁ ୪ବର୍ଷ ବାସନ୍ଦ କରିଥିଲା। ୨୦୧୭ରେ ଫେଡେରେଶନ କପ୍ ଆଥଲେଟିକ୍ସ ଚାମ୍ପିୟନଶିପ୍ ବେଳେ ମେଲ୍‌ଡୋନିୟମ ପାଇଁ ଡୋପ୍ ଟେଷ୍ଟରେ ଧରାପଡ଼ିଥିବା ଡେକାଥଲେଟ ଜଗତାର ସିଂଙ୍କୁ ୪ବର୍ଷ ବାସନ୍ଦ କରାଯାଇଥିଲା। ମାତ୍ର ଆଣ୍ଟି ଡୋପିଙ୍ଗ ଅପିଲ ପ୍ୟାନେଲ (ଏଡିଏପି) ଏହି ମିଆଦକୁ ୨ବର୍ଷ ହ୍ରାସ କରିଦେଇଥିଲା। ନାଡା ପକ୍ଷରୁ ଆହୁରି ମଧ୍ୟ ସୂଚନା ଦିଆଯାଇଛି ଗତ ମାସରେ ୬୭୫ ଜଣଙ୍କର ଡୋପ୍ ଟେଷ୍ଟ ହୋଇଥିଲା। ୫୭ ଜଣଙ୍କଠାରୁ ରକ୍ତ ନମୁନା ସଂଗ୍ରହ କରାଯାଇଥିଲା।

# ସିନ୍ଧୁ-ସାଇନା ଫାଇନାଲ

ଗୁଆହାଟୀ, ୧୫।୨ (ପି.ଟି.)

ଚଳିତ ୮୩ତମ ୟୋନେକ୍ସ-ସନ୍‌ରାଇଜ୍ ସିନିୟର ନ୍ୟାଶନାଲ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ପି. ଭି. ସିନ୍ଧୁ ଓ ସାଇନା ନେହ୍ୱାଲ ସେମାନଙ୍କ ମ୍ୟାଚରେ ବିଜୟ ହାସଲ କରିଛନ୍ତି। ଫଳରେ ନାଗପୁରଠାରେ ଟୁର୍ନାମେଣ୍ଟର ଗତ ସଂସ୍କରଣରେ ଦୁଇ ଖେଳାଳିଙ୍କ ମଧ୍ୟରେ ହୋଇଥିବା ଟାଇଟଲ ମୁକାବିଲାର ପୁନରାବୃତ୍ତି ଦେଖିବାକୁ ମିଳିବ। ଶୁକ୍ରବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ସିନ୍ଧୁ ଆସାମର ୧୯ ବର୍ଷୀୟା ଖେଳାଳି ଅସ୍ମିତା ଛଲିହାଙ୍କୁ ୨୧-୧୦, ୨୨-୨୦ରେ ପରାସ୍ତ କରିଥିଲେ। ସାଇନା ନାଗପୁରର କ୍ୱାଲିଫାୟର ବୈଷ୍ଣବି ଭାଲେଙ୍କୁ ୨୧-୧୫, ୨୧-୧୪ରେ ହରାଇ ଫାଇନାଲକୁ ଉନ୍ନୀତ ହୋଇଥିଲେ। ଏହି ପ୍ରତିଯୋଗିତାରେ ସାଇନା ୨୦୦୬, ୨୦୦୭ ଓ ୨୦୧୮ରେ ଟାଇଟଲ ଜିତିଥିବା ବେଳେ ସିନ୍ଧୁ ୨୦୧୧ ଓ ୨୦୧୩ରେ ଟ୍ରଫି ହାସଲ କରିଥିଲେ। ଖେଳାଯିବାକୁଥିବା ଫାଇନାଲ ସମ୍ପର୍କରେ ନିଜ ପ୍ରତିକ୍ରିୟା ରଖି ସିନ୍ଧୁ କହିଛନ୍ତି ଏହି ମ୍ୟାଚକୁ ମୁଁ ଅନ୍ୟ ମ୍ୟାଚ ଭଳି ଦେଖୁଛି। ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ଚେଷ୍ଟା କରିବି। ଏହା ଅଲ ଇଂଲଣ୍ଡ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ପାଇଁ ସହାଯ୍ୟ କରିବ ବୋଲି ମୁଁ ମନେ କରୁନି। ଅନ୍ୟପକ୍ଷରେ ଦୁଇଥର ପୂର୍ବତନ ଚାମ୍ପିୟନ ୨୬ ବର୍ଷୀୟ ସୌରଭ ବର୍ମା ପୁରୁଷ ସିଙ୍ଗଲ୍ସ ଫାଇନାଲକୁ ଉନ୍ନୀତ ହୋଇଛନ୍ତି। ସେମିଫାଇନାଲରେ ସେ ମୁମ୍ବାଇର କୌଶଲ ଧର୍ମବୀରଙ୍କୁ ୨୧-୧୪, ୨୧-୧୭ରେ ପରାସ୍ତ କରିଛନ୍ତି।



ଧରିତ୍ରୀ
DHARITRI



# ଭିଜିଲାନ୍ସ ଜାଲରେ କୋଟିପତି ଅଧ୍ୟାପକ

**ସୋର, ୧୫।୨(ଡ଼ି.ଏନ.ଏ.)**

ବାଲେଶ୍ୱର ଜିଲା ସୋରସ୍ଥିତ ତଳନଗର କଲେଜର ଉଦ୍ଭିଦ ବିଜ୍ଞାନ ଅଧ୍ୟାପକ ରାମଚନ୍ଦ୍ର ଉପାଧ୍ୟାୟ ଭିଜିଲାନ୍ସ ଜାଲରେ ଛନ୍ଦି ହୋଇପଡିଛନ୍ତି। ଭିଜିଲାନ୍ସ ବିଭାଗ ପକ୍ଷରୁ ତାଙ୍କ ଘର ସମେତ ୫ଟି ସ୍ଥାନରେ ଏକକାଳୀନ ଚଢାଉ କରାଯାଇଥିଲା। ତାଙ୍କ ଶ୍ୱଶୁର ଘର ବେତଡ଼ା, ବାହାନଗା ବ୍ଲକ ଅସିମିଲା ଗାଁରେ ଥିବା ଘର, ସୋର କଲେଜଛକଠାରେ ଦୁଇଟି ଘରକୁ ଏକା ସାଙ୍ଗରେ ଚଢାଉ କରାଯାଇଛି। ଆୟବହିର୍ଭୂତ ସମ୍ପତ୍ତି ଥିବା ଅଭିଯୋଗରେ ବାରିପଦା, ବାଲେଶ୍ୱର, ଭଦ୍ରକ ଭିଜିଲାନ୍ସ ବିଭାଗର ଟିମ୍ ପକ୍ଷରୁ ଏହି ଚଢାଉ କରାଯାଇଥିଲା।

ଚଢାଉ ସମୟରେ ଘରେ ଥିବା ୯ଲକ୍ଷ ୯୧ହଜାର ୯ଶହ ୫୫ଟଙ୍କା ମୂଲ୍ୟର ଆସବାବପତ୍ର, ନଗଦ ୩ଲକ୍ଷ ୨୯ହଜାର ୬ଶହ ଟଙ୍କା, ୨ କୋଟି ୮୨ଲକ୍ଷ ଟଙ୍କାର ଦୁଇଟି ଘର ଓ ୮୭ହଜାର ଟଙ୍କା ମୂଲ୍ୟର ଅନ୍ୟ ଏକ ଘର ଥିବା ଜଣାପଡିଛି। ଏହାସହ ୧୪ ଲକ୍ଷ ୨୫ହଜାର ଟଙ୍କାର ସୁନା ଓ ରୁପା ଗହଣା, ବିଭିନ୍ନ ବ୍ୟାଙ୍କରେ ଡ଼ିପୋଜିଟ ଥିବା ଲକ୍ଷାଧିକ ଟଙ୍କା ଜବତ କରାଯାଇଛି। ଚଢାଉରେ ବାରିପଦା ଡ଼ିଏସ୍‌ପି ଶରତ ଚନ୍ଦ୍ର ମହାପାତ୍ର, ବାଲେଶ୍ୱର ଡ଼ିଏସ୍‌ପି ସନ୍ତୋଷ କୁମାର ସାମନ୍ତରାୟ, ଇନ୍ସପେକ୍ଟର ଅନିରୁଦ୍ଧ ନାୟକ, ମାନସୀ ଜେନା, ସବିତା ବେହେରା ପ୍ରମୁଖ ସାମିଲ ଥିଲେ। ଉଲ୍ଲେଖଯୋଗ୍ୟ, ସମ୍ପୃକ୍ତ ଅଧ୍ୟାପକଙ୍କର ୨ଟି ଛାତ୍ରୀନିବାସ ରହିଛି । ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ତଦନ୍ତ ଚାଲୁ ରହିଥିଲା।

# ବରଯାତ୍ରୀ ଗାଡ଼ି ଓଲଟି ଜଣେ ମୃତ, ୫ ଗୁରୁତର

**କେନ୍ଦୁଝର, ୧୫।୨(ସ୍ୱ.ପ୍ର.)**

**କେନ୍ଦୁଝର ଜିଲା** ପଣ୍ଡାପଡ଼ା ଥାନା ଅନ୍ତର୍ଗତ ନୁଦୁରପଡ଼ା ଛକ ନିକଟରେ ଶୁକ୍ରବାର ଭାରସାମ୍ୟ ହରାଇ ଏକ ବରଯାତ୍ରୀ ଗାଡି ରାସ୍ତା କଡ଼କୁ ଓଲଟି ପଡ଼ିବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୫ ଜଣ ଗୁରୁତର ହୋଇଛନ୍ତି। ପଣ୍ଡାପଡା ଥାନା ଅଧିକାରୀ ରଞ୍ଜୁ ହାସମୀ କୁଲୁଙ୍କ ସୂଚନାନୁଯାୟୀ, ହରିଚନ୍ଦନପୁର ପଞ୍ଚାୟତ ରଘୁନାଥପୁର ଗ୍ରାମର ଜଣେ ଯୁବକଙ୍କ ବାହାଘରର ବରଯାତ୍ରୀ ନିମନ୍ତେ ଯୁବକମାନେ ଏକ ମହିନ୍ଦ୍ରା ଟିୟୁଭି ଯୋଗେ ଖମାର ନିକଟ ଏକ ଗ୍ରାମକୁ ଯାଉଥିଲେ। ଆହତ ଯୁବକମାନଙ୍କୁ ପଣ୍ଡାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ମୃତକ ଜଣଙ୍କ ହେଲେ ରଘୁନାଥପୁର ଗ୍ରାମର ଗୋଲଖ ପ୍ରଧାନଙ୍କ ପୁଅ ସ୍ୱାଧୀନ(୨୦)। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି ବୋଲି ପଣ୍ଡାପଡା ଥାନା ଅଧିକାରୀ ରଞ୍ଜୁ ହାସମୀ କୁଲୁ କହିଛନ୍ତି।

# ଘର ଭାଙ୍ଗି ଚାଉଳ ଖାଇଲା ହାତୀ

**ଝୁମ୍ପୁରା, ୧୫।୨(ଡି.ଏନ.ଏ.)**



ହାତୀ ଭାଙ୍ଗିଥିବା ଘର।

■ଗୋଠଛଡା ଦନ୍ତାର ଉତ୍ପାତ

■ବାଡି ବଗିଚାର ଫସଲ ନଷ୍ଟ

କିଛିଦିନର ନିରବତା ପରେ ଗୋଠଛଡା ଦନ୍ତାହାତୀ ପୁଣିଥରେ ଉତ୍ପାତ ଆରମ୍ଭ କରିଛି। ଏ ନେଇ କେନ୍ଦୁଝର ଜିଲା ବାମେବାରୀ ଫରେଷ୍ଟ ସେକଶନ ଅନ୍ତର୍ଗତ ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଗ୍ରାମ ପଟୁଆ କୁଦର, କାଳିଆପାଳ, ଗୋଡୁଆଟୋପା, ନେଦିଗୋଠ, ନୁଣଗାଡିଆ, ବାମନଡିହା, ନଇବୁଗା, କାଶିଆ, ସାନକାଳିମାଟି ଆଦି ଗ୍ରାମର ବାସିନ୍ଦା ଆତଙ୍କିତ ହୋଇପଡ଼ିଛନ୍ତି। ଗୋଟିଏ ରାତ୍ରିରେ ଗୋଠଛଡା ଦନ୍ତା ୩ରୁ ୪ଟି ଗ୍ରାମକୁ ପଶି ଯାଉଛି। ହାତୀ ପାଇଁ ଲୋକେ ରାତି ଉଜାଗର ରହିବାକୁ ପଡୁଛି। ବୁଧବାର ବିଳମ୍ବିତ ରାତ୍ରିରେ ଗୋଠଛଡା ଦନ୍ତାହାତୀ ପଟୁଆକୁଦର ଗ୍ରାମର ଭାଗବତ ମାଝୀ ଏବଂ ନେଦିଗୋଠ ଗ୍ରାମର ପ୍ରତାପ ନାଏକଙ୍କ ଘର ଭାଙ୍ଗି ଚାଉଳ, ଧାନ ଖାଇ ଦେଇଛି। ଲୋକେ ଶୋଇଥିବା ବେଳେ ଦନ୍ତା ଘର ଭାଙ୍ଗି ଦେଇଥିଲା। ୨ ପରିବାରର ସଦସ୍ୟ ଅଳ୍ପକେ ହାତୀ ଆକ୍ରମଣରୁ ବର୍ତ୍ତି ଯାଇଛନ୍ତି। ଦନ୍ତା ବହୁ ବାଡି ବଗିଚା ମାଡି ଦଳି ନଷ୍ଟ କରି ଦେଇଛି। ଏହି ଦନ୍ତା ଯୋଗୁଁ ବନ ବିଭାଗକୁ ମଧ୍ୟ ନାକେଦମ ହେବାକୁ ପଡୁଛି। ହାତୀଟି ଏକୁଟିଆ ହୋଇ ପଡିଥିବାରୁ କେତେବେଳେ କେଉଁଠି ପହଞ୍ଚିବ ଠିକ ଜାଣି ହେଉ ନ ଥିବା ବାମେବାରୀ ଫରେଷ୍ଟର ଯତିନ୍ଦ୍ର ସାହୁ କହିଛନ୍ତି। ଘର ଭଙ୍ଗା, ଫସଲ ନଷ୍ଟ ଜନିତ କ୍ଷୟକ୍ଷତି ରିପୋର୍ଟ ଅଣା ଯାଉଥିବା ଫରେଷ୍ଟର କହିଛନ୍ତି।

# ଶିମିଳିପାଳରୁ ଗୁଳି ଭର୍ତ୍ତି ୨ ଦେଶୀ ବନ୍ଧୁକ ଜବତ, ଶିକାରୀ ଚମ୍ପଟ

**ଖୁଣ୍ଟା, ୧୫।୨(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଖୁଣ୍ଟାବ୍ଲକ ତଥା ଉଦଳା ରେଞ୍ଜ ଅଧିନ ଶିମିଳିପାଳର ଗାମୁଛାବିଛା ପାହାଡ଼ରୁ ଶୁକ୍ରବାର ଅପରାହ୍ନରେ ବନ ବିଭାଗର କର୍ମଚାରୀ ମାନେ ଗୁଳି ଭର୍ତ୍ତି ୨ଟି ଦେଶୀ ବନ୍ଧୁକ ଜବତ କରିଥବା ବେଳେ ୪ ଜଣ ଶିକାରୀ ଚମ୍ପଟ ମାରିବାରେ ସକ୍ଷମ ହୋଇଛନ୍ତି । ବଣିଆ ବସା ସେକ୍ସନର ବନକର୍ମଚାରୀ ମାନେ ପଟ୍ରୋଲିଂରେ ଯାଇଥିବା ବେଳେ କମ୍ପାଟମେଣ୍ଟ ୧୮ ନିକଟ ଗାମୁଛାବିଛା ପାହାଡ଼ରେ ୪ ଜଣ ଶିକାରୀ ଶିକାର ପାଇଁ ପ୍ରସ୍ତୁତ ହେଉଥିବା ବେଳେ ବନ କର୍ମଚାରୀଙ୍କ ନଜରକୁ ଆସିଥିଲେ। ତେବେ ଶିକାରୀମାନେ ବନକର୍ମଚାରୀଙ୍କୁ ଦେଖି ଚମ୍ପଟ ମାରିଥିବା ବେଳେ ଗୁଳି ଭର୍ତ୍ତି ୨ଟି ଦେଶୀ ବନ୍ଧୁକ ଛାଡ଼ିଚାଲିଯାଇଥିବା ଫରେଷ୍ଟର ରଣଜିତ ଦଣ୍ଡପାଟ କହିଛନ୍ତି।

# ଦୋକାନ ଉପରେ ଚଢ଼ିଗଲା ଟ୍ରକ୍



**ଆନନ୍ଦପୁର, ୧୫। ୨(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଘସିପୁରା ଥାନା ଅନ୍ତର୍ଗତ ୨୦ ନଂ ଜାତୀୟ ରାଜପଥର ଶାଳପଡ଼ା ରାସ୍ତା କଡ଼ରେ ଥିବା ୨ ଟେଲର୍ ଦୋକାନ ଉପରେ ଗୋଟିଏ ୧୨ ଚକିଆ ଟ୍ରକ୍ ଭାରସାମ୍ୟ ହରାଇ ମାଡିଯାଇଛି। ଏଥିରେ ବ୍ୟବସାୟୀମାନେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଦୋକାନ ଗୃହ ଗୁଡିକ ଭାଙ୍ଗି ନଷ୍ଟ ହୋଇଯାଇଛି। ଘସିପୁରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି। ଗାଡିର ଚାଳକ ଦୁର୍ଘଟଣା ପରେ ଫେରାର ହୋଇଯାଇଛି। ଓଡି୨୯ସି-୪୫୧୫ ନଂ ବିଶିଷ୍ଟ ଏକ ୧୨ ଚକିଆ ଯାନ ଘସିପୁରାରୁ ଯାଜପୁର ଅଭିମୁଖେ ଯାଉଥିବା ସମୟରେ ଶାଳପଡାଠାରେ ଜାତୀୟ ରାଜପଥ କଡକୁ ଭାରସାମ୍ୟ ହରାଇ ପଶିଯାଇଥିଲା। ରାସ୍ତା କଡରେ ଥିବା ୨ ଗୋଟି ଟେଲର୍ ଦୋକାନ ଉପରେ ଗାଡିଟି ସମ୍ପୂର୍ଣ୍ଣ ମାଡିଯାଇଥିଲା। ଦୁର୍ଘଟଣା ସମୟରେ ଦୋକାନ ମାଲିକ ବାହାରକୁ ଦଉଡି ପଳାଇ ଥିଲେ।

# ଦୁର୍ଘଟଣାରେ ଜୀବନ ଗଲା

**ବାଲେଶ୍ୱର ଅଫିସ, ୧୫।୨**

ବାଲେଶ୍ୱର ସହର ସୁନହଟସ୍ଥିତ ହେମକାପଦା ଛକରେ ଶୁକ୍ରବାର ଏକ ବାଇକ (ନଂ- ଓଡି୦୧ଜି-୬୦୯୮) ଏବଂ ମିନିଟ୍ରକ (ନଂ.ଓଡି୦୧-ଡି-୬୬୪୭) ମଧ୍ୟରେ ଧକ୍କା ହୋଇଥିଲା। ବାଇକ୍ ଆରୋହୀ ଗୁରୁତର ଅବସ୍ଥାରେ ଛଟପଟ ହେଉଥିବା ବେଳେ ସ୍ଥାନୀୟ ଲୋକେ ତାଙ୍କୁ ଜିଲା ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଚାନ୍ଦିପୁର ଥାନା ଆଳଦିଆ ଗ୍ରାମର ନରେନ୍ଦ୍ର ବେହେରାଙ୍କ ପୁଅ ସୁକାନ୍ତ (୨୭) ବାଇକ୍ ଯୋଗେ ସହରକୁ କୌଣସି କାମରେ ଘରକୁ ଆସୁଥିଲେ। ସେ ଘରକୁ ଫେରିବା ବେଳେ ଦୁର୍ଘଟଣାର ଶିକାର ହୋଇ ପ୍ରାଣ ହରାଇଥିଲେ। ଏନେଇ ଟାଉନ ଥାନାରେ ମାମଲା (ନଂ. ୩୨/୨୦୧୯) ରୁଜୁ କରାଯାଇଛି। ଉଭୟ ଗାଡିକୁ ଜବତ କରାଯାଇଛି। ମିନିଟ୍ରକର ଡ୍ରାଇଭର ଫେରାର ହୋଇଯାଇଥିବା ଟାଉନ ଥାନା ଅଧିକାରିଣୀ ସରୋଜିନୀ ନାୟକ ପ୍ରକାଶ କରିଛନ୍ତି।

# ୧୦ କୁକୁଡ଼ା ମୁଣ୍ଡ ଖାଇଲା ଅଜଣା ଜନ୍ତୁ

**ଖଇରା, ୧୫।୨(ଡି.ଏନ.ଏ.)**

ଖଇରା ବ୍ଲକ ଅଧୀନ ଗଡପୋଖରୀ ଗ୍ରାମରେ ଗୁରୁବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି । ଗ୍ରାମର ବିଷ୍ଣୁ ପ୍ରସାଦ ଆନୁମାନିକ ୧୫ କୁକୁଡା ଘରେ ରଖିଥିଲେ । ଅନ୍ୟଦିନ ଭଳି ଗୁରୁବାର ସନ୍ଧ୍ୟାରେ କୁକୁଡା ଗୁଡିକୁ ଭାଡିରେ ପୂରାଇ ଦେବା ପରେ ରାତିରେ ଖାଇପିଇ ଶୋଇଥିଲେ । ହେଲେ ସକାଳେ ଉଠି ଦେଖନ୍ତି ତ ଗୋଟିଏ ହେଲେ କୁକୁଡାର ମୁଣ୍ଡ ନାହିଁ। କୌଣସି ଅଜଣା ଜନ୍ତୁ ମୁଣ୍ଡଗୁଡିକ ଖାଇବା ଓ ଶରୀରଗୁଡିକୁ ଛାଡି ପଳାଇବା ନେଇ ଗ୍ରାମବାସୀ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି।



BATES CHI & PARTNERS/298







୩୩
3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ